# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୫/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, October 5/2021 | ★★★★

୪୭ଶ ଭାଗ ୩୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


## ଡାଭିଡ୍ ଜୁଲିଅସ୍, ଆର୍ଡେମ୍ ପଟାପୁଟିଆନ୍‌ଙ୍କୁ ମେଡିସିନ୍‌ରେ ନୋବେଲ



ଡାଭିଡ୍ ଜୁଲିଅସ୍, ଆର୍ଡେମ୍ ପଟାପୁଟିଆନ୍

**ଷ୍ଟକ୍‌ହୋମ୍, ୪।୧୦:** ଆମେରିକା ବୈଜ୍ଞାନିକ ଡାଭିଡ୍ ଜୁଲିଅସ୍ ଏବଂ ଆର୍ଡେମ୍ ପଟାପୁଟିଆନ୍‌ଙ୍କୁ ଚଳିତ ବର୍ଷ ମେଡିସିନ୍‌ରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ତାପମାତ୍ରା ଓ ସ୍ପର୍ଶ ପାଇଁ ରିସେପ୍ଟର ଉଦ୍ଭାବନ ନିମନ୍ତେ ଉଭୟଙ୍କୁ ଏହି ସର୍ବୋଚ୍ଚ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ନୋବେଲ ଜୁରି କହିଛି। ସେମାନଙ୍କର ଏହି ମହାନ ଉଦ୍‌ଭାବନ ଯୋଗୁ ଗରମ, ଥଣ୍ଡା ଏବଂ ଯାନ୍ତ୍ରିକ ଶକ୍ତି କିପରି ଭାବେ ସ୍ନାୟୁତନ୍ତ୍ରରେ ଆବେଗ ସୃଷ୍ଟି କରିଥାଏ ତାହା ବୁଝାପଡ଼ିଛି। ସେମାନଙ୍କର ଏହି ଗବେଷଣା ଆଗାମୀ ଦିନରେ ଦୀର୍ଘମିଆଦୀ ଯନ୍ତ୍ରଣା ସମେତ ଅନେକ ରୋଗ ଚିକିତ୍ସାରେ ସହାୟକ ହୋଇପାରିବ। ଆମର ଦୈନନ୍ଦିନ ଜୀବନରେ ଅନୁଭବ କରୁଥିବା ଏଭଳି ସମ୍ବେଦନକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପ୍ରତିବାଦକୁ ମାରିଦେବା






# ଶିଳ୍ପ ଲାଗି ଜଳ ବିବାଦ

*ଶିଳ୍ପ ସ୍ୱାର୍ଥ ପ୍ରତି ସରକାରୀ କଳ ଉତ୍ସର୍ଗୀକୃତ ଥିବା ଯୋଗୁ ନାନା ଷଡ଼ଯନ୍ତ୍ର ତାହାକୁ ନେଇ ପ୍ରସ୍ତୁତ ହେଉଛି। ଏଥିରେ ଜନସାଧାରଣଙ୍କ ସ୍ୱାର୍ଥ ଦଳିଚକଟି ହୋଇଯିବା ସହ ବିବାଦ, ହିଂସା, କୋର୍ଟ କଚେରି ମାମଲାରେ ଲୋକେ ଘାଣ୍ଟି ହେଉଛନ୍ତି। ଏହାର ଏକ ଉଦାହରଣ ହେଉଛି କେନ୍ଦ୍ରାପଡ଼ା ଜିଲାରେ ଖରସ୍ରୋତା ନଦୀଜଳ ବିବାଦ।*



**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୪।୧୦**

କେନ୍ଦ୍ରାପଡ଼ା ଜିଲାରେ ସମ୍ପ୍ରତି ନଦୀଜଳ ବିବାଦ ଉଗ୍ରରୂପ ନେଉଛି। ପ୍ରଶାସନିକ ଅଧିକାରୀଙ୍କ ଅହେତୁକ କମ୍ପାନୀ ପ୍ରୀତି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ନଦୀ ଜଳ ବ୍ୟବହାର କରି ଏକାଧିକ ସ୍ଲରିପାଇପ୍ ଲାଇନ ପ୍ରକଳ୍ପ ସମେତ ଧାମନଗର ଟେକ୍ସଟାଇଲ୍ସ ଓ ଫୁଡ୍‌ସ ପାର୍କ ପ୍ରସ୍ତାବ ରହିଛି। ଏଭଳି ସ୍ଥଳେ ଭଦ୍ରକ ଜିଲାର ୯୧ଟି ଲବଣାକ୍ତ ପଞ୍ଚାୟତ ବାସିନ୍ଦାଙ୍କ ନିମନ୍ତେ ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ବୈତରଣୀ ନଦୀ ଜଳ ବ୍ୟବହାର ସମ୍ଭବ ନୁହେଁ। ତେଣୁ ଏହି ପ୍ରକଳ୍ପ ପାଇଁ ଖରସ୍ରୋତା ନଦୀର କେନ୍ଦ୍ରାପଡ଼ା ଜିଲା ବରୁଣଡ଼ିହାଠାରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରିବାକୁ ୧୬।୭।୨୦୨୦ରେ ଜଳ ସମ୍ପଦ ବିଭାଗର ଜଳ ଆବଣ୍ଟିତ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଥିଲାଗି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାବେଳେ ଏହାକୁ କେନ୍ଦ୍ରାପଡ଼ାବାସୀ ତୀବ୍ର ବିରୋଧ କରୁଛନ୍ତି। ହେଲେ ଜଳସମ୍ପଦ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅଡି ବସିଛି। ଏହାକୁ ନେଇ କେତେକ ତୁମୁଳକାଣ୍ଡ ଦେଖିବାକୁ ମିଳିଲାଣି। ଗୋଟିଏ ପଟେ କେନ୍ଦ୍ରାପଡ଼ାବାସୀଙ୍କ ବିରୋଧ, ଅନ୍ୟପଟେ ପ୍ରଶାସନର ପ୍ରକଳ୍ପ ଲାଗି ଜିଦ୍ ଯୋଗୁ ନଦୀଜଳ ବିବାଦ ଜଟିଳ ହୋଇଛି। ତେବେ ପ୍ରଶାସନର ଜିଦ୍ ପଛରେ ବୈତରଣୀ ନଦୀରୁ ଶିଳ୍ପକୁ ପାଣି ଯୋଗାଇ ଦେବା ଅସଲ ଉଦ୍ଦେଶ୍ୟ ବୋଲି ଅନେକେ କହୁଛନ୍ତି।

କେନ୍ଦୁଝର ଜିଲା ଗୋନାସିକା ପର୍ବତରୁ ବୈତରଣୀ ନଦୀର ଉତ୍ପତ୍ତି। ୨୦୧୮ ଜାନୁୟାରୀରେ କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରୁ ଯାଜପୁର ଜିଲା ଦେଇ ପାରାଦୀପକୁ ବାର୍ଷିକ ୩୦ ମେଟ୍ରିକ ଟନ ଡବଲ ସ୍ଲରି ପାଇପ୍‌ଲାଇନ୍ ପ୍ରକଳ୍ପକୁ ରାଜ୍ୟ ଶିଳ୍ପ ବିଭାଗ ଅନୁମୋଦନ କରି ସାରିଛି। ଏହି ପ୍ରକଳ୍ପରେ ଦୈନିକ ବହୁ ଗ୍ୟାଲେନ ବୈତରଣୀ ନଦୀଜଳ ବ୍ୟବହାର କରାଯିବ। ସେହିପରି ପୂର୍ବରୁ ଯୋଡ଼ାରୁ ପାରାଦୀପକୁ ଏସାର ଷ୍ଟିଲର ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ ଚାଲିଥିବାବେଳେ ଯାଜପୁର ଜିଲା କଳିଙ୍ଗନଗରକୁ ବିଆର୍‌ପିଏଲ୍‌ର ସ୍ଲରି ପାଇପ୍‌ଲାଇନ ଯୋଗେ ☞ପୃଷ୍ଠା-୪

## ଡାଉନ ହେଲା ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ

**ନୂଆଦିଲ୍ଲୀ,୪।୧୦**




ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସୋମବାର ରାତିରେ ହ୍ୱାଟ୍ସଆପ୍, ଫେସ୍‌ବୁକ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ ମିଡିଆ ସାଇଟ୍‌ଗୁଡିକ ଡାଉନ୍ ହୋଇଥିବା ୟୁଜର୍ସମାନେ ଅଭିଯୋଗ କରିଛନ୍ତି। ଏହି ୩ଟି ଆପ୍ଲିକେଶନ ଫେସ୍‌ବୁକ କମ୍ପାନୀ ଦ୍ୱାରା ପରିଚାଳିତ। ଏହି ଘଟଣାକୁ ନେଇ ଫେସ୍‌ବୁକ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କମ୍ପାନୀ ଫେସ୍‌ବୁକ ୱେବସାଇଟର ଏକ ମେସେଜରେ କହିଛି। ହ୍ୱାଟ୍ସଆପ୍‌ରେ ସମସ୍ୟା ଉପୁଜିବା ଯୋଗୁ ଏହାକୁ ନେଇ ୟୁଜର୍ସମାନେ ଟୁଇଟ ଯୋଗେ ମଧ୍ୟ ଅଭିଯୋଗ କରିଛନ୍ତି। ସବୁକିଛି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବା ପାଇଁ ☞ପୃଷ୍ଠା-୪






## ମହାନଦୀରେ ଭାସିଗଲେ ପରିବାରର ୩ ଜଣ

### ବାପପୁଅଙ୍କ ମୃତଦେହ ଉଦ୍ଧାର, ଝିଅ ନିଖୋଜ

**ସମ୍ବଲପୁର,୪।୧୦(ବ୍ୟୁରୋ):** ସମ୍ବଲପୁର ଜିଲା ଦଲେଇପଡ଼ା ମହାନଦୀ ଘାଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅନ୍ୟଜଣଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ପରିବାରର ୩ ଜଣ ସଦସ୍ୟ ଭାସିଯାଇଥିଲେ। ସେମାନେ ହେଲେ ଧନୁପାଲି ଥାନା ପେନସନ୍‌ପଡ଼ାର ବାପା ମହମ୍ମଦ ଅଲତାଫ (୪୫), ପୁଅ ମହମ୍ମଦ ଅଫତାବ (୧୫) ଓ ଝିଅ ରୁକସାନା ବେଗମ (୧୩)। ପ୍ରଥମେ ମତ୍ସ୍ୟଜୀବୀମାନେ ପୁଅ ଅଫତାବଙ୍କ ମୃତଦେହ ଉଦ୍ଧାର କରିଥିଲେ। କିଛିସମୟ ପରେ ଅଗ୍ନିଶମ ବିଭାଗ କର୍ମଚାରୀ ବାପା ଅଲତାଫଙ୍କ ମୃତଦେହ ଉଦ୍ଧାର କରିଥିଲେ। ଝିଅ ନିଖୋଜ ଥିବାରୁ ଦମକଳ ବାହିନୀ ଓ ମତ୍ସ୍ୟଜୀବୀ ଖୋଜାଖୋଜି ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ପେନସନ୍‌ପଡାର ଅଲତାଫ, ଅଫତାବ ଓ ରୁକସାନା ମହାନଦୀର ଦଲେଇପଡା ଘାଟକୁ ଗାଧୋଇବାକୁ ଯାଇଥିଲେ। ପ୍ରଥମେ ରୁକସାନା ମହାନଦୀରେ ପଶିବା ସମୟରେ ଗୋଡ ଖସିଯିବାରୁ ପାଣିରେ ଭାସିଯାଇଥିଲେ। ☞ପୃଷ୍ଠା-୪

# କେନ୍ଦ୍ରମନ୍ତ୍ରୀଙ୍କ ପୁଅ ନାଁରେ ମାମଲା

*ଉତ୍ତରପ୍ରଦେଶ ଲଖିମ୍‌ପୁର ଖେରି ଜିଲାର ତିକୁନିଆ ଅଞ୍ଚଳରେ ରବିବାର ଚାଷୀ ଆନ୍ଦୋଳନ ସମୟରେ ୪ଚାଷୀଙ୍କ ସମେତ ୮ଜଣଙ୍କ ମୃତ୍ୟୁ ହେବା ଘଟଣା ଏବେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଯୋଗୀ ସରକାର ଏହି ଘଟଣାକୁ ଶାନ୍ତ କରିବା ପାଇଁ ୪ ମୃତ ଚାଷୀଙ୍କ ପରିବାରକୁ ୪୫ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ବିରୋଧରେ ମାମଲା ଏବଂ ଏହାର ତଦନ୍ତ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିରୋଧୀ ଏହି ଘଟଣାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅପରପକ୍ଷରେ ଚାଷୀଙ୍କ ଆନ୍ଦୋଳନକୁ ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। କୃଷି ଆଇନ ସମ୍ପର୍କିତ ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ବିକ୍ଷୋଭ ଓ ଆନ୍ଦୋଳନ ସମୀଚୀନ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।*

**ଲକ୍ଷ୍ନୌ, ୪।୧୦**

**ଲଖିମ୍‌ପୁର ହିଂସା**
- ତଦନ୍ତ କରିବେ ଅବସରପ୍ରାପ୍ତ ବିଚାରପତି
- ମୃତକଙ୍କ ପରିବାରକୁ ୪୫ ଲକ୍ଷ ଲେଖାଏ କ୍ଷତିପୂରଣ

ଲଖିମପୁର ଖେରିରେ ରବିବାର ଚାଷୀମାନେ ବିକ୍ଷୋଭ କରୁଥିବାବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ସମେତ ୩ଟି ଏସ୍‌ୟୁଭି ଚାଷୀଙ୍କ ଉପରେ ମାଡ଼ିଯିବା ଏବଂ ତତ୍‌ପରବର୍ତ୍ତୀ ହିଂସାକାଣ୍ଡରେ ୪ଚାଷୀଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପୁଅଙ୍କୁ ଗିରଫ କରାଯିବା ଲାଗି ଦାବି ହେବା ସହ ଦେଶବ୍ୟାପୀ ବିକ୍ଷୋଭ ଡାକରା ଦିଆଯାଇଥିଲା। ସୋମବାର ସକାଳେ ଆଶିଷଙ୍କ ବିରୋଧରେ ଟିକୋନିଆ ଥାନାରେ ହତ୍ୟା, ଦଙ୍ଗା ଆଦି ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିବା ସହ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଉପରକୁ ବିରୋଧୀମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଲଖିମପୁର ଖେରିରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯିବା ସହ ୧୪୪ ଧାରା ଜାରି କରାଯାଇଛି। ୪ କିମ୍ବା ତା'ଠାରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି। ପରିସ୍ଥିତିକୁ ସୁଧାରିବା ପାଇଁ ଯୋଗୀ ସରକାର ମୃତ ଚାଷୀଙ୍କ ପରିବାରକୁ ୪୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ସହ ପରିବାରରୁ ଜଣକୁ ଚାକିରି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ଆହତ ଚାଷୀଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ମିଳିବ। ହିଂସାକାଣ୍ଡର ତଦନ୍ତ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କରିବା ସହ କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଓ ଅନ୍ୟମାନଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିବା ଆଇନ ଶୃଙ୍ଖଳା ବିଭାଗର ଅତିରିକ୍ତ ଡିଜି ପ୍ରଶାନ୍ତ କୁମାର କହିଛନ୍ତି। ☞ପୃଷ୍ଠା-୪






# ମିଳିପାରୁନି ଆଗୁଆ ସୂଚନା

## ୧୬ ବର୍ଷ ପରେ ବି ଅଧାପନ୍ତରିଆ ଡପ୍‌ଲର ରାଡାର ପ୍ରକଳ୍ପ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**



ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ବନ୍ୟା, ବାତ୍ୟା, ମରୁଡ଼ି ଭଳି ବିପର୍ଯ୍ୟୟ ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରି ଦେଉଛି। କେତେବେଳେ ବାତ୍ୟା ତ ପୁଣି କେବେ ବନ୍ୟା ଓ ମରୁଡ଼ି ସର୍ବନାଶକୁ ଡାକି ଆଣୁଛି। ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଲୋକମାନେ ବିଶେଷକରି ବାତ୍ୟା ଦ୍ୱାରା ପ୍ରଭାବିତ ହେଉଛନ୍ତି। ଗୋଟିଏ ବାତ୍ୟା ମାଡ଼ଜନିତ କ୍ଷତ ଭରି ନ ଥିବା ବେଳେ ପୁଣି ଆଉ ଏକ ବାତ୍ୟା ଅଧାଗଢ଼ା ଜୀବିକାକୁ ଉଡ଼ାଇ ନେଉଛି। ବାତ୍ୟା ଭଳି ବିପତ୍ତିକୁ ଆଗୁଆ ଜାଣିବା ଲାଗି ଆଧୁନିକ ଜ୍ଞାନ କୌଶଳର ବିକାଶ ହୋଇସାରିଲାଣି। ୧୦ରୁ ୧୫ ଦିନ ଆଗରୁ ବାତ୍ୟା ବିଷୟରେ ସୂଚନା ମିଳି ପାରୁଛି। ଆଗୁଆ ସୂଚନା ଯୋଗୁ ଧନଜୀବନ କ୍ଷୟକ୍ଷତିକୁ ଯଥା ସମ୍ଭବ ହ୍ରାସ କରାଯାଇ ପାରୁଛି। ଉପକୂଳବର୍ତ୍ତୀ ରାଜ୍ୟ ଓଡ଼ିଶାରେ ଅତ୍ୟାଧୁନିକ ଡପ୍‌ଲର ରାଡାର ମାଧ୍ୟମରେ ଆଗୁଆ ସୂଚନା ଦେବା ନେଇ ହୋଇଥିବା ବ୍ୟବସ୍ଥା ଦୀର୍ଘ ୧୬ ବର୍ଷ ପରେ ମଧ୍ୟ ଅଧାପନ୍ତରିଆ ହୋଇ ପଡିଛି। ସରକାରୀ ଉଦାସୀନତା ଯୋଗୁ ଆଗୁଆ ସୂଚନା ପାଇବାରୁ ରାଜ୍ୟ ବଞ୍ଚିତ ହୋଇଛି। ଫଳରେ ଅନେକ ସମୟରେ ବାତ୍ୟାର ବେଗକୁ ଠିକ୍ ଢଙ୍ଗରେ ଆକଳନ କରାଯାଇ ନ ପାରିବାରୁ କ୍ଷୟକ୍ଷତି ବଢ଼ିଯାଉଛି। ଆହୁରି ଉଦ୍‌ବେଗର ବିଷୟ ହେଉଛି ଯେ ଆଇଏମ୍‌ଡି ଦ୍ୱାରା ଗୋପାଳପୁରରେ ଲଗାଯାଇଥିବା ଡପ୍‌ଲର ରାଡାର ଦୀର୍ଘଦିନ ହେବ ଖରାପ ହୋଇ ପଡିରହିଛି। ଅଧିକାଂଶ ବାତ୍ୟା ଦକ୍ଷିଣ ଓଡ଼ିଶାରେ ମାଡ଼ ହେଉଥିବା ବେଳେ ଗୋପାଳପୁର ରାଡାର ଅଚଳ ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଇଛି।

ବାତ୍ୟା ସମେତ ବର୍ଷା, ଘଡ଼ଘଡି , ଅଂଶୁଘାତ ଭଳି ସୂଚନା ଦେବା ଲାଗି ୨୦୦୫ରେ ଓଡ଼ିଶାର ୪ଟି ସ୍ଥାନରେ ଡପ୍‌ଲର ରାଡାର ☞ପୃଷ୍ଠା-୪



ଲଖିମପୁର ଖେରି ହିଂସାକାଣ୍ଡ ବିରୋଧରେ କୋଲକାତାରେ କଂଗ୍ରେସ କର୍ମୀମାନେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।



ଲଖିମପୁର ଖେରି ହିଂସାକାଣ୍ଡ ବିରୋଧରେ ଅମୃତସରଠାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପ୍ରତିବାଦ ଜଣାଇଲା ସଂଯୁକ୍ତ କିଷାନ ମୋର୍ଚ୍ଚା




ଭୁବନେଶ୍ୱର,୪।୧୦(ବ୍ୟୁରୋ)

ଉତ୍ତର ପ୍ରଦେଶର ଲଖିମ୍ପୁର ଖେରିଠାରେ ରବିବାର କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଆନ୍ଦୋଳନରତ କୃଷକଙ୍କ ଉପରେ ଗାଡ଼ି ଚଢ଼ାଇବା ଘଟଣାର ଦୃଢ଼ ପ୍ରତିବାଦ କରିଛି ସଂଯୁକ୍ତ କିଷାନ ମୋର୍ଚ୍ଚା। ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ମୋର୍ଚ୍ଚାର କର୍ମକର୍ତ୍ତା ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହାକୁ କୃଷକ ଗଣହତ୍ୟା ବିବେଚନାକରି ତୀବ୍ର ନିନ୍ଦା କରିଛନ୍ତି। ମୋର୍ଚ୍ଚା ସଭାପତି ସୁରେଶ ପାଣିଗ୍ରାହୀ କହିଛନ୍ତି, ରବିବାରର ଘଟଣା ସମଗ୍ର ଦେଶବାସୀଙ୍କୁ ସ୍ତବ୍ଧ କରିଛି। ଏହା ଏକ ସଂଗଠିତ ଏବଂ ପ୍ରାୟୋଜିତ ହତ୍ୟାକାଣ୍ଡ। ଏହା ଆମର ସାମ୍ବିଧାନିକ ଏବଂ ଗଣତାନ୍ତ୍ରିକ ଅଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତକ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ। ଗୃହରାଷ୍ଟ୍ର ମନ୍ତ୍ରୀଙ୍କୁ ପଦବୀରୁ ବହିଷ୍କାର କରାଯିବା ସହ ପୁତ୍ର ଆଶିଷଙ୍କ ବିରୋଧରେ ୩୦୨ ଦଫାରେ ମକଦ୍ଦମା ରୁଜୁ କରି ଗିରଫ କରାଯାଉ। ସର୍ବୋଚ୍ଚ ଅଦାଲତରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରି ସମଗ୍ର ଘଟଣାର ତଦନ୍ତ କରାଯାଉ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ଦାବି କରିଛି।







ଚାଷୀଙ୍କୁ ଗାଡ଼ି ମଡ଼େଇ ହତ୍ୟା ଘଟଣା ପ୍ରତିବାଦରେ ଭୁବନେଶ୍ୱରରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଗିରଫ ପ୍ରତିବାଦରେ ପ୍ରିୟଙ୍କାଙ୍କ ଅନଶନ

ସୀତାପୁର, ୪।୧୦(ପି.ଟି.)

ଉତ୍ତରପ୍ରଦେଶ ଲଖିମ୍ପୁର ଖେରି ଜିଲାର ଚିକୁନିଆ ଅଞ୍ଚଳରେ ରବିବାର ଚାଷୀ ଆନ୍ଦୋଳନ ସମୟରେ ୪ଚାଷୀଙ୍କ ସମେତ ୮ଜଣଙ୍କ ମୃତ୍ୟୁ ଘଟଣାକୁ କଂଗ୍ରେସ ପ୍ରତିବାଦ କରିଛି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସୋମବାର ଭୋର ସମୟରେ ଘଟଣାସ୍ଥଳକୁ ଯିବାକୁ ଚେଷ୍ଟା କରୁଥିଲାବେଳେ ତାଙ୍କୁ ସୀତାପୁର ଜିଲାରେ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ସେ ଅନଶନରେ ବସିଛନ୍ତି। ସେ ସୀତାପୁରର ପିଏସି ଗେଷ୍ଟ ହାଉସ୍‌ରେ ଧାରଣାରେ ବସିଥିବାବେଳେ ବାହାରେ କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରିୟଙ୍କାଙ୍କ ଗିରଫଦାରିକୁ ସେମାନେ ବିରୋଧ କରିବା ସହ ଭାଜପା ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ୟୁପି କଂଗ୍ରେସ ମୁଖପାତ୍ର ବିକାଶ ଶ୍ରୀବାସ୍ତବ ଜାରି କରିଥିବା ୪୨ ମିନିଟ୍‌ର ଭିଡିଓରେ ପ୍ରିୟଙ୍କା ଅଟକ ରହିଥିବା ଗେଷ୍ଟ ହାଉସ୍‌ର ପ୍ରକୋଷ୍ଠକୁ ଝାଡୁ କରୁଥିବା ଦେଖାଯାଇଛି। ମୋତେ ଯେତେବେଳେ ଗିରଫ କରାଯାଇପାରୁଛି, ଅପରାଧୀଙ୍କୁ କରାଯାଉନି କାହିଁକି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି। ଏପରି କି ତାଙ୍କୁ ପୋଲିସ ଅଟକାଉଥିବାବେଳେ ସେ ଗିରଫଦାରୀ ୱାରେଣ୍ଟ ମାଗିଥିଲେ। ସରକାରଙ୍କୁ ଆମ ଦାବି ନିକଟରେ ମୁଣ୍ଡ ନୁଆଁଇବାକୁ ହେବ। ନ୍ୟାୟ ପାଇଁ ପ୍ରତିବାଦ ଜୋର୍‌ଦାର କରାଯିବ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ତୁରନ୍ତ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବରଖାସ୍ତ କରାଯିବା ସହ ତାଙ୍କ ପୁଅଙ୍କୁ ଗିରଫ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଏଥିସହ ମୃତ ଚାଷୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ତୁରନ୍ତ ମୁକ୍ତ କରାଯିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ସାରା ଦେଶର ଜିଲାପାଳମାନଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ବିକ୍ଷୋଭ କରିବ ବୋଲି କହିଛି।



କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସୀତାପୁରଠାରେ ଅଟକ ରଖାଯାଇଛି।

# ବିଜେଡି, ଭାଜପାର ଭୋଟ ହାର ବଢ଼ିଲା, କଂଗ୍ରେସ ଖସିଲା

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ପିପିଲି ଉପନିର୍ବାଚନ ଫଳାଫଳ ଆସିବାର ଦିନକ ପରେ ଆରମ୍ଭ ହୋଇଯାଇଛି ପୋଷ୍ଟମର୍ଟମ। ଉପନିର୍ବାଚନରେ ବିଜେଡି ଓ ଭାଜପାର ଭୋଟ ପ୍ରତିଶତ ଗତ ନିର୍ବାଚନ ତୁଳନାରେ ବୃଦ୍ଧି ପାଇଥିବାବେଳେ କଂଗ୍ରେସ ଅମାନତ ହରାଇଛି। ବିଜେଡି ଉପଯୁକ୍ତ ରଣନୀତି ଏବଂ ଦଳୀୟ ନେତାଙ୍କୁ ପଞ୍ଚାୟତୱାରୀ ଦାୟିତ୍ୱ ବାଣ୍ଟିବା ସହ ତାହାର ହିସାବ ଠିକ୍‌ରେ ନେବା ଦ୍ୱାରା ସରକାରୀ ବିରୋଧୀ ପ୍ରଚାରକୁ ପ୍ରତିହତ କରିବାରେ ସଫଳ ହୋଇଛି। ଗତ ନିର୍ବାଚନ ତୁଳନାରେ ବିଜେଡି ନିଜର ୩ ପ୍ରତିଶତ ଭୋଟ ବଢାଇବାରେ ସକ୍ଷମ ହୋଇଛି। ସେହିପରି ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ମଧ୍ୟ ନିଜ ପୂର୍ବ ଭୋଟ ସୁରକ୍ଷିତ ରଖିବା ସହ କିଛି ମାତ୍ରାରେ ଅଧିକ ଭୋଟ ପାଇବାରେ ସକ୍ଷମ ହୋଇଛନ୍ତି। ଏଭଳି ସ୍ଥିତିରେ ଆଗକୁ ପଞ୍ଚାୟତ ଭୋଟ କ'ଣ ହେବ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି।

୨୦୧୯ ବିଧାନସଭା ନିର୍ବାଚନରେ ପିପିଲିରେ ବିଜେଡିକୁ ୫୦.୬୬ ପ୍ରତିଶତ ଭୋଟ ମିଳିଥିଲା। ୨୦୨୧ ଉପନିର୍ବାଚନରେ ବିଜେଡି ଅଧିକ ୨.୯୪ ପ୍ରତିଶତ ଅର୍ଥାତ୍ ୫୩.୬ ପ୍ରତିଶତ ଭୋଟ ପାଇଛି। ସେହିପରି ଭାଜପା ୨୦୧୯ରେ ୪୧.୬୭ ପ୍ରତିଶତ ଭୋଟ ପାଇଥିବା ବେଳେ ଉପନିର୍ବାଚନରେ ୪୨.୦୪ ପ୍ରତିଶତ (୦.୪୨% ଅଧିକ) ଭୋଟ ପାଇଛି। ୨୦୧୯ରେ ୫.୬୩ ପ୍ରତିଶତ ଭୋଟ ପାଇଥିବା କଂଗ୍ରେସ ଏଥର ୨.୩୬ ପ୍ରତିଶତ ଭୋଟ ପାଇଛି। କଂଗ୍ରେସକୁ ଗତଥର ଅପେକ୍ଷା ୩.୨୭ ପ୍ରତିଶତ କମ୍ ଭୋଟ ମିଳିଛି। ୨୦୧୯ ତୁଳନାରେ ବିଜେଡିକୁ ୮,୪୫୪ ଏବଂ ଭାଜପାକୁ ୩,୩୨୫ ଖଣ୍ଡ ଅଧିକ ଭୋଟ ମିଳିଛି। କଂଗ୍ରେସ କିନ୍ତୁ ଗତଥର ଅପେକ୍ଷା ୫,୫୬୯ ଖଣ୍ଡ କମ୍ ଭୋଟ ପାଇଛି। କଂଗ୍ରେସ ଭୋଟ ସ୍ଥାନାନ୍ତର ହେବା ଯୋଗୁ ଉଭୟ ବିଜେଡି ଓ ଭାଜପା ଭୋଟ ବଢୁଥିବା ଆଲୋଚନା ହେଉଛି।

ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ଭାଜପା ଭୋଟ ହାର ବଢିବା ସହିତ ଏଥର ୭୬ ହଜାର ଭୋଟ୍‌ରେ ପହଞ୍ଚିଛୁ। ଯେହେତୁ ସେମାନେ ସରକାରୀ ଦଳରେ ଅଛନ୍ତି, ତେଣୁ କଂଗ୍ରେସ ଭୋଟ ନେବା ପାଇଁ ସେମାନେ ବିଭିନ୍ନ କଳବଳ ବ୍ୟବହାର କରିଦେଲେ। ସେଥିଲାଗି ସେମାନେ ବିଜୟୀ ହେଲେ ବୋଲି ଆଶ୍ରିତ କହିଛନ୍ତି। ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ କହିଛନ୍ତି, କଂଗ୍ରେସ ଭୋଟ ବିଜେଡିକୁ ଆସିବା କଥା ଜାଣିନି। ବିଜେଡି ଭୋଟ ଆଗ ଅପେକ୍ଷା ବଢିଛି, ଦଳ ଏଠାରେ ମଜଭୁତ ରହିଥିବା ଜଣାପଡିଛି। ବହୁତ କାମ କରିବାର ଅଛି। ଆଗକୁ ପିପିଲି ଭୋଟ ଏବଂ ଉନ୍ନତୀକରଣ ନେଇ ସମୀକ୍ଷା କରିବେ ବୋଲି ରୁଦ୍ର କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, କଂଗ୍ରେସ ଯେଉଁ ଭୋଟ ପାଇଛି ତାହା ସ୍ୱାଭିମାନୀ ଲୋକ ଦେଇଛନ୍ତି। ଆମେ ବିଜେଡି, ଭାଜପା ଭଳି ପଇସା ବାଣ୍ଟି ଭୋଟ ନେଇନୁ। ଦଳର ଯେଉଁ ସ୍ଥିତି ଅଛି ସେନେଇ ଆମେ ଚିନ୍ତା କରିବୁ ବୋଲି ରାଉତରାୟ କହିଛନ୍ତି।



ପିପିଲି ଉପନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ବିଧାୟକ ଓ ସମର୍ଥକଙ୍କ ସହ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ କରୁଛନ୍ତି।

# ଚଣ୍ଡିଗଡ଼ରେ ସିଦ୍ଧୁ ଅଟକ

ନୂଆଦିଲ୍ଲୀ, ୪।୧୦(ପି.ଟି.)

ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସାରେ ୪ କୃଷକଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ପ୍ରତିବାଦରେ ପଞ୍ଜାବ କଂଗ୍ରେସ ନେତା ନବଜ୍ୟୋତ୍ ସିଂ ସିଦ୍ଧୁ ରାଜଭବନ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିବାବେଳେ ତାଙ୍କୁ ଅଟକ ରଖାଯାଇଛି। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ଉତ୍ତରପ୍ରଦେଶ ସରକାର ଲଖିମ୍ପୁର ଖେରି ଯିବାକୁ ଅନୁମତି ଦେଇନାହାନ୍ତି। ଚନ୍ନିଙ୍କ ହେଲିକପ୍ଟରକୁ ହିଂସାକାଣ୍ଡ ଘଟିଥିବା ଜିଲାରେ ଅବତରଣ ପାଇଁ ପଞ୍ଜାବ ସରକାର ଅନୁମତି ମାଗିଥିଲେ। ସେହିପରି ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱାଙ୍କୁ ମଧ୍ୟରେ ଲକ୍ଷ୍ନୌରେ ଅବତରଣ ଲାଗି ଅନୁମତି ମିଳି ନ ଥିଲା। ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ବାହାରେ କଂଗ୍ରେସ କର୍ମୀମାନେ ସିଦ୍ଧୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅଙ୍କୁ ତୁରନ୍ତ ଗିରଫ କରାଯିବାକୁ ସିଦ୍ଧୁ ଦାବି କରିଥିଲେ। ଚଣ୍ଡିଗଡ଼ ପୋଲି ସିଦ୍ଧୁଙ୍କ ସମେତ ଦଳୀୟ କର୍ମୀମାନଙ୍କୁ ଅଟକ ରଖିଛି। ଦଳର ରାଜ୍ୟ ସଭାପତି ପଦରୁ ଇସ୍ତଫା ଦେବାର ସପ୍ତାହେ ପରେ ସିଦ୍ଧୁ ଆନ୍ଦୋଳନରେ ଭାଗ ନେଇଛନ୍ତି। ଚନ୍ନିଙ୍କ ସହ ବୁଝାମଣା ପରେ ସେ ପୁଣିଥରେ ଦଳକୁ ଫେରିଥିଲେ।

**ଚନ୍ନିଙ୍କୁ ଲଖିମ୍ପୁର ଯିବାକୁ ଅନୁମତି ମିଳିଲାନି**



# 'ସମାଜ'ର ୧୦୨ତମ ସ୍ୱନକ୍ଷତ୍ର ଉତ୍ସବ

କଟକ ଅଫିସ, ୪।୧୦

ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନ ପରିସରରେ ସୋମବାର ଦୈନିକ ସମାଜର ୧୦୨ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଓଡ଼ିଶା ପ୍ରଦେଶ ଗଠନ ଓ ଭାରତ ସ୍ୱାଧୀନ ହେବା ସମାଜର ଲକ୍ଷ୍ୟ ଥିଲା ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ ଦୀର୍ଘ ୧୦୨ ବର୍ଷ ଧରି ସମାଜ ନିୟମିତ ପ୍ରକାଶ ହେବା ଓଡ଼ିଆ ଭାଷା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଲୋକସେବକ ମଣ୍ଡଳର ସଭାପତି ରାଜକୁମାର ଚୋପ୍ରା ଅଧକ୍ଷତା କରି ଓଡ଼ିଆ ଭାଷାର ସମ୍ମାନ ଓ ବିକାଶ ସହ ଭାଷା ସୁରକ୍ଷା ଓ ସଚେତନତାର ଦାୟିତ୍ୱ ସମାଜ ତୁଲାଇ ଆସିଛି ବୋଲି କହିଥିଲେ। ଏହି ଅବସରରେ ରାଜ୍ୟର ୧୫ ଜଣ ଶ୍ରେଷ୍ଠ ଚିକିତ୍ସକଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସାମ୍ବାଦିକତା, ବିଜ୍ଞାପନ ଓ ପ୍ରସାରଣ କ୍ଷେତ୍ରରେ ଶ୍ରେଷ୍ଠ ୧୦ ଜଣ ବ୍ୟକ୍ତି ଏବଂ ବିଭିନ୍ନ ପ୍ରତିଯୋଗିତାରେ ୧୦ ଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ. ପ୍ରଭାସ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସମାଜର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୌରୀଶଙ୍କର ପାର୍କ ଠାରୁ ଗୋପବନ୍ଧୁ ଭବନ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।



ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତିଥିମାନେ ସତ୍ୟବାଦୀ ପତ୍ରିକା ଉନ୍ମୋଚନ କରୁଛନ୍ତି।

## ରାଜ୍ୟ ଖବର

# ଯୁକ୍ତ୨ ସ୍ୱଟ୍ ନାମଲେଖା ପାଇଁ ଗାଇଡ୍‌ଲାଇନ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)- ଯୁକ୍ତ୨ ସ୍ୱଟ୍ ନାମଲେଖା ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। କେତେ ପିଲା ଚୟନ ହେବେ ଓ ନାମଲେଖା କିପରି ହେବ, ସେ ନେଇ ପ୍ରସ୍ତୁତ ଗାଇଡ୍‌ଲାଇନ ସଂକ୍ରାନ୍ତରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛି। ଉକ୍ତ ଗାଇଡ୍‌ଲାଇନ୍ ଅନୁସାରେ, ସ୍ୱଟ୍ ନାମଲେଖା ପାଇଁ ଯେଉଁମାନେ ମନୋନୀତ ହୋଇଥିବେ, ସେମାନଙ୍କ ତାଲିକା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ସେମାନଙ୍କ ନୋଟିସ୍ ବୋର୍ଡରେ ପ୍ରଦର୍ଶିତ କରିବେ। ଛାତ୍ରୀଛାତ୍ର ମଧ୍ୟ ସ୍ୱଟ୍ ନାମଲେଖାର ମେଧା ତାଲିକା ସାମ୍ସର ୱେବ୍‌ସାଇଟ୍ www.samsodisha.gov.inରେ ଦେଖିପାରିବେ। ଯେଉଁମାନେ ନାମଲେଖା ପାଇଁ ଆବେଦନ କରିଥିଲେ, କିନ୍ତୁ କୌଣସି କାରଣରୁ ନାମ ଲେଖାଇ ପାରି ନାହାନ୍ତି, ସେମାନଙ୍କୁ କେବଳ ଏଥିପାଇଁ ଅନୁମତି ମିଳିବ।

# 'ଗଣମାଧ୍ୟମ ସହିତ ଶାସକ ଦଳର ଡିଲ୍ ହେଉଛି'

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଦେଶରେ ଏବେ ଗଣମାଧ୍ୟମ ସହିତ ଶାସକ ଦଳର ଡିଲ୍ ହେଉଛି। ଏହି ଡିଲ୍ କେବେ ଟଙ୍କା ପାଇଁ ହୁଏ ତ, ଆଉ କେବେ ବିଜ୍ଞାପନ, ସର୍କୁଲେଶନ ପାଇଁ ହୁଏ। ଏହି ଡିଲ୍‌ରେ ସମ୍ପାଦକ କେଉଁଠି ରହୁନାହାନ୍ତି। ପଲିଟିକାଲ ମାଷ୍ଟର ଓ ଗଣମାଧ୍ୟମ ମାଲିକ ସହିତ ଏହି ଡିଲ୍ ହେଉଛି ବୋଲି ସ୍ତମ୍ଭକାର, ରାଜନୈତିକ ସମୀକ୍ଷକ ତଥା ସାମାଜିକକର୍ମୀ ଯୋଗେନ୍ଦ୍ର ଯାଦବ କହିଛନ୍ତି। ସୋମବାର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ 'ସମ୍ବାଦ' ଓ 'କନକ ନ୍ୟୁଜ୍'ର ସ୍ୱନକ୍ଷତ୍ର ଉତ୍ସବରେ ସେ ଅତିଥି ଭାବେ ଯୋଗଦେଇ ଭାରତରେ ଗଣମାଧ୍ୟମ କାର୍ଯ୍ୟଧାରା ଉପରେ ତୀବ୍ର ସମାଲୋଚନା କରିଛନ୍ତି। ଏକ ଉଦାହରଣ ଦେଇ ସେ କହିଛନ୍ତି, କିଛି ମାସ ତଳେ ଭାରତରେ କରୋନାଜନିତ ମୃତ୍ୟୁକୁ ନେଇ ଏକ ଖବର 'ନ୍ୟୁୟର୍କ ଟାଇମ୍ସ'ରେ ପ୍ରକାଶ ପାଇଥିଲା। ତାହାକୁ ଆମ ଦେଶରେ ଏକ ଖବରକାଗଜ ପ୍ରକାଶ କରିଥିଲା। ସେହି ଗଣମାଧ୍ୟମ ପୁଣି ଗଙ୍ଗାରେ ଶବ ଭାସୁଥିବାର ଖବର ଏବଂ ଗୁଜରାଟ ଓ ମଧ୍ୟପ୍ରଦେଶରେ ଶବଦାହର ସଂଖ୍ୟାକୁ ନେଇ ଖବର ଛାପିଥିଲା। ଏହାପରେ ସେହି ଖବରକାଗଜର ଦେଶରେ ଥିବା ସବୁ କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ାଉ ହେଲା। ଉକ୍ତ ଖବରକାଗଜରେ ଏବେ ଖବର ପ୍ରକାଶନରେ ପରିବର୍ତ୍ତନ ଦେଖାଦେଇଛି। ଏହାକୁ ସେ ଡିଲରଶିପ୍ ଭାବନ୍ତି ବୋଲି ଯୋଗେନ୍ଦ୍ର କହିଛନ୍ତି। ସେହିପରି ଉତ୍ତରପ୍ରଦେଶରେ ଲଖିମପୁରରେ ହୋଇଥିବା ଘଟଣାରେ କିପରି ଏକ ଅନ୍ତର୍ଜାତୀୟ ମୁଦ୍ରିତ ଗଣମାଧ୍ୟମ କୃଷକଙ୍କୁ ଦୋଷ ଦେଇ ଖବର ପ୍ରକାଶ କରିଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଯୋଗଦେଇ ତାଙ୍କ ସଂଘର୍ଷର କାହାଣୀ ବଖାଣିଥିଲେ। ପ୍ରଥମ ଟୁର୍ନାମେଣ୍ଟରୁ ପ୍ରଥମ ରୋଜଗାରର ଖୁସୀ ସ୍ୱର୍ଣ୍ଣ ପଦକ ହାସଲଠାରୁ ବି ଅଧିକ ଥିଲା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ 'ସମ୍ବାଦ' ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଏମ୍‌ଡି ମୋନିକା ନାୟର ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, 'ସମ୍ବାଦ'ର ବାର୍ତ୍ତା ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଯୋଗେନ୍ଦ୍ର ଯାଦବ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୫୯,୦୪,୯୮୯ | ୪୮,୧୮,୬୪୯ | ୨୧,୨୮,୨୪,୮୪୨ |
| ଭାରତ | ୩,୩୮,୫୦,୯୩୬ | ୪,୪୯,୨୮୦ | ୩,୩୧,୪୨,୩୭୨ |
| ଓଡ଼ିଶା | ୧୦,୨୮,୩୬୬ | ୮୨୨୦(+୫୩) | ୧୦,୧୫,୬୦୮ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର









# ଆସୁଛି ଆଉ ୨ ଲଘୁଚାପ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ଆସନ୍ତା ୧୪ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ୩ ଦିନ ପରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ବୋଲି କେତେକ ପାଣିପାଗ ମଡେଲ ଆକଳନ କରିଛି। ଆସନ୍ତା ୧୮ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଯଦି ଏହା ଗଭୀର ଅବପାତରେ ପରିଣତ ହେବ ତେବେ ତାହା ବାତ୍ୟା ରୂପ ନେଇ ପାରେ ବୋଲି ଅନୁମାନ କରାଯାଇଛି। ଏହାର ଗତି କୁଆଡ଼େ ହେବ ଓ ଏହା ଗଭୀର ଅବପାତରେ ପରିଣତ ହେବ କି ନାହିଁ ସେ ନେଇ ଏବେ ଠାରୁ କିଛି ଆକଳନ କରାଯାଇ ନାହିଁ। ତେବେ ଅକ୍ଟୋବରରେ ମୁଖ୍ୟତଃ ଓଡ଼ିଶାକୁ ବାତ୍ୟା ବିପଦ ରହିଥାଏ। ଉକ୍ତ ଦୁଇ ଲଘୁଚାପ କି ରୂପ ଧାରଣ କରୁଛି ସେ ନେଇ ଆସନ୍ତା ୮ ତାରିଖ ସୁଦ୍ଧା ସ୍ପଷ୍ଟ ହେବ। ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୭ ତାରିଖ ଯାଏ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, କନ୍ଧମାଳ, ରାୟଗଡ଼ା, ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୬ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

# ଗଜପତି ମୋ' ପାଇଁ ସ୍ୱତନ୍ତ୍ର: ନବୀନ

## ଗଜପତିରେ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର (ବ୍ୟୁରୋ)/ପାରଳାଖେମୁଣ୍ଡି (ଡି.ଏନ୍.ଏ.)୪।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଜପତି ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଜପତି ଜିଲ୍ଲା ସହ ବିଜୁବାବୁଙ୍କର ସମ୍ପର୍କ ବିଷୟରେ ସମସ୍ତେ ଜାଣନ୍ତି। ଗଜପତି ଜିଲ୍ଲା ତାଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଗଜପତିରେ ସ୍ମାର୍ଟ ହେଲ୍‌ଥ କାର୍ଡ ଆରମ୍ଭ କରି ସେ ବହୁତ ଖୁସି ବୋଲି କହିଛନ୍ତି। ଗଜପତି ହେଉଛି କଳା ଓ ସଂସ୍କୃତିର ଭୂମି। ଛୋଟିଆ ଜିଲ୍ଲା ହେଲେ ମଧ୍ୟ ଆଧୁନିକ ଓଡ଼ିଶା ପାଇଁ ଗଜପତିର ଅବଦାନ ବହୁତ ବେଶି। ଏହି ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ମନେପକାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ଅବଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ। ସେ ଥିଲେ ବିକାଶ ଓ ସ୍ୱାଭିମାନର ପ୍ରତୀକ। ସେହିପରି କବି ଗୋପାଳ କୃଷ୍ଣ ପଟ୍ଟନାୟକ ତଥା ବିଶିଷ୍ଟ ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗଜପତି ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ମେଗା ପାଇପ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ମହେନ୍ଦ୍ରଗିରି ତୀର୍ଥର ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳାଙ୍କୁ ସ୍ମାର୍ଟ ହେଲ୍‌ଥ୍ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ। ଏହାଦ୍ୱାରା ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ୍ୟ ହୁଅନ୍ତି, ପିଲାଙ୍କ ପାଠପଢ଼ା ବନ୍ଦ କରନ୍ତି, ସେ ସବୁ ସମସ୍ୟା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ। ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ଼ ବଡ଼ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ। ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ପ୍ରତିଟି ଜୀବନ ମୂଲ୍ୟବାନ୍। ଚାଷୀ ହେଉ ବା ମୂଲିଆ ଅବା ରିକ୍ସାଚାଳକ ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ। ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଜପତି ଜିଲ୍ଲାରେ ୪,୯୭,୫୦୧ ହିତାଧିକାରୀ ସ୍ମାର୍ଟ ହେଲ୍‌ଥ କାର୍ଡ ଜରିଆରେ ଉପକୃତ ହେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଜପତିରେ ୭୯୬.୧୯ କୋଟିର ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମେତ ୮୨୦ କୋଟି ଟଙ୍କାର ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ସୂଚନାଯୋଗ୍ୟ ଯେ ସ୍ମାର୍ଟ ହେଲ୍‌ଥ କାର୍ଡ ରାଜ୍ୟ ସରକାରଙ୍କ ଏକ ଫ୍ଲାଗ ଶିପ୍ କାର୍ଯ୍ୟକ୍ରମ। ଅଗଷ୍ଟ ୨୦ରେ ମୁଖ୍ୟମନ୍ତ୍ରୀ ମାଲକାନଗିରିରେ ଏହାର ଶୁଭାରମ୍ଭ କରିଥିଲେ। ଏହାପରେ ସୁନ୍ଦରଗଡ଼, ବଲାଙ୍ଗୀରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ଗଜପତିରେ ମଧ୍ୟ ଏହା ଆରମ୍ଭ ହୋଇଛି।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକମାନେ ଯୋଗ ଦେଇଥିଲେ।





BIG SAVINGS
WAGONR ₹17 500* ALTO ₹44 500* S-PRESSO ₹43 000* VITARA BREZZA ₹17 500*
DZIRE ₹19 500* SWIFT ₹19 500* EECO ₹20 500*

5ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7% କମ୍ ସୁଧର ହାର^ • ଅତିକମର ଡାଉନପେମେଣ୍ଟ^
• ₹799ର କମ ମାସିକ କିସ୍ତି^

GOLD VOUCHER
₹3 500 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. NARSHINGPUR: 9776645725. KAMAKHYANAGAR: 9776645725. JAJPUR: 9776900777. SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381093626. PARADEEP: 9583022034/48.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7% is provided by Bank of Baroda. 100% on-road funding is provided by select financiers only. #Gold Voucher is applicable on select models/variants only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st October, 2021.

**ସଂକ୍ଷେପରେ**

## ଡିସେମ୍ବର ୬ରେ ଏନ୍‌ଆର୍‌ଟିଏସ୍ ପରୀକ୍ଷା

■ ଆଜିଠାରୁ ଆବେଦନ ଆରମ୍ଭ

**କଟକ ଅଫିସ, ୪।୧୦:** ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚଳିତବର୍ଷର ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ପରୀକ୍ଷା ଆସନ୍ତା ଡିସେମ୍ବର ୬ତାରିଖରେ ପୂର୍ବାହ୍ନ ୧୦ରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ହେବ। ଏଥିନିମନ୍ତେ ମଙ୍ଗଳବାରଠାରୁ ଅନ୍‌ଲାଇନ ମାଧମରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ନବମଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଏହି ପରୀକ୍ଷା ଲାଗି ଆବେଦନ କରିପାରିବେ। କେବଳ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ମାଧମରେ ଆବେଦନ କରାଯିବ। ଆବେଦନ ପାଇଁ ନିୟମାବଳୀ www.bseodisha.ac.in ୱେବସାଇଟରେ ଉପଲବ୍ଧ ହେବ। ଏଥିଲାଗି ୱେବସାଇଟରେ ପ୍ରଦତ୍ତ ନିର୍ଦ୍ଦେଶାନୁଯାୟୀ ଛାତ୍ରୀଛାତ୍ରଙ୍କୁ ୬୦ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ ବୋଲି ସୋମବାର ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ବ୍ୟାନର ବାନ୍ଧୁଥିବା ବେଳେ ଚାଲିଗଲା ଛାତ୍ରଙ୍କ ଜୀବନ

**୧୧ କେଭି ତାର ହେଲା କାଳ**

ବଡ଼ବିଲ, ୪।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଆଇଟିଆଇରେ ଏକ ବ୍ୟାନର ବାନ୍ଧିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଛାତ୍ର ଗୁରୁତର ଅଛନ୍ତି। ମୃତକ ହେଲେ ମୟୂରଭଞ୍ଜ ଜିଲା ରରୁଆଁ ଅଞ୍ଚଳର ସରୋଜ କୁମାର ଘଣା। ଗୁରୁତର ଛାତ୍ର ଜଣଙ୍କ ହେଉଛନ୍ତି କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ମଲ୍ଲିପଶି ଅଞ୍ଚଳର ସମୀର କୁମାର ରଣା। ସୂଚନା ଅନୁଯାୟୀ, ଛାତ୍ର ଦୁଇଜଣ ବଡ଼ବିଲ ଆଇଟିଆଇ ହଷ୍ଟେଲରେ ରହି ଫିଟର ଟ୍ରେଡ୍‌ରେ ତାଲିମ ନେଉଥିଲେ। ସୋମବାର ବଡ଼ବିଲ ଆଇଟିଆଇରେ ନ୍ୟାଶନାଲ ଆପ୍ରେଣ୍ଟିଶିପ ମେଳା ଅନୁଷ୍ଠିତ ହୋଇଥିଲା। ଏସମ୍ପର୍କରେ ଲେଖାଯାଇଥିବା ଏକ ବ୍ୟାନରକୁ ସରୋଜ ଓ ସମୀରଙ୍କ ସମେତ କେତେଜଣ ଛାତ୍ର ଅନୁଷ୍ଠାନର ମୁଖ୍ୟ ଫାଟକ ଉପରେ ବାନ୍ଧିବା ପାଇଁ ଯାଇଥିଲେ। ଶିଡ଼ି ଲଗାଇ ବ୍ୟାନର ବାନ୍ଧିବା ସମୟରେ ଅସାବଧାନତା କାରଣରୁ ସିଡ଼ି ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ସରୋଜ ଓ ସମୀର ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯୋଡ଼ାସ୍ଥିତ ଟାଟାଷ୍ଟିଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ।

# ସିବିଆଇ ତଦନ୍ତ, ୫୦ ଲକ୍ଷ କ୍ଷତିପୂରଣ ଦାବି

**ବରଗଡ଼ ପୋଲିସ ମାଡରେ ଯୁବକଙ୍କ ମୃତ୍ୟୁ ଘଟଣା**



**କଟକ ଅଫିସ,୪।୧୦**

ବରଗଡ଼ ଟାଉନ ଥାନା ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ଦାବି ନେଇ ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଆବେଦନ କରାଯାଇଛି। ମୃତକ ଗୋବିନ୍ଦ କୁମ୍ଭାରଙ୍କୁ ଗତ ସେପ୍ଟେମ୍ବର ୨୪ ତାରିଖ ରାତିରେ ଉଠାଇ ନେଇଥିବା ଟାଉନ ଥାନା ଏସ୍‌ଆଇ ମଙ୍ଗଳ କିସୋ, ଏଏସ୍‌ଆଇ ପିତାମ୍ବର ବେହେରା, କ୍ଷୀରୋଦ ବିଶ୍ୱାଳ, ଜଗବନ୍ଧୁ ଜଗଦଳା ଏବଂ ଅନ୍ୟମାନଙ୍କ ବିରୋଧରେ ହତ୍ୟା ମାମଲା (୩୦୨ ଦଫା) ରୁଜୁ ଲାଗି ନିର୍ଦ୍ଦେଶ ଦେବାକୁ ଏଥିରେ ପ୍ରାର୍ଥନା କରାଯାଇଛି। ଏହି ମାମଲାରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ଡିଜି, ବରଗଡ଼ ଏସ୍‌ପି ଏବଂ ବରଗଡ଼ ଟାଉନ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି। ପିଟିଶନରେ ଦର୍ଶାଯାଇଛି ଯେ, ଗତ ଜୁଲାଇରେ ବରଗଡ଼ ଟାଉନ ଥାନା ଅଧୀନ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାର ଓ ଅନ୍ୟ ୪ଜଣଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ନେଇ ମାମଲା ରୁଜୁ ହୋଇଥିଲା। ଗୋବିନ୍ଦଙ୍କୁ ଜାମିନ ମିଳି ନ ଥିବାବେଳେ ଅନ୍ୟ ୪ଜଣଙ୍କୁ ୪୧ ଏ-ସିଆର୍‌ପିସିରେ ପୋଲିସ ଜାମିନ ଦେଇଥିଲା। ପରେ ୨୪ ତାରିଖ ରାତିରେ ଉପରୋକ୍ତ ପୋଲିସ କର୍ମଚାରୀମାନେ ତାଙ୍କୁ ଉଠାଇ ନେଇଥିଲେ। ଯାହାକି ପୋଲିସକୁ ସନ୍ଦେହ ଘେରକୁ ଟାଣିନେଉଛି। ୨୫ତାରିଖ ସକାଳେ ପରିବାର ଲୋକେ ଥାନାକୁ ଯାଇ ପଚାରିବାରୁ ଛାତି ବ୍ୟଥା ଓ ବାନ୍ତି ଯୋଗୁ ଗୋବିନ୍ଦଙ୍କୁ ଖେଡ଼ାପଲ୍ଲୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କୁହାଯାଇଥିଲା। ସେମାନେ ହସ୍ପିଟାଲକୁ ଯାଇ ଗୋବିନ୍ଦଙ୍କୁ ମୃତାବସ୍ଥାରେ ଦେଖିବାକୁ ପାଇଥିଲେ। ଗୋବିନ୍ଦଙ୍କ ପିଠି, ପେଟ ପ୍ରଭୃତି ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ରହିଥିଲା। ଏନେଇ ତାଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଅଣାଯିବା ପରେ ଥାନା ସିସିଟିଭିକୁ ଜାଣିଶୁଣି ଅଚଳ କରିଦିଆଯାଇଥିବା ପିଟିଶନରେ ଉଲ୍ଲେଖ ରହିଛି।

# ସିବିଆଇ ତଦନ୍ତ ଦାବିରେ ପିଟିଶନ

**ଏସିଏଫ୍ ସୌମ୍ୟ ରଞ୍ଜନ ମୃତ୍ୟୁ ଘଟଣା**



**କଟକ ଅଫିସ,୪।୧୦**

ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇବାରେ ଓଡ଼ିଶା ପୋଲିସ ବା କ୍ରାଇମବ୍ରାଞ୍ଚ ବିଫଳ ହୋଇଛନ୍ତି। ତେଣୁ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ସିବିଆଇ ବା କୋର୍ଟ ପରିଚାଳିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)କୁ ଏହି ମାମଲା (ପାରଳାଖେମୁଣ୍ଡି ଥାନା କେସ୍ ନଂ. ୧୪୧/୨୧) ହସ୍ତାନ୍ତର କରାଯିବା ଲାଗି ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଏ ନେଇ ସେ ସୋମବାର ହାଇକୋର୍ଟରେ ଏକ ପିଟିଶନ (ନଂ. ସିଆର୍‌ଏଲ୍‌ଏମ୍‌ପି. ୦୯୯୯୦୦/ ୨୦୨୧) ଦାଖଲ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଡିଜିପି, କ୍ରାଇମବ୍ରାଞ୍ଚ ଏଡିଜି ଏବଂ ସିବିଆଇ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ ଆଇନଜୀବୀ ପାର୍ଥସାରଥୀ ନାୟକ ପରିଚାଳନା କରୁଛନ୍ତି।

ପିଟିଶନରେ ଦର୍ଶାଯାଇଛି ଯେ, ଏସିଏଫ୍ ସୌମ୍ୟ ରଞ୍ଜନ ୨୦୨୦ ମେ ୧ରେ ପାରଳାଖେମୁଣ୍ଡି ଡିଭିଜନରେ ଏସିଏଫ୍ ଭାବେ ଯୋଗଦେଇଥିଲେ। ସେହିବର୍ଷ ଡିସେମ୍ବର ୧ରେ ସେ ବିଦ୍ୟାଭାରତୀଙ୍କୁ ବିବାହ କରିଥିଲେ। ପରେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ନିୟମିତ ବିଦ୍ୟାଭାରତୀଙ୍କ ନିକଟକୁ ଆସିବା ସହ ତାଙ୍କ ସହିତ ଅନୈତିକ ସମ୍ପର୍କ ରଖୁଥିଲେ। ଫଳରେ ସୌମ୍ୟ ନିର୍ଯାତିତ ହେଉଥିଲେ। ଜୁଲାଇ ୧୨ତାରିଖ ରାତିରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ସୌମ୍ୟଙ୍କୁ ପାରଳାଖେମୁଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଜୁଲାଇ ୧୩ରେ କଟକର ଏକ ଘରୋଇ ଡାକ୍ତରଖାନା ନିଆଯାଇଥିବାବେଳେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପୂର୍ବରୁ ସୌମ୍ୟଙ୍କ ପରିବାରର ବୟାନ ରେକର୍ଡ କରିବାଠାରୁ ଆରମ୍ଭ କରି ସନ୍ଦେହ ଘେରରେ ଥିବା ବ୍ୟକ୍ତିଙ୍କ ଲାଏ ଡିଟେକ୍ସନ ଟେଷ୍ଟ ମଧ କରିଥିଲା। ହେଲେ ଘଟଣାର ଅଢେଇ ମାସ ପରେ ବି ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ସୂଚନାଯୋଗ୍ୟ, ଏହି ମାମଲାର ସିବିଆଇ ତଦନ୍ତ କରାଯିବାକୁ ଜୁଲାଇ ୨୭ରେ ଭାରତ ବିକାଶ ପରିଷଦ ପକ୍ଷରୁ ମାମଲା ରୁଜୁ ହୋଇଥିଲା।

# ବିବାହ, ବ୍ରତ, ଶୁଦ୍ଧିକ୍ରିୟାରେ ସର୍ବାଧିକ ୫୦ଜଣ

**ବିଏମ୍‌ସିର ଶୀତକାଳୀନ କୋଭିଡ୍ ଗାଇଡ୍‌ଲାଇନ୍**

■ ବୟସ୍କ, ଗର୍ଭବତୀ, ଶିଶୁ, ଗୁରୁତର ଅସୁସ୍ଥଙ୍କୁ ବାରଣ

■ ଉଲ୍ଲଂଘନକାରୀ, ମାଲିକ ଓ ଆୟୋଜକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ଦୈନିକ ସଂକ୍ରମଣ ମଧ ଏବେ ହ୍ରାସ ପାଇଛି। ତେବେ ଆଗକୁ ଶୀତଦିନ ଆସୁଥିବାରୁ ସଂକ୍ରମଣ ବଢିବା ଆଶଙ୍କା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏବେଠାରୁ ସତର୍କ କରାଯିବାସହ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଶୀତଦିନେ ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ପୁଣି ଏସବୁ କାର୍ଯ୍ୟରେ ସର୍ବାଧିକ ୫୦ଜଣ ଲୋକ ସାମିଲ ହୋଇ ପାରିବେ ବୋଲି ଗାଇଡ୍‌ଲାଇନ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ଏହାଉପରେ ସମ୍ପୃକ୍ତ ମଣ୍ଡପ ବା ହୋଟେଲ ମାଲିକ ଦୃଷ୍ଟି ଦେବେ। କାର୍ଯ୍ୟକ୍ରମବେଳେ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ମଣ୍ଡପ, ହୋଟେଲ ଆଦିକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ଏଥିସହ ବୟସ୍କ ବ୍ୟକ୍ତି, ଗର୍ଭବତୀ, ୧୦ବର୍ଷରୁ କମ୍ ବୟସର ଶିଶୁ ଓ ଅନ୍ୟ ଗମ୍ଭୀର ଶାରୀରିକ ସମସ୍ୟା ଥିବା ଲୋକଙ୍କୁ ମଧ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବାରଣ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରିବା, କେବଳ ଖାଇବା ସମୟକୁ ଛାଡି ଅନ୍ୟ ସମୟରେ ମାସ୍କ ପିନ୍ଧିବା, ପରସ୍ପର ମଧ୍ୟରେ ୬ ଫୁଟ ଦୂରତା ରକ୍ଷା କରିବା ଏବଂ କୌଣସି ସ୍ଥାନରେ ପାନ, ତମାଖୁ କିମ୍ବା ଛେପ ନ ପକାଇବା ପାଇଁ ନିର୍ଦ୍ଦେଶ ରହିଛି। ଏହି କଟକଣାକୁ ଉଲ୍ଲଂଘନ କଲେ ଉଲ୍ଲଂଘନକାରୀ, ମଣ୍ଡପ, ହୋଟେଲ ବା ସମ୍ପୃକ୍ତ କାର୍ଯ୍ୟକର୍ତ୍ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଠିକ୍ ଭାବେ ନିୟମ ପାଳନ ହେଉଛି କି ନାହିଁ ସେନେଇ ସ୍ଥାନୀୟ ପୋଲିସ ଓ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ନଜର ରଖିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଲୋକାୟୁକ୍ତଙ୍କ ବିରୋଧରେ ପ୍ରଦୀପଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ, ୪।୧୦**

ଲୋକାୟୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ପଞ୍ଜୀକରଣ କରିବା ଲାଗି ବିଜେଡିର ପୂର୍ବତନ ସଦସ୍ୟ ତଥା ବିଧାୟକ ପ୍ରଦୀପ ପାଣିଗ୍ରାହୀ କରିଥିବା ରିଟ୍ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଗୋଟିଏ ଘଟଣାକୁ ନେଇ ୨ଟି ମାମଲା ଏକକାଳୀନ ଚାଲିପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଦୀପ ପୂର୍ବରୁ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ଏବେ ଲୋକାୟୁକ୍ତଙ୍କ ବିରୋଧରେ ଜାଲିଆତି ଅଭିଯୋଗ ଆଣିଛନ୍ତି। ଉପରୋକ୍ତ ଦୁଇଟି ବିଷୟ ଗୋଟିଏ ଘଟଣା ଉପରେ ଆଧାରିତ ଥିବାରୁ ତାହା ପୃଥକ୍ ଭାବେ ପଞ୍ଜୀକରଣ ହୋଇପାରିବ ନାହିଁ।

# ଆରମ୍ଭ ହେଲା 'ଛାତ୍ର ପ୍ରୋତ୍ସାହନ ଯୋଜନା'

**ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରଙ୍କୁ ମିଳିବ ମାଗଣା ଇଞ୍ଜିନିୟରିଂ, ମେଡିକାଲ କୋଚିଂ**

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସୋମବାର 'ଛାତ୍ର ପ୍ରୋତ୍ସାହନ ଯୋଜନା'ର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ବର୍ଷ ରାଜ୍ୟର ୩୨୦ଜଣ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ମାଗଣାରେ ଉତ୍କୃଷ୍ଟ କୋଚିଂ ଯୋଗାଇ ଦେବେ। ମେଧା ଭିତ୍ତିରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଓ ବିଭାଗ ପରିଚାଳିତ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯିବ। ଏକ ଅନ୍ତର୍ଭୁକ୍ତୀକରଣ ଆଭିମୁଖ୍ୟ ମାଧମରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ସେମାନେ ପଢୁଥିବା ଉଚ୍ଚ ମାଧମିକ ଶିକ୍ଷା ପରିବେଶରେ କୋଚିଂ ପ୍ରଦାନ କରାଯିବ। ଏହାଦ୍ୱାରା ଦୁର୍ଗମ ଅଞ୍ଚଳରେ ରହୁଥିବା ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରଙ୍କ ମେଧା ଦକ୍ଷତା, ପ୍ରତିଭା ଓ ପ୍ରତିଯୋଗୀ ମନୋଭାବ ବିକଶିତ ହୋଇପାରିବ। ଚଳିତବର୍ଷ ମନୋନୀତ ଛାତ୍ରୀଛାତ୍ରମାନେ ୨୦୨୩ ବର୍ଷର ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେବେ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି। ତାଙ୍କ ସୂଚନାନୁସାରେ, ରାଜ୍ୟର ୧୪ ଜିଲାରେ ବିଭାଗ ଦ୍ୱାରା ପରିଚାଳିତ ୬୨ ଉଚ୍ଚ ମାଧମିକ ବିଦ୍ୟାଳୟ ରହିଛି। ପ୍ରତିବର୍ଷ ଏହି ବର୍ଗର ୩୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥାନ୍ତି। ଏମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ୭ଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଥିପାଇଁ ମନୋନୀତ କୋଚିଂ ଏଜେନ୍ସିଗୁଡ଼ିକ ପ୍ରତ୍ୟକ୍ଷ ଭାବେ (ଅନ୍-ସାଇଟ୍) ଉକ୍ତ ଉତ୍କର୍ଷ କେନ୍ଦ୍ରରେ ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ପ୍ରଦାନ କରିବେ। ଏହି ଅବସରରେ ଉକ୍ତ କୋଚିଂ ଏଜେନ୍ସିଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିସହ ଏମ୍‌ପି ଡ. ଅମର ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ନିମନ୍ତେ ସାଂସଦ ପାଣ୍ଠିରୁ ୨୦୦ଟି ଟାବ୍‌ଲେଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ରାଜନୀତିରେ ନୀଳମଣିଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**



ଏଜି ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସୁଲେଖକ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ୧୭ଶ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମାଲ୍ୟାର୍ପଣ ପୂର୍ବକ ସ୍ୱର୍ଗତ ରାଉତରାୟଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ କହିଲେ, ନୀଳମଣି ଛାତ୍ର ଜୀବନରୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଜେଲ ଯିବା ସହ ରାଜନୈତିକ କାର୍ଯ୍ୟକଳାପ ଜାରି ରଖିଥିଲେ। ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବିଧାୟକ ଓ ଏମ୍‌ପି ଭାବେ ନିର୍ବାଚିତ ହୋଇ ଉପମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଜଣେ ଦୂରଦର୍ଶୀ ରାଜନେତା ଭାବେ ରାଜ୍ୟ ରାଜନୀତିରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କ ଜୀବନୀ ପୁସ୍ତକ 'ସ୍ମୃତି ଓ ଅନୁଭୂତି' ରାଜ୍ୟ ରାଜନୀତି ଓ ଶାସନର ବହୁ ଅନାଲୋଚିତ ଦିଗକୁ ଲୋକଲୋଚନକୁ ଆଣିପାରିଛି ବୋଲି ବକ୍ତାମାନେ କହିଥିଲେ। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସ୍ୱର୍ଗତ ରାଉତରାୟଙ୍କ ପୁତ୍ରବଧୂ ଡ. ଜ୍ୟୋତି ରାଉତରାୟ, ନାତି ଦୁର୍ଗାଦତ୍ତ ରାଉତରାୟ, ନାତୁଣୀବୋହୂ ପ୍ରତିଟୀରଶ୍ମି ରାଉତରାୟ, ଯୋଗେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଏକ୍ସଆର୍‌ଡି, ଏକ୍ସଆର୍‌ଏଫ୍ ପ୍ରୟୋଗଶାଳା ଉଦ୍‌ଘାଟିତ

**ଖଣିଜ ପଦାର୍ଥ ସର୍ବେକ୍ଷଣ ପାଇଁ ବ୍ୟବସ୍ଥା**

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ଖଣିଜ ପଦାର୍ଥର ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ ଏବଂ ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭୂତତ୍ତ୍ୱ ନିର୍ଦ୍ଦେଶାଳୟରେ ଏକ ଅତ୍ୟାଧୁନିକ ଏକ୍ସଆର୍‌ଡି ଏବଂ ଏକ୍ସଆର୍‌ଏଫ୍ ପ୍ରୟୋଗଶାଳାକୁ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଏହି ପ୍ରୟୋଗଶାଳା ରାଜ୍ୟ ପାଇଁ ବରଦାନ ସଦୃଶ। ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ଆମର ବିପୁଳ ଖଣିଜ ଦ୍ରବ୍ୟର ଚିହ୍ନଟ ସହ ଠିକ ମାନ ଆକଳନ କରିବାରେ ଆମେ ସକ୍ଷମ ହୋଇପାରିଛୁ। ଓଡ଼ିଶା ପରି ଏକ ଖଣିଜସମ୍ପଦ ସମୃଦ୍ଧ ରାଜ୍ୟରେ ଉପଲବ୍ଧ ବିଭିନ୍ନ ପ୍ରକାର ଖଣିଜ ପଦାର୍ଥର ବିପୁଳ ଭଣ୍ଡାର ମହଜୁଦ ରହିଛି। ଏହିସବୁ ଖଣିଜ ଦ୍ରବ୍ୟର ଚିହ୍ନଟ ଓ ଅନ୍ୱେଷଣ ନିମନ୍ତେ ରାଜ୍ୟ ସରକାରଙ୍କ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ବ୍ୟାପକ କାର୍ଯ୍ୟ କରିଆସୁଛି। ଏହି କ୍ରମରେ କାର୍ଯ୍ୟାଳୟର ଭୂତତ୍ତ୍ୱବିତ୍‌ମାନେ କ୍ଷେତ୍ର ପରିଦର୍ଶନ ସହ ସେଠାରେ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ କରିଆରେ ଖଣିଜ ପଦାର୍ଥ ମହଜୁଦ୍‌ର ପରିମାଣ ଅନୁସନ୍ଧାନ କରିବା ପରେ ବିସ୍ତୃତ ବିବରଣୀ ସରକାରଙ୍କୁ ପ୍ରଦାନ କରିଥାନ୍ତି। ଏହି ରିପୋର୍ଟ ଆଧାରରେ ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଲାମ ପ୍ରକ୍ରିୟା ହୋଇଥାଏ। ଏସବୁ ଖଣିଜ ପଦାର୍ଥର ଚିହ୍ନଟୀକରଣ ଓ ଅନ୍ୱେଷଣ ପ୍ରକ୍ରିୟାକୁ ଅଧିକ ସୁଗମ ଓ ଠିକ୍ କରିବା ଉଦ୍ଦେଶ୍ୟରେ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଏକ୍ସଆର୍‌ଡି ଏବଂ ଏକ୍ସଆର୍‌ଏଫ୍ ପ୍ରୟୋଗଶାଳା ସ୍ଥାପନ କରାଯାଇଛି। ଏହାଦ୍ୱାରା କମ୍ ସମୟରେ ଖଣିଜ ପଦାର୍ଥର ଠିକ୍ ଚିହ୍ନଟ ଓ ମାନ ନିରୂପଣ ହୋଇପାରିବ। ଏହି ଯନ୍ତ୍ର ଦ୍ୱାରା ପରୀକ୍ଷଣର ଫଳାଫଳ ଅନ୍ତର୍ଜାତୀୟ ସ୍ତରର ଅନୁଷ୍ଠାନମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବାରୁ ଏହାର ଫଳାଫଳ ଉପରେ ପରବର୍ତ୍ତୀ ପଦକ୍ଷେପ ଯଥା ଗଚ୍ଛିତ ସମ୍ପଦର ଆକଳନ ଓ ଉତ୍ତୋଳନ ନିର୍ଭର କରିଥାଏ ବୋଲି ମନ୍ତ୍ରୀ ମଲ୍ଲିକ କହିଛନ୍ତି।



ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ। କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ କାରାଗାରେ ଲାଖି ନ ରଖାଏ !! – ଶ୍ରୀମା



# ପ୍ରତିବାଦକୁ ମାରିଦେବା

ଉତ୍ତରପ୍ରଦେଶର ଲଖିମପୁର ଖେରି ଜିଲାର ଟିକୁନିଆରେ ୩ ଅକ୍ଟୋବରରେ ଚାଷୀଙ୍କ ଉପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ସହ ତିନୋଟି ଏସ୍‌ୟୁଭି ଚଢ଼ିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଏହାର ପ୍ରତିବାଦରେ ହିଂସାତ୍ମକ କାଣ୍ଡ ଘଟିବାରୁ ଉତ୍ତ୍ୟକ୍ତ ଚାଷୀମାନେ ୪ ଜଣ ଭାଜପା କର୍ମୀଙ୍କୁ ପିଟି ମାରିଦେଇଛନ୍ତି। ଫଳରେ ଏହି ଘଟଣାରେ ୮ ଜଣଙ୍କ ପ୍ରାଣ ଯାଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମ୍ପୃକ୍ତ ମୃତ ଚାଷୀଙ୍କ ପରିବାରକୁ ୪୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବାକୁ ଉତ୍ତରପ୍ରଦେଶ ସରକାର ଘୋଷଣା କରିଛନ୍ତି। ଏହି ପରିମାଣକୁ ଦେଖିଲେ ମନେହୁଏ ଯେପରି ଆଦିତ୍ୟନାଥ ଏଭଳି ଘଟଣାରେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। କାରଣ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ନିକଟ ଭବିଷ୍ୟତରେ ହେବାକୁ ଯାଉଛି। ଅନ୍ୟପକ୍ଷରେ କୃଷକମାନେ ଏହି ଘଟଣା ଲାଗି କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର ସହ ତାଙ୍କ ପୁଅଙ୍କୁ ଗିରଫ କରିବା ଲାଗି ଦାବି କରିଛନ୍ତି। ତେବେ ଅଜୟ ମିଶ୍ରା କହିଛନ୍ତି ଯେ, ଚାଷୀଙ୍କ ଉପରେ ଗାଡ଼ି ଚଢ଼ିବା ବେଳେ ତାଙ୍କ ପୁଅ ସେଥିରେ ନ ଥିଲେ। ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ କେତେକେ ଗାଡ଼ି ଉପରକୁ ଟେକାପଥର ଫିଙ୍ଗିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଏଭଳି ଅଘଟଣ ଘଟିଲା। କେନ୍ଦ୍ରମନ୍ତ୍ରୀଙ୍କ ଭାଷାରୁ ବୁଝିହେଉଛି ଯେ, ଡ୍ରାଇଭର ମୁଣ୍ଡରେ ଦୋଷ ଲଦିଦେଇ ପୁଅକୁ ସୁରକ୍ଷା ଦେବା ଲାଗି ସବୁ ପ୍ରୟାସ ଆରମ୍ଭ ହୋଇସାରିଲାଣି। ଡ୍ରାଇଭରଙ୍କୁ ଗିରଫ କରାଯାଇ ଜେଲକୁ ପଠାଯିବ। ମାମଲାକୁ ପୋଲିସ ତରଫରୁ ପାଣିଚିଆ କରିଦିଆଯିବା ପରେ ହତ୍ୟା ପରିବର୍ତ୍ତେ ଘଟଣାକୁ ଏକ ରାସ୍ତା ଦୁର୍ଘଟଣାର ଆଖ୍ୟା ଦିଆଯାଇ ଡ୍ରାଇଭରଙ୍କୁ ମୁକୁଳାଇ ଦିଆଯିବ। ଏହା ଏକ ଗତାନୁଗତିକ ଓ ବହୁବାର ଘଟୁଥିବା ଦୃଷ୍ଟାନ୍ତ। ଅତୀତରେ ବଡ଼ବଡ଼ିଆ ପିଲାଙ୍କ ଗାଡ଼ି ଚକା ତଳେ କେତେକ ଲୋକଙ୍କ ଜୀବନ ଯାଇଥିବା ଘଟଣା ବିଷୟରେ ଏ ଦେଶବାସୀ ଭଲ ଭାବେ ଜାଣିଛନ୍ତି।

ଭାରତରେ ଗଣତାନ୍ତ୍ରିକ ଢଙ୍ଗରେ ସରକାର ଚାଲୁଥିଲେ ମଧ୍ୟ ଅନେକ ସ୍ଥାନରେ ଅଗଣତାନ୍ତ୍ରିକ କାର୍ଯ୍ୟ ଜାରି ରହିଛି। ଭାରତକୁ କୃଷିପ୍ରଧାନ ଦେଶ କୁହାଯାଉଥିବା ସତ୍ତ୍ୱେ ଚାଷୀଙ୍କ ପ୍ରତି ବର୍ତ୍ତମାନର କେନ୍ଦ୍ର ସରକାରଙ୍କ କୌଣସି ଗୁରୁତ୍ୱ ରହୁନାହିଁ। କେନ୍ଦ୍ର ଦ୍ୱାରା ଅଣାଯାଇଥିବା କୃଷି ଆଇନକୁ ଚାଷୀମାନେ ବିରୋଧ କରି ବିକ୍ଷୋଭ ଓ ପ୍ରତିବାଦ ସଭା କରିଚାଲିଥିଲେ ହେଁ ତାହାର ସମାଧାନ ଅଣାଯାଇପାରି ନାହିଁ। ଆନ୍ଦୋଳନ କରୁଥିବା ବ୍ୟକ୍ତିମାନେ ଚାଷୀ ନୁହନ୍ତି ଓ ସେମାନେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଭାଜପା ଅଭିଯୋଗ କରୁଛି। ଭାଜପାର ଏଭଳି ମତକୁ ଖଣ୍ଡିବାକୁ ଯଥେଷ୍ଟ ବିନ୍ଦୁ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର କହୁଛନ୍ତି, କୃଷକଙ୍କ କଲ୍ୟାଣ ଦିଗରେ ତାଙ୍କ ସରକାର ସର୍ବଦା କାର୍ଯ୍ୟ କରୁଛି। ଏଠାରେ ପ୍ରଶ୍ନ ହେବା ସ୍ୱାଭାବିକ ଯେ, ଯେଉଁ କୃଷି ଆଇନ ଅଣାଯାଇଛି ତାହା ଦ୍ୱାରା କୃଷକଙ୍କ ମଙ୍ଗଳ ହେବ ନାହିଁ ବୋଲି ଯଦି ଚାଷୀମାନେ କହୁଛନ୍ତି, ତାହା ହେଲେ ତାହାକୁ ପ୍ରତ୍ୟାହାର କରା ନ ଯିବା ପଛରେ କି ରହସ୍ୟ ରହିଛି। ସରକାରୀ ବ୍ୟବସ୍ଥା ତୃଣମୂଳ ସ୍ତରକୁ ଯାଇ ବାସ୍ତବତା ବୁଝିବାରେ ଅକ୍ଷମ ଥିବାରୁ ଆଜି ବିଷମ ସ୍ଥିତି ଉପୁଜୁଛି। ପ୍ରକୃତରେ ଦେଖିଲେ ଏ ଦେଶରେ ମଲିମୁଣ୍ଡିଆ, ଚାଷୀ ଓ ଗରିବଙ୍କ ପ୍ରତି କାହାର ସେଭଳି ଦରଦ ନାହିଁ। ନିଜ ଅଧିକାର ପାଇଁ ଚାଷୀ ପ୍ରତିବାଦ ଜାରି ରଖୁଥିବା ବେଳେ ସୁପ୍ରିମକୋର୍ଟ ତାହାର ବୈଧତା ନେଇ ପ୍ରଶ୍ନ ଉଠାଇଲେଣି। ଏ ସଂକ୍ରାନ୍ତ ବିଷୟ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବା ବେଳେ ବିକ୍ଷୋଭର ଔଚିତ୍ୟ ରହିଛି କି ନାହିଁ ସେ ସଂକ୍ରାନ୍ତ ସମୀକ୍ଷା କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ବିଚାରପତି ଏ. ଏମ୍. ଖାନ୍‌ୱିଲକର କହିଛନ୍ତି। ଏଥିସହିତ ଏ ସଂକ୍ରାନ୍ତୀୟ ପରବର୍ତ୍ତୀ ଶୁଣାଣି ୨୧ ଅକ୍ଟୋବରରେ ହେବ ବୋଲି ଜଣାପଡ଼ିଛି।

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତିବାଦର ଗୁରୁତ୍ୱ ଯଥେଷ୍ଟ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା କୃଷି ଆଇନର ତିନୋଟି ବିଷୟକୁ ମୁଖ୍ୟତଃ ବିରୋଧ କରାଯାଉଛି। କୃଷି ଆଇନ ସମ୍ପର୍କରେ ପୂର୍ବରୁ ଯଥେଷ୍ଟ ଆଲୋଚନା ଓ ଲେଖା ହୋଇସାରିଲାଣି। ସେଗୁଡ଼ିକୁ ଏଠାରେ ଦୋହରାଇବାର ପ୍ରୟୋଜନ ନାହିଁ। ସବୁ ଦିଗରୁ ଏହି ଆଇନ କୃଷକଙ୍କୁ କ୍ଷତି ପହଞ୍ଚାଇବ ବୋଲି ମତବ୍ୟକ୍ତ ହେବା ସତ୍ତ୍ୱେ କେନ୍ଦ୍ର ସରକାର ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ସେଥିପାଇଁ ସନ୍ଦେହ ସୃଷ୍ଟି ହେଉଛି ଯେ କୃଷକ ନୁହେଁ, କେତେକ ଶିଳ୍ପପତିଙ୍କ ସ୍ୱାର୍ଥ ରକ୍ଷା ଲାଗି ଏଭଳି ଆଇନକୁ ଅଣାଯାଇଛି। କଣ୍ଟ୍ରାକ୍ଟ ଫାର୍ମିଂ ଭଳି ବ୍ୟବସ୍ଥା ଭାରତର କୃଷି କ୍ଷେତ୍ରରେ କେଉଁ ପ୍ରକାର କ୍ଷତି ପହଞ୍ଚାଇବ ତାହା ଆକଳନ କରିବା କଷ୍ଟକର। ଏହି ମରମ କଥାକୁ ବିରୋଧ ହେଉଥିବା ହେତୁ ସରକାରୀ ଦଳର ପ୍ରତିକ୍ରିୟା ବୁଝିବା କଷ୍ଟକର ନୁହେଁ। ଏପରି କି ଅଫିସରମାନଙ୍କ ହସ୍ତକ୍ଷେପ ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଦାହରଣ ସ୍ୱରୂପ, ଉତ୍ତରପ୍ରଦେଶର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅୱନିଶ ଅୱସ୍ତି ଲକ୍ଷ୍ନୌ ବିମାନବନ୍ଦରକୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ଯେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଏବଂ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ଏସ୍. ରାନ୍ଧୱାଙ୍କୁ ବିମାନବନ୍ଦରରେ ଅବତରଣ କରିବାକୁ ଦିଆ ନ ଯାଉ। ସବୁ ବିମାନବନ୍ଦର କେନ୍ଦ୍ର ସରକାରଙ୍କ ଅଧୀନ। ସେଠାକାର ସୁରକ୍ଷା ଦାୟିତ୍ୱ ମଧ୍ୟ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଉପରେ ନ୍ୟସ୍ତ। ଭାରତର ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର ଅଛି ଯେ, ଦେଶର କୌଣସି କୋଣଅନୁକୋଣକୁ ସେ ଯାଇପାରିବେ। ଏଭଳି ସ୍ଥଳେ ଏକ ସରକାରୀ ବିମାନବନ୍ଦରରେ ବିମାନ ଓହ୍ଲାଇବାକୁ ଦିଆ ନ ଯିବା ଅତ୍ୟନ୍ତ ଅସାମ୍ବିଧାନିକ। ମନେହେଉଛି ଯେପରି ଉତ୍ତରପ୍ରଦେଶରେ ଏହିଭଳି ଅନେକ ସମ୍ବିଧାନ ବିରୋଧୀ କାର୍ଯ୍ୟ ଦୈନନ୍ଦିନ ହେବାରେ ଲାଗିଲାଣି। ଏହା ଦେଶର ଭବିଷ୍ୟତ ପାଇଁ ନିଶ୍ଚିତ କ୍ଷତିକାରକ ହେବ।

# ଉଦ୍‌ଜାନ ଇନ୍ଧନ ଅର୍ଥ ବ୍ୟବସ୍ଥା



ଡ. ଚିତ୍ତରଞ୍ଜନ ମିଶ୍ର

ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଉଦ୍‌ବୋଧନରେ ରାଷ୍ଟ୍ର ପାଇଁ ୫ଟି ପ୍ରମୁଖ କାର୍ଯ୍ୟକ୍ରମର ଉଦ୍‌ଘୋଷଣା କରିଥିଲେ। ତନ୍ମଧ୍ୟରୁ ପ୍ରଥମଟି ଥିଲା 'ମିଶନ ଉଦ୍‌ଜାନ'। ଉଦ୍‌ଜାନ ବାଷ୍ପର ଉତ୍ପାଦନ କ୍ଷେତ୍ରରେ ରାଷ୍ଟ୍ର ପାଇଁ ନିଜର ଦୃଷ୍ଟିକୋଣ ଉପସ୍ଥାପନା କରି ବିଶ୍ୱ ନେତୃତ୍ୱ ନେବା ପାଇଁ ଭାରତୀୟମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଅନ୍ତର୍ଦ୍ଦେଶୀୟ ଉଦ୍‌ଜାନ ଅର୍ଥନୀତିକୁ ସମୃଦ୍ଧ କରି ସହନୀୟ ଭବିଷ୍ୟତ ସହ ତାଳଦେଇ ଚାଲିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉତ୍ସାହିତ କରିଥିଲେ। ଭାରତବର୍ଷକୁ ଶକ୍ତି କ୍ଷେତ୍ରରେ ନିଅଣ୍ଟିଆ ରାଷ୍ଟ୍ରରୁ ଏକ ସମୃଦ୍ଧଶାଳୀ ରାଷ୍ଟ୍ରଭାବେ ରୂପାନ୍ତରିତ କରିବାରେ ଉଦ୍‌ଜାନ ପାଖରେ ଯଥେଷ୍ଟ ସମ୍ଭାବନା ଓ ପ୍ରତିଶ୍ରୁତି ଭରି ରହିଛି। ଏପରିକି ଏହା ମଧ୍ୟ ଭାରତବର୍ଷକୁ ଶକ୍ତିର ଏକ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ଭାବେ ପ୍ରତିପାଦିତ କରିପାରିବ।

ଭବିଷ୍ୟତର ଏକ ସହନୀୟ ଇନ୍ଧନ ଭାବେ ଉଦ୍‌ଜାନ ପରିଗଣିତ ହେବାକୁ ଯାଉଛି। ଉଦ୍‌ଜାନର ଦହନରେ ଜଳୀୟ ବାଷ୍ପ ସୃଷ୍ଟି ହୋଇଥାଏ ଏବଂ କୌଣସି ଅବଶେଷାଂଶ ରହି ନ ଥାଏ କିମ୍ବା ଜଳବାୟୁକୁ କ୍ଷତି ପହଞ୍ଚାଇଲା ଭଳି କିଛି ବି ପ୍ରଭାବ ପଡ଼ି ନ ଥାଏ। ଉଦ୍‌ଜାନର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ଦଶନ୍ଧି ଦଶନ୍ଧି ଧରି ଆମେ ଅବଗତ ଅଛୁ। କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ଭବିଷ୍ୟତ ଆଡ଼କୁ ଆମେ ଯାତ୍ରା କରିବା ସମ୍ଭବ ବୋଲି ପ୍ରମାଣ କରିଦେଲା। ଏହାକୁ ସାବ୍ୟସ୍ତ କରିବାକୁ ହେଲେ ଆମକୁ ଏକାଧିକ କ୍ଷେତ୍ରକୁ ସଂଘବଦ୍ଧ କରିବାକୁ ପଡ଼ିବ ଯଥା– ଉଦ୍‌ଜାନର ଉତ୍ପାଦନ ମୂଲ୍ୟରେ ହ୍ରାସ, ଉଦ୍‌ଜାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅସାଧାରଣ ପ୍ରଗତି ଏବଂ କାର୍ବନ ଶୁଳ୍କ ଯାହାକି ଅନ୍ୟାନ୍ୟ ଅଣପାରମ୍ପରିକ ଶକ୍ତି ଉତ୍ସ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହୋଇଥାଏ। ଆଜିର ବୃହତ୍ତର ଆହ୍ୱାନ ହେଉଛି 'ସବୁଜ ଉଦ୍‌ଜାନ' ଉତ୍ପାଦନ ଯାହା ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ମୁଖ୍ୟ ବିଷୟବସ୍ତୁ । ସବୁଜ ଉଦ୍‌ଜାନ ପାଇଁ ଜଳର ଇଲେକ୍‌ଟ୍ରୋଲିସିସ୍ କରିବାକୁ ହେବ ଓ ଏଥିରେ ପ୍ରଚୁର ପରିମାଣର ବିଦ୍ୟୁତ୍ ଶକ୍ତି ଆବଶ୍ୟକ ପଡ଼ିବ। ଯେପର୍ଯ୍ୟନ୍ତ ବିନା କାର୍ବନ ନିର୍ଗମନରେ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ନ ହୋଇଛି, ତାହା ସୌରଶକ୍ତି ହେଉ ବା ପବନଶକ୍ତି, ସେ ପର୍ଯ୍ୟନ୍ତ 'ସବୁଜ ଉଦ୍‌ଜାନ'ର ମୂଳ ଲକ୍ଷ୍ୟକୁ ହାସଲ କରାଯାଇପାରିବ ନାହିଁ। ଭାରତରେ ବର୍ଷ ସାରା ସୌର ରଶ୍ମି ଉପଲବ୍ଧ ହୋଇଥାଏ। ସୌରଶକ୍ତିର ବ୍ୟବହାର ମାଧ୍ୟମରେ ଜଳର ଅଣୁକୁ ଇଲେକ୍‌ଟ୍ରୋଲିସିସ୍ କରି ଉଦ୍‌ଜାନ ବାଷ୍ପ ସୃଷ୍ଟି କରାଯାଇପାରିବ। ସମ୍ପ୍ରତି ସମଗ୍ର ବିଶ୍ୱରେ ଉତ୍ପାଦିତ ହେଉଥିବା ଉଦ୍‌ଜାନର ପରିମାଣ ୮୦ ନିୟୁତ ମେଟ୍ରିକ ଟନ୍ ଏବଂ ଏହା ସମ୍ପୂର୍ଣ୍ଣରୂପେ ଜୀବାଶ୍ମ ଇନ୍ଧନରୁ ହିଁ ସୃଷ୍ଟି ହୋଇଥାଏ। ଏଥିରେ ବୈଶ୍ୱିକ ପ୍ରାକୃତିକ ବାଷ୍ପ ୬ ପ୍ରତିଶତ ଏବଂ କୋଇଲା ୨ ପ୍ରତିଶତ ବ୍ୟବହାର ହୋଇଥାଏ। ଏହା ୮୩୦ ନିୟୁତ ଟନ୍ ବିଶାଳ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ଉତ୍ସର୍ଜନ କରିଥାଏ। ଅତଏବ, ଏହି ପ୍ରକ୍ରିୟାରେ ଉଦ୍‌ଜାନ ଉତ୍ପାଦନ କରିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ବୋଲି ଧରି ନିଆଯାଉ।

ସମୟର ଗତିରେ ପରିସ୍ଥିତି ବଦଳି ଚାଲିଛି ଏବଂ ଭାରତ ସମେତ ସମଗ୍ର ବିଶ୍ୱ ଅଣପାରମ୍ପରିକ ଶକ୍ତି ଉତ୍ସ ଆଡ଼କୁ ଦ୍ରୁତଗତିରେ ମୁହାଁଇଛନ୍ତି । ଏହା ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଗକୁ ଆସିବାକୁ ଥିବା ମାତ୍ରାଧିକ କାର୍ବନ ଟ୍ୟାକ୍ସ ଏବଂ ୟୁରୋପୀୟ ୟୁନିୟନ ଦ୍ୱାରା ଘୋଷଣା କରାଯାଇଥିବା 'ସମାଯୋଜନ ଆମଦାନୀ ଶୁଳ୍କ' ଶକ୍ତିର ସ୍ରୋତକୁ ଅଣପାରମ୍ପରିକ ଶକ୍ତି ଉତ୍ସ ଆଡ଼କୁ ଆହୁରି ଅଧିକ ପ୍ରେରିତ କରିବ। ଆଗାମୀ କିଛି ବର୍ଷ ମଧ୍ୟରେ ଆବର୍ତ୍ତିତ ପରିସ୍ଥିତି ଦୃଷ୍ଟିଗୋଚର ହେବା ସମ୍ଭାବନାକୁ ମଧ୍ୟ ଏଡ଼ାଇଦିଆଯାଇ ନ ପାରେ ଯାହାକି ଉଦ୍‌ଜାନକୁ ଏକ ଅଜଣା ଉତ୍ସରୁ ଆଣି ବିକାଶର ମୁଖ୍ୟସ୍ରୋତରେ ସନ୍ନିବେଶିତ କରିଦେବ। ଭାରତର ଲବ୍ଧପ୍ରତିଷ୍ଠ ବୈଜ୍ଞାନିକ ତଥା ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦର ପ୍ରାକ୍ତନ ମହାନିର୍ଦ୍ଦେଶକ ଡ. ରଘୁନାଥ ଅନନ୍ତ ମାସେଲକର କୁହନ୍ତି, ମାତ୍ର ଅଳ୍ପ କେତେବର୍ଷ ଭିତରେ ଜନଧନ ଯୋଜନାରେ ଦେଶରେ ୪୦୦ ନିୟୁତ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସମ୍ଭବପର ହୋଇପାରିଲା। ଡାଟା ବ୍ୟବହାର କ୍ଷେତ୍ରରେ ଭାରତ ଅତ୍ୟନ୍ତ ନିମ୍ନ ସ୍ତରରୁ ଉଠି ଗ୍ଲୋବାଲ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିପାରିଲା। ଏଲ୍‌ଇଡି ବ୍ୟବହାର କ୍ଷେତ୍ରରେ ମାତ୍ର ୫ବର୍ଷ ଭିତରେ ଭାରତୀୟ ବଜାର ୧୩୦ଗୁଣ ଅଭିବୃଦ୍ଧି ହାସଲ କରିପାରିଲା। ୨୦୧୪ରେ ବାର୍ଷିକ ୫ ନିୟୁତ ଏଲ୍‌ଇଡି ବଲ୍‌ବ ବିକ୍ରି ହୋଇଥିଲା ବେଳେ ୨୦୧୮ରେ ତାହା ୬୭୦ ନିୟୁତରେ ପହଞ୍ଚିଥିଲା। ଏ ସମସ୍ତ ଉଦାହରଣରେ ଅଧିକରୁ ଅଧିକ ଦ୍ରୁତ ଅଭିବୃଦ୍ଧି ହାରର ପ୍ରଭାବ ୟୁନିଟ ମୂଲ୍ୟରେ ହ୍ରାସ ଘଟାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ଉଦାହରଣ ସ୍ୱରୂପ, ୫ବର୍ଷ ଭିତରେ ଏଲ୍‌ଇଡି ବଲ୍‌ବର ମୂଲ୍ୟରେ ପ୍ରାୟ ୮୫ ପ୍ରତିଶତ ହ୍ରାସ ଘଟିଥିଲା। ଡାଟାର ମୂଲ୍ୟରେ ଭାରତବର୍ଷର ନାଟକୀୟ ହ୍ରାସ କାହାକୁ ଅଜଣା ନାହିଁ। ତେଣୁ ଉଦ୍‌ଜାନ କ୍ଷେତ୍ରରେ ସେଭଳି ଏକ 'ସ୍ନୋ –ବଲ୍ ଫେନୋମିନନ୍' ବ୍ୟାପକ ପ୍ରଭାବ ପକାଇଲା ଭଳି ଘଟଣା ଘଟିବା କିଛି ଅସମ୍ଭବ ନୁହେଁ। ଏକାଧିକ ପ୍ରତିଯୋଗିତାମୂଳକ ପ୍ରଯୁକ୍ତିବିଦ୍ୟା ଉପଲବ୍ଧ ହେଲେ ଇଲେକ୍‌ଟ୍ରୋଲିସିସ୍ ମାଧ୍ୟମରେ ଜଳର ବିଘଟନ କରି ପ୍ରଚୁର ଉଦ୍‌ଜାନ ସୃଷ୍ଟି କରିପାରିବା।

ମ୍ୟାକ୍‌କିନ୍‌ସେ ରିପୋର୍ଟ ଅନୁଯାୟୀ ଗତ ୨ବର୍ଷ ଭିତରେ ୭୦ଗିଗାୱାଟ୍ ସାମର୍ଥ୍ୟ ବିଶିଷ୍ଟ ଇଲେକ୍‌ଟ୍ରୋଲାଇଜର ପ୍ରକଳ୍ପର ଘୋଷଣା କରାଯାଇଛି। ଏହା ୨୦ ଗୁଣା ଅଭିବୃଦ୍ଧିର ଚିତ୍ର ଉପସ୍ଥାପନ କରିଥାଏ। ଏହାର ଅର୍ଥ ହେଲା ଇଲେକ୍‌ଟ୍ରୋଲାଇଜର ପାଇଁ କିଲୋୱାଟ୍ ପିଛା ମୂଳ ପୁଞ୍ଜିଲଗାଣରେ ୬୫ ପ୍ରତିଶତ ହ୍ରାସ ଘଟିବ। ଉଦ୍‌ଜାନଭିତ୍ତିକ ଫୁଏଲ–ସେଲ୍ ପାଇଁ ପୁଞ୍ଜିଗତ ବ୍ୟୟରେ ହ୍ରାସ ଅଧିକ ନାଟକୀୟ ହୋଇପାରେ। ଯଦି ଉତ୍ପାଦନ ଓ ଉପଯୋଗର ମାତ୍ରାରେ ଠିକ୍ ସମନ୍ୱୟ ରଖାଯାଇପାରିବ ତେବେ ଆଗାମୀ ୧୦ବର୍ଷ ମଧ୍ୟରେ 'ସବୁଜ ଉଦ୍‌ଜାନ' ଉତ୍ପାଦନ ଖର୍ଚ୍ଚରେ କିଲୋଗ୍ରାମ ପିଛା ୨ ଡଲାରରୁ ତଳକୁ ହ୍ରାସ ଘଟିପାରେ। ନିକଟ ଅତୀତରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଉଚ୍ଚକ୍ଷମତାସମ୍ପନ୍ନ ତଥା ସ୍ୱଳ୍ପ ମୂଲ୍ୟଯୁକ୍ତ ବିଶାଳକାୟ ଇଲେକ୍‌ଟ୍ରୋଲାଇଜର୍ସ ନିର୍ମାଣ କରିବା ପାଇଁ ଘୋଷଣା କରିଛି ଯାହାକି କମ୍ପାନୀର ୧୦ ବିଲିୟନ ଡଲାରର ବୃହତ୍ ଅଣପାରମ୍ପରିକ ଶକ୍ତି ପରିଯୋଜନାର ଅଂଶ ବିଶେଷ।

ସମଗ୍ର ବିଶ୍ୱରେ ସବୁଜ ଉଦ୍‌ଜାନ କ୍ଷେତ୍ରରେ ପୁଞ୍ଜିଲଗାଣ ଏବେ ସୁଅ ପରି ଛୁଟିଛି। ଗମନାଗମନ କ୍ଷେତ୍ର ଯଥା–ଟ୍ରକ୍, ବସ୍, ମୋଟର ଗାଡ଼ି ଓ ରେଳଗାଡ଼ି ସହ ସାର କାରଖାନା, ରାସାୟନିକ କାରଖାନା ଓ ବିଶୋଧନ କାରଖାନାଗୁଡ଼ିକରେ କଞ୍ଚାମାଲ ଆଦିର ବିକାର୍ବନୀକରଣ କରିବା କ୍ଷେତ୍ରରେ 'ସବୁଜ ଉଦ୍‌ଜାନ'ର ବ୍ୟବହାର ହୋଇପାରିବ। ବଡ଼ ବଡ଼ କୋଠାଘରକୁ ବିକାର୍ବନୀକରଣ କରିବା ସହ ଇସ୍ପାତ ଉତ୍ପାଦନ ଭଳି ଉଚ୍ଚ ତାପ ବ୍ୟବହାରକାରୀ ଶିଳ୍ପସଂସ୍ଥାରେ ବିକାର୍ବନୀକରଣ କରିବା କ୍ଷେତ୍ରରେ ସବୁଜ ଉଦ୍‌ଜାନ ମଧ୍ୟ ବ୍ୟବହୃତ ହେବ। ଏହି ବିକାର୍ବନୀକରଣ ଯାତ୍ରାରେ ଉଦ୍‌ଜାନ ଫୁଏଲ–ସେଲ୍ ବ୍ୟାଟେରି ପାଇଁ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପରିପୂରକ ହେବ। ଭାରତକୁ ୧୬୦ ବିଲିୟନ ଡଲାର ବ୍ୟୟ କରି ଜୀବାଶ୍ମ ଇନ୍ଧନ ଉତ୍ପାଦ ଯଥା– ଅଶୋଧିତ ତୈଳ, ତରଳ ପ୍ରାକୃତିକ ବାଷ୍ପ, କୋଇଲା ଏବଂ ସାର ଆଦି ବିଦେଶରୁ ଆମଦାନୀ କରିଥାଏ। ଏଭଳି ଆମଦାନୀ ଉପରେ ନିର୍ଭରଶୀଳତାକୁ ଯଥେଷ୍ଟ ପରିମାଣରେ ହ୍ରାସ କରାଇବାରେ ଉଦ୍‌ଜାନର ମହତ୍ତର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଅବଶ୍ୟ ଯଦି ଭାରତରେ କୌଣସି ବଡ଼ ଧରଣର ପ୍ରାକୃତିକ ବାଷ୍ପ ବେସିନର ନୂତନ ସନ୍ଧାନ ମିଳିଯାଏ ତେବେ ଏହାର ଅର୍ଥନୀତି ଗୋଟିଏ ପଟକୁ ଢଳିବା ସମ୍ଭାବନା ରହିଛି, ହେଲେ ଏହାର ମୂଲ୍ୟରେ ଅଧିକରୁ ଅଧିକ ହ୍ରାସ ଘଟି ଚାଲିବ।

ଉଦ୍‌ଜାନ ବାଷ୍ପ ପାଇଁ ସମଗ୍ର ବିଶ୍ୱ ସମୁଦାୟର ଗ୍ରହଣଯୋଗ୍ୟତା ଦିନ ପରେ ଦିନ ଅଧିକରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଚାଲିଛି। ବିଶ୍ୱର ୩୧ଟି ଦେଶ ଉଦ୍‌ଜାନ ବାଷ୍ପ ପାଇଁ ସେମାନଙ୍କର ରଣନୀତି ଘୋଷଣାକରି ସାରିଛନ୍ତି। ଚାଇନା ସମେତ ଏକାଧିକ ୟୁରୋପୀୟ ରାଷ୍ଟ୍ର ଇଲେକ୍‌ଟ୍ରୋଲାଇଜର୍‌ର କ୍ଷମତା ବା ଉତ୍ପାଦନ ଶକ୍ତିରେ ଅଭିବୃଦ୍ଧି ପାଇଁ ପୁଞ୍ଜିଲଗାଣରେ ଅଭିବୃଦ୍ଧି ଘଟାଇଛନ୍ତି। ୭୫ରୁ ଅଧିକ ରାଷ୍ଟ୍ର 'ନେଟ୍ ଜିରୋ' ଅଙ୍ଗାରକ ଉତ୍ସର୍ଜନର ମହତ୍ ଅଭିଳାଷ ପୋଷଣ କରିଛନ୍ତି। ତେଣୁ ଏହା ସମ୍ଭବ ଯେ ୨୦୫୦ ସୁଦ୍ଧା ସମଗ୍ର ବିଶ୍ୱର ୨୨ପ୍ରତିଶତ ଶକ୍ତି ଆବଶ୍ୟକତା ଉଦଜାନ ହିଁ ପୂରଣ କରିବ।

ଭାରତର ଉଦ୍‌ଜାନ ସ୍ୱପ୍ନକୁ ଚରିତାର୍ଥ କରିବାକୁ ହେଲେ ଏକାଧିକ ମହତ୍ତର ପ୍ରଚେଷ୍ଟା ପ୍ରଣିଧାନଯୋଗ୍ୟ। ପ୍ରଥମଟି ହେଲା ଏକ କ୍ରିୟାଶୀଳ ପଲିସି ଫ୍ରେମ୍‌ୱାର୍କ, ଦ୍ୱିତୀୟଟି ହେଲା ଚାହିଦାରେ ଅଭିବୃଦ୍ଧି ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ ଏବଂ ତୃତୀୟରେ ହେଲା ଭିତ୍ତିଭୂମିର ବିକାଶ ଯଥା –ପାଇପଲାଇନର ନେଟ୍‌ୱାର୍କ ସ୍ଥାପନ ସହ ଦେଶର ଶେଷ ସୀମା ପର୍ଯ୍ୟନ୍ତ ତାହାର ସଂଯୋଗୀକରଣ। ଏହା ସମ୍ପୂର୍ଣ୍ଣ ଭାବେ ପରୀକ୍ଷିତ ହୋଇଥିବା ବ୍ୟାବସାୟିକ ମଡେଲ 'ମାଷ୍ଟର ଲିମିଟେଡ୍ ପାର୍ଟନରଶିପ୍' ମାଧ୍ୟମରେ ରୂପାୟିତ ହୋଇପାରିବ ଯାହାକି ପାଶ୍ଚାତ୍ୟ ଜଗତରେ ଅତ୍ୟନ୍ତ ସାଧାରଣ କଥା। ଏହା ଘରୋଇ ପୁଞ୍ଜି ବିନିଯୋଗକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଉଦ୍‌ଜାନ ଅର୍ଥ ବ୍ୟବସ୍ଥାର ନିର୍ମାଣ ଏବଂ ଶକ୍ତି ଓ ସାରର କଞ୍ଚାମାଲ ପାଇଁ ବୈଦେଶିକ ରାଷ୍ଟ୍ରଗୁଡ଼ିକ ନିର୍ଭରଶୀଳତାରୁ ଭାରତକୁ ମୁକ୍ତି ଦେବ।

ଏଚ୍‌ଆଇଜି କଲୋନି
ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩

# ଯୁଦ୍ଧୋନ୍ମାଦ ଆନନ୍ଦ ଆଣେନା



ମୀରା ବେଉରା

ସବୁ ଅନ୍ତର୍ଦ୍ୱନ୍ଦ୍ୱ ଭିତରେ ଗୋଟିଏ ପ୍ରଶ୍ନ ନିଇତି ମୋତେ ଆନ୍ଦୋଳିତ କରୁଛି। ସୁଖ, ସମୃଦ୍ଧି, ଐଶ୍ୱର୍ଯ୍ୟରେ ଥାଇ ମଧ୍ୟ ଆଧୁନିକ ମଣିଷ କାହିଁକି ଅସହାୟ ହୋଇପଡ଼ିଛି। ଆତ୍ମୀୟସ୍ୱଜନଙ୍କ ପାଖରେ ଥାଇ ମଧ୍ୟ କାହିଁକି ମୁହୂର୍ତ୍ତେ ହେଲେ ବି ହସିପାରୁନି। ଯେଉଁ ହସ କି ଏହି କରୋନା କାଳରେ ମହୌଷଧି ବୋଲି ଚିକିତ୍ସାବିତ୍‌ମାନେ କହୁଛନ୍ତି। ହେଲେ ସବୁ ହସ ଭିତରେ ଯେମିତି ଛଳନା ଲୁଚି ରହିଛି। ଏତେ ବଡ଼ ପୃଥିବୀରେ ଥାଇ ମଣିଷ ଶୂନ୍ୟତା ଉପଲବ୍ଧି କରୁଛି। ମଣିଷ ମଣିଷ ଭିତରେ ମାନସିକ ଦୂରତା ବଢ଼ିଯାଉଛି। ସବୁ ଭଦ୍ରାମିର ମୁଖା ଭିତରେ ଗୋଟିଏ ଅସଭ୍ୟ ଛଳନାପୂର୍ଣ୍ଣ ବ୍ୟବହାର ଲୁଚି ରହିଛି। ନିଜର ଅନ୍ତର୍ବିବେକକୁ ଧ୍ୱଂସ କରି ସମସ୍ତେ ଏକ କୃତ୍ରିମ ବ୍ୟବହାରରେ ସମସ୍ତଙ୍କୁ ଆପ୍ୟାୟିତ କରିବାରେ ବ୍ୟସ୍ତ ରହୁଛନ୍ତି। କେବଳ ଫେସବୁକ୍‌ର ଲାଇକ୍ କମେଣ୍ଟ ଭଳି ଅଯଥା ପ୍ରଶଂସା ଗୋଟାଇବାରେ ସଭିଏ ପାଗଳ ଏଠି।

ସହରର କଂକ୍ରିଟ୍ ଜଙ୍ଗଲ ଏବଂ କୋଳାହଳ ଲୋକଙ୍କ ଭିଡ଼ ଭିତରେ ବେଳେବେଳେ କାହିଁକି କେଜାଣି ଭାରି ଅସହାୟ ଓ ନିଃସଙ୍ଗ ଅନୁଭବ କରେ ଏ ମଣିଷ। ପୃଥିବୀରେ ସିଏ କେତେ ନିଃସଙ୍ଗ ତାହା ସେ ପ୍ରତିକ୍ଷଣେ ଅନୁଭବ କରେ। ଏତେ ପାଖାପାଖି, କୋଳାହଳ ଭିତରେ ଥାଇ ମଧ୍ୟ ବେଳେବେଳେ ମଣିଷ ସମସ୍ତଙ୍କଠାରୁ ଦୂରରେ ଯାଇଥାଏ। ମନେହୁଏ ଯେମିତି ସମସ୍ତଙ୍କ ଭିତରେ ଦୂରତା ବଢ଼ି ବଢ଼ି ଯାଉଛି। କେହି କାହାକୁ ବୁଝିବାକୁ ନାରାଜ। ସମସ୍ତେ ଯେମିତି ଏକ ମରୀଚିକା ଅର୍ଥାତ୍ କୃତ୍ରିମ ଖୁସି ପଛରେ ପ୍ରତିଯୋଗିତା ଭିତ୍ତିରେ ଥାଇ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି। ସବୁ ମଣିଷଙ୍କ ଭିତରେ କୃତ୍ରିମ ହସ, କୃତ୍ରିମ ବ୍ୟବହାର, ସବୁ ଯେମିତି ଛଳନାପୂର୍ଣ୍ଣ। ସମସ୍ତେ ସମସ୍ତଙ୍କୁ ପଛରେ ପକାଇ ଆଗକୁ ଆଗକୁ ଧାଇଁବାରେ ବ୍ୟସ୍ତ। କାହିଁକି ଏ କୃତ୍ରିମ ମୁଖାପିନ୍ଧି ସଭିଏ ଅଭିନୟ କରୁଛନ୍ତି। ବେଳେବେଳେ ମନରେ ପ୍ରଶ୍ନ ଆସେ ଏମିତି ଗୋଟିଏ ଯନ୍ତ୍ର ଥାଆନ୍ତା କି ଯେଉଁ ଯନ୍ତ୍ର ସାହାଯ୍ୟରେ ଛଳନାକୁ ଆଡ଼େଇ ଦେଇ ଆମେ ସମସ୍ତ ମନୁଷ୍ୟର ଅସଲ ରୂପକୁ ଦେଖିପାରନ୍ତେ।

ସମାଜରେ ଘଟୁଥିବା ନୂଆନୂଆ ଘଟଣା ସବୁ ନିଇତି ବିଶ୍ୱାସକୁ ଦୋହଲାଇଦିଏ। କାହାକୁ ଏଠି ଭରସା କରିବା ଏତେ ସହଜ ନୁହେଁ। ଆଜିର ଅସହାୟ ମନୁଷ୍ୟ ଏମିତି ଗୋଟିଏ ସମାଜରେ ବଞ୍ଚୁଛି ଯେଉଁଠି ସ୍ନେହ, ଶ୍ରଦ୍ଧା, ପ୍ରେମ, ମାନବିକତା, ସହନଶୀଳତା, ସବୁ ପଦ୍ମପତ୍ରରେ ଢଳଢଳ ହେଲାପରି ପ୍ରତୀୟମାନ ହେଉଛି। ଏଇଠି କେବଳ ଗୋଟିଏ କଥା ଅନୁଭବ ହେଉଛି ଯେ ଅହଙ୍କାର, କ୍ଷମତାଜନିତ ଔଦ୍ଧତ୍ୟର ରାକ୍ଷସ ମଣିଷ ଭିତରେ ଅଲକ୍ଷ୍ୟରେ ଚକାମାଡ଼ି ବସିଛି। ପୁଣି ଗୋଟିଏ ପ୍ରଶ୍ନ ମନରେ ଉଙ୍କି ମାରୁଛି କାହିଁକି ଏଠି ସମସ୍ତେ ସମସ୍ତଙ୍କୁ ଠକିବାରେ ବ୍ୟସ୍ତ। କାହିଁକି ଜଣେ ଜଣକୁ ଶିଡ଼ି କରି ତା' ଉପର ଦେଇ ଉଚ୍ଚତମ ଶୃଙ୍ଗକୁ ଚଢ଼ିବାରେ ବ୍ୟଗ୍ର । କେହି ବି କାହାର ମନ ଗହନର ଚାବି ଖୋଲିବାକୁ ଚାହେଁନା। ସବୁ ଯେମିତି ଗୋଟେ ମିଛିମିଛିକା ସାଲିସ୍। ଏହା ବୋଧହୁଏ ବଞ୍ଚିବାର ଗୋଟିଏ କଳା। ଭିତରେ ଆମକୁ ଯେତେ କଷ୍ଟ, ଅପମାନ, ଦୁଃଖ, ଯନ୍ତ୍ରଣା ହେଲେ ବି ଉପରେ ଆମକୁ ହସିବାକୁ ପଡ଼େ। ସବୁଠୁ ଆଶ୍ଚର୍ଯ୍ୟର କଥା ଏଠି କେହି କାହାର ଦୁଃଖରେ ସାମିଲ ହୁଅନ୍ତି ନାହିଁ। ବରଂ ସମୟ ମିଳିଲେ ଜଣେ ଅପରର ଛିଦ୍ର ଖୋଜି ଅନ୍ୟକୁ ତଳେ ପକାଇ ଅପାର ଆନନ୍ଦ ପାଇ ପ୍ରତିଦ୍ୱନ୍ଦ୍ୱୀ କରି ଜିତିବା ପାଇଁ ପ୍ରୟାସ କରେ। ଅପରର ଛିଦ୍ର ତାକୁ ଆନନ୍ଦ ଦେଇଥାଏ। କେମିତି ଗୋଟାଏ ଅପ୍ରାକୃତିକ କୃତ୍ରିମ ଖୁସି ପାଇବା ପାଇଁ ସଭିଏ ପାଗଳ ଏଠି। କାହାର ଉଷୁମ ଲୁହରେ କାହାର କିଛି ଯାଏ ନାହିଁ କି ଆସେ ନାହିଁ। ସମସ୍ତେ ସମସ୍ତଙ୍କର ସର୍ବସ୍ୱ ଲୁଟି ସୁଖ ଅନୁଭବ କରିବାରେ ବ୍ୟସ୍ତ।

ଦେଖାଯାଏ ମଣିଷ ଏଠି ଯେତିକି ସଫଳତାର ନିକଟବର୍ତ୍ତୀ ହୁଏ, ସେତିକି ସେତିକି ସମ୍ପର୍କୀୟ ଲୋକେ ତା'ଠାରୁ ଦୂରେଇ ଯାଆନ୍ତି। ଲୋକେ ତା'ର ଛିଦ୍ର ଗଣନ୍ତି, ସେ ଧୀରେ ଧୀରେ ବନ୍ଧୁତା ଶୂନ୍ୟ ହୋଇଯାଏ। ନିଜକୁ ଏକଚ୍ଛତ୍ରବାଦୀ ସମ୍ରାଟ କରିବାରେ ଅପାର ଆନନ୍ଦ ପାଇଥାନ୍ତି। ତା'ର ଏହି ଏକଚ୍ଛତ୍ରବାଦୀ ସାମ୍ରାଜ୍ୟରେ କିଏ କେତେ ଲୁହ ଢାଳେ ଏବଂ ଲହୁ ଢାଳେ ତା'ର ହିସାବ କେବେ ସମ୍ରାଟ ରଖେନା, କେବଳ ହିସାବ ରଖେ ଯୁଦ୍ଧରେ ଜୟଲାଭର। ଶତ୍ରୁର ପରାଜୟ ତା'ର ଏକାନ୍ତ କାମ୍ୟ। କଳେବଳେ କୌଶଳେ ଆଜିର ମଣିଷ ଚାହେଁ ଶତ୍ରୁର ରକ୍ତ, ଲୋତକଭରା ଚକ୍ଷୁ, ଭୟରେ କମ୍ପୁଥିବା ହୃଦୟ। ଏ ସବୁ ଦେଖିଲାପରେ ହିଁ ସେ ହୁଏ ଦିଗ୍‌ବିଜୟୀ ସମ୍ରାଟ। ସେହି ଦିଗ୍‌ବିଜୟୀ ସମ୍ରାଟ ଭୁଲିଯାଏ ଯେ ବିଜୟରେ ପ୍ରକୃତ ଖୁସି ନ ଥାଏ। ପ୍ରକୃତ ଖୁସି ଥାଏ ପରାଜୟରେ, ଅପରକୁ ଆନନ୍ଦ ଦେବାରେ, ଜୀବକୁ ଜୀବନଦାନରେ, ଜୀବନକୁ ଲୁଟିବାରେ ନୁହେଁ। ଯାହା ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧରେ ଜୟଲାଭ ପରେ ବୁଝିପାରିଥିଲେ। ଆଜିର ମଣିଷ ବୁଝି ଅବୁଝା ହେଉଛି କାହିଁକି? ସେଦିନ କଳିଙ୍ଗ କନ୍ୟା କାରୁବାକିଙ୍କୁ ଯୁଦ୍ଧକ୍ଷେତ୍ରରେ ମୌର୍ଯ୍ୟ ସମ୍ରାଟ ଅଶୋକ ପ୍ରଶ୍ନ କରିଥିଲେ ଏ ତ ଯୁଦ୍ଧକ୍ଷେତ୍ର ସୁନ୍ଦରୀ– ଆପଣ ଏଠାରେ କ'ଣ ଖୋଜୁଛନ୍ତି? କାରୁବାକି ଉତ୍ତର ଦେଇଥିଲେ ମୁଁ ଜୀବନ ଖୋଜୁଛି ଜୀବନ। ଏ ତ ଯୁଦ୍ଧକ୍ଷେତ୍ର ଏଠି ଜୀବନ କିଭଳି ସମ୍ଭବ ବୋଲି ଅଶୋକ ପଚାରିଲେ । ପୁଣି କାରୁବାକି କହିଲେ, ହେ ସମ୍ରାଟ ଏହି ସଂସାରକୁ ଶ୍ମଶାନ କଲା କିଏ। ସେ ଦିନ ସମ୍ରାଟ ଅଶୋକ ଏହି ପ୍ରଶ୍ନରେ ଲଜ୍ଜିତ ହୋଇ ଯୁଦ୍ଧରେ ବିଜୟୀ ହୋଇ ମଧ୍ୟ ନିଜକୁ ଅସହାୟ ଏବଂ ପରାଜିତ ମନେକଲେ। ସେ ଦିନ ଅଶୋକ ବୁଝିପାରିଥିଲେ ଯେ ଯୁଦ୍ଧ ଅର୍ଥାତ୍ ଧ୍ୱଂସ, ଏହା କେବେ ମଣିଷକୁ ଆନନ୍ଦ କିମ୍ବା ଶାନ୍ତିର ବାର୍ତ୍ତା ଦେଇପାରେନା। ଏହାକୁ ଅନୁଭବ କରି କାରୁବାକିଙ୍କ ପାଦତଳେ ଖଣ୍ଡାଟିକୁ ଦୁଇଖଣ୍ଡ କରି ଥୋଇଦେଲେ ଅଶୋକ। ସେହିଦିନ ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ସେ ଦିନ ଅଶୋକ ବୁଝିପାରିଥିଲେ ଯେ ହିଂସା ପ୍ରଣୋଦିତ ତରବାରିର ବିଜୟ ପ୍ରକୃତ ବିଜୟ ନୁହେଁ। ମନୁଷ୍ୟର ହୃଦୟ ଜୟ ହିଁ ପ୍ରକୃତ ବିଜୟ। ଯଦି ମୌର୍ଯ୍ୟ ସମ୍ରାଟ ଏହି କଥା ପଦକ ବୁଝିପାରିଥିଲେ ଆଜିର ସଭ୍ୟ ମାନବ ଏହା ବୁଝିପାରୁନି କାହିଁକି? କାହାକୁ ଦୁଃଖ ଦେଇ ସୁଖ, ସମୃଦ୍ଧି, ଆନନ୍ଦ ଉପଲବ୍ଧି କରିହୁଏ ନାହିଁ। ଅପରକୁ ଆନନ୍ଦ ଦେଲେ ହିଁ ପ୍ରକୃତ ଆନନ୍ଦପ୍ରାପ୍ତ ହୋଇଥାଏ। କାହାକୁ ଅପମାନ ଦେଇ, ରକ୍ତପାତ କରି କ୍ଷଣିକ ଆନନ୍ଦ, ଖୁସି ହେବାର ସୌଭାଗ୍ୟ ପ୍ରାପ୍ତ ହୁଏ ସିନା ହେଲେ ଏହା ଚିରସ୍ଥାୟୀ ହୋଇପାରେ ନାହିଁ। ଅପରକୁ ଖୁସି, ଆନନ୍ଦ, ସୁଖ, ଛଳନାହୀନ ପ୍ରେମ, ଭଲ ପାଇବା ଦେଲେ ହିଁ ଆମେ ପ୍ରକୃତ ଆନନ୍ଦ ପାଇପାରିବା ; ଯାହା ଆଜିର ମଣିଷ ବୁଝିବା ଆବଶ୍ୟକ।

ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

## ଏଇ ଭାରତରେ

ଶିକ୍ଷାର ପ୍ରସାର ସହ ପରିବେଶ ସୁଧାରିବା ଅଭିଯାନରେ ବ୍ରତୀ ହୋଇଛନ୍ତି ଆସାମର ଦମ୍ପତି ପ୍ରମିତା ଶର୍ମା ଓ ମାଜିନ ମୁଖତାର। ଦୁହେଁ ପାମୋହି ଅଞ୍ଚଳରେ ଏକ ସ୍କୁଲ ଖୋଲି ଅସହାୟ ପିଲାମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ଏହାସହ ପାମୋହିର ବିଭିନ୍ନ ଗାଁରେ ଏମାନେ ପ୍ଲାଷ୍ଟିକର ପରିବେଶଗତ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ୨୦୧୬ରେ ୨୦ଜଣ ପିଲାଙ୍କୁ ନେଇ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ଏବେ ସ୍କୁଲରେ ୪ରୁ ୧୫ ବର୍ଷ ବୟସର ୧୧୦ ଜଣ ପିଲା ପଢ଼ୁଛନ୍ତି। ପିଲାମାନେ ପ୍ରତି ସପ୍ତାହରେ ସେମାନଙ୍କ ତଥା ପଡ଼ୋଶୀଙ୍କ ଘରୁ ପ୍ରାୟ ୨୫ ପ୍ରକାର ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରି ସ୍କୁଲରେ ଜମା ଦେଉଛନ୍ତି। ସଂଗୃହୀତ ପ୍ଲାଷ୍ଟିକ୍‌କୁ ସ୍କୁଲ୍ ଫି' ଭାବେ ଗଣାଯାଉଛି। ଏହାକୁ ରିସାଇକ୍ଲିଂ ସେଣ୍ଟରକୁ ପଠାଯାଉଛି। ପାମୋହି ଅଞ୍ଚଳରେ ପିଲାଙ୍କ ଶୈଶବ ଖଣି ଖାଦାନର ଅନ୍ଧକାର ମଧ୍ୟରେ ହଜିଯାଏ। ପିଲାମାନେ କାମ କରି ଦିନକୁ ୧୫୦ରୁ ୨୦୦ଟଙ୍କା ରୋଜଗାର କରି ଶିକ୍ଷାରୁ ଦୂରେଇ ଯାଆନ୍ତି । ତେବେ ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଦମ୍ପତିଙ୍କ ପ୍ରୟାସ ନୂତନ ଆଶା ସଞ୍ଚାର କରିଛି। ଆଗାମୀ ୫ ବର୍ଷରେ ସେମାନେ ଦେଶର ବିଭିନ୍ନ ଅଞ୍ଚଳରେ ଏଭଳି ୧୦୦ଟି ସ୍କୁଲ ଖୋଲିବାକୁ ଯୋଜନା ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୯୬

- ଆଫଗାନିସ୍ତାନର ରାଜଧାନୀ କାବୁଲ ସମେତ ୬ଟି ପ୍ରଦେଶକୁ ନିଜ ଅଧୀନକୁ ନେଇଥିବା ଇସ୍‌ଲାମୀୟ ବିଦ୍ରୋହୀ ଗୋଷ୍ଠୀ ତାଲିବାନ ସେଠାରେ ଗଠନ କରିଥିବା ସରକାରକୁ ସ୍ୱୀକୃତି ଦେବା ପାଇଁ ଜାତିସଂଘକୁ ଆନୁଷ୍ଠାନିକ ଭାବେ ନିବେଦନ କରିଛି।
- ସେଣ୍ଟକିଟ୍ସରେ ଜାତିଆଣ ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଓ ଅନ୍ୟ ତିନିଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | 1 |
| | | | | | 9 | | 7 | |
| 2 | | 4 | | | | 3 | | 8 |
| 1 | 2 | | | | | | | 5 |
| 7 | | 5 | | | 4 | 8 | | 6 |
| | 6 | | | | | | | |
| | | 9 | 1 | | | | | |
| 5 | 8 | | | 9 | | | | |
| | 4 | | | 3 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 3 | 6 | 9 | 8 | 1 | 7 | 2 |
| 1 | 6 | 7 | 4 | 2 | 3 | 8 | 9 | 5 |
| 2 | 8 | 9 | 5 | 7 | 1 | 4 | 3 | 6 |
| 9 | 7 | 5 | 3 | 1 | 2 | 6 | 4 | 8 |
| 6 | 3 | 1 | 7 | 8 | 4 | 2 | 5 | 9 |
| 8 | 2 | 4 | 9 | 6 | 5 | 7 | 1 | 3 |
| 3 | 5 | 8 | 2 | 4 | 7 | 9 | 6 | 1 |
| 4 | 1 | 6 | 8 | 3 | 9 | 5 | 2 | 7 |
| 7 | 9 | 2 | 1 | 5 | 6 | 3 | 8 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନିର୍ବାଚନ ପୂର୍ବରୁ ଟିକାକରଣ ଶେଷ ହେଉ

ମହାଶୟ,

ପଞ୍ଚାୟତ ନିର୍ବାଚନ ସମୟ ପାଖେଇ ଆସୁଥିବାବେଳେ ପୌର ନିର୍ବାଚନ ପାଇଁ ବାଟ ଫିଟିଛି। ଯେ କୌଣସି ଦିନ ପୌର ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସବୁ ଯଦି ଠିକ୍‌ଠାକ୍ ଚାଲେ ତେବେ ଆସନ୍ତା ଶୀତ ଛାଡ଼ିଲା ବେଳକୁ ପଞ୍ଚାୟତ ନିର୍ବାଚନ ସରି ଯାଇଥିବ। ସହରାଞ୍ଚଳ ଭୋଟର ଏଥର ଚେୟାରମ୍ୟାନଙ୍କୁ କାଉନ୍‌ସିଲର ଭଳି ଭୋଟଦେଇ ବାଛିବେ। ଏଥର ଦୁଇରୁ ଅଧିକା ପିଲା ଥିବା ଓ ଓଡ଼ିଆ ଲେଖିପଢ଼ି ଜାଣି ନ ଥିବା ଅନେକ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଅଦାଲତ ଦ୍ୱାରା ତଥ୍ୟ ଲୁଚାଇ ଥିବାରୁ ବହିଷ୍କାର ହୋଇଛନ୍ତି। ଅନେକ ହାରିବା ପ୍ରାର୍ଥୀ ମଧ୍ୟ ଏଭଳି ଅଛନ୍ତି। ନିର୍ବାଚନ କମିଶନ ମାମଲାଗୁଡ଼ିକ ଏତେବାଟ ଯିବା ପୂର୍ବରୁ ନାମାଙ୍କନପତ୍ର ଯାଞ୍ଚ ସମୟରେ ଧରିବା ଦରକାର। ନିର୍ବାଚନ ସଭାରେ ଭିଡ଼ ଜମିବା ସୁନିଶ୍ଚିତ। କରୋନା ମଧ୍ୟ ଯାଇନାହିଁ । ଏଣୁ ନିର୍ବାଚନ ପୂର୍ବରୁ ସମସ୍ତ ନାଗରିକଙ୍କୁ କିଭଳି କରୋନାର ଦୁଇଡୋଜ୍ ଟିକା ଦିଆଯିବ ସେଥିପାଇଁ ସରକାର ତତ୍ପରତା ପ୍ରକାଶ କରିବା ଦରକାର।

–ମନୋରଂଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି!

–(ବଂଶୀ ଧ୍ୱନି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ପେଶାଲ ସ୍କ୍ୱାଡ୍ ହାତରେ କୁଖ୍ୟାତ ଚୋର

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ଚୋରି କରିବା ଥିଲା ନିଶା, ଆଉ ପେସା। ବାରମ୍ବାର ଚୋରି କରି ଗିରଫ ହେଉଥିଲେ, ଜେଲ ବି ଯାଉଥିଲେ। ହେଲେ ଜେଲରୁ ବାହାରିବା ପରେ ପୁଣି ସେହି ଧନ୍ଦା ଜାରି ରଖୁଥିଲେ। ଦୀର୍ଘ ୩୫ ବର୍ଷ ଧରି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚୋରି କରୁଥିବା କୁଖ୍ୟାତ ଚୋରଙ୍କୁ କମିଶନରେଟ ପୋଲିସ ସୋମବାର କାବୁ କରିଛି। କଟକରେ ଚୋରି ଉଦ୍ୟମବେଳେ ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ହାଟସାହିର ହେମନ୍ତ ଦାଶ(୫୯)। ପଚରାଉଚରାବେଳେ ତାଙ୍କଠାରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି ପୋଲିସ। ଦେଶର ୫ଶହ ସ୍ଥାନରୁ ୫କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଜିନିଷପତ୍ର ଚୋରି କରିଥିବା ଜଣାପଡିଛି। ସେ ରାଜ୍ୟରୁ ରାଜ୍ୟ ବୁଲି ବୁଲି ଚୋରି କରୁଥିବାବେଳେ ମୁମ୍ବାଇ ଓ ଚେନ୍ନାଇ ପୋଲିସ ଦ୍ୱାରା ମଧ୍ୟ ପୂର୍ବରୁ ଗିରଫ ହୋଇଛନ୍ତି। ତାଙ୍କ ନାମରେ ଭୁବନେଶ୍ୱର ୟୁପିଡିର ବିଭିନ୍ନ ଥାନାଞ୍ଚଳରେ ୮୨ରୁ ଅଧିକ ମାମଲା ରହିଛି। ଅନ୍ୟପକ୍ଷରେ କଟକ, ପୁରୀ, ବ୍ରହ୍ମପୁର ଆଦି ସହରରେ ଏକାଧିକ ଚୋରି ମାମଲାରେ ସମ୍ପୃକ୍ତ ଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି। ମଙ୍ଗଳବାର ହେମନ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ପରେ ଅଧିକ ତଥ୍ୟ ହାସଲ ପାଇଁ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ହେମନ୍ତ ୧୯୮୬ ରେ ବିଜେବି କଲେଜରେ ପଢୁଥିବାବେଳେ ଏକ ଗଣ୍ଡଗୋଳ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେଠାରେ ସେ ଜଣେ ଚୋରି ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କଠାରୁ ପ୍ରୋତ୍ସାହନ ପାଇ ଚୋରି କରିବାକୁ ମନ ବଳାଇଥିଲେ। ସେ ଜେଲରୁ ବାହାରିବା ପରେ ଚୋରି କରିବା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କୁ ବୟସ ହୋଇଥିଲା ୨୪। ପ୍ରଥମେ ବିଳମ୍ବିତ ରାତିରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବନ୍ଦ ଥିବା ଘର କବାଟକୁ ଶାବଳରେ ତାଡ଼ି ଟଙ୍କା, ଅଳଙ୍କାର ଓ ବିଭିନ୍ନ ସାମଗ୍ରୀ ଚୋରି କରୁଥିଲେ। ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ସହରକୁ ଫ୍ଲାଇଟ ଯୋଗେ ଯାଇ ବଡ଼ ବଡ଼ ହୋଟେଲରେ ରହୁଥିଲେ। ହୋଟେଲର ପାଖ ରୁମ୍ ଓ ଆଖପାଖ ଅଞ୍ଚଳରୁ ମଧ୍ୟ ଚୋରି କରୁଥିଲେ। ୨୦୧୮ରେ ସେ କମିଶନରେଟ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ତେବେ କିଛିଦିନ ତଳେ ବଡଗଡ, କ୍ୟାପିଟାଲ ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ସେ ପୁଣି ଚୋରି କରିଥିଲେ। ପୋଲିସ ତାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ତାଙ୍କୁ ଗିରଫ କରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଯୋଜନା ପ୍ରସ୍ତୁତ କରି ପୂରା ନଜର ରଖିଥିଲା।

### ୩୫ ବର୍ଷରେ ୫ଶହ ସ୍ଥାନରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚୋରି



ହେମନ୍ତ ଦାଶ

- ଭୁବନେଶ୍ୱରରେ ରହିଛି ୮୨ ମାମଲା
- ୨୪ ବର୍ଷ ବୟସରୁ ଚୋରିକୁ କରିଥିଲେ ପେସା
- କଟକରୁ ଗିରଫ ହେଲେ ଅଭିଯୁକ୍ତ ହେମନ୍ତ

### ଚୋରି ନ କରିବାକୁ ନିବେଦନ କଲେ ଅଭିଯୁକ୍ତ

ଅଭିଯୁକ୍ତ ହେମନ୍ତ ଗଣମାଧ୍ୟମକୁ କହିଛନ୍ତି, ମୁଁ ୩୫ ବର୍ଷ ଧରି କୋଟି କୋଟି ଟଙ୍କା ଚୋରି କରି ରୋଜଗାର କରିଛି। ସାଙ୍ଗସାଥୀଙ୍କ ସହ ଦିଲ୍ଲୀ, ମୁମ୍ବାଇ ଆଦି ସ୍ଥାନରେ ବଡ ବଡ ହୋଟେଲରେ ରହିଛି। ହେଲେ ଏବେ ସେସବୁ ଟଙ୍କା ଆଉ ନାହିଁ। ତେଣୁ ମୋ ଭଳି ରାସ୍ତାରେ ନ ଯିବାକୁ ସେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଫୁଲବାଣୀ ବିଧାୟକ ଆହତ



**ଫୁଲବାଣୀ ଅଫିସ, ୪।୧୦:** ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସୋମବାର ବାଇକ୍ ଦୁର୍ଘଟଣାରେ ଆହତ ହୋଇଛନ୍ତି। ତାଙ୍କ ଗୋଡରେ ଆଘାତ ଲାଗିଥିବା ବେଳେ ହାତର ଗୋଟିଏ ଆଙ୍ଗୁଠି ଭାଙ୍ଗିଯାଇଛି। ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ସେ ଏବେ ସୁସ୍ଥ ଅଛନ୍ତି। ସୂଚନା ଅନୁଯାୟୀ, ବିଧାୟକ କହଁର ସକାଳେ ବାଇକ୍‌ରେ ନିଜ ଗ୍ରାମ ପକାରୀଠାରୁ ପାଖ ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯାଉଥିଲେ। ବାଟରେ ସାମ୍ନା ପଟୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବିଧାୟକ ବାଇକ୍‌ରୁ ଖସି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଦଳୀୟ କର୍ମୀ ଏବଂ ନେତାମାନେ ମେଡିକାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ଲାଞ୍ଚ ନେଇ ସିଡିପିଓ ଗିରଫ

**ସିଡିପିଓ ଅଫିସରେ ଭିଜିଲାନ୍ସ ଚଢ଼ାଉ**

**ଲାଞ୍ଜିଗଡ଼/ଭବାନୀପାଟଣା, ୪।୧୦ (ଡି.ଏନ୍.ଏ./ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସିଡିପିଓ (ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧିକାରୀ) ମୀନା କୁମାରୀ ପାତ୍ର ଭିଜିଲାନ୍ସ ଦ୍ୱାରା ସୋମବାର ଗିରଫ ହୋଇଛନ୍ତି। ମଙ୍ଗଳବାର ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯିବ। ସିଡିପିଓ ମୀନା ଲାଞ୍ଜିଗଡ଼ ବ୍ଲକର ୫ଟି ଛତୁଆ ପ୍ରସ୍ତୁତକାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି ଗ୍ରୁପ୍)ର ୧୧ ଲକ୍ଷ ୫୯ ହଜାର ଟଙ୍କାର ବିଲ୍ କରାଇଦେବା ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଏସ୍‌ଏଚ୍‌ଜି ଗ୍ରୁପ୍ ସଦସ୍ୟାମାନେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସୋମବାର ସିଡିପିଓ ଅଫିସରେ ଲାଞ୍ଚ ଟଙ୍କା ଗ୍ରହଣ କରିଥିଲେ। ଏହି ସମୟରେ ପୂର୍ବରୁ ଜଗିରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୧୬୦ଟି ୫ଶହ ଟଙ୍କିଆ ନୋଟ ଜବତ ହୋଇଛି। ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଭିଜିଲାନ୍ସ ବିଭାଗର ଟିମ୍ ସାମିଲ ଥିଲେ। ବିଶ୍ୱନାଥପୁର କାର୍ଯ୍ୟାଳୟ, ଭବାନୀପାଟଣା ନକଟିଗୁଡା ବାସଭବନ ଓ କୋମନା ପୈତୃକ ଘରେ ଚଢ଼ାଉ ଜାରି ରହିଛି ବୋଲି କଳାହାଣ୍ଡି ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି।

### ଚାକିରି ନାଁରେ ଠକେଇ: ୬ ଗିରଫ

**ଭବାନୀପାଟଣା,୪।୧୦(ସ୍ୱ.ପ୍ର.):** ଦିନକୁ ଦିନ ଶିକ୍ଷିତ ବେରୋଜଗାର ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଭଳି ସମୟରେ କେତେଜଣ ଲାଭଖୋର ବ୍ୟକ୍ତି ବିଭିନ୍ନ ସଂସ୍ଥା ଖୋଲି ନିଯୁକ୍ତି ଦେବା ନାଁରେ ଯୁବକମାନଙ୍କଠାରୁ ହଜାର ହଜାର ଟଙ୍କା ଠକି ନେଉଛନ୍ତି। ଏହି କଥା ପ୍ରଘଟ ନ କରିବାକୁ ଗୃହବନ୍ଦୀ କରି ରଖିବା ଭଳି ସାଂଘାତିକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଭବାନୀପାଟଣା ସହର ଚୁଡିହାରୀପଡାରେ। ଟାଉନ ଥାନା ପୋଲିସ ଏଭଳି ଘଟଣା ବିଷୟରେ ଜାଣିବା ପରେ ଚଢ଼ାଉ କରି ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲାର ପ୍ରଦୀପ ପଣ୍ଡା (୨୭) ଓ ରଞ୍ଜିତ କୁମାର ଜେନା (୨୯), ଅନୁଗୋଳର ଦୁଷ୍ମନ୍ତ ଜେନା (୨୨), ଢେଙ୍କାନାଳର ବଳଦେବ ବେହେରା (୨୩), ଭଦ୍ରକର କାଳିନ୍ଦୀ ଚରଣ ଗହନା (୨୬), ପୁରୀର ହରେକୃଷ୍ଣ ରାଉତ (୨୪)। ଏହାସହ ସେମାନଙ୍କଠାରୁ ୨ଟି ନୋଟବୁକ୍, କମ୍ପାନୀର ସାର୍ଟିଫିକେଟ, ପଞ୍ଜୀକରଣ ଓ ୪୪ ହଜାର ଟଙ୍କା ଜବତ କରିଛି। ଟାଉନ ଥାନାରେ ୨ଟି ପୃଥକ ମାମଲା (ନଂ. ୩୬୨, ୩୬୩/୨୧) ରୁଜୁ କରି ତଦନ୍ତ ଚଳାଇଛି।

# ହାଇଦରଙ୍କ ପୁଅ ସେକ୍ କାଦିରଙ୍କୁ ଆଜୀବନ ଜେଲ

### ବ୍ୟବସାୟୀ ସାହାନବାଜ ଖାଁ ମୃତ୍ୟୁ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୪।୧୦**

୨୦୧୩ ମସିହାର ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲା ଆଳିର ସିମେଣ୍ଟ ବ୍ୟବସାୟୀ ସାହାନବାଜ ଖାଁ ଓରଫ ସୋନୁ ହତ୍ୟାକାଣ୍ଡ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲା ଦୌରା ଜଜ୍ ଗୋପାଳ ଚରଣ ବେହେରା ଅଭିଯୁକ୍ତ ସେକ୍ କାଦିର ଓରଫ ମୁନାଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୮ ଅଭିଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ଏ ସମ୍ପର୍କରେ ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ବେହେରା କହିଛନ୍ତି, କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ରଣପଡା ଗାଁର ଗ୍ୟାଙ୍ଗଷ୍ଟର ହାଇଦରଙ୍କ ବଡପୁଅ ହେଉଛନ୍ତି ମୁନା।

ଆଳିର ବିଶିଷ୍ଟ ସିମେଣ୍ଟ ବ୍ୟବସାୟୀ ସାହାନବାଜଙ୍କୁ ମୁନା ଓ ତାଙ୍କ ସହଯୋଗୀମାନେ ଦାଦାବଟି ମାଗିଥିଲେ। ବଟି ନ ମିଳିବାରୁ ମୁନା ଦୋକାନ ମଧ୍ୟରେ ସାହାନବାଜଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ କୋର୍ଟରେ ସେସନ ଟ୍ରାକ୍ କେସ୍ ନଂ. ୭୪/ ୧୩ରେ ଶୁଣାଣି ହୋଇଥିଲା। ପ୍ରମାଣ ଅଭାବରୁ ୮ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ମୁନାଙ୍କୁ ଆଇପିସିର ଧାରା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡ ହୋଇଛି। ୧୦ ହଜାର ଟଙ୍କା ଜରିମାନା ଅନାଦେୟରେ ୧ ବର୍ଷ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ସେହିପରି ଆଇପିସି ଧାରା ୩୦୭ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଅନାଦାୟରେ ୧ ବର୍ଷ କାରାଦଣ୍ଡ, ସେକ୍ସନ ୨୫ ଓ ୨୭ ଆର୍ମସ ଆକ୍ଟରେ ୩ ବର୍ଷ ଲେଖାଏ କାରାଦଣ୍ଡ ଓ ୫ ହଜାର ଟଙ୍କା ଅନାଦାୟେ ୩ ମାସ ଲେଖାଏ କାରାଦଣ୍ଡ ରହିଛି ବୋଲି ପବ୍ଲିକ ପ୍ରସିକ୍ୟୁଟର ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମୁନାଙ୍କ ନାମରେ ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ରହିଛି। ହତ୍ୟା ଧମକ ଦେବା, ଦାଦାବାଟି ଆଦାୟ, ଟେଣ୍ଡର ଫିକ୍ସିଂ, ବୋମାମାଡ, ଲୁଟ୍, ହତ୍ୟା ଆଦିରେ ସେ ଅଭିଯୁକ୍ତ ଅଛନ୍ତି। ଜୁଲାଇ ମାସରେ କଟକ ଚୌଦ୍ୱାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଗ୍ୟାଙ୍ଗ୍‌ଷ୍ଟର ହାଇଦର ବାରିପଦା ଜେଲକୁ ସ୍ଥାନାନ୍ତର ସମୟରେ ପୋଲିସ ଏନ୍‌କାଉଣ୍ଟର ହୋଇଥିଲା। ହାଇଦରଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ମୁନା କୋର୍ଟରେ ଆବେଦନ କରିଥିଲେ ମଧ୍ୟ ଏହାକୁ ନ୍ୟାୟାଧୀଶ ନାକଚ କରି ଦେଇଥିଲେ।

# ୨ ବଳାତ୍କାରୀଙ୍କୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

**ସୁନ୍ଦରଗଡ଼, ୪।୧୦ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅଞ୍ଚଳରେ ୨୦୧୪ ମସିହାରେ ଘଟିଥିବା ନାବାଳିକା ଗଣବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ ଅଦାଲତର ପ୍ରିଜାଇଡିଂ ଅଫିସର ପାର୍ଥସାରଥି ପଟ୍ଟନାୟକ ଏହି ମାମଲାର ବିଚାରକରି ସମ୍ପୃକ୍ତ୨ଅଭିଯୁକ୍ତଙ୍କୁ ୨୫ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଲେଖାଏଁ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ଏଥିସହିତ ପୀଡିତା ନାବାଳିକାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ପ୍ରକାଶ ଯେ, ୨୦୧୪ ମେ ୧୨ରେ ବଣାଇ ଥାନା ବାରତେଙ୍ଗଡା ଅଞ୍ଚଳର ପୀଡିତା ନାବାଳିକା ଜଣକ ଗ୍ରାମର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବକୁ ଯାଇଥିଲେ। ଜଣେ ମହିଳା ଘଟଣା ଦିନ ରାତିରେ କୌଣସି କାମ ପାଇଁ ନାବାଳିକାଙ୍କ ସହ ଯାଉଥିବାବେଳେ ଗ୍ରାମର ଟୁନୁ ଓରଫ ହରେ କିଷାନ(୨୫) ଓ ପ୍ରହ୍ଲାଦ କିଷାନ (୩୦) ନାବାଳିକାଙ୍କୁ ପାଟିରେ ଗାମୁଛା ଦେଇ ପାଖରେ ଥିବା ନଦୀପଠାକୁ ନେଇ ଗଣବଳାତ୍କାର କରିଥିଲେ। ବଳାତ୍କାର ପରେ ଅଭିଯୁକ୍ତମାନେ ଭୋରରେ ନାବାଳିକାଙ୍କୁ ନେଇ ତାଙ୍କ ଘର ସମ୍ମୁଖରେ ଛାଡି ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜଣାଇଲେ ତାଙ୍କୁ ଓ ତାଙ୍କର ପରିବାରକୁ ଜୀବନରେ ମାରିଦେବା ପାଇଁ ଅଭିଯୁକ୍ତମାନେ ଗଲାବେଳେ ଧମକ ଦେଇଥିଲେ। ବଣାଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ. ୪୧/୨୦୧୪) ରୁଜୁ କରିଥିଲା। ପୋକ୍‌ସୋ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ଏହି ୨ଜଣ ଅଭିଯୁକ୍ତ ପୂର୍ବରୁ ଜେଲରେ ରହିଛନ୍ତି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ,୪।୧୦(ଡି.ଏନ୍.ଏ.):** ଭୁବନେଶ୍ୱର ନିଉ ରେଳ ଷ୍ଟେଶନ ନିକଟସ୍ଥ ପଦାସାହି ଲେବଲ କ୍ରସିଂ ନିକଟ ରେଳ ଧାରଣାରେ ସୋମବାର ସକାଳେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଗ୍ରାମବାସୀ ଦେଖିଥିଲେ। ଖବରପାଇ ମଞ୍ଚେଶ୍ୱର ରେଲୱେ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଜାରି ରଖିଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଯୁବକ ଜଣକ କୌଣସି ଟ୍ରେନରୁ ଖସିପଡ଼ି ମୃତ୍ୟୁ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ରେଲୱେ ଫାଣ୍ଡି ଅଧିକାରୀ ନରେନ୍ଦ୍ର ପ୍ରସାଦ ଜେନା ସୂଚନା ଦେଇଛନ୍ତି।


## ପୂର୍ବ ତଟ ରେଳପଥ
### ଇ-କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.ECoRCONTP212202, ତା.29.09.2021ରିଖ

**ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ:** (i) କର୍ଭ (Curve) (T-8621 ଏବଂ/କିମ୍ବା T-8622 ଏବଂ/କିମ୍ବା T-8623 ଏବଂ/କିମ୍ବା T-8624) ନିମନ୍ତେ ୱାଇଡର ସ୍ପେଶାଲ PSC ସ୍ଲିପର (ପରିମାଣ : 59910 ଗୋଟି) ଏବଂ (ii) ସାର୍ପ କର୍ଭ (Curve) (T-8757 A ଏବଂ/କିମ୍ବା T-8757 B ଏବଂ/କିମ୍ବା T-8757 C ଏବଂ/କିମ୍ବା T-8757 D) ନିମନ୍ତେ ୱାଇଡର PSC ସ୍ଲିପର (ପରିମାଣ: 4300 ଗୋଟି)।

**ବନ୍ଦ ହେବା ତାରିଖ ଓ ସମୟ:** ତା. 21.10.2021ରିଖ 1200 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/କାର୍ଯ୍ୟ/ ଭୁବନେଶ୍ୱର

PR-71/CE/21-22



## Government of Odisha
## Higher Education Department
### e-Admission Timeline for SPOT Admission into Degree/ Autonomous Colleges coming under Higher Education Department for the Session 2021-22

No. N-27: Timeline for SPOT Admission in all (+3) Degree Colleges including Self Financing (Degree) Colleges/ Sanskrit (Shastri) of the State under project Student Academic Management System (SAMS) is given below. In the process, the applicants have to fill up the options available in Common Application Form (CAF) for SPOT admission. Call Sanjog Helpline Toll Free Number(155335 and 1800-345-6770) for any further assistance. Any changes to the timelines will be published in the newspapers & **www.dhe.odisha.gov.in** and **www.samsodisha.gov.in**.

| SI # | Activities | Timeline |
|---|---|---|
| 1 | Complete Verification regarding the vacancy position in different subjects by the Colleges in College e-Space for verification at the level of SAMS. | 4-Oct-2021 (11.00 A.M.) to 6-Oct-2021 (11.00 A.M.) |
| 2 | Final Publication of vacant seats in SAMS website, Institution e-space and Notice Board of Higher Education Institutions (HEIs). | 8-Oct-2021 (5.00 P.M.) |
| 3 | Availability of Online Common Application Form (CAF) in the existing Applicant's login (bearing Barcode No.21D.......)for filling new choices(Maximum 5 choices with respect to Colleges/Subjects) **(NOTE: Applicants, who have registered and submitted their CAF during 1st Phase admission process i.e. in between 20-Aug-2021 to 04-Sept-2021, are only eligible to apply for SPOT admission).** | 9-Oct-2021 (9.00 A.M.) to 17-Oct-2021 (11.45 P.M.) |
| 4 | Submission of handwritten Annexure Form-A by the Applicants to HEIs along with the printed copy of the edited CAF(SPOT) , a photocopy of self-attested Mark Sheet, Caste Certificate, PwD Certificate & other documents, addressing to the Principal of the college as his/her choices College/Subjects. | 16-Oct-2021, 18-Oct-2021, 19-Oct-2021, 20-Oct-2021, 21-Oct-2021 (10.00 AM-5.00 P.M.) |
| 5 | Preparation and publication of UG Vacant Seat Admission Select List in college notice board out of the reported candidates by respective colleges. | 23-Oct-2021 (3.00 P.M.) |
| 6 | Updation of selected Applicant's data in Institutions e-Space by the respective Higher Education Institutions. | 23-Oct-2021 (5.00 P.M.) |
| 7 | Reflecting the selected Applicant's option/s in the Applicant's login after updation made by the respective Higher Education Institutions in their e-Space. | 24-Oct-2021 (2.00 P.M.) |
| 8 | If a selected Applicant got multiple choices/options, S/he has to choose only one selected option for taking SPOT Admission. **(NOTE: Once the Applicant selects one option from the multiple options, the other options will be immediately disabled. No further editing is possible. Thus, Applicants before selecting options for taking admission S/he should think carefully).** | 24-Oct-2021 (2.00 P.M. onwards) to 27-Oct-2021 (Up to 05.00 P.M.) |
| 9 | Online deposit of admission fees for selected Applicants by login to SAMS [Applicant] account & downloading of Intimation Letter. | 24-Oct-2021 (2.00 P.M. onwards) to 27-OCT-2021 (Up to 11.45 P.M.) |
| 10 | Document verification & Admission of the selected Applicants. | 27-Oct-2021 (10.00 A.M.) to 28-Oct-2021 (Up to 5.00 P.M.) |
| 11 | Admission data updation in the e-space of respective Higher Education Institutions. | 27-Oct-2021 to 30- Oct-2021 (Up to 5.00 P.M.) |

**For more details please contact e-Admission Helpline (Toll free) Number 155335 / 1800-345-6770**

OIPR-11001/11/0014/2122 Sd./- Deputy Director



## ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ punjab national bank
(Together for the better)

**ମଣ୍ଡଳ କାର୍ଯ୍ୟାଳୟ : ଶିବ ଆର୍କେଡ, ୨ୟ ମହଲା, ଟାଟା ବେଞ୍ଜ ସ୍କୋୟାର, ବ୍ରହ୍ମପୁର, ପିନ୍-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା**
**ଇ-ମେଲ୍: cobhm@pnb.co.in**

### ଅଫିସ୍ ନିମନ୍ତେ ଗୃହ ଆବଶ୍ୟକ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ନିମ୍ନଲିଖିତ ସ୍ଥାନରେ ନୂତନ ଶାଖାଗୁଡ଼ିକ ନିମନ୍ତେ ବ୍ୟାବସାୟିକ ଗୃହ ଆବଶ୍ୟକ ହେତୁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତମାନ ଆହ୍ୱାନ କରାଯାଉଛି । ତଳ ମହଲା ଗୃହ ପସନ୍ଦଯୋଗ୍ୟ।

| ସ୍ଥାନ | ଜିଲ୍ଲା | ଏରିଆ (ବର୍ଗଫୁଟ) |
|---|---|---|
| ଜୟପାଟଣା | କଳାହାଣ୍ଡି | ୧୧୩୦ ବର୍ଗଫୁଟ |
| ରାଜସୁନାଖଳା | ନୟାଗଡ | ୧୦୧୦ ବର୍ଗଫୁଟ |
| ରଣପୁର | ନୟାଗଡ | ୧୧୩୦ ବର୍ଗଫୁଟ |

ଦ୍ରଷ୍ଟବ୍ୟ- ଫାଇନାନ୍‌ସିଆଲ ବିଡ୍ ଏବଂ ଟେକ୍ନିକାଲ୍ ବିଡ୍ ପୃଥକ ମୁଦ ଲଫାପା ମାଧ୍ୟମରେ ପଠାଇବା ଆବଶ୍ୟକ। ଲଫାପା ଉପରେ **"ମଣ୍ଡଳ କାର୍ଯ୍ୟାଳୟ ଏବଂ ସ୍ଥାନର ନାମ ସହିତ ଫାଇନାନ୍‌ସିଆଲ୍ ବିଡ୍ / ଟେକ୍ନିକାଲ୍ ବିଡ୍"** ଉଲ୍ଲେଖ ରହିବା ଆବଶ୍ୟକ। ଦରଖାସ୍ତ ଫର୍ମ ଆମର କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.pnbindia.in** (Tender/ Empanelment)ରୁ ଡାଉନ୍‌ଲୋଡ୍ କରିପାରିବେ କିମ୍ବା **ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରୁ** ସଂଗ୍ରହ କରିପାରିବେ ଏବଂ ସମସ୍ତ ଦିଗରୁ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରେ **ତା. ୧୮.୧୦.୨୦୨୧ ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ।

ମୁଖ୍ୟ ପ୍ରବନ୍ଧକ



## ଗେଲ୍ ଗ୍ୟାସ୍ ଲିମିଟେଡ୍
(ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସମ୍ପୂର୍ଣ୍ଣ ମାଲିକାନାଧୀନ ଏକ ସହାୟକ କମ୍ପାନୀ)

### ସିଟି ଗେଟ୍ ଷ୍ଟେଶନ, ମଦର୍ ଷ୍ଟେଶନ ଏବଂ ସିଏନ୍‌ଜି ଷ୍ଟେଶନ ସ୍ଥାପନ ପାଇଁ ଇଓଆଇ

ଗେଲ୍ ଗ୍ୟାସ୍ ଲିମିଟେଡ୍ ଓଡ଼ିଶାର ପୁରୀ-ଗଞ୍ଜାମ-ନୟାଗଡ଼ ଜିଲ୍ଲାରେ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ୍ ନେଟ୍‌ୱର୍କର କାର୍ଯ୍ୟାନ୍ୱୟନ କରୁଛି ଏବଂ ଓଡ଼ିଶା ରାଜ୍ୟର ପୁରୀଠାରେ ସିଟି ଗେଟ୍ ଷ୍ଟେଶନ, ମଦର୍ ଷ୍ଟେଶନ ଏବଂ କମ୍ପାନୀୟ ମାଲିକାନା କମ୍ପାନୀ ପରିଚାଳନାଧୀନ (ସିଓସିଓ) ମଡେଲ ସିଏନ୍‌ଜି ଷ୍ଟେଶନ ସ୍ଥାପନ କରିବା ଲାଗି ଇଚ୍ଛୁକ ଅଟେ। ଜମିର ଅବସ୍ଥିତି, ପ୍ଲଟ୍ ଆକାର, ସର୍ବନିମ୍ନ କ୍ଷେତ୍ର, ଅଫରର ଧାର୍ଯ୍ୟ ତାରିଖ, ଦାଖଲର ଠିକଣା, ଆବେଦନ ଫର୍ମ, ନିୟମ ଓ ସର୍ତ୍ତାବଳୀର ସବିଶେଷ ସୂଚନା ଏବଂ ଏ ସଂକ୍ରାନ୍ତୀୟ କୌଣସି ପରବର୍ତ୍ତୀ ଅଧିସୂଚନା ପାଇଁ ଦୟାକରି ୱେବ୍‌ସାଇଟ୍ https://gailgas.com/eoi/expression-interest ଦେଖନ୍ତୁ।

**କର୍ପୋରେଟ୍ କାର୍ଯ୍ୟାଳୟ:** ୩ୟ ମହଲା, ଇନ୍‌ଫୋହବ୍ ବିଲ୍ଡିଂ, ଗେଲ୍ ଜୁବିଲି ଟାୱାର୍, ବି-୩୫ ଓ ୩୬, ସେକ୍ଟର-୧, ନଏଡା-୨୦୧୩୦୧, ଉତ୍ତରପ୍ରଦେଶ

**ପଞ୍ଜୀକୃତ କାର୍ଯ୍ୟାଳୟ:** ୧୬, ଭିକାଜୀ କାମା ପ୍ଲେସ୍, ଆର୍.କେ. ପୁରମ୍, ନୂଆଦିଲ୍ଲୀ- ୧୧୦୦୬୬ । **ସିଆଇଏନ୍ ନମ୍ବର:** U40200DL2008GOI178614

କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫରକୁ ନାକଚ କରିବାର ଅଧିକାର ଗେଲ୍ ଗ୍ୟାସ୍ ଲିଃ ନିକଟରେ ସଂରକ୍ଷିତ।



## Government of Odisha, e- Procurement Notice
## INVITATION FOR BIDS (IFB)
Email ld-sedklpwd@gmail.com

### Bid Identification No. C.C.E.Dkl.(R&B) 05/2021-22

No. B-445:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below:

| | | | |
|---|---|---|---|
| 1. | Name of the work | : | Building works |
| 2. | No of works | : | 06 (Six) Nos. |
| 3. | Estimated Cost | : | **Rs. 4,67,44,033/- to Rs. 7,19,82,638/- (as given in column No. 03 of table)** |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | 'A' 'Special'& 'Super' **(as given in column No. 06 of table)** |
| 6. | Period of Completion of work | : | 09 (Nine) to 11 (Eleven) Calendar months **(as given in column No. 07 of table)** |
| 7. | Date and time of availability of bid Document in the website | : | From Dt.11.10.2021 to 5.30 P.M. of Dt.30.10.2021 |
| 8. | Date of opening of bid | : | Dt.01.11.2021 at 11.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Chief Construction Engineer**
**Dhenkanal(R&B) Circle, Dhenkanal**

OIPR-34132/11/0007/2122



## ODISHA STATE AYUSH SOCIETY
## NATIONAL AYUSH MISSION
## DIRECTORATE OF AYUSH
**Department of Health & Family Welfare, Govt. of Odisha**
**Heads of Department Building, 3rd Floor (Annex), Unit-5, Bhubaneswar - 751001,**
**Tel.: 0674-2394577, Fax: 0674-2391180,**
**Email: directorayushodisha@gmail.com**
**Web: www.ayushodisha.nic.in**

**No. VI-S-GS-17/2015/7587/OSAS Dated: 04 Oct. 2021**

### TENDER CALL NOTICE FOR HIRING OF VEHICLES

No. E-489: Sealed tenders are invited from registered travel agencies for hiring of commercial light vehicles on a **monthly & daily basis**. Details regarding eligibility criteria, terms & conditions and the formats for submission of tender (Technical & Financial Bid) are mentioned in the tender document which may be downloaded from the website: **www.ayushodisha.nic.in**. The tenders should reach the office of the undersigned by **01.11.2021 (till 2.00 P.M.)**. The tenders will be opened at **3.30 P.M. on 01.11.2021**. The undersigned reserves the right to reject any or all the tenders without assigning any reason thereof.

**Sd./- Director AYUSH-cum-Mission Director**
**National AYUSH Mission, Odisha**

OIPR-10056/11/0006/2122



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR
**(District Program Management Unit, NHM Jajpur)**

**No. 3295 Dtd.: 4.10.21**

### WALK IN INTERVIEW

No. E-490:- Walk in interview is scheduled to be held on date 08.10.2021 at 10.00 AM at DTU, DHH Jajpur for engagement of MBBS Doctors & Paediatrics Specialist in different positions at district level under NHM. The details of Posts, Mode of Recruitment, Remuneration, Qualification etc. is available in the district website http://jajpur.nic.in. The undersigned reserves all right to accept or reject the candidature of the candidates without assigning any reason thereof. Any typographical error (If any) may be exempted.

**Sd./- Chief District Medical and Public Health Officer, Jajpur**

OIPR-10042/11/0009/2122



## OFFICE OF THE EXECUTIVE ENGINEER RWS&S DIVISION, KENDRAPARA
**At: Ichhapur, Post: Shree Baladevjew,**
**E-mail: eerwsskendrapara@gmail.com**

No. O-788

### INVITATIONS FOR BIDS (IFB) [e-Procurement]

**Bid Identification No. RWS/41/2021-2022**

**Letter No. 4869 Dated: 29.09.21**

1. The Executive Engineer, RWS&S Division, Kendrapara on behalf of Governor of Odisha invites lumpcomps its bid in double cover system in ONLINE MODE from eligible contractors for Rural Piped Water Supply Schemes in Kendrapara District.
2. Name of the Work : Execution of different RPWS schemes under Kendrapara Block in Kendrapara District.
3. No. of Work : Two Nos.
4. Value of the Work : Rs.76.77 to 91.06 lakhs
5. Concerned tender inviting authority : Executive Engineer, RWS&S Division, Kendrapara
6. Cost of Bid document (Rs.) (Online) : Rs.10000/-
7. Class of Bidder : "B" & "A"
8. Period of Completion : 06 Months
9. Availability of bid documents in the website : From Date: 08.10.2021 at 10.00 A.M. to Date: 22.10.2021 till 5.30 P.M.
10. Last date & time of seeking tender clarification : Upto 16.10.2021 till 5.30 P.M.
11. Date of Opening of Bid : On date 25.10.2021 at 11.00 A.M.

The bidders have to participate in the tender through ONLINE bidding only. Further details can be had from the website i.e. **http://tendersorissa.gov.in**.
Subsequent corrigendum/addendum if required shall only be appeared in the above website.

**Sd./- (Er. B.K. Nayak)**
**Executive Engineer**
**RWS&S Division, Kendrapara**

OIPR-25004/11/0018/2122

## ଡାକବଙ୍ଗଳାରେ ମଦ, ମାଂସର ଆସର ଅଭିଯୋଗ

ରାଜନଗର,(ଡି.ଏନ.ଏ.): ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ ଡାଲଖାଇସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମଦମାଂସର ଆସର ଜମୁଥିବା ନେଇ ଅଭିଯୋଗ ହୋଇଛି। ଏହି ଡାକବଙ୍ଗଳାର ରାତ୍ର ଜଗୁଆଳି ପ୍ରତ୍ୟେକ ଦିନ ଆସର ଜମାଇବା ସହ ଦେହଜୀବୀଙ୍କୁ ଆଣି ବ୍ୟବସାୟ କରୁଥିବା ନେଇ ରାଜେନ୍ଦ୍ରନଗର ଗାଁର ଉତ୍ତମ ଦେବନାଥ, ଶମ୍ଭୁ କାମିଲା, ଅରବିନ୍ଦ ପରିଡ଼ା, କାହ୍ନୁ ପରିଡ଼ା, ଭବାନୀ ରାୟ, ଗୌରହରି ଘଡ଼ାଇ ପ୍ରମୁଖ ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ରାଜେନ୍ଦ୍ରନଗର ଗ୍ରାମବାସୀ ସୋମବାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

### ସଂକ୍ଷେପରେ

## ସହାୟିକା ନିଯୁକ୍ତିକୁ ନେଇ ଉତ୍ତେଜନା

ମାର୍ଶାଘାଇ,୪।୧୦(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର ସହାୟିକା ନିଯୁକ୍ତିକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇବା ପରେ ଏହି ପ୍ରକ୍ରିୟାକୁ ବାତିଲ କରାଯାଇଛି। ବ୍ଲକର ଦଣ୍ଡିପୁର ପଞ୍ଚାୟତ ଅନ୍ତର୍ଗତ ବାଲନା ଗାଁର ୧୨ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ର ସହାୟିକା ନିଯୁକ୍ତି ପାଇଁ ସ୍ଥାନୀୟ ବିଦ୍ୟାଳୟରେ ସାକ୍ଷାତକାର ପ୍ରକ୍ରିୟା ଚାଲିଥିଲା। ଏଥିନିମନ୍ତେ ୭ଜଣ ଆବେଦନ କରିଥିଲେ। ୫ ଜଣ ଆଶାୟୀଙ୍କ ପ୍ରମାଣ ପତ୍ର ଯାଞ୍ଚ ସରିଥିବା ବେଳେ ଗାଁର କେତେଜଣ ଲୋକ ଗୃହ ମଧ୍ୟକୁ ପ୍ରବେଶ କରି ନିଯୁକ୍ତି ପ୍ରକ୍ରିୟା ଉପରେ ପ୍ରଶ୍ନ କରି ହୋହଲ୍ଲା କରିଥିଲେ। ସେଠାରେ ଉପସ୍ଥିତ ସିଡିପିଓ ଓ ପରିଦର୍ଶକ ସବୁ କାର୍ଯ୍ୟକ୍ରମ ସ୍ୱଚ୍ଛତାରେ ଚାଲୁଛି ବୋଲି କହିଥିଲେ ମଧ ଲୋକମାନେ କିଛି ନ ବୁଝି ପାଟିତୁଣ୍ଡ ଜାରି ରଖିଥିଲେ। ଏ ସମ୍ପର୍କରେ ମାର୍ଶାଘାଇ ସିଡିପିଓ କବିତା ମଲ୍ଲିକଙ୍କୁ ପଚାରିବାରେ ଲୋକମାନେ ବିଭିନ୍ନ ପ୍ରଶ୍ନ ପଚାରି କେନ୍ଦ୍ର ଭିତରେ ହୋହଲ୍ଲା କରିବାରୁ ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରାଯାଇଛି। ଆଉ ଥରେ ତାରିଖ କରାଯାଇ ସହାୟିକା ଚୟନ କରାଯିବ।

## ଶ୍ରୀଲ ଭକ୍ତି ବିନୋଦଙ୍କ ୧୮୩ ତମ ଜନ୍ମୋତ୍ସବ



ଡେରାବିଶ,୪।୧୦(ସ୍ୱ.ପ୍ର.): ମହାପ୍ରଭୁ ଶ୍ରୀଚୈତନ୍ୟ, ଗୌଡୀୟ ବୈଷ୍ଣବ ଧର୍ମକୁ ଉଜ୍ଜିବୀତ ରଖିବାକୁ ଜୀବନ ସାରା ସାଧନା କରିଥିବା ଶ୍ରୀଲ ଭକ୍ତି ବିନୋଦ ଠାକୁରଙ୍କ ୧୮୩ ତମ ଜନ୍ମୋତ୍ସବ ସୋମବାର ଡେରାବିଶ ବ୍ଲକ ଅଧୀନ ଛୋଟିଠାରେ ପାଳିତ ହୋଇଯାଇଛି। ୧୮୩୮ରେ ଏକ ବଙ୍ଗୀୟ ପରିବାରରେ ପଶ୍ଚିମବଙ୍ଗର ନଦୀୟା ଜିଲାର ଉଲ୍ଲାଠାରେ ଜନ୍ମଗ୍ରହଣ କରିଥିବା ଭକ୍ତି ବିନୋଦ ଶୈଶବ ଅବସ୍ଥାରୁ ପରମାର୍ଥ ଚିନ୍ତାରେ ନିମଗ୍ନ ରହିଥିଲେ। ପରେ ଉଚ୍ଚ ଶିକ୍ଷା ସମ୍ପନ୍ନ କରି କେନ୍ଦ୍ରାପଡ଼ା ସହର ଉପକଣ୍ଠରେ ଏକ ମଧ ଇଂରାଜି ବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ଶିକ୍ଷକତା କରି ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ କରିଥିଲେ। ପରେ ଭଦ୍ରକ ହାଇସ୍କୁଲ ଓ କଟକ ଭକ୍ତ ମଧୁ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଭାବେ ସ୍ୱଳ୍ପ ବେତନରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ପୁରୀ ଜିଲା ନ୍ୟାୟାଳୟରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ନିଜର ସେବା କାର୍ଯ୍ୟ କରିବାକୁ ଭକ୍ତି ବିନୋଦ ଭୁଲି ନ ଥିଲେ। ପରେ ବୃନ୍ଦାବନ ସମେତ ବିଭିନ୍ନ ପୀଠରେ ଚୈତନ୍ୟ ମହାପ୍ରଭୁ ଓ ଗୌଡୀୟ ବୈଷ୍ଣବ ଧର୍ମଧାରାର ପ୍ରଚାର କରିଥିଲେ। ଭକ୍ତି ବିନୋଦ ଡେରାବିଶ ବ୍ଲକ ଛୋଟିଠାରେ ରହୁଥିବା ନିଜ ବଂଶଧର ଏହି ମାହାତ୍ମ୍ୟଙ୍କ ପାଇଁ ଗର୍ବୀତ। ଜନ୍ମୋତ୍ସବ ପାଇଁ ଅନୁଷ୍ଠିତ ଧାର୍ମୀକ କାର୍ଯ୍ୟକ୍ରମରେ ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ ଅଧକ୍ଷତା କରିଥିଲେ। ଏଥିରେ ସାଧୁ ସଚ୍ଚିଦାନନ୍ଦ ମହାରାଜ, ବୁଦ୍ଧାୟନ ମହାରାଜ, ମଧୁସୂଧନ ମହାରାଜ, ଯଶୋଦାନନ୍ଦ ମହାରାଜ, ଆଇନଜୀବୀ ପ୍ରଦୀପ୍ତ ଦାସ, ଅଧାପକ ରବୀନ୍ଦ୍ର କୁମାର ପରିଡା, ସୂର୍ଯ୍ୟମଣୀ ପଣ୍ଡା ଓ ଦାମୋଦର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ସେମାନେ ଭକ୍ତ ବିନୋଦଙ୍କ ଆଧାତ୍ମିକ ଚିନ୍ତା, ଚେତନା ଓ ଦର୍ଶନ ଉପରେ କହିଥିଲେ। ପରେ ଉଦଣ୍ଡ ସଂକୀର୍ତ୍ତନ ଗାଁ ଦାଣ୍ଡକୁ ସମ୍ପୂର୍ଣ୍ଣ ଭକ୍ତିମୟ କରିଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

# ଜିଲାରେ ଚକ୍ରାକାର ଧଳା ମାଛିର ଆତଙ୍କ

କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୪।୧୦(ଡି.ଏନ.ଏ.)

- ବିଭିନ୍ନ ଗଛରେ ଧଳା ଫିମ୍ପି ଲାଗି ଦୁର୍ବଳ ହେଉଛି
- ଚର୍ଚ୍ଚାରେ ଅସନ୍ତୁଳିତ ପରିବେଶ ପାଇଁ ଧଳା ଛିଟା
- ବଡ଼ ଗଛ ପାଇଁ ଫୁଟ ପ୍ରେସର ପମ୍ପ ଦାବି

ପ୍ରଥମେ ନଡ଼ିଆ ଗଛ ପତ୍ରରେ ଧଳା ଫିମ୍ପି ଦେଖା ଦେଉଥିଲା। ଏବେ କଦଳୀ ଗଛଠାରୁ ଆରମ୍ଭ କରି ପନିପରିବା ଗଛରେ ଏହି ରୋଗ ଦେଖାଯାଉଛି। ଧଳା ଫିମ୍ପି ଗଛକୁ ଦୁର୍ବଳ କରୁଥିବା ବେଳେ ଉତ୍ପାଦକୁ କମ୍ କରୁଛି। ଅସନ୍ତୁଳିତ ପରିବେଶ ପାଇଁ ଏହି ରୋଗ ବ୍ୟାପୁଥିବା ଚାଷୀ ଓ ସ୍ଥାନୀୟ ଅଞ୍ଚଳବାସୀ ଚର୍ଚ୍ଚା କରୁଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହାକୁ ନେଇ ଏକ ପ୍ରକାର ଆତଙ୍କ ଦେଖାଦେଇଛି। ତେବେ ଏହା ଚକ୍ରାକାର ମାଛି ପାଇଁ ବ୍ୟାପୁଥିବା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ନିରାକରଣ ପାଇଁ ଚାଷୀଙ୍କ ସଚେତନତା ସହ ଔଷଧ ସିଞ୍ଚନ ପାଇଁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ନଡ଼ିଆ ଗଛ ପରି ଲମ୍ବା ଗଛରେ ଔଷଧ ସିଞ୍ଚନ ପାଇଁ ଜିଲାରେ ଫୁଟ ପ୍ରେସର ପମ୍ପ କୌଣସିଠାରେ ନାହିଁ। ଏହା ବ୍ୟତୀତ ଏହି ରୋଗ ବ୍ୟାପକ ହେଉଥିବାରୁ ସାମୂହିକ ନିରାକରଣ ପାଇଁ ଦାବି ହୋଇଛି।

ଏ ସଂକ୍ରାନ୍ତରେ ଉଦୟନଗରର ପ୍ରଭାତ କୁମାର ପରିଡ଼ା, ଅଯୋଧ୍ୟାନଗରର ପ୍ରଶାନ୍ତ କୁମାର ନାୟକ, ଗୁଲନଗରର ଲକ୍ଷ୍ମୀକାନ୍ତ ନାୟକ, ଡେରାବିଶର କରୁଣାକର କର, ଚଉଦକୁଲାଟର ଜୟନ୍ତ କୁମାର ପାତ୍ର ପ୍ରମୁଖ କହିଛନ୍ତି, କିଛିଦିନ ଧରି ଗଛର ପତ୍ରଗୁଡ଼ିକ ଧଳା ରଙ୍ଗରେ ଆଚ୍ଛାଦିତ ହୋଇଯାଉଛି। ପରେ ଏହି ପତ୍ର ସାମୟିକ ଭାବେ ମୋଡି ହେବା ସହ ଫିମ୍ପି ମାରୁଛି। ଏହି ଫିମ୍ପିରେ ପିମ୍ପୁଡି ଲାଗୁଥିବାରୁ ଏହା ମିଠା ବୋଲି ଅନୁମାନ କରାଯାଉଛି। ପରେ ପତ୍ର ନଷ୍ଟ ହେବା ସହ ଫଳ ଉତ୍ପାଦନ କମ୍ ହେଉଛି। ପୂର୍ବରୁ ଏହି ରୋଗ ନଡ଼ିଆ ଗଛରେ ଦେଖାଯାଉଥିବା ବେଳେ ଏବେ କଦଳୀ ଗଛ ଓ କେତେକ ପନିପରିବା ଚାଷ ସମୟରେ ଦେଖିବାକୁ ମିଳୁଛି। ପରିବେଶ ସନ୍ତୁଳନ ଏବେ ବିଗିଡ଼ିଯାଇଛି। ବିଶ୍ୱ ତାପନ ସହ ଶିଳ୍ପ, ଜଳ ଓ ବାୟୁ ପ୍ରଦୂଷଣ ବଢ଼ୁଛି। ଯାହାଦ୍ୱାରା ଏହି ରୋଗ ବ୍ୟାପୁଛି। ଏହାର ନିରାକରଣ ପାଇଁ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଅଥବା ଉଦ୍ୟାନ କୃଷି ବିଭାଗକୁ ଜଣାଇଲେ ଔଷଧ ସିଞ୍ଚନ ପାଇଁ ପରାମର୍ଶ ଦେଉଛନ୍ତି। ତେବେ ଔଷଧ ସିଞ୍ଚନରେ ବିଭିନ୍ନ ସମସ୍ୟା ଅଛି। ନଡ଼ିଆ ଚାଷରେ ଏହି ରୋଗ ବ୍ୟାପକ ଭାବେ ଦେଖା ଦେଇଥିଲା ବେଳେ ଔଷଧ ସିଞ୍ଚନ ଏକ ପ୍ରକାର ଅସମ୍ଭବ ହୋଇଛି। ଜିଲାରେ କୌଣସିଠାରେ ଫୁଟ ପ୍ରେସର ପମ୍ପ ନାହିଁ। ଏହା ବ୍ୟତୀତ ରୋଗର ବ୍ୟାପକତା ଦୃଷ୍ଟିରୁ ସାମୂହିକ ସିଞ୍ଚନ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ପାଇଁ ଚାଷୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ପରିଚାଳକ ତଥା ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି, ଏହି ରୋଗ ବ୍ୟାପିବାର ମୁଖ୍ୟ କାରଣ ହେଉଛି ଚକ୍ରାକାର ଧଳା ମାଛି। ଏହାର ଉତ୍ପତ୍ତି ସ୍ଥଳ ସେଣ୍ଟ୍ରାଲ ଆମେରିକା। ୨୦୧୬ ଅଗଷ୍ଟରେ ଏହି ବିଦେଶୀ କୀଟ ଭାରତରେ ଦେଖିବାକୁ ମିଳିଥିଲା। ଏହାର ୬ ମାସ ମଧ୍ୟରେ କେରଳ, ତାମିଲନାଡୁ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ଦେଖାଗଲା। ଏବେ ଓଡ଼ିଶାରେ ଏହାର ପ୍ରଭାବ ଆରମ୍ଭ ହୋଇଛି। ଛୋଟ ଓ ବୟସ୍କ ମାଛି ପତ୍ରର କୋମଳ ଅଂଶରୁ ରସ ଶୋଷି ଖାଇଥାନ୍ତି। ଯାହାଦ୍ୱାରା ଗଛ ଉପରେ ବିଭିନ୍ନ ଚାପ ସୃଷ୍ଟି ହେଉଛି। ରୋଗର ବ୍ୟାପକତାରୁ ନିସ୍ତାର ପାଇଁ ଫ୍ଲୁବେନଡିଆମାଇଡଦ ୪୮୦ ଏସ୍‌ସିର ୫ ମି.ଲି. ସହିତ ୧୦ ଲିଟର ପାଣିରେ ମିଶାଇ ରୋଗଗ୍ରସ୍ତ ଗଛ ଉପରେ ପକାଇପାରିବା। ସେହିପରି ୧୦ ଲିଟର ପାଣି ସହିତ ଇମାମେକଟିନ ବେନଜୋଏଟ ୫ ଏସ୍‌ଜିର ୫ ମି.ଲି. କିମ୍ବା ସ୍ପିନୋସାଡ ୪୫ ଏସ୍‌ସିର ୫ ମି.ଲି. ପରିମାଣର ଔଷଧ ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ଏହା ବ୍ୟତୀତ ଜୈବିକ ପ୍ରଣାଳୀରେ ଏହି କୀଟକୁ ରୋକିବା ପାଇଁ ନିମ୍ବତେଲ ବ୍ୟବହାର କରାଯାଉଛି। କେତେକ ପ୍ରଜାତିର ଗୋବର ପୋକ ଓ ବିରୁଡ଼ି ଏହି କୀଟକୁ ନଷ୍ଟ କରିଥାନ୍ତି ବୋଲି ବୈଜ୍ଞାନିକ ଡ. ମିଶ୍ର ମତ ରଖିଛନ୍ତି।





ପିଜୁଳି ଗଛ ଓ ନଡ଼ିଆ ଗଛ ପତ୍ରରେ ଧଳା ଦାଗ ଫିମ୍ପି।

# ଆର୍‌ଟିଆଇ ସଚେତନତା କର୍ମଶାଳା





କର୍ମଶାଳାରେ ଲୋକଙ୍କୁ ଆଇନ ସଚେତନତା କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୪।୧୦

କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଓଡ଼ିଶା ସୂଚନା ଅଧିକାର ଆଇନ ଅଭିଯାନ (ଓସା) ପକ୍ଷରୁ ଏହି ଆଇନ (ଆରଟିଆଇ) ସମ୍ପର୍କରେ ଏକ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୫ ଦିନ ଧରି ଚାଲିବ। ଏ ସମ୍ପର୍କରେ ଓସାର କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ଲୋକଙ୍କ ଟ୍ୟାକ୍ସ ଅର୍ଥରେ ଦେଶ ଚାଲୁଛି। ଏହି ଅର୍ଥକୁ ବିଭିନ୍ନ ଯୋଜନାରେ ଖର୍ଚ୍ଚ କରାଯାଉଛି। ତେବେ ସରକାରଙ୍କ ଯୋଜନା ବାବଦ ଅର୍ଥ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ସେହିପରି କେତେଜଣ ଧୂର୍ତ୍ତ ଲୋକ ରାଜସ୍ୱ ଅର୍ଥକୁ ଚଳୁ କରୁଛନ୍ତି। ଏହାର ତଥ୍ୟ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ତେବେ ୨୦୦୫ରେ ପ୍ରଣିତ ସୂଚନା ଅଧିକାର ଆଇନ ଦ୍ୱାରା ଏହି ତଥ୍ୟ ମିଳିପାରିବ। ଏଥିପାଇଁ ଏହି ଆଇନର ବ୍ୟାପକ ସଚେତନତା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଓସା ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ଓସାର କର୍ମକର୍ତ୍ତା ନିରଞ୍ଜନ ପରିଡ଼ା, ନରେନ୍ଦ୍ର ଧଳ, ଦୁଷ୍ମନ୍ତ ଆଚାର୍ଯ୍ୟ, ଭାଗୀରଥି ଜେନା, ମନୋଜ ନାୟକ, ସୁନୀଲ ମହାପାତ୍ର ପ୍ରମୁଖ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇଥିଲେ।

# କାନ୍‌ଭାସର ଭୋକ ପୁସ୍ତକ ଉନ୍ମୋଚିତ



ପୂର୍ବତନ ଏମ୍‌ପି ତଥା କବି ପ୍ରସନ୍ନ ପାଟଶାଣୀ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୪।୧୦

କବି ରଞ୍ଜନ କୁମାର ବାଇଙ୍କ କବିତା ପୁସ୍ତକ କାନ୍‌ଭାସର ଭୋକ ପୁସ୍ତକ ଇତିମଧ୍ୟରେ ଉନ୍ମୋଚିତ ହୋଇଯାଇଛି। କୋରୋସ୍ଥିତ ସତୀର୍ଥ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଛକଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ରକ୍ତଦାନ ଶିବିର ଓ ସାହିତ୍ୟ ସମାରୋହରେ ଯୋଗଦେଇ ଅତିଥିମାନେ ଏହି କବିତା ପୁସ୍ତକକୁ ଉନ୍ମୋଚିତ କରିଥିଲେ। ଅନୁଷ୍ଠାନର ସଭାପତି ଅମ୍ବର ପ୍ରସାଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି କବି ଡ. ପ୍ରସନ୍ନ ପାଟଶାଣୀ, ମୁଖ୍ୟ ବକ୍ତା କବି ତଥା ପୂର୍ବତଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ନିରାକାର ଦାସ, ସମ୍ମାନିତ ଅତିଥି ହେନ୍ତାଳର ସମ୍ପାଦକ ହେମନ୍ତ କୁମାର ରାଉତ, ସରପଞ୍ଚ ତଅପୋଇ ମଲ୍ଲିକ, ସାମାଜିକ କର୍ମୀ ତାରିଣୀପ୍ରସାଦ ଜେନା ଯୋଗ ଦେଇଥିଲେ। ଅତିଥିମାନେ ଗାନ୍ଧୀ ବିଚାର ସମେତ ସାହିତ୍ୟ ଦ୍ୱାରା ଦେଶର ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ମନ୍ମଥ ନାଥ ବରାଳ ସତୀର୍ଥର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। କବିତା ସମାରୋହରେ ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

# ସୁନେଲି ବାଉଁଶ ଚାଷ ପ୍ରତି ଆଗ୍ରହ

ମହାକାଳପଡ଼ା,୪।୧୦(ଡି.ଏନ.ଏ.)

ସହର ଓ ଗ୍ରାମାଞ୍ଚଳରେ ଘର ନିର୍ମାଣଠାରୁ ଆରମ୍ଭ କରି ବିଭିନ୍ନ କାମରେ ସବୁଜ ରଙ୍ଗର ବାଉଁଶ ବ୍ୟବହାର କରାଯାଇଥାଏ। ବିଶେଷକରି ଶାଳିଆ, ବେଲିଙ୍ଗି, ସୁନ୍ଦରୀକଣା ଆଦି କିସମର ବାଉଁଶ ବଲାଙ୍ଗୀର, ବରଗଡ଼, ମୟୂରଭଞ୍ଜ, ଦଶପଲ୍ଲା, ବାଲେଶ୍ୱର ଆଦି ଅଞ୍ଚଳରେ ପ୍ରଚୁର ପରିମାଣରେ ଦେଖିବାକୁ ମିଳିଥାଏ। ବହୁ ଲୋକ ଏହି ସବୁଜ ରଙ୍ଗର ବାଉଁଶ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ସେହି ବାଉଁଶରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ଭଳିକିଭଳି ଖେଳନା ପ୍ରସ୍ତୁତ ହୋଇଥାଏ। ହେଲେ ଏବେ ସୁନେଲି ବାଉଁଶ ଚାଷ ପ୍ରତି ଯୁବପୀଢ଼ିଙ୍କ ଆଗ୍ରହ ବଢ଼ିଛି। ନିଜ ବାଡ଼ି ବଗିଚାରେ ଏପରି ବାଉଁଶ ଚାରା ଲଗାଇବାକୁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି। ସାଧାରଣ ବାଉଁଶଠାରୁ ଏହି ସୁନେଲି ବାଉଁଶର ଚାହିଦା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ବାଉଁଶଠାରୁ ସୁନେଲି ବାଉଁଶ ଶକ୍ତ ଓ ମଜଭୁତ ହୋଇଥିବାରୁ ଭୂମିକମ୍ପ ପ୍ରବଣ ଅଞ୍ଚଳରେ ସୁରକ୍ଷିତ ଘର ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। କଶ୍ମୀର ପରି କେତେକ ରାଜ୍ୟରେ ନଦୀରେ ଭାସମାନ ଘର ନିର୍ମାଣ କାର୍ଯ୍ୟରେ ଏହି ସୁନେଲି ବାଉଁଶକୁ ବ୍ୟବହାର କରାଯାଉଥିବା ନଜର ରହିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଅମେଇପାଳ ପଞ୍ଚାୟତର ବଡ଼ଘାଇ ଗାଁରେ ଏହି ସୁନେଲି ବାଉଁଶ ଦେଖିବାକୁ ମିଳିଛି। ଗ୍ରାମର ବୁଢ଼ା ଚୌଧୁରୀଙ୍କ ବାଡ଼ିରେ ସୁନେଲି ବାଉଁଶ ଗଛ ଅଛି। ବୁଢ଼ାଙ୍କ ବାପା ମହେଶ୍ୱର ଚୌଧୁରୀ ଗଡ଼ଜାତ ଅଞ୍ଚଳରୁ ଏହି ବାଉଁଶ ଚାରା ଆଣି ନିଜ ବାଡ଼ିରେ ଲଗାଇଥିଲେ। ସାଧାରଣ ବାଉଁଶ ଅପେକ୍ଷା ଏହା ଦେଖିବାକୁ ସୁନ୍ଦର ଲାଗୁଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକମାନେ ସୁନେଲି ବାଉଁଶ ଦେଖିବାକୁ ଭୁଲନ୍ତି ନାହିଁ। ଏହି ବାଉଁଶ ଚାଷ ପାଇଁ ଉପକୂଳ ଅଞ୍ଚଳରେ ଜଳବାୟୁ, ମୃତ୍ତିକା ବେଶ୍ ଅନୁକୂଳ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି।



ବୁଢ଼ାଙ୍କ ବାଡ଼ିରେ ଥିବା ସୁନେଲି ବାଉଁଶ ବୁଦା।

## ରାଜନଗରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ରାଜନଗର, ୪।୧୦(ଡି.ଏନ.ଏ.)

ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦ୍ରାପଡ଼ା ଓ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଶିବିର ହୋଇଥିଲା। ଶିବିରକୁ ରାଜନଗର ସରପଞ୍ଚ ଝୁନି ସେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ୬୯ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କର ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିଲା। ସେମାନଙ୍କ ମୋତିଆ ବିନ୍ଦୁ ଚିକିତ୍ସା ପାଇଁ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ରକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଭୂମିକା ଚକ୍ଷୁ ଚିକିତ୍ସାଳୟର ଡା. ଅମିୟ କୁମାର ପାତ୍ର, ଅଶୋକ କୁମାର ସାହୁ, ପ୍ରତିମା ଶର୍ମା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲିକ, ବୁଦ୍ଧିରାମ ସେଠୀ, ବାସୁଦେବ ସାହୁ, ଅନ୍ତର୍ଯ୍ୟାମୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଡେରାବିଶ,୪।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତର ଛତାସ୍ଥିତ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ୯ମ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା ସମିତି ସଭାପତି ହଳଧର ଦାଶ ପୌରୋହିତ୍ୟ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି, କମିଟି ସମ୍ପାଦକ ଆର୍ତ୍ତତ୍ରାଣ ମିଶ୍ର ମୁଖ୍ୟବକ୍ତା, ଅଧାପକ ପ୍ରଭାକର ସାମଲ, ଗୋଲଖ ଚନ୍ଦ୍ର ମହାଭୋଇ ଓ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ନାରୀ ଶିକ୍ଷାର ଉନ୍ନତି ଓ ବିକାଶ ପାଇଁ ଏହି ମହାବିଦ୍ୟାଳୟର ପ୍ରଶଂସା କରିଥିଲେ। ଉତ୍ସବରେ ପ୍ରାକ୍ତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ରଜନୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧକ୍ଷା ସ୍ନେହଲତା ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହ ମହାବିଦ୍ୟାଳୟର ଥିବା ଅଭାବ ଅସୁବିଧା ବାବଦରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପ୍ରସାଦ ପ୍ରିୟଦର୍ଶନୀ ସ୍ୱାଇଁ ଅତିଥି ପରିଚୟ, ଅଧ୍ୟାପିକା ସୁଶ୍ରୀ ସଙ୍ଗିତା ସାମଲ ଧନ୍ୟବାଦ ଦେଇଥିଲେ। ଅଧାପକ ବିଜୟ କୁମାର ଘଡେଇ, ଜୟନ୍ତ କୁମାର ନାଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ମିଳନୀ

ରାଜକନିକା,୪।୧୦(ଡି.ଏନ.ଏ.)

ରାଜକନିକା ବ୍ଲକରେ ଭାରତୀୟ କମ୍ୟୁନିଷ୍ଟ (ମାର୍କସବାଦୀ) ପାର୍ଟି ରାଜକନିକା ଆଞ୍ଚଳିକ କମିଟିର ସମ୍ମିଳନୀ କାଳିକାପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖରସ୍ରୋତା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ, ରାଜକନିକାରେ ଶୀତଳଭଣ୍ଡାର ପ୍ରତିଷ୍ଠା, ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରିବା, ଏସ୍ଏନ୍ କଲେଜରେ ପିଜି କ୍ଲାସ ଖୋଲିବା, ୩ କଳା ଆଇନକୁ ବିରୋଧ କରାଯାଇଥିଲା। ଏଥିରେ ରଙ୍ଗାଧର ମଳିକ, କାଳିପ୍ରସାଦ ନାୟକ, ଧନେଶ୍ୱର ରାଉତ, ରମାକାନ୍ତ ମାଝି, ଅନ୍ନପୂର୍ଣ୍ଣା ଧଳ, ସୁଷମା ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଭୂମିହୀନଙ୍କୁ ଜମି ଦିଅ, ନ ହେଲେ ଗଣଧାରଣା

ରାଜନଗର, ୪।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ସାନବଡ଼ଗୋପାଳପୁର ମୌଜାରେ ସରକାରୀ ଜମିକୁ ଜବରଦଖଲ କରିଥିବା ଭୂମିହୀନ, ସ୍ୱାମୀ ପରିତ୍ୟକ୍ତା ସୁଲୋଚନା ମହାନ୍ତିଙ୍କୁ ପଟ୍ଟା ଦେବାକୁ ରାଜନଗର ବ୍ଲକ ଗ୍ରାମାଞ୍ଚଳ ମହିଳା କୃଷକ ମହାସଂଘ ପକ୍ଷରୁ ସୋମବାର ତହସିଲଦାରଙ୍କୁ ଲିଖିତ ଭାବେ ଦାବି କରାଯାଇଛି। ଏଥିସହ ଏ ନେଇ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୭ ତାରିଖରୁ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ଜଣାଇଛନ୍ତି। ଅଭିଯୋଗ ମୁତାବକ, ସ୍ୱାମୀ ପରିତ୍ୟକ୍ତା ମହିଳା ସାନବଡ଼ଗୋପାଳପୁର ମୌଜାର ଖାତା ନଂ. ୨୦୭ ପ୍ଲଟ ନଂ. ୪୩୮ରେ ପାଣିନାଳ କିସମକୁ ଦଖଲ କରି ମାଟି ପକାଇ ଅସ୍ଥାୟୀ ଭାବେ ଆଜବେଷ୍ଟସ ଘର ତିଆରି କରିଥିଲେ। ସେହି ଜାଗା ପଛରେ ସ୍ଥିତିବାନ ଘର ଥିବା ବ୍ୟକ୍ତି ତାଙ୍କ ଘରକୁ ଜେସିବି ଲଗାଇ ଭାଙ୍ଗିଦେଇଛନ୍ତି। ଏ ନେଇ ଥାନା ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ପାଣିନାଳ ଅନାବାଦୀ ଜମିରେ ସ୍ଥିତିବାନ ଘର ଥିବା ଜଣେ ବ୍ୟକ୍ତି ପାଚେରି ନିର୍ମାଣ କରିଛନ୍ତି। ସରକାରୀ ଜମିରୁ ପାଚେରି ହଟାଇବା ସହ ଏହି ପାଣିନାଳ କିସମ ଜମିକୁ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପଟ୍ଟା ଦେବା ସହ ଘର କରିବାକୁ ଅନୁମତି ଦେବାକୁ ମହାସଂଘ ସଭାନେତ୍ରୀ ସରୋଜିନୀ ସାହୁ, ସମ୍ପାଦିକା ଶଶୀକଳା ରାଉତ ଓ ଅନ୍ୟ ସଦସ୍ୟମାନେ ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ପଞ୍ଚାମୁଣ୍ଡାଇ କଲେଜକୁ ୮ରେ ନାକ୍ ଟିମ୍‌ର ପରିଦର୍ଶନ

ପଞ୍ଚାମୁଣ୍ଡାଇ, ୪।୧୦(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ କଲେଜକୁ ଆସନ୍ତା ୮ ଓ ୯ ତାରିଖରେ ନାକ୍ ଟିମ୍ ପରିଦର୍ଶନରେ ଆସୁଥିବାରୁ ପରିସର ଚଳଚଞ୍ଚଳ ହୋଇଉଠିଛି। ନାକ୍ ଟିମ୍ ଗସ୍ତକୁ ସବୁମତେ ସଫଳ କରିବାକୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ନାକ୍ ଟିମ୍ ଗସ୍ତ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା ରବିବାର ରାଜନଗର ବିଧାୟକ ଧ୍ରୁବ ସାହୁ କରିଛନ୍ତି। ବିଧାୟକ ସାହୁ କଲେଜକୁ ଯାଇ ଅଡିଟୋରିୟମ, ପାଠାଗାର, କମ୍ପ୍ୟୁଟର କେନ୍ଦ୍ର, ଜିମ୍ନାସିୟମ କେନ୍ଦ୍ର, ବିଭିନ୍ନ ବିଭାଗର ସେମିନାର ଗୃହ, ପରୀକ୍ଷାଗାର, ହଷ୍ଟେଲ, ଷ୍ଟାଫ୍ କମନ ରୁମ୍ ଓ ରିଡିଂ ରୁମ୍ ଆଦି ବିଭିନ୍ନ ବିଭାଗ ବୁଲି ଦେଖିବା ସହ ସମସ୍ତ କାର୍ଯ୍ୟକ୍ରମ ଠିକଣା ଭାବେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଲେଜ ପରିସର ପରିଷ୍କାର, ସବୁଜ ସୁନ୍ଦର କରିବା ସହ ଆବଶ୍ୟକ ସାଜସଜ୍ଜା କରିବାକୁ ପରାମର୍ଶ ଦେଇଥିଲେ। ବ୍ୟାପକ ବୃକ୍ଷରୋପଣ, ସୁସଜିତ ଗେଟ୍ ଓ ରାସ୍ତା ନିର୍ମାଣ ଠିକଣା ସମୟରେ ସମାପ୍ତ

### ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କଲେ ବିଧାୟକ

କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଲେଜ କମନ ରୁମ୍‌ରେ ଆୟୋଜିତ ବୈଠକରେ ନାକ୍ ଟିମ୍ ଗସ୍ତ କାର୍ଯ୍ୟକ୍ରମରେ କୌଣସି ତ୍ରୁଟି ନ ରହିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏଥିରେ କଲେଜ ଅଧକ୍ଷ ପ୍ରଫେସର ପ୍ରଭାକର ରାଉତ, ପ୍ରଫେସର ପ୍ରମୋଦ ସାମଲ, ନାକ୍ ସଂଯୋଜକ ଡ. ଦୁଃଶାସନ ପରିଡା, ପ୍ରାଧାପକ ରବୀନ୍ଦ୍ର ପଣ୍ଡା, ରଞ୍ଜିତ ସେନାପତି, କ୍ୟାପଟେନ ମନୋଜ ପରିଡ଼ା, ପ୍ରାଧାପିକା ଡ. ପ୍ରେମଲତା ରାଉତ, ଆଇନଜୀବୀ ପ୍ରଦ୍ୟୁମ୍ନ ସାମନ୍ତରାୟ, କଲେଜ ଆଲୁମିନା କମିଟି ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଉପଦେଷ୍ଟା ପ୍ରଫେସର ଦେବବ୍ରତ ପ୍ରଧାନ, ଉପସଭାପତି ରାଜେନ୍ଦ୍ର ଦାଶ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ପରାମର୍ଶ ଦେଇଥିଲେ।

# ପଥର ପ୍ୟାକିଂ, ସ୍ପର ସୁରକ୍ଷା ଦେବାରେ ବିଫଳ

ପଞ୍ଚାମୁଣ୍ଡାଇ, ୪।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଞ୍ଚାମୁଣ୍ଡାଇ ବ୍ଲକରେ ପ୍ରବାହିତ ଚିରସ୍ରୋତା ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ପ୍ରତିବର୍ଷ କୂଳରୁ ଅତଡ଼ା ଖାଉଛି। ଏହାର ସୁରକ୍ଷା ପାଇଁ ନାବାର୍ଡ ପକ୍ଷରୁ ୧୭ କୋଟି ୮୩ ଲକ୍ଷ ୩୪ ହଜାରେ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ପାଳପାଟଣା ଗାଁ ନିକଟ ବ୍ରାହ୍ମଣୀ ନଦୀ କୂଳରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ ହୋଇଥିଲା। ଏହି କାର୍ଯ୍ୟ ୨୦୧୯ ଜାନୁୟାରୀ ୧୬ରେ ଆରମ୍ଭ ହୋଇଥିଲା। ୨୦୨୦ ଜୁଲାଇ ୧୫ରେ ଶେଷ ହେବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ କାର୍ଯ୍ୟ କରିବାରେ ଅବହେଳା ଓ ବିଳମ୍ବ ଯୋଗୁ କାମ ମାତ୍ର ୬୦ ଭାଗ ହୋଇପାରିଛି। ତେବେ ୨୦୨୦ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିଥିବାବେଳେ କରୋନା ଯୋଗୁ କାମ ବନ୍ଦ ରହିଛି।

୨୦୨୦-୨୧ ବ୍ରାହ୍ମଣୀ ନଦୀରେ ବଢ଼ବନ୍ୟା ଆସିବା ଫଳରେ କୂଳ ଉପରେ ୮ ଫୁଟ ଉଚ୍ଚର ପ୍ରଖର ସ୍ରୋତରେ ୬୦ ଭାଗ ପଥର ପ୍ୟାକିଂ କେତେକ ସ୍ଥାନରେ ଭାଙ୍ଗି ଯାଇଥିବା ବେଳେ ବହୁ ସ୍ଥାନ ବାଲିରେ ପୋତି ହୋଇଯାଇଛି। ନିର୍ମିତ ସ୍ପର ମଧ୍ୟରୁ ୩ଟି ଭାଙ୍ଗିଯିବା ସହ ଦବିଯାଇଛି। ତେବେ ୮୦୦ ମିଟର ପଥର ପ୍ୟାକିଂ ମଧ୍ୟରୁ ୫୦୦ ମିଟର ଶେଷ ହୋଇଥିବା ଠିକା ସଂସ୍ଥା କହୁଛି। ପୁଣି ପଥର ପ୍ୟାକିଂ କରିବାକୁ ସ୍ଥାନୀୟ ଅଧିବାସୀ ଓ ବିଭାଗୀୟ ଯନ୍ତ୍ରୀମାନେ କହୁଛନ୍ତି। ସେହିପରି ୧୨ଟି ସ୍ପର ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଅବଶିଷ୍ଟ ୩ ସ୍ପର ଓ ଭାଙ୍ଗିଯାଇଥିବା ୩ ସ୍ପର ପୁନର୍ବାର ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ତେବେ ନାର୍ବାଡ଼ଠାରୁ ଟେଣ୍ଡର ନେଇଥିବା କଟକର ଏକ ଠିକା ସଂସ୍ଥା ପ୍ୟାକିଂରେ ୫୦ କିଲୋ ଓଜନର ପଥର ବ୍ୟବହାର କରିବାକୁ କୁହାଯାଇଥିଲା। ମାତ୍ର ୪ରୁ୫ କିଲୋ ଓଜନର ପଥର ଲଗା ଯିବାରୁ ବନ୍ୟାର ପ୍ରଖର ସ୍ରୋତରେ ପ୍ୟାକିଂ ଖସି ଭାଙ୍ଗିଯାଇଛି। ଏହାଛଡା ନଦୀଗର୍ଭରୁ ବଡ଼ ପଥର ଡମ୍ପିଂ ହୋଇ ନ ଥିବାରୁ ଅଧିକାଂଶ ସ୍ଥାନରେ ପଥର ପ୍ୟାକିଂ ଖସି ଯାଇଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତରେ ଜଣାପଡିବ। ପାଳପାଟଣା ପଥର ପ୍ୟାକିଂ ଓ ସ୍ପର କାର୍ଯ୍ୟକୁ ଜଳ ସମ୍ପଦ ବିଭାଗର କେନ୍ଦ୍ରାପଡ଼ା

### ନାବାର୍ଡ ଅନୁଦାନ ୧୮ କୋଟି ପାଣିରେ ପଡ଼ିଲା

ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ, ପଞ୍ଚାମୁଣ୍ଡାଇ ଏସ୍‌ଡିଓ ପ୍ରଭାତ ସାହୁ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ ପ୍ରମୁଖ ପ୍ରକଳ୍ପ ଅନୁଧ୍ୟାନ କରି ସ୍ପର ଓ ପ୍ୟାକିଂ ପୁଣି କରାଯିବ ବୋଲି କହିଛନ୍ତି। ସେହିପରି ବ୍ରାହ୍ମଣୀ କୂଳ ସୁରକ୍ଷା ପାଇଁ ବର୍ଷ ବର୍ଷ ଧରି ପାଳପାଟଣା, ମଠସାହି, କଦମଦାଣ୍ଡି, ଶ୍ରୀରାମପୁର ଓ ଡାମରପୁର ଗ୍ରାମବାସୀ ଦାବି କରି ଆସୁଛନ୍ତି। ନଦୀ କୂଳରୁ ଅତଡା ଖାଇ ୨୦୦ ମିଟର ଚାଷଜମି ନଦୀ ଗର୍ଭରେ ଲୀନ ହେଲାଣି। ବିଳମ୍ବରେ ହେଲେ ହେଁ ନାବାର୍ଡ ପଥର ପ୍ୟାକିଂ, ସ୍ପର ନିର୍ମାଣ ପାଇଁ ପାଣ୍ଠି ଯୋଗାଇଛି। ହେଲେ ଠିକ୍ ଭାବେ ପଥର ପ୍ୟାକିଂ ଏବଂ ସ୍ପର ନିର୍ମାଣ କରାଯିବାକୁ ସାମାଜିକ କର୍ମୀ ସର୍ବେଶ୍ୱର ସେଠୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ସ୍ପରରୁ ପଥର ଖସି ଯାଇଛି।

**ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

ଚଣ୍ଡିଖୋଲ,(ଡି.ଏନ.ଏ.): ଉତ୍ତରପ୍ରଦେଶରେ ଚାଷୀମାନଙ୍କ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢ଼ାଇ ମାରିଦେବା ଘଟଣାରେ ସୋମବାର ବଡଚଣା ଯୁବ କଂଗ୍ରେସ ତରଫରୁ ଚଣ୍ଡିଖୋଲ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ବଡ଼ଚଣା ବ୍ଲକ ଯୁବ କଂଗ୍ରେସ ସଭାପତି ସଞ୍ଜୟ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ କେନ୍ଦ୍ରସରକାରଙ୍କ ଏକଛତ୍ରବାଦୀ ଶାସନକୁ ନିନ୍ଦା କରିଥିଲେ । ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ସମିତି ସଭ୍ୟ ଖଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବିନା ଭକ୍ତରେ ଗଡ଼ିବ ମା' ବିରଜାଙ୍କ ରଥ

**ଯାଜପୁର ଟାଉନ,୪।୧୦(ଡି.ଏନ.ଏ.):** ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ସିଂହଧ୍ୱଜ ରଥ ଯାତ୍ରା ବିନା ଭକ୍ତରେ କରାଯିବା ପାଇଁ ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଛି। ଦୁର୍ଗୋତ୍ସବରେ ୯ ଦିନ ବ୍ୟାପୀ ମା'ବିରଜାଙ୍କ ସିଂହଧ୍ୱଜ ରଥ ବେଢ଼ା ପରିକ୍ରମା କରିଥାଏ । ଚଳିତମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ମନ୍ଦିର ଚତୁଃପାର୍ଶ୍ୱରେ ରଥ ପରିକ୍ରମା କରିବ । ଏହି ସମୟରେ ଅପରାହ୍ନ ୨ଟାରୁ ସକାଳ ୫ଘଟିକା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯିବ । ଏହି ସମୟରେ କୌଣସି ଭକ୍ତଙ୍କୁ ରଥ ଟଣା କାର୍ଯ୍ୟରେ ସାମିଲ କରାଯିବ ନାହିଁ । ମନ୍ଦିର ଦର୍ଶନ ପାଇଁ କୋଭିଡ୍ ନିୟମ ଅନୁସାରେ ସକାଳ ୫ଟାରୁ ୧ଟା ପର୍ଯ୍ୟନ୍ତ ଦର୍ଶନାର୍ଥୀଙ୍କୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ପ୍ରଦାନ କରିଛନ୍ତି। ରଥ ଉପରେ ସାଧାରଣ ଭକ୍ତଙ୍କ ଭୋଗ ଓ ନୈବେଦ୍ୟକୁ ମଧ ବାରଣ କରାଯାଇଛି।

### ଗୋଚର ଜମି ଜବରଦଖଲକୁ ବିରୋଧ

**ଧର୍ମଶାଳା,୪।୧୦(ଡି.ଏନ.ଏ.):** ଧର୍ମଶାଳା ଥାନା ଆରୁହା ପଞ୍ଚାୟତ ବାଟିଜଙ୍ଗା ଗ୍ରାମର ଏକ ଗୋଚର ଜମିରେ ମଦ କାରଖାନା ନିର୍ମାଣ ଉଦ୍ୟମକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ବାଟିଜଙ୍ଗା ମୌଜାର ପ୍ଲଟ ନଂ. ୪୬୮, ୪୩୨, ୭୬୯, ଏରିଆ ୧ଏକର ୧୯ଡିସମିଲ ଜମି ଗୋଚର କିସମ ଅଟେ। ଉକ୍ତ ଜମିରେ ଏକ ମଦ କାରଖାନା ଖୋଲିବା ପାଇଁ ଉଦ୍ୟମ କରାଯାଉଥିବାରୁ ଗ୍ରାମର ଶତାଧିକ ବ୍ୟକ୍ତି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଧର୍ମଶାଳା ବିଧାୟକ, ତହସିଲଦାର, ଯାଜପୁର ଜିଲାପାଳ ଓ ଆରୁହା ସରପଞ୍ଚଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଭଜେନ୍ଦ୍ର ଦାସ, ଅମିତାବ ବେହେରା, ସୁଶାନ୍ତ କୁମାର ଓଝା, ପ୍ରହ୍ଲାଦ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ବିଛାଖଣ୍ଡି ପାହାଡ଼ରେ ଭିଜିଲାନ୍ସ ଟିମ୍‌ର ତଦନ୍ତ

**ଧର୍ମଶାଳା/ଜେନାପୁର, ୪।୧୦(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରେ ସୋମବାର ଭିଜିଲାନ୍ସ ଟିମ୍ ପକ୍ଷରୁ ତଦନ୍ତ କରାଯାଇଛି। ଏହି ତଦନ୍ତରେ ପରିବେଶ, ରାଜସ୍ୱ, ଜଙ୍ଗଲ, ଖଣି, ପୋଲିସ ବିଭାଗର ଅଧିକାରୀମାନେ ବି ସାମିଲ ହୋଇଥିଲେ। ଭିଜିଲାନ୍ସ ଅଧିକାରୀ ପି.କେ.ଦ୍ୱିବେଦୀଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ବିଛାଖଣ୍ଡିରେ ପହଞ୍ଚି ତହସିଲ ପକ୍ଷରୁ କରାଯାଉଥିବା ମାପଚୁପକୁ ତନଖି କରିଥିଲେ । ଘଟଣାସ୍ଥଳରୁ ବେଆଇନ ଖଣିଜ ସାମଗ୍ରୀ ଚୋରା ଚାଲାଣ ହୋଇଥିବା ଲୋକାଯୁକ୍ତଙ୍କ ନିକଟରେ ସୂଚନା ଅଧିକାର କର୍ମୀ ଅଭିଯୋଗ କରିଥିଲେ।

### କୋଭିଡ୍ କଟକଣାରେ ଦୁର୍ଗାପୂଜା

**ଯାଜପୁର ଅଫିସ/ଯାଜପୁର ଟାଉନ,୪।୧୦:** କରୋନା ମହାମାରୀ ଯୋଗୁ ଯାଜପୁର ଜିଲାରେ ଆଗାମୀ ଦୁର୍ଗାପୂଜାକୁ ନିରାଡମ୍ବର ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁର୍ଗାପୂଜା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି ଯେ ମା' ଦୁର୍ଗାଙ୍କ ପୂଜା ବନ୍ଦ କରାଯିବ ନାହିଁ। କିନ୍ତୁ କୌଣସି ଉତ୍ସବ, ଗହଳି, ବାଜା, ରୋଶଣୀ, ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନକୁ ଅନୁମତି ଦିଆଯିବନାହିଁ। ସରକାରଙ୍କର ମାର୍ଗଦର୍ଶିକା ଅନୁସାରେ କୌଣସି ମଣ୍ଡପରେ ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ ଅଧିକ ହେବନାହିଁ। ମଣ୍ଡପ ୩ ପାର୍ଶ୍ୱ ବନ୍ଦ ରହିବ। ମଣ୍ଡପରେ ସର୍ବାଧିକ ୭ ଜଣ ବ୍ୟକ୍ତିଙ୍କ ଉପସ୍ଥିତିକୁ ଅନୁମତି ମିଳିବ। ପ୍ରତ୍ୟେକ ପୂଜା କମିଟି ପୂଜା ପୂର୍ବରୁ ପ୍ରଶାସନଠାରୁ ଅନୁମତି ନେବେ। ବିନା ଶୋଭାଯାତ୍ରାରେ ମୂର୍ତ୍ତି ଭସାଣୀ କରାଯିବ। ଦେବୀଗଡ଼ାର କୃତ୍ରିମ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ଜିଲାପାଳ ରାଠୋର କହିଛନ୍ତି।

### ରତିକାନ୍ତଙ୍କ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ସହାୟତା

**ଯାଜପୁର ଅଫିସ/ଯାଜପୁର ଟାଉନ,୪।୧୦:** ଯାଜପୁର ଜିଲା ବଡଚଣା ବ୍ଲକ ନଳୀପୁର ଗ୍ରାମ ନିବାସୀ ତଥା ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ରତିକାନ୍ତ ବଳଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର ପୂର୍ବ ଘୋଷଣା ମୁତାବକ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଏହି ଅର୍ଥ ରାଶି ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ମାର୍ଫତରେ ରତିକାନ୍ତଙ୍କ ପତ୍ନୀ ଝିଲି ବଳଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି।

# ୩ ଶହ କାର୍ଟୁନ ଜିଲୋଟିନ୍, ୫ ଶହ ବସ୍ତା ଆମୋନିୟମ ନାଇଟ୍ରେଟ୍ ଜବତ

- ୧ଶହ କାର୍ଟୁନ ଡିଟୋନେଟର ବି ଜବତ
- ସିଲ୍ ଗୋଦାମ ଖୋଲିଲା ପ୍ରଶାସନ
- ବେଆଇନ ବିସ୍ଫୋରକ ମହଜୁଦ ନେଇ ଚାଲିଛି ତଦନ୍ତ

**ଚଢ଼େଇଧରା/ ଧର୍ମଶାଳା/ ଜେନାପୁର, ୪।୧୦ (ଡି.ଏନ.ଏ.)**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ପୁରୁଣା ବଉଳମାଳ ପଞ୍ଚାୟତର ସାତମାଣଠାରେ ଥିବା ବିସ୍ଫୋରକ ସାମଗ୍ରୀ ଗୋଦାମ ରବିବାର ସିଲ୍ ହୋଇଥିଲା । ସୋମବାର ଜିଲା ପ୍ରଶାସନ ପକ୍ଷରୁ ସେହି ଗୋଦାମକୁ ଖୋଲାଯାଇ ତଦନ୍ତ ଆରମ୍ଭ ହୋଇଛି । ଏହି ଗୋଦାମରେ ବିସ୍ଫୋରକ ସାମଗ୍ରୀ ରଖାଯାଇ ବିଭିନ୍ନ ଖଣି ଖାଦାନକୁ କଳାପଥର ଉତ୍ତୋଳନ ପାଇଁ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଥିଲା । ବେଆଇନ ମହଜୁଦ ଅଭିଯୋଗରେ ଏହି ସ୍ୱୀକୃତିପ୍ରାପ୍ତ ଗୋଦାମ ଉପରେ ଚଢାଉ କରାଯିବା ସହିତ ସିଲ୍ କରାଯାଇଥିଲା। ଗୋଦାମରୁ ୩ଶହ କାର୍ଟୁନ ଜିଲୋଟିନ, ୧ଶହ କାର୍ଟୁନ ଡିଟୋନେଟର, ୫ଶହ ବସ୍ତା ଆମୋନିୟମ ନାଇଟ୍ରେଟ୍ ଆଦି ଜବତ ହୋଇଛି । ଗୋଦାମ ମାଲିକ ରଘୁନାଥ ସାହୁ ଫେରାର ଥିବା ପୋଲିସ କହିଛି । ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ତହସିଲଦାର ଓ ଥାନା ଅଧିକାରୀ କହିଛନ୍ତି।

ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଓ ବୋମା ନିଷ୍କ୍ରିୟକାରୀ ଦଳର ସଦସ୍ୟମାନେ ତଦନ୍ତ ଚଳାଇଛନ୍ତି। ଗୋଦାମର ମାଲିକ ସୂଚନା ଅନୁଯାୟୀ, ଗୋଦାମରେ ଥିବା ସାମଗ୍ରୀ ବେଆଇନ ନୁହେଁ। ସେଥିପାଇଁ ମୁଁ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରୁଛି । ଅନ୍ୟପକ୍ଷେ ଗୋଦାମ ମାଲିକଙ୍କ ବିରୋଧରେ ଏକ ମାମଲା(ନଂ. ୨୮୭/୨୧) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଅତିରିକ୍ତ ତହସିଲଦାର ଅଗ୍ରୱାଲ କହିଛନ୍ତି। ସେହିପରି ଚଢେଇଧରା ଉପରଛକସ୍ଥିତ ରଙ୍ଗାଧର ପ୍ରଧାନଙ୍କ ଘରେ ଜେନାପୁର ପୋଲିସ ଓ ଧର୍ମଶାଳା ଅତିରିକ୍ତ ତହସିଲଦାର ଅଗ୍ରୱାଲ ଚଢାଉ କରି କିଛି ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ କହିଛନ୍ତି, ସେ ନିଜ ଖାଦାନରୁ ପଥର ଉତ୍ତୋଳନ ପାଇଁ ସାର ମସଲା ଗତ କିଛିଦିନ ତଳେ କିଣିଥିଲେ। ଲଗାଣ ବର୍ଷା କାରଣରୁ ସେସବୁର ବ୍ୟବହାର କରାଯାଇ ନ ଥିଲା । ଏ ନେଇ ଏକ ମାମଲା ରୁଜୁ ହୋଇଛି ।


ଜବତ ହୋଇଥିବା ଜିଲୋଟିନ୍ କାର୍ଟୁନ।


ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରୁଛନ୍ତି।

# ଛଟେଇ ଶ୍ରମିକ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ନ ମିଳିଲେ ଆନ୍ଦୋଳନ

**କାଳିଆପାଣି,୪।୧୦(ଡି.ଏନ.ଏ.)**

ସୁକିନ୍ଦା ଅଞ୍ଚଳର ୩ ଖଣିକୁ ହାତେଇଥିବା ଟିଏସ୍ଏମ୍ଏଲ୍ କମ୍ପାନୀରେ ପୂର୍ବରୁ କାମ କରୁଥିବା ୧ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ନ ମିଳିଲେ ଆସନ୍ତା ୨୫ରୁ ଆନ୍ଦୋଳନକୁ ଓହ୍ଲାଇ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ଜନପ୍ରତିନିଧି ଓ ଶ୍ରମିକ ସଂଘ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି । ଏଥିସହିତ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି ।

ସୋମବାର କାଳିଆପାଣିଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଶ୍ରମିକ ସଂଘର ଉପଦେଷ୍ଟା ବିଦ୍ୟାଧର ପାତ୍ର, ସହ ସମ୍ପାଦକ ଭରତ ମହାନ୍ତ ଟିଏସ୍ଏମ୍ଏଲ୍ ଅକ୍ତିଆରେ ଥିବା ସୁକିନ୍ଦା, ସାରୁଆବିଲ, କମର୍ଦା କ୍ରୋମାଇଟ ମାଇନ୍ସର ଉତ୍ତୋଳନ ସହ ଆନୁସଙ୍ଗିକ ସମସ୍ତ କାର୍ଯ୍ୟ ଡେକୋ କମ୍ପାନୀ ହାତେଇଛି । ଏହିସବୁ ଖଣିରେ ପୂର୍ବରୁ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ୧ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ ଛଟେଇ କରିଦେଇଥିବାରୁ ସେମାନଙ୍କ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି । ଶ୍ରମିକ ସଂଘର ବହୁ ଦାବି ଓ ଆଲୋଚନା ପରେ ଡେକୋ କମ୍ପାନୀ ନାମକୁ ମାତ୍ର କେତେଜଣ ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦେଇଥିବା ବେଳେ ଅତି ଗୋପନୀୟ ଭାବେ ଜିଲା ଓ ରାଜ୍ୟ ବାହାର ବହୁ ଲୋକଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଡେକୋ ଓ ଟିଏସ୍ଏମ୍ଏଲ୍ ବିରୋଧରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସରକାରଙ୍କୁ କମର୍ଦା ଖଣି ଚାଲୁଥିବା ମିଛ ରିପୋର୍ଟ ନ ଦେଇ ତୁରନ୍ତ ସେହି ଖଣିକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାନୀୟ ଅଞ୍ଚଳର ବେକାର ଯୁବକଙ୍କୁ ନିଯୁକ୍ତି ଦେବା, ସୁକିନ୍ଦା, ସାରୁଆବିଲ ଓ କମର୍ଦା କ୍ରୋମାଇଟ ମାଇନ୍ସରେ ଛଟେଇ ହୋଇଥିବା ଲୋଡିଂ ଶ୍ରମିକମାନଙ୍କୁ ଚଳିତ ମାସ ୧୫ ତାରିଖ ସୁଦ୍ଧା ନିଯୁକ୍ତି ପ୍ରଦାନ ,ବାହାର କର୍ମଚାରୀଙ୍କୁ ବିଦା କରି ସ୍ଥାନୀୟ ଅଞ୍ଚଳର ବେକାର ଯୁବକଙ୍କୁ ସେହି ସ୍ଥାନରେ ନିଯୁକ୍ତି, ବିସ୍ଥାପିତ ହେବାକୁ ଥିବା କମର୍ଦା ଲେବର କଲୋନୀ ବାସିନ୍ଦାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ,ବିସ୍ଥାପିତ କଲୋନୀରେ କଟାଯାଇଥିବା ବିଦ୍ୟୁତକୁ ତୁରନ୍ତ ସଂଯୋଗ କରିବା, ସାମାଜିକ ଦାୟିତ୍ୱବୋଧ ଯୋଜନାରେ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ହାତକୁ ନେଇ କଂସ ପଞ୍ଚାୟତ ହାଇସ୍କୁଲ ଗୃହ ନିର୍ମାଣ କରିବା ଆଦି ଦାବି ନେଇ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଓ ଶ୍ରମିକ ସଂଘ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏହା ପୂର୍ବରୁ ସୁକିନ୍ଦା ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ, ଶ୍ରମିକ ସଂଘ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କ ସହ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବହୁଥର ଆଲୋଚନା ହୋଇଛି । କମ୍ପାନୀ କର୍ତ୍ତୃପକ୍ଷ ଦାବି ପୂରଣ ପାଇଁ ସହମତି ପ୍ରକାଶ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ କମ୍ପାନୀ ବିରୋଧରେ ଅସନ୍ତୋଷ ବୃଦ୍ଧି ପାଇ ଉଗ୍ରରୂପ ଧାରଣ କରୁଛି । ତୁରନ୍ତ ଏହାର ସମାଧାନ ନ ହେଲେ ଆସନ୍ତା ୨୫ରୁ ଖଣି ଅଞ୍ଚଳରେ ଅର୍ଥନୈତିକ ଅବରୋଧ ସହ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଜିଲା ପରିଷଦ ସଭ୍ୟ ପ୍ରତାପ ପାତ୍ର, ଚିଙ୍ଗୁଡିପାଳ ସରପଞ୍ଚ ନିଳେନ୍ଦ୍ରୀ ପ୍ରଧାନ, କାଳିଆପାଣି ସରପଞ୍ଚ କଳ୍ପନା ଜେନା, ଯୁବନେତା କେଶବ ହେସା, ଶ୍ରମିକ ସଂଘ ଉପସଭାପତି ପ୍ରଭାତ ପ୍ରଧାନ, ଟ୍ରକ ମାଲିକ ସଂଘ ପକ୍ଷରୁ ବୈଠକ ମହାନ୍ତ, ଲୋଡିଂ ଶ୍ରମିକ ପକ୍ଷରୁ ପଞ୍ଚାନନ ପାତ୍ର, ମହେଶ୍ୱର ନାଏକ, ଧନେଶ୍ୱର ମହାନ୍ତ ଓ ରଥୁ ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ଜନପ୍ରତିନିଧି,ଶ୍ରମିକ ସଂଘ କର୍ମକର୍ତ୍ତା ।

## ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

**ଧର୍ମଶାଳା/ରସୁଲପୁର ୪।୧୦(ଡି.ଏନ.ଏ.)**

ମଦ ଜବତ କରିବାକୁ ଯାଇଥିବା ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଧର୍ମଶାଳା ଥାନା ଦେଓଦା ଗ୍ରାମର ଜ୍ଞାନ ମଲ୍ଲିକ (୨୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଦେଓଦା ଗ୍ରାମରେ ଚୋରା ମଦ କାରବାର ହେଉଥିବା ଅବକାରୀ ବିଭାଗ କମିଶନର ଆଶିଷ କୁମାର ସିଂଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଗତ ୧ତାରିଖରେ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢାଉ କରାଯାଉଥିବା ବେଳେ ଚୋରା ମଦ ବ୍ୟବସାୟୀମାନେ ଅବକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲେ। ପରେ କର୍ମଚାରୀମାନେ ସେଠାରୁ ଫେରିଆସି ୨ତାରିଖି ଦିନ ଏନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୯୫/୨୧)ରୁଜୁ କରି ତଦନ୍ତ ଜାରି ରଖିଛି । ଜ୍ଞାନଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ଯୁବକଙ୍କୁ ଗୁଳିମାଡ଼ ଘଟଣା, ୩ ଅଟକ

**ଚଣ୍ଡିଖୋଲ,୪।୧୦(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଳାଶୁଣୀ ପାହାଡ଼ରେ ସୋମବାର ରାତିରେ ଜଣେ ଯୁବକକୁ ଗୁଳିମାଡ଼ ହୋଇଥିଲା । ଏହି ଘଟଣାରେ ବାଲିଚନ୍ଦ୍ରପୁର ଥାନା ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଛି । ମାତ୍ର କେଉଁ କାରଣରୁ ଏହି ଗୁଳିକାଣ୍ଡ ଘଟିଲା ସେ ସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ମିଳିନାହିଁ । ମଙ୍ଗଳବାର ଯାଜପୁର ରୋଡ ଏସ୍‌ଡିପିଓ ଚିନ୍ମୟ ନାୟକ ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାରେ ଏକ ମାମଲା(ନଂ. ୩୦୬/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଓଳାଶୁଣୀ ପାହାଡ଼ର ପୂର୍ବପଟ ରାସ୍ତାରେ କେତେଜଣ ଯୁବକ ସ୍ଥାନୀୟ ବନ୍ଦରେଶ୍ୱର ଗ୍ରାମର ସିଦ୍ଧାନ୍ତ ସାମଲ ଓରଫ ବୁବୁନଙ୍କୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ । ଗୁଳିମାଡ଼ କରିଥିବା ଦୁର୍ବୃତ୍ତଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ପୋଲିସ କୌଣସି ସୁରାକ ପାଇ ନାହିଁ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି


ଆମରଣ ଅନଶନରେ ବସିଥିବା ପଞ୍ଚାୟତବାସୀ ।

### ଆମରଣ ଅନଶନରେ ବସିଲେ ପଞ୍ଚାୟତବାସୀ

**ସିଂହପୁର/ବିଂଝାରପୁର, ୪।୧୦(ଡି.ଏନ.ଏ.)**

ବିଂଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦୁର୍ନୀତୀ ହୋଇଛି । ଗୋଟିଏ ପରେ ଗୋଟିଏ ଦୁର୍ନୀତି ପଦାକୁ ଆସିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜରି, ସିଂହପୁର ପଞ୍ଚାୟତରେ ହୋଇଥିବା ଦୁର୍ନୀତିରେ ପ୍ରତିବାଦ ଓ ଅନଶନ ପରେ ସୋମବାରଠାରୁ ବାଙ୍ଗରା ଓ ଫତେପୁର ପଞ୍ଚାୟତରେ ହୋଇଥିବା ମହାଦୁର୍ନୀତିରେ ତଦନ୍ତ ଦାବିରେ ଆମରଣ ଅନଶନ ଆରମ୍ଭ ହୋଇଛି। ଏହି ଦୁର୍ନୀତିରେ ତଦନ୍ତ ନ ହେଲେ ଅନଶନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତବାସୀ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଂଝାରପୁର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ବାଧ୍ୟହୋଇ ପଞ୍ଚାୟତବାସୀ ଅନଶନ ପାଇଁ ନିଷ୍ପତ୍ତି ନେଇଥିଲେ। ବାଙ୍ଗରା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜ୍ଞାନରଞ୍ଜନ ଜେନା, ଜିତେନ୍ଦ୍ର ବିଶ୍ୱାଳ, ଅଭୟ ଆରୁଖ, ରାଜେନ୍ଦ୍ର ରାଉତ, କୁଶ ଚରଣ ସାମଲ, କୃଷ୍ଣଚନ୍ଦ୍ର ଭୂୟାଁ, ପୁରୁଷୋତ୍ତମ ବେହେରା, ପ୍ରେମାନନ୍ଦ ଥାଟୋଇ, ମଣ୍ଡଳ ସଭାପତି ମଦନ ମୋହନ ଜେନାଙ୍କ ସମେତ ପଞ୍ଚାୟତର ବହୁ ଲୋକ ଅନଶନରେ ସାମିଲ ହୋଇଛନ୍ତି। ପୂର୍ବତନ ସମିତି ସଭ୍ୟ ଜିତେନ୍ଦ୍ର ବିଶ୍ୱାଳ କହିଛନ୍ତି, ଦୁର୍ନୀତିରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲୁରହିବ।

## ଅବସରପ୍ରାପ୍ତ ଅଧିକାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ବିଞ୍ଝାରପୁର,୪।୧୦(ଡି.ଏନ.ଏ.)**

ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଞ୍ଝାରପୁର ବ୍ଲକ ଅଧୀନ ନରୁଆ ବାସଭବନ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅମୂଲ୍ୟଙ୍କ ବଡ ପୁଅ ଷ୍ଟାଲିନ ଦାସ ବାପାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟିକା ତଥା ଶାସକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ସଂଖ୍ୟାଲଘୁ ବ୍ଲକ ସଭାପତି ମୋଜାହିଦ ଅଲ୍ଲୀ ଖାନ୍ ପ୍ରମୁଖ ଯୋଗଦେଇଥିଲେ ।

## ଅମୀୟ ସଭାପତି, ଦିଲ୍ଲୀପ ସାଧାରଣ ସମ୍ପାଦକ

### ଯାଜପୁର ରୋଡ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ

**କଳିଙ୍ଗନଗର,୪।୧୦(ଡି.ଏନ.ଏ.)**

ଯାଜପୁର ରୋଡ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରାର୍ଥୀ ଅମୀୟ ରଞ୍ଜନ ବାରିକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କିଶୋର କୁମାର ରାଉତ(ରୁନା)ଙ୍କୁ ୭୧ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟ ହୋଇଛନ୍ତି। ସାଧାରଣ ସମ୍ପାଦକ ପ୍ରାର୍ଥୀ ଦିଲ୍ଲୀପ କୁମାର ମଲ୍ଲିକ ୬୫ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବ୍ରଜକିଶୋର ରାଉତଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି । ଉପ-ସଭାପତି ଭାବେ କିଶୋର କୁମାର ରାଉତ ୧୫୦ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦ୍ୟୁମ୍ନ ବୋଇତାଇଙ୍କୁ, ଯୁଗ୍ମ ସମ୍ପାଦକ ଭାବେ ବିଜୟ କୁମାର ଜେନା ୧୧୮ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିରଞ୍ଜନ ସୋରେନଙ୍କୁ,ସହ-ସମ୍ପାଦକ ଭାବେ ଜୟଜିତ୍ ପରିଡ଼ା ୧୧୨ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନୀଳମଣି ରାଉତଙ୍କୁ,କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର ଶର୍ମା ୯୮ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ନାୟକଙ୍କୁ ପରାସ୍ତ କରି ବିଜୟ ହୋଇଛନ୍ତି । ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନରେ ଚଳିତ ବର୍ଷ ନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ମହାନ୍ତି,ରାଜେନ୍ଦ୍ର ପ୍ରଧାନ,ଅଶୋକ ନାୟକ,ହୃଦାନନ୍ଦ ସାମଲ ଦାୟିତ୍ୱ ନିର୍ବାହ କରିଥିଲେ । ୯୪ ଖଣ୍ଡ ଭୋଟ ନାକଚ ହୋଇଥିବା ସୂଚନା ମିଳିଛି । ଯାଜପୁର ରୋଡ ପୋଲିସ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲା ।

# ଲେଭଲ କ୍ରସିଂରେ ଭିଡ଼ ବଢ଼ୁଛି

### ଫ୍ଲାଏଓଭର, ଗଳି ପୋଲ ନିର୍ମାଣ ଦାବି

**ଯାଜପୁର ଅଫିସ,୪।୧୦**


ଲେଭଲ କ୍ରସିଂରେ ଯାନବାହନ ଯାତାୟତ କରୁଛି ।

ଯାଜପୁର ରୋଡ୍‌ର ୨ ରେଲୱେ ଲେଭଲ୍ କ୍ରସିଂରେ ଗାଡିମୋଟର ସହ ସାଧାରଣ ଲୋକଙ୍କ ଭିଡ ଅଣାୟତ୍ତ ହେବାରେ ଲାଗିଛି। ଏହାର ପ୍ରତିକାର ପାଇଁ ପୁରୁଣା ଲେଭଲ୍ କ୍ରସିଂ ଚୂନଭାଟି ନିକଟରେ ଏକ ଫ୍ଲାଏ ଓଭରବ୍ରିଜ ଏବଂ ଡାକବଙ୍ଗଳା ପାଖ ଲେଭଲ କ୍ରସିଂ ନିକଟରେ ଏକ ଗଳିପୋଲ ନିର୍ମାଣ ଦାବି ହୋଇଛି। ଏହି ମର୍ମରେ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ରେଲୱେ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ବର୍ଷ ତଳେ ଏଠାରେ ରେଳ ଡିଭିଜନ ପ୍ରସ୍ତାବକୁ ଅନୁମୋଦନ କରାଯାଇ ସାରିଛି। ଅବିଭକ୍ତ କଟକ ଜିଲାର ପ୍ରାକ୍ତନ ଜିଲାପାଳ ଭାବେ ଯାଜପୁର ରୋଡ୍‌ର ଅବସ୍ଥିତି ସମ୍ପର୍କରେ ଆପଣ ସମ୍ପୂର୍ଣ୍ଣ ଭାବେ ପରିଚିତ । ଯାଜପୁର ଜିଲାର ମୁଖ୍ୟ ବାଣିଜ୍ୟିକ କେନ୍ଦ୍ର କଳିଙ୍ଗନଗର ଅଞ୍ଚଳରେ ନାନା କଳକାରଖାନା ଯୋଗୁ ଏହାର ଗୁରୁତ୍ୱ ଖୁବ୍ ବଢ଼ିଯାଇଛି । ଯାଜପୁର ଜିଲାର ୧୪ ଲକ୍ଷ ଲୋକ ଦୂରଦୂରାନ୍ତ ଯିବାପାଇଁ ଏହି ଷ୍ଟେଶନ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଲେଭଲ୍ କ୍ରସିଂ ଦୀର୍ଘ ସମୟ ଧରି ବନ୍ଦ ରହୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏଠାରେ ଠିକ୍ ସମୟରେ ମେଡିକାଲରେ ପହଞ୍ଚି ନ ପାରିବା ଫଳରେ ଉପଯୁକ୍ତ ଚିକିତ୍ସା ଅବହେଳାରୁ ରୋଗୀ ବାଟରେ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ଜିଲାପାଳ, ସ୍ଥାନୀୟ ବିଧାୟକ ଓ ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ପୂର୍ବରୁ ଅବଗତ କରାଯାଇଛି। ଉଭୟ ଓଭରବ୍ରିଜ ଓ ଗଳିପୋଲ ନିର୍ମାଣ ସମେତ ରେଳ ଡିଭିଜନ ପ୍ରସ୍ତାବକୁ ତ୍ୱରାନ୍ୱିତ କରିବାକୁ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ସଭାପତି ଡାକ୍ତର ହେମନ୍ତ କିଶୋର ସାହୁ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଗୌରୀଶଙ୍କର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ପୂର୍ବତନ ଉପ-ନଗରପାଳ ହୃଦାନନ୍ଦ ସାମଲ ଓ ପ୍ରମୋଦ କୁମାର ପରିଡ଼ା, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ, ଆଡ଼ଭୋକେଟ ଚନ୍ଦ୍ରଶେଖର ପଣ୍ଡା, ସୁଧାଂଶୁଶେଖର ଦାସ, ନାରାୟଣ ପ୍ରସାଦ ପତି, ରଜତ କୁମାର ରାଉତ, ଦୁଷ୍ମନ୍ତ କୁମାର ନାୟକ, ମନୀନ୍ଦ୍ର କୁମାର ଧଳ, ପଦ୍ମନାଭ ସ୍ୱାଇଁ, ଦୀନେଶ କୁମାର ମସ୍କରା, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଦାବି କରିଛନ୍ତି।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଶ୍ରମିକ

**ଯାଜପୁର ଟାଉନ,୪।୧୦(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ କାଳିଆପାଣି କଲରଙ୍ଗିଆଟା ଟିଏସ୍ଏମ୍ଇ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଦେବା ଦାବିରେ ଶ୍ରମିକମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କମ୍ପାନୀରେ ୪୦ରୁ ଉର୍ଦ୍ଧ୍ୱ ଶ୍ରମିକ ଦୀର୍ଘବର୍ଷ ଧରି ଟାଟା ଷ୍ଟିଲ୍ ଅଧୀନରେ କାର୍ଯ୍ୟ କରିଥିଲେ । ହେଲେ କମ୍ପାନୀ ୨ବର୍ଷ ତଳେ ଏକ ଠିକା ସଂସ୍ଥାକୁ ନିୟୋଜିତ କରି ଶ୍ରମିକମାନଙ୍କୁ କାର୍ଯ୍ୟ କରାଉଥିଲେ। ମାତ୍ର କୌଣସି କାରଣ ନ ଥାଇ ଗତ ବର୍ଷେ ହେବ ସମସ୍ତ ଶ୍ରମିକମାନଙ୍କୁ ଛଟେଇ କରାଯାଇଥିଲା । ଖଣି କାମ ଆରମ୍ଭ ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନାହିଁ। ଏହାର ପ୍ରତିବାଦରେ ଗୀତା ମାରାଣ୍ଡି, ଶକୁନ୍ତଳା ବାଙ୍କିର, ସବିତା ତାମରାଏ, ମମତା ମହାନ୍ତ, କୁନି ବାରିକ, ସମ୍ବାରୀ ପ୍ରଧାନ, କଲ୍ୟାଣୀ ପାତ୍ର, ଲକ୍ଷ୍ମୀକାନ୍ତ ମହାକୁଲ, ଘନଶ୍ୟାମ ସାଗୁରାଇ, ମାଧବଚନ୍ଦ୍ର ମହାନ୍ତ, ମହେଶ୍ୱର ପ୍ରଧାନ ପ୍ରମୁଖ ଜିଲାପାଳଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ବ୍ରିଟେନରେ ତୈଳ ସଙ୍କଟ: ଯୋଗାଣରେ ସେନା ନିୟୋଜିତ

**ଲଣ୍ଡନ, ୪।୧୦:** ଟ୍ୟାଙ୍କର ଚଳାଇବା ପାଇଁ ଡ୍ରାଇଭର ମିଳୁ ନ ଥିବାରୁ ବ୍ରିଟେନରେ ଗୁରୁତର ତୈଳ ସଙ୍କଟ ସୃଷ୍ଟି ହୋଇଛି। ସମସ୍ୟାର ସମାଧାନ ପାଇଁ ସୋମବାରଠାରୁ ପେଟ୍ରୋଲ ପମ୍ପଗୁଡ଼ିକୁ ତେଲ ଯୋଗାଣ କାର୍ଯ୍ୟରେ ସୈନ୍ୟବାହିନୀର ଡ୍ରାଇଭରମାନଙ୍କୁ ନିୟୋଜିତ କରାଯାଇଛି। ତେଲ ଅଭାବକୁ ନେଇ ବ୍ରିଟେନରେ ଉତ୍ତେଜନା ପ୍ରକାଶ ପାଇଛି। ଆଗକୁ ତେଲ ନ ମିଳିବା ଆଶଙ୍କାରେ ଲୋକେ ଅଧିକ ପରିମାଣରେ କିଣି ଗଚ୍ଛିତ ରଖୁଥିବାରୁ ସ୍ଥିତି ଆହୁରି ଖରାପ ହୋଇଛି। ପେଟ୍ରୋଲ ପମ୍ପଗୁଡ଼ିକରେ ଗାଡ଼ିର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଦଶନ୍ଧି ମଧ୍ୟରେ ବ୍ରିଟେନରେ ଏହା ସର୍ବାଧିକ ତୈଳ ସଙ୍କଟ। ତେବେ ଯୋଗାଣରେ କୌଣସି ଅସୁବିଧା ନାହିଁ, ଟାଙ୍କିରେ ପହଞ୍ଚାଇବାରେ ଅସୁବିଧା ବୋଲି ତୈଳ କମ୍ପାନୀଗୁଡ଼ିକ କହିଛନ୍ତି। ସରକାରଙ୍କ କଠୋର ନୀତି ଯୋଗୁ ଡ୍ରାଇଭର ଟ୍ୟାଙ୍କର ଚଳାଇବାକୁ ରାଜି ହେଉନାହାନ୍ତି। ଅନ୍ୟପକ୍ଷରେ ଡ୍ରାଇଭର ଅଭାବ ପାଇଁ ସରକାର ମହାମାରୀକୁ ଦାୟୀ କରିଛନ୍ତି।

### ପଶ୍ଚିମବଙ୍ଗ ବାଚସ୍ପତିଙ୍କ ନିକଟରେ ହାଜର ହେବାକୁ ସିବିଆଇକୁ ନିର୍ଦ୍ଦେଶ

**କୋଲକାତା, ୪।୧୦(ପି.ଟି.):** ନାରଦ ଷ୍ଟିଙ୍ଗ ମାମଲାରେ ବାଚସ୍ପତିଙ୍କ ଅନୁମତି ନ ନେଇ ପଶ୍ଚିମବଙ୍ଗର ୩ ବିଧାୟକଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିବା ସିବିଆଇ ଅଧିକାରୀମାନଙ୍କୁ ବାଚସ୍ପତିଙ୍କ ନିକଟରେ ହାଜର ହେବା ଲାଗି କାଲ୍‌କାଟା ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ବାଚସ୍ପତି ବିମାନ ବାନାର୍ଜୀଙ୍କ ସମନକୁ ଚ୍ୟାଲେଞ୍ଜ କରି ସିବିଆଇ ପକ୍ଷରୁ ଦାଏର ପିଟିଶନର ଶୁଣାଣିକୁ ଜଷ୍ଟିସ୍ ରାଜଶେଖର ମାନ୍ଥା ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି। ନାରଦ ଷ୍ଟିଙ୍ଗ୍ ମାମଲାରେ ସିବିଆଇ ପୂର୍ବରୁ ଟିଏମ୍‌ସି ବିଧାୟକ ସୁବ୍ରତ ମୁଖାର୍ଜୀ, ଫିର୍‌ହାଦ ହାକିମ ଏବଂ ମଦନ ମିତ୍ରଙ୍କୁ ଗିରଫ କରିଥିଲା। ବିନା ଅନୁମତିରେ ବିଧାୟକମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବାର କାରଣ ଦର୍ଶାଇବା ପାଇଁ ବାଚସ୍ପତି ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସମନ ଜାରି କରିଥିଲେ।

### ପୃଥିବୀକୁ ମରୁଭୂମି କରିଦେବା ନାହିଁ: ପୋପ୍

**ଭାଟିକାନ୍ ସିଟି, ୪।୧୦:** ପୋପ୍ ଫ୍ରାନ୍ସିସ୍ ଏବଂ ଅନେକ ଧର୍ମୀୟ ଗୁରୁ ଆଗାମୀ ଜାତିସଂଘର ଜଳବାୟୁ ଶିଖର ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରତିଶ୍ରୁତି ଦେବାକୁ ବିଭିନ୍ନ ଦେଶର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ସେମାନେ ସୋମବାର ଏକ ମିଳିତ ଆବେଦନରେ ସ୍ୱାକ୍ଷର କରିଛନ୍ତି। ଏଥିସହ ଏ ଦିଗରେ ସେମାନେ ନିଜ ନିଜର ଭୂମିକା ତୁଲାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ପୋପ୍‌ଙ୍କ ସରକାରୀ ବାସଭବନ ଆପୋଷ୍ଟୋଲିକ୍ ପ୍ୟାଲେସରେ ଏକ ଆନୁଷ୍ଠାନିକ ସମାରୋହରେ ଏହି ଆବେଦନ ସ୍ୱାକ୍ଷରିତ ହୋଇ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ସିଓପି ୨୬) ମୁଖ୍ୟ ଆଲୋକ ଶର୍ମାଙ୍କୁ ହସ୍ତାନ୍ତର କରାଯାଇଛି। ଆମକୁ ଉପହାରରେ ଏକ ବଗିଚା ମିଳିଥିଲା। କିନ୍ତୁ ଆମ ପିଲାମାନଙ୍କ ପାଇଁ ଆମେ ଏକ ମରୁଭୂମି ଛାଡ଼ି ଯାଇପାରିବା ନାହିଁ ବୋଲି ଏହି ଆବେଦନରେ କୁହାଯାଇଛି।

## ପାଣ୍ଡୋରା ପେପର୍ସ

# ମଲ୍ଟି ଏଜେନ୍ସି ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୪।୧୦

ପାଣ୍ଡୋରା ପେପର୍ସ ଲିକ୍‌ରୁ ଅନେକ ଭାରତୀୟ ଟିକସ ଫାଙ୍କି ବିପୁଳ ସମ୍ପତ୍ତିର ଅଧିକାର ହୋଇଥିବା ଖବର ପ୍ରକାଶ ପାଇବା ପରେ ଏହାର ମଲ୍ଟି ଏଜେନ୍ସି ତଦନ୍ତ କରାଯିବ ବୋଲି କେନ୍ଦ୍ର ସରକାର ସୋମବାର ଘୋଷଣା କରିଛନ୍ତି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ନେତୃତ୍ୱରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଆର୍ଥିକ ଗୋଇନ୍ଦା ୟୁନିଟ୍ ଦ୍ୱାରା ରିପୋର୍ଟର ଯାଞ୍ଚ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତଦନ୍ତରେ ଦୋଷୀ ସାବ୍ୟସ୍ତହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଦର୍ଶାଯାଇଛି।

ଟିକସ ଫାଙ୍କି ବିପୁଳ ସମ୍ପତ୍ତିର ମାଲିକ ହୋଇଥିବା ବିଶ୍ୱର ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ମଧ୍ୟରେ ଭାରତର ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାଁ ରହିଛି। ଇଣ୍ଟରନ୍ୟାଶନାଲ କନ୍‌ସୋର୍ଟିୟମ୍ ଅଫ୍ ଇନ୍‌ଭେଷ୍ଟିଗେଟିଭ୍ ଜର୍ନାଲିଷ୍ଟ (ଆଇସିଆଇଜେ) ପକ୍ଷରୁ ବର୍ଷେରୁ ଅଧିକ ସମୟ ଧରି ପାଣ୍ଡୋରା ପେପର୍ସର ୧୧.୯ ନିୟୁତରୁ ଊର୍ଦ୍ଧ୍ୱ ରେକର୍ଡ ସଙ୍କଳନ, ଗବେଷଣା ଓ ବିଶ୍ଳେଷଣ କରିବା ପରେ ଏହି ରିପୋର୍ଟ ସାମ୍ନାକୁ ଆସିଛି। ରାଜ୍ୟ ସଭାର ପୂର୍ବତନ ସଦସ୍ୟ ତେନ୍ଦୁଲକରଙ୍କ ସମେତ ତାଙ୍କ ସ୍ତ୍ରୀଙ୍କ ନାଁ ମଧ୍ୟ ପାଣ୍ଡୋରା ପେପର୍ସ ଲିଷ୍ଟରେ ରହିଛି। ସେମାନେ ବ୍ରିଟିଶ ଭର୍ଜିନ ଆଇଲାଣ୍ଡରେ ଏକ ଅଫ୍‌ସୋର ସଂସ୍ଥାର ମାଲିକ ଥିଲେ, ଯାହାକୁ ୨୦୧୬ରେ ବନ୍ଦ କରିଦିଆଯାଇଥିଲା। ସେହିପରି ଜଣାଶୁଣା ବଲିଉଡ୍ ଅଭିନେତା ଜ୍ୟାକି ଶ୍ରଫ୍ ତାଙ୍କ ଶାଶୁ କ୍ଲାଉଡିଆ ଦତ୍ତଙ୍କ ନାଁରେ ୨୦୦୫ରେ ନ୍ୟୁଜିଲାଣ୍ଡରେ ଏକ ଟ୍ରଷ୍ଟ କରି ଲାଭବାନ ହୋଇଥିଲେ। ଏହି ଟ୍ରଷ୍ଟର ସେ ପ୍ରମୁଖ ଲାଭବାନ ବ୍ୟକ୍ତି ଥିଲେ। ଏହାର ସ୍ୱିସ୍ ବ୍ୟାଙ୍କ ଆକାଉଣ୍ଟ ଥିଲା। ୨୦୧୩ରେ ସେହି ମିଡିଆ ଟ୍ରଷ୍ଟ ବନ୍ଦ ହୋଇଯାଇଥିଲା। ସେହିପରି ବ୍ରିଟିଶ ଭର୍ଜିନ ଆଇଲାଣ୍ଡରେ ମଧ୍ୟ ତାଙ୍କର ଏକ ଅଫ୍‌ଶୋର କମ୍ପାନୀ ଥିଲା ବୋଲି ପାଣ୍ଡୋରା ପେପର୍ସର ଅନୁସନ୍ଧାନମୂଳକ ରିପୋର୍ଟରେ ପ୍ରଘଟ ହୋଇଛି।

ଏହାବାଦ୍ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଅନିଲ ଅମ୍ବାନୀ, ବିନୋଦ ଆଦାନି, କିରଣ ମଜୁମଦାର–ଶ, ନିରିଜା ରାଦିଆ, ସତୀଶ ଶର୍ମାଙ୍କ ନାଁ ମଧ୍ୟ ରହିଛି। ଶତାଧିକ ବିଲିଓନେୟାର, ବିଶ୍ୱନେତା ଓ ସରକାରୀ ଅଧିକାରୀଙ୍କ ଗୁପ୍ତ ଡିଲ୍ ଟିକସ ଫାଙ୍କିବା ଯୋଗୁ ବିଶ୍ୱରେ ପ୍ରତିବର୍ଷ ୪୨୭ ବିଲିୟନ ଡଲାରର କ୍ଷତି ହୋଇଥିବା ଅକ୍ସଫାମ ଇଣ୍ଡିଆର ସିଇଓ ଅମିତାଭ ବେହାର କହିଛନ୍ତି। ଏଥିଯୋଗୁ ବିଶେଷ କରି ବିକାଶଶୀଳ ଦେଶଗୁଡ଼ିକ ପ୍ରଭାବିତ ହୋଇଛନ୍ତି। ଏହା ଦୁର୍ନୀତି ଓ ଅପରାଧ ବଢ଼ାଇବାରେ ସହାୟକ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି।


ସଚିନ ତେନ୍ଦୁଲକର


ଜ୍ୟାକି ଶ୍ରଫ୍

- ବେଆଇନ କାରବାର କରିଛନ୍ତି ୩ ଶହ ଭାରତୀୟ
- ରିପୋର୍ଟରେ ତେନ୍ଦୁଲକର, ଜ୍ୟାକି ଶ୍ରଫ୍

### କିଶିଦା ଜାପାନ ପ୍ରଧାନମନ୍ତ୍ରୀ



ଟୋକିଓ, ୪।୧୦

ଜାପାନ ପାର୍ଲାମେଣ୍ଟରେ ଫୁମିଓ କିଶିଦା ସୋମବାର ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ବର୍ଷେ କ୍ଷମତାରେ ରହିବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଇସ୍ତଫା ଦେଇଥିଲେ। ଏହା ପରେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ୬୪ ବର୍ଷୀୟ କିଶିଦାଙ୍କୁ ଶାସକ ଦଳ ନେତା ନିର୍ବାଚିତ କରାଯାଇଥିଲା। ଉଭୟ ଗୃହରେ କିଶିଦାଙ୍କ ଦଳ ଏବଂ ସହଯୋଗୀଙ୍କ ସମର୍ଥନ ରହିଥିବାରୁ କିଶିଦା ସହଜରେ ବିରୋଧୀ ଦଳର ୟୁକିଓ ଏଦାନୋଙ୍କୁ ପରାସ୍ତ କରିଥିଲେ। ଶୁକ୍ରବାର ସେ ପାର୍ଲାମେଣ୍ଟରେ ବକ୍ତବ୍ୟ ରଖିବେ। ଆସନ୍ତା ୩୧ରେ ସେ ନିମ୍ନ ସଦନକୁ ଭାଙ୍ଗି ନୂଆ କରି ନିର୍ବାଚନ କରିବେ ବୋଲି ଜଣାପଡ଼ିଛି।

## ଏନ୍‌ଇଇଟି–ୟୁଜି ବାତିଲ ଆବେଦନ ଖାରଜ

### ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୪।୧୦

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ, ଅଣ୍ଡରଗ୍ରାଜୁଏଟ(ଏନ୍‌ଇଇଟି–ୟୁଜି) ପରୀକ୍ଷା ବାତିଲ ଏବଂ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ଆଉଥରେ ପରୀକ୍ଷା ଆୟୋଜନ କରିବା ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ସେପ୍ଟେମ୍ବର ୧୨ରେ ଅନୁଷ୍ଠିତ ଏହି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଅନେକ ଛାତ୍ରୀଛାତ୍ର ବେଆଇନ ଭାବେ ପରୀକ୍ଷା ଦେଇଥିବା ଦର୍ଶାଇ ୨୦ ବର୍ଷୀୟ ଆଶାୟୀ ସେଲୋନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲକ୍ଷ ଲକ୍ଷ ସଂଖ୍ୟାରେ ଶିକ୍ଷାର୍ଥୀ ଏହି ପରୀକ୍ଷା ଦେଇଛନ୍ତି। ପରୀକ୍ଷା ବାତିଲ କରାଯାଇ ସେମାନଙ୍କ କ୍ଷତି ହେବାକୁ ଦିଆଯିବ ନାହିଁ। ଏଥିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବେନି ବୋଲି ଜଷ୍ଟିସ୍ ଏଲ୍ ନାଗେଶ୍ୱରା ରାଓ ଏବଂ ବି. ଆର୍. ଗବାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଶୁଣାଣିବେଳେ ଖଣ୍ଡପୀଠ କହିଥିଲେ, ଏ ବାବଦରେ ସିବିଆଇ ମାତ୍ର ୩ଟି ଏଫ୍‌ଆଇଆର୍ ଦାଖଲ କରିଛି। କେତେଜଣ ଛାତ୍ରୀଛାତ୍ରଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେଇଥିବା ଅଭିଯୋଗ ରହିଛି। ତେବେ ଏତେ କମ୍ ସଂଖ୍ୟାରେ ଏଫ୍‌ଆଇଆର୍ ଆଧାରରେ ପରୀକ୍ଷା ବାତିଲ କରାଯାଇପାରିବ ନାହିଁ। ସେହିପରି ଧାରା ୩୨ ଅନୁଯାୟୀ କିପରି ଏଭଳି ଆବେଦନ କରାଯାଇଛି ବୋଲି ଆବେଦନକାରୀଙ୍କ ଓକିଲଙ୍କୁ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଏଥିସହ ଆବେଦନକାରୀଙ୍କ ଉପରେ ୫ ଲକ୍ଷ ଟଙ୍କାର ଜରିମାନା ଲଗାଇବାକୁ ସର୍ବୋଚ୍ଚ ଅଦାଲତ ପୂର୍ବରୁ କହିଥିଲେ। ତେବେ ପିଟିଶନରଙ୍କ ପକ୍ଷରୁ ଗୁହାରି କରାଯିବା ପରେ ଖଣ୍ଡପୀଠ ଏହି ଜରିମାନା ଲଗାଇ ନ ଥିଲେ।

## ଏନ୍‌ଇଇଟି ଆୟୋଜନ ବିରୋଧରେ ଷ୍ଟାଲିନ୍

ଚେନ୍ନାଇ, ୪।୧୦


୧୨ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ

ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ବିରୋଧରେ ତାମିଲନାଡୁ ସରକାର ୧୨ ରାଜ୍ୟ ସରକାରଙ୍କ ସମର୍ଥନ ଲୋଡ଼ିଛନ୍ତି। ଏ ନେଇ ସେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଦିଲ୍ଲୀ, ଝାଡ଼ଖଣ୍ଡ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଏବଂ ଗୋଆ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସମ୍ବିଧାନରେ ଧାର୍ଯ୍ୟ କରାଯାଇଥିବା ଶିକ୍ଷା କ୍ଷେତ୍ର ପରିଚାଳନା ଉପରେ ରାଜ୍ୟଗୁଡ଼ିକର ଅଧିକାର ଫେରାଇ ଆଣିବା ନିମନ୍ତେ ମିଳିତ ଉଦ୍ୟମ ପାଇଁ ସେ ନିବେଦନ କରିଛନ୍ତି। ତାମିଲନାଡୁରେ କେତେଜଣ ଏନ୍‌ଇଇଟି ଆଶାୟୀ ଆତ୍ମହତ୍ୟା କରିବା ପରେ ଷ୍ଟାଲିନ୍ ସରକାର ବିନା ପ୍ରବେଶିକା ପରୀକ୍ଷାରେ ପିଲାମାନେ ମେଡିକାଲ ପାଠ ପଢ଼ିପାରିବେ ବୋଲି ନିକଟରେ ଏକ ଆଇନ ଆଣିଛନ୍ତି। ସାମାଜିକ ପଛୁଆ ବର୍ଗର ପିଲା ଏନ୍‌ଇଇଟି ଦ୍ୱାରା ପ୍ରଭାବିତ ହୋଇଥିବା ନେଇ ଏ. କେ. ରାଜନ କମିଟି ରିପୋର୍ଟ ଏବଂ ଉକ୍ତ ଆଇନର ନକଲ ଦେଖିବା ସହ ସମ୍ପୃକ୍ତ ମୁଖ୍ୟମନ୍ତ୍ରୀମାନେ ଶିକ୍ଷା କ୍ଷେତ୍ରକୁ ପରିଚାଳନା କରିବାରେ ରାଜ୍ୟର ଅଧିକାରକୁ ଫେରାଇ ଆଣିବା ନିମନ୍ତେ ଷ୍ଟାଲିନ୍ ଅନୁରୋଧ କରିଛନ୍ତି।

# ୪ ବର୍ଷ ହେଲା ଡ୍ରଗ୍ସ ନେଉଥିଲେ ଆର୍ୟ୍ୟନ

ମୁମ୍ବାଇ, ୪।୧୦

ମୁମ୍ବାଇ ଉପକୂଳରେ ଏକ ବିଳାସପୂର୍ଣ୍ଣ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି କରୁଥିବାବେଳେ ଗିରଫ ହୋଇଥିବା ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ୟ୍ୟନ (୨୩)ଙ୍କ ପାଇଁ ଅଡୁଆ ବଢ଼ିଛି। ତାଙ୍କ ଓକିଲ ଜାମିନ୍ ପାଇଁ କୋର୍ଟରେ ଯୁକ୍ତି ବାଢ଼ିଥିଲେ ହେଁ ଅଦାଲତ ଅଧିକ ତଦନ୍ତ ପାଇଁ ତାଙ୍କ ରିମାଣ୍ଡ ଅବଧି ଅକ୍ଟୋବର ୭କୁ ବଢ଼ାଇଛନ୍ତି। ବନ୍ଧୁ ଅରବାଜ୍ ମର୍ଚାଣ୍ଟ, ମୁନମୁନ ଧମେଚା ଓ ଅନ୍ୟ ୪ ଜଣଙ୍କୁ ମଧ୍ୟ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ୭ ତାରିଖ ପର୍ଯ୍ୟନ୍ତ ହେପାଜତକୁ ନେଇଛି। ଏଥିସହ ଡ୍ରଗ୍ସ ଲିଙ୍କ୍ ମାମଲାରେ ଏନ୍‌ସିବି ସୋମବାର ଶ୍ରେୟାସ୍ ନାୟାରଙ୍କୁ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ୮ ଜଣଙ୍କୁ ସୋମବାର କୋର୍ଟରେ ହାଜର କରାଯିବା ପରେ ଏନ୍‌ସିବି ସେମାନଙ୍କୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଆର୍ୟ୍ୟନଙ୍କ ଫୋନ୍‌ରୁ ଆପତ୍ତିଜନକ ତଥ୍ୟ ମିଳିଛି। ଡ୍ରଗ୍ସ ବେପାରୀଙ୍କ ସହ ନିୟମିତ ଭାବେ ତାଙ୍କର ଲିଙ୍କ୍ ଥିବା ହ୍ୱାଟ୍‌ସଆପ୍ ଚାଟରୁ ଜଣାପଡ଼ିଛି ବୋଲି ଦର୍ଶାଇ ତାଙ୍କୁ ଅଧିକ ପଚରାଉଚରା ଆବଶ୍ୟକ ଥିବା ଏନ୍‌ସିବି କହିଥିଲା। ତେବେ କୋର୍ଟ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ଏନ୍‌ସିବିକୁ ଅନୁମତି ଦେଇଛନ୍ତି।

ଅନ୍ୟପକ୍ଷରେ ଆର୍ୟ୍ୟନ ୪ ବର୍ଷ ଧରି ଡ୍ରଗ୍ସ ସେବନ କରୁଥିଲେ ବୋଲି ଏନ୍‌ସିବି ସୂତ୍ରରୁ ଜଣାପଡ଼ିଛି। ବ୍ରିଟେନ୍ ଏବଂ ଦୁବାଇରେ ରହଣିବେଳେ ମଧ୍ୟ ସେ ଡ୍ରଗ୍ସ ନେଉଥିଲେ। ଆର୍ୟ୍ୟନଙ୍କ ଚାଟିଂରେ ବିଦେଶରୁ ବିପୁଳ ପରିମାଣର ଡ୍ରଗ୍ସ କିଣାଯିବାକୁ ନେଇ କଥାବାର୍ତ୍ତା ହୋଇଥିଲା ବୋଲି ଏନ୍‌ସିବି ଜାଣିବାକୁ ପାଇଛି। ଏଥିପାଇଁ ସେମାନେ କୋଡ୍ ୱାର୍ଡ ବ୍ୟବହାର କରୁଥିଲେ। ଏ ସମ୍ପର୍କରେ ପଚରାଉଚରାବେଳେ ଆର୍ୟ୍ୟନ କାନ୍ଦି ପକାଇଥିଲେ ବୋଲି ଜଣାଯାଇଛି। ମୁମ୍ବାଇରୁ ଶନିବାର ଗୋଆ ଯିବାକୁ ଥିବା ଯାତ୍ରୀବାହୀ ଜାହାଜରେ ଡ୍ରଗ୍ସ ପାର୍ଟି ହେବା ସମ୍ପର୍କରେ ଖବର ପାଇ ଏନ୍‌ସିବି ଟିମ୍ ସେଠାରେ ଚଢ଼ାଉ କରିଥିଲା। ଯାତ୍ରୀ ହୋଇ କ୍ରୁଜ୍‌ରେ ଯାଇଥିବା ଏନ୍‌ସିବି ଅଧିକାରୀ ଆର୍ୟ୍ୟନ, ଅରବାଜ୍, ମୁନ୍‌ମୁନ, ଇସ୍‌ମୀତ ସିଂ, ମୋହାକ ଜଶୱାଲ, ଗୋମିତ୍ ଚୋପ୍ରା, ନୂପୁର ସାରିକା ଏବଂ ବିକ୍ରାନ୍ତ ଛୋକରଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାରର ଡ୍ରଗ୍ସ ଜବତ କରିଥିଲା। କୋର୍ଟରେ ହାଜର ହେବା ପରେ ନିଜ ସପକ୍ଷରେ ଯୁକ୍ତି ବାଢ଼ିଥିଲେ ଆର୍ୟ୍ୟନ। ସେ କୌଣସି ଅପରାଧ କରିନାହାନ୍ତି। ଏପରି କି ଏନ୍‌ସିବି ଅଧିକାରୀଙ୍କୁ ଦେଖି ସେ ପଳାଇ ଯିବାକୁ ଉଦ୍ୟମ ନ କରି ଯାଞ୍ଚ ପାଇଁ ସହଯୋଗ କରିଥିଲେ ବୋଲି ଆର୍ୟ୍ୟନ କହିଛନ୍ତି। ସେହିପରି ଆର୍ୟ୍ୟନ ଜାହାଜରେ ଡ୍ରଗ୍ସ ବିକ୍ରି କରିବାର କୌଣସି କାରଣ ନାହିଁ ବୋଲି ତାଙ୍କ ଓକିଲ ସତୀଶ ମନେସିନ୍ଦେ କହିଥିଲେ। ଆର୍ୟ୍ୟନ ଚାହିଁଲେ ପୂରା କ୍ରୁଜ୍‌କୁ କିଣିପାରିବେ ବୋଲି ତାଙ୍କ ଓକିଲ କୋର୍ଟରେ କହିଥିଲେ। ଡ୍ରଗ୍ସ ସିଣ୍ଡିକେଟ ସହ ଆର୍ୟ୍ୟନଙ୍କ ସମ୍ପୃକ୍ତି ଥିବାର କୌଣସି ପ୍ରମାଣ ନ ଥିବାରୁ ତାଙ୍କୁ ଜାମିନ ଦିଆଯାଉ ବୋଲି ସତୀଶ ଯୁକ୍ତି ବାଢ଼ିଥିଲେ। ତେବେ ତଦନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ଦିଗକୁ ବିଚାର କରି ଏନ୍‌ସିବି ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରିବାର ଆବଶ୍ୟକତା ଥିବା କହି କୋର୍ଟ ରିମାଣ୍ଡ ଅବଧି ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।



- ୭ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ
- ଜେରାବେଳେ କାନ୍ଦିଲେ
- ଫୋନ୍‌ରୁ ମିଳିଲା ଆପତ୍ତିଜନକ ତଥ୍ୟ
- ଆଉ ଜଣଙ୍କୁ ଗିରଫ କଲା ଏନ୍‌ସିବି

## ମୃତ୍ୟୁ ପ୍ରମାଣପତ୍ରରେ କୋଭିଡ୍ ନ ଥିଲେ ଅଟକିବନି କ୍ଷତିପୂରଣ

ନୂଆଦିଲ୍ଲୀ, ୪।୧୦(ଆଇଏଏନ୍‌ଏସ୍)

କେନ୍ଦ୍ର ଗାଇଡ୍‌ଲାଇନ ଅନୁଯାୟୀ କୋଭିଡ୍–୧୯ରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଯୋଗାଇଦେବାକୁ ସୁପ୍ରିମକୋର୍ଟ ସୋମବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନର ୩୦ ଦିନ ମଧ୍ୟରେ ସହାୟତା ରାଶି ସେମାନଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। କ୍ଷତିପୂରଣ ଯୋଜନାର ଉପଯୁକ୍ତ ପ୍ରଚାର ପ୍ରସାର କରିବା ପାଇଁ ଅଦାଲତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କହିଛନ୍ତି। ତେବେ ମୃତ୍ୟୁ ପ୍ରମାଣପତ୍ରରେ ମୃତ୍ୟୁର କାରଣ କୋଭିଡ୍–୧୯ ଲେଖାଯାଇ ନ ଥିବା ଦର୍ଶାଇ ରାଜ୍ୟ ସରକାର ସହାୟତା ରାଶିକୁ ଅଟକାଇପାରିବେ ନାହିଁ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ମୃତ୍ୟୁ ପ୍ରମାଣପତ୍ରରେ ସଂଶୋଧନ ପାଇଁ ରାଜ୍ୟ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ରାୟ ପ୍ରଦାନ ତାରିଖ ପରେ ଯେଉଁମାନଙ୍କର କୋଭିଡ୍‌ରେ ମୃତ୍ୟୁ ହେବ ସେମାନଙ୍କୁ ମଧ୍ୟ ଏହି ସହାୟତା ରାଶି ମିଳିବ। ଅଭିଯୋଗ ସମାଧାନ କମିଟି ମୃତ ରୋଗୀଙ୍କ ମେଡିକାଲ ରେକର୍ଡ ଯାଞ୍ଚ କରି ଆବେଦନର ୩୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବେ। ମିଳିଥିବା ମୃତ୍ୟୁ ପ୍ରମାଣପତ୍ରରେ ମୃତ୍ୟୁର କାରଣକୁ ନେଇ ପରିବାରର ଆପତ୍ତି ଥିଲେ, ସେମାନେ କମିଟିର ଦ୍ୱାରସ୍ଥ ହୋଇପାରିବେ।

## ଲଖିମ୍‌ପୁର ହିଂସା ବିରୋଧରେ ଦିଲ୍ଲୀରେ ବିକ୍ଷୋଭ

ନୂଆଦିଲ୍ଲୀ, ୪।୧୦(ପି.ଟି.)

ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସାକାଣ୍ଡ ଏବଂ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଗିରଫଦାରି ପ୍ରତିବାଦରେ ସୋମବାର ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀ କଂଗ୍ରେସ ସଭାପତି ଅନିଲ କୁମାରଙ୍କ ନେତୃତ୍ୱରେ କଂଗ୍ରେସ ଏବଂ ଯୁବକଂଗ୍ରେସ କର୍ମୀମାନେ ଭାଜପା ମୁଖ୍ୟାଳୟ ଏବଂ ଉତ୍ତରପ୍ରଦେଶ ଭବନ ବାହାରେ ବିକ୍ଷୋଭ କରିଥିଲେ। ଲଖିମପୁର ଖେରି ଘଟଣା ଗଣତନ୍ତ୍ରର ହତ୍ୟା । ନ୍ୟାୟ ଚାଷୀଙ୍କ ଲଢ଼େଇକୁ ଚାପି ଦେବାକୁ ଦିଆଯିବ ନାହିଁ ବୋଲି କୁମାର କହିଛନ୍ତି।


ତାଜମହଲ ଭ୍ରମଣରେ ଆସିଥିବା ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଜୋୟା ଆଫ୍ରୋଜ୍ ଏବଂ ମିସ୍ ମଲ୍ଟିନ୍ୟାଶନାଲ ଦିବିଜା ଗମ୍ଭୀର।

# ଆଇନ ସ୍ଥଗିତ ଥିବାବେଳେ ଆନ୍ଦୋଳନ କାହିଁକି

### ଚାଷୀ ସଙ୍ଗଠନକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୪।୧୦(ପି.ଟି.)

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ସ୍ଥଗିତ ରହିଥିବାବେଳେ ଆନ୍ଦୋଳନ କ'ଣ ପାଇଁ କରାଯାଉଛି ବୋଲି ସୋମବାର ସୁପ୍ରିମକୋର୍ଟ ଚାଷୀ ସଙ୍ଗଠନଗୁଡ଼ିକୁ ପ୍ରଶ୍ନ କରିଛନ୍ତି। ଗୋଟିଏ ପକ୍ଷ ବିବାଦୀୟ ଆଇନର ବୈଧତାକୁ କୋର୍ଟରେ ଚ୍ୟାଲେଞ୍ଜ କରିବା ପରେ ଆନ୍ଦୋଳନର ପ୍ରଶ୍ନ ଉଠୁଛି କେଉଁଠୁ ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କାହା ବିରୋଧରେ ଆପଣମାନେ ଆନ୍ଦୋଳନ କରୁଛନ୍ତି। ଏଥିପାଇଁ ପ୍ରଶାସନ କିପରି ଅନୁମତି ଦେଉଛି। ଆନ୍ଦୋଳନର ବୈଧତା କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। କୌଣସି ସଂଗଠନ ବା ବ୍ୟକ୍ତିବିଶେଷ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ସାମ୍ବିଧାନିକ ଅଦାଲତକୁ ଯାଇଥିବାବେଳେ ସେମାନଙ୍କୁ ସମାନ ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଅନୁମତି ମିଳିବ କି ନାହିଁ, ସର୍ବୋଚ୍ଚ ଅଦାଲତ ତାହାର ତର୍ଜମା କରିବେ ବୋଲି କହିଛନ୍ତି।



ଶୁଣାଣି ବେଳେ ଆର୍ଟର୍ନି ଜେନେରାଲ ଲଖିମପୁର ଖେରିରେ ରବିବାର ଘଟିଥିବା ହିଂସାକାଣ୍ଡ କଥା ଉଠାଇଥିଲେ। ଏଭଳି ଘଟଣା ପାଇଁ କେହି ଦାୟୀ ରହିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲା ସର୍ବୋଚ୍ଚ ଅଦାଲତଙ୍କ ବିଚାରାଧୀନ ଥିବାବେଳେ ସମାନ ପ୍ରସଙ୍ଗକୁ ନେଇ କେହି ରାସ୍ତାକୁ ଓହ୍ଲାଇପାରିବେ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଜଣାଇଥିଲେ। କୃଷି ଆଇନ ବିରୋଧରେ ଯନ୍ତରମନ୍ତରରେ ଆନ୍ଦୋଳନ ଚଳାଇବା ଲାଗି ଅନୁମତି ଦେବା ନିମନ୍ତେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ କିଷାନ ମହାପଞ୍ଚାୟତ ପକ୍ଷରୁ ଦାଏର ପିଟିଶନ୍‌ର ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି।

### ରାସ୍ତା ଅବରୋଧ ନେଇ ଜବାବ ମାଗିଲେ

ନୂଆଦିଲ୍ଲୀ, ୪।୧୦(ପି.ଟି.)

କୃଷି ଆଇନ ବିରୋଧରେ ଦୀର୍ଘଦିନ ହେଲା ଦିଲ୍ଲୀ ସୀମାରେ ଚାଷୀମାନେ ରାସ୍ତା ଅବରୋଧ କରି ରଖିଥିବାରୁ ସୁପ୍ରିମକୋର୍ଟ ସୋମବାର ୪୩ଟି କୃଷକ ସଙ୍ଗଠନ ଏବଂ ରାକେଶ ଟିକାଏତ୍, ଦର୍ଶନ ପାଲ୍ ଓ ଗୁର୍‌ନାମ ସିଂଙ୍କ ସମେତ ଅନ୍ୟ ଚାଷୀ ନେତାଙ୍କୁ ଜବାବ ମାଗିଛନ୍ତି। କୃଷକ ସଙ୍ଗଠନଗୁଡ଼ିକ ସରକାରଙ୍କ ସହ ଆଲୋଚନାରେ ଯୋଗ ନ ଦେଇ ରାସ୍ତା ଅବରୋଧ ଜାରି ରଖିଥିବାରୁ ଏହା ବିରୋଧରେ ହରିୟାଣା ସରକାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ନୋଏଡାର ମୋନିକା ଅଗ୍ରୱାଲ୍ ରାସ୍ତା ଅବରୋଧ ହଟାଇବା ପାଇଁ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ପୂର୍ବରୁ ଦିଲ୍ଲୀ ଯିବା ପାଇଁ ୨୦ ମିନିଟ ଲାଗୁଥିବାବେଳେ ଚାଷୀ ରାସ୍ତା ଅବରୋଧ କରିବା ପରେ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ଦିଲ୍ଲୀ ସୀମାନ୍ତ ୟୁପି ଗେଟ୍ ନିକଟରେ ଅବରୋଧ ଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମୋନିକା ତାଙ୍କ ପିଟିଶନରେ ଦର୍ଶାଇଥିଲେ। ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କୃଷକ ସଙ୍ଗଠନଗୁଡ଼ିକୁ ନୋଟିସ ଜାରି କରିଛନ୍ତି। ମାମଲାରେ ୪୩ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ସେମାନଙ୍କ ପାଖକୁ କିପରି ନୋଟିସ୍ ପଠାଯିବ ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ମାମଲାରେ ଚାଷୀନେତାମାନେ ଜରୁରୀ ପକ୍ଷ। ସେ ସେମାନଙ୍କ ପାଖକୁ ନୋଟିସ ପଠାଇବେ ବୋଲି ଅଦାଲତଙ୍କୁ ପ୍ରତିଶ୍ରୁତି ଦେବା ସହ ପରବର୍ତ୍ତୀ ଶୁଣାଣି ୮ ତାରିଖରେ କରିବାକୁ ଅନୁରୋଧ କରିଥିଲେ।



ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ସୋମବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତ-ବାଂଲାଦେଶ ମ୍ୟାଚ ଡ୍ର

**ମାଲେ, ୪।୧୦ (ପି.ଟି.)**

ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ସୋମବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏଥିରେ ଭାରତ ତରଫରୁ ୩୭ ବର୍ଷୀୟ ଅଧିନାୟକ ସୁନୀଲ ଛେତ୍ରୀ ୨୭ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏହା ହେଉଛି ତାଙ୍କର ୧୨୧ତମ ମ୍ୟାଚରେ ୭୬ତମ ଅନ୍ତର୍ଜାତୀୟ ଗୋଲ। ଫଳରେ ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋରର ତାଲିକାରେ ସେ ବ୍ରାଜିଲ କିମ୍ବଦନ୍ତୀ ପେଲେ (୯୨ମ୍ୟାଚରୁ ୭୭ଗୋଲ୍)ଙ୍କଠାରୁ ସେ ଗୋଟିଏ ଗୋଲ୍ ପଛରେ ରହିଛନ୍ତି। ବର୍ତ୍ତମାନ ସକ୍ରିୟ ଥିବା ଫୁଟ୍‌ବଲରମାନଙ୍କ ମଧ୍ୟରେ ସର୍ବାଧିକ ଗୋଲ ସ୍କୋରର ତାଲିକାରେ କିନ୍ତୁ ସେ କ୍ରିଷ୍ଟିଆନୋ ରୋନାଲ୍‌ଡୋ (୧୧୧), ଲିଓନେଲ ମେସି (୭୯) ଓ ୟୁଏଇର ଅଲି ମାବଖୋଟ୍ (୭୭)ଙ୍କ ପଛରେ ରହିଛନ୍ତି।

**ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍**

ପ୍ରଥମାର୍ଦ୍ଧ ଖେଳରେ ବଲ୍‌କୁ ଅଧିକ ସମୟ ନିଜ ପାଖରେ ରଖିବାରେ ସମର୍ଥ ହୋଇ ନ ଥିଲେ ମଧ୍ୟ ଭାରତର ପ୍ରଦର୍ଶନ ଉତ୍ସାହଜନକ ରହିଥିଲା। ଖେଳର ୫୪ତମ ମିନିଟରେ ଲିଷ୍ଟନ କୋଲାକୋଙ୍କୁ ଫାଉଲ ମାରିବାପରେ ବାଂଲାଦେଶ ଖେଳାଳି ବିଶ୍ୱନାଥ ଘୋଷଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। କିନ୍ତୁ ଏଥିରୁ ଭାରତ ଫାଇଦା ଉଠାଇ ପାରି ନ ଥିଲା। ବାଂଲାଦେଶର ପ୍ରତିଆକ୍ରମଣକୁ ପ୍ରତିହତ କରିବାରେ ଇଗୋର ଷ୍ଟିମାକଙ୍କ ଦଳ ବିଫଳ ହେବାରୁ ୭୪ତମ ମିନିଟ୍‌ରେ ଗୋଲ ବରଣ କରିଥିଲା। ୟାସିନ ଆରାଫତ୍ ଏହି ଗୋଲଟିକୁ ସ୍କୋର କରିଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚରେ ଭାରତକୁ ସବୁବେଳେ ସଂଘର୍ଷ କରିବାକୁ ହୋଇଛି। କୋଲକାତାଠାରେ ୨୦୨୨ ବିଶ୍ୱକପ୍ କ୍ୱାଲିଫାୟର୍ସ ପ୍ରଥମ ଲେଗ୍‌ରେ ଭାରତ ଶେଷ ମୁହୂର୍ତ୍ତରେ ଏକ ଗୋଲ ସ୍କୋର କରି ଡ୍ର ରଖିଥିଲା। ଅବଶ୍ୟ ଦ୍ୱିତୀୟ ଲେଗ୍‌ରେ ଦଳ ୨-୦ ଗୋଲରେ ବିଜୟ ଲାଭ କରିଥିଲା।

## ଅର୍ଶଦୀପଙ୍କ ସମ୍ପର୍କରେ ଶ୍ରୀଲଙ୍କାରୁ ସୂଚନା ମିଳିଥିଲା

**ନୂଆଦିଲ୍ଲୀ, ୪।୧୦ (ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପଞ୍ଜାବ କିଙ୍ଗ୍ସ ପେସ୍ ବୋଲର ଅର୍ଶଦୀପ ସିଂ ଚମତ୍କାର ବୋଲିଂ କରି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ସୂଚନା ଶ୍ରୀଲଙ୍କାରୁ ମିଳିଥିଲା। ଶ୍ରୀଲଙ୍କାରେ ଭାରତ ଏ' ଓ ଏନ୍‌ସିଏ କୋଚ୍ ପାରସ ମାହାମ୍ବ୍ରେଙ୍କ ତତ୍ତ୍ୱାବଧାନରେ ସେ ତାଙ୍କ ରନ୍ ଅପ୍ ଓ ଇନ୍‌ସୁଇଙ୍ଗର ବୋଲିଂରେ ଯଥେଷ୍ଟ ଉନ୍ନତି ଆଣିପାରିଥିଲେ। ଜୁନ୍-ଜୁଲାଇରେ ଭାରତୀୟ ଦଳ ସହ ସେ ଜଣେ ନେଟ୍ ବୋଲର ଭାବେ ଶ୍ରୀଲଙ୍କା ଗସ୍ତ କରିଥିଲେ। ଏହି ୨୨ବର୍ଷୀୟ ବାମହାତୀ ବୋଲର କୋଭିଡ୍ ବ୍ରେକ୍ ପରେ ଅନ୍ତର୍ଜାତୀୟ ପଦାର୍ପଣ କରିବେ ବୋଲି ଆଶା କରାଯାଉଥିଲା। ଆଇପିଏଲ୍‌ରେ ଅର୍ଶଦୀପଙ୍କ ପାଇଁ ଏହା ହେଉଛି ତୃତୀୟ ସିଜନ। ୟୁଏଇରେ ଦ୍ୱିତୀୟ ପର୍ଯ୍ୟାୟ ଆଇପିଏଲ୍‌ରେ ସେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଚଳିତ ସିଜନରେ ଇତିମଧ୍ୟରେ ସେ ୧୯.୧୮ ଆଭରେଜରେ ୧୬ ଉଇକେଟ ଅକ୍ତିଆର କରିସାରିଲେଣି। ଗତ ଦୁଇ ସିଜନରେ ସେ ଜଣେ ପ୍ରଭାବୀ ଡେଥ୍ ବୋଲର ଥିଲେ। ଏଥର କିନ୍ତୁ ସେ ଜଣେ ନୂଆ ବଲ୍ ବୋଲରର ମାନ୍ୟତା ଲାଭ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ସେ ଶୁବମନ ଗିଲ୍‌ଙ୍କୁ ଏକ ଚମତ୍କାର ଇନ୍‌ସୁଇଙ୍ଗର ପକାଇ ଥିଲେ।


ଅର୍ଶଦୀପ ସିଂ

# ଓଡ଼ିଶା ଏଚ୍‌ପିସି ୩୦-୦ ଗୋଲରେ ବିଜୟୀ

**ଭୋପାଳ, ୪।୧୦**

ହକି ଇଣ୍ଡିଆ ଆନୁକୂଲ୍ୟରେ ପ୍ରଥମ ଜାତୀୟ ସବ୍ ଜୁନିୟର ଏକାଡେମୀ ହକି ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଜୟୀ ହୋଇ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଅଭିଯାନ ଆରମ୍ଭ କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ, ରାଜା କରନ ହକି ଏକାଡେମୀ ଏବଂ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ମଧ୍ୟ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି।

ଓଡ଼ିଶା ଏଚ୍‌ପିସି ୩୦-୦ ଗୋଲରେ ବେରାର ହକି ଏକାଡେମୀ (ବିଦର୍ଭ) ଅମରାବତୀକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ ଓଡ଼ିଶା ଏଚ୍‌ପିସି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ୟୋଜିନ ମିଞ୍ଜ୍ ୧୮, ୨୪, ୩୬, ୪୪, ୪୫ ଓ ୫୫ତମ ମିନିଟରେ ଏକାକୀ ସର୍ବାଧିକ ୬ଟି ଓ ଆର୍ଯ୍ୟନ ଖେସ୍ ୪, ୨୦, ୨୩, ୫୩ ଓ ୫୬ତମ ମିନିଟରେ ୫ଟି ଗୋଲ ଦେଇଥିଲେ। ସେହିପରି ଇରେଙ୍ଗବାମ୍ ରୋହିତ ସିଂ ୫, ୩୧, ୩୪, ୫୬ତମ ମିନିଟରେ ଏବଂ ରିକି ଟୋନଜାମ ୯, ୨୦, ୩୩, ୪୮ ତମ ମିନିଟରେ ୪ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ


ମ୍ୟାଚ ଆରମ୍ଭ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

**ଜାତୀୟ ସବ୍ ଜୁନିୟର ଏକାଡେମୀ ହକି ଚାମ୍ପିୟନଶିପ୍**

ପୁଲ୍ 'ଏ'ର ଏହି ମ୍ୟାଚରେ ପ୍ରେମ୍ ଦୟାଲ ଗିରି (୨, ୧୪), ସୁଦାମ ବିଦ୍ୟାନନ୍ଦ ସିଂ (୧୩, ୫୧), ଅଜିତ କିଲୁଙ୍ଗ୍ (୨୭, ୫୮), ଅଧିନାୟକ ଜସ୍ମିନ ମୁଣ୍ଡା (୨୮, ୨୯) ଓ ପ୍ରିଓ୍ମ ଏକ୍କା (୩୯, ୪୮) ୨ଟି ଲେଖାଏ ଗୋଲ ଦେଇଥିବାବେଳେ ଅରବିନ ଟପ୍ପୋ ୬୦ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ ୧୨-୧ ଗୋଲରେ ଭାଇ ବେହେଲୋ ହକି ଏକାଡେମୀ ଭାଗଟା, ତୃତୀୟ ମ୍ୟାଚରେ ରାଜା କରନ ହକି ଏକାଡେମୀ ୮-୦ରେ ଟିମା ହକି ଏକାଡେମୀ ଏବଂ ୪ର୍ଥ ମ୍ୟାଚରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ୧୯-୦ ଗୋଲରେ ସିଙ୍ଗେନ ହକି ଏକାଡେମୀକୁ ପରାସ୍ତ କରିଛି।

# ଆଇପିଏଲ୍-୧୪: ନଜରରେ ମୁମ୍ବାଇ ଇଣ୍ଡିଆନ୍ସ

**ଶାରଜା, ୪।୧୦ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଇନ୍‌ଚ୍ୟୁତ ହୋଇଛି। ଠିକଣାପଥକୁ ଫେରିବାକୁ ହେଲେ ପରବର୍ତ୍ତୀ ମ୍ୟାଚଗୁଡ଼ିକରେ ଉନ୍ନତ ପ୍ରଦର୍ଶନ ସହ ବିଜୟ ଲାଭ କରିବାକୁ ପଡ଼ିବ। ବହୁ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ଏହି ଦଳ ମଙ୍ଗଳବାର ରାଜସ୍ଥାନ ରୟାଲ୍ସକୁ ଭେଟିବ। ୫ଥର ଚାମ୍ପିୟନ ଏକ ହ୍ୟାଟ୍ରିକ୍ ଲକ୍ଷ୍ୟରେ ରହିଛି। ଯଦି ସଫଳ ହୁଏ ତେବେ ଟୁର୍ନାମେଣ୍ଟର ୧୪ ବର୍ଷର ଇତିହାସରେ ଏହା ପ୍ରଥମ ହେବ। ଦଳର ପ୍ରଦର୍ଶନ ନେଇ ଅଧିନାୟକ ରୋହିତ ଶର୍ମା ବେଶ୍ ଚିନ୍ତିତ ଥିବା ତାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ବାରି ହୋଇ ପଡ଼ୁଛି। ମୁମ୍ବାଇ ଇଣ୍ଡିଆନ୍ସ ବର୍ତ୍ତମାନ ରାଜସ୍ଥାନ ରୟାଲ୍ସକୁ ଭେଟିବେ, ଯେଉଁ ଦଳ ଚେନାଇ ସୁପର କିଙ୍ଗ୍ସ (ସିଏସ୍କେ) ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଯଶସ୍ୱୀ ଜୈସ୍ୱାଲ ଓ ଓ ଶିବମ ଦୁବେ ଚମତ୍କାର ବ୍ୟାଟିଂ କରିଛନ୍ତି। ବର୍ତ୍ତମାନ ଉଭୟ ଦଳ ପାଇଁ ସମୀକରଣ ସରଳ। ଏହି ଦୁଇ ଦଳକୁ ବର୍ତ୍ତମାନ ସେମାନଙ୍କ ପରବର୍ତ୍ତୀ ୨ଟି ମ୍ୟାଚରେ ବୃହତ୍ ବ୍ୟବଧାନରେ ବିଜୟ ଲାଭ କରିବାକୁ ପଡ଼ିବ। କାରଣ ଦୁଇ ଦଳର ରନରେଟ୍ ଦୁର୍ବଳ ରହିଛି। ରୟାଲ୍ସ ଦଳର ରନ୍ ରେଟ୍ ବର୍ତ୍ତମାନ -୦.୩୩୭ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖରାପ ବ୍ୟାଟିଂ ପ୍ରଦର୍ଶନ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ -୦.୪୫୩ ରନ ରେଟ୍ ସହ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି। ମଙ୍ଗଳବାରର ପରାଜିତ ଦଳ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବ। କୋଲକାତା ନାଇଟ ରାଇଡର୍ସ (କେକେଆର) ୧୪ ପଏଣ୍ଟ ଅର୍ଜନ କରିସାରିଛି। ନେଟ ରନରେଟ୍ +୦.୨୯୪ ରହିଥିବାରୁ ପ୍ଲେ-ଅଫ୍ ସମ୍ଭାବନା ଯଥେଷ୍ଟ ରହିଛି। ରାଜସ୍ଥାନ ବିପକ୍ଷ ମ୍ୟାଚରେ ମୁମ୍ବାଇ ଯଦି ବିଜୟ ହାସଲ କରୁଛି ତେବେ ପରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିବାକୁ ପଡ଼ିବ। ଦଳର ପଏଣ୍ଟ ସଂଖ୍ୟା ୧୪ରେ ପହଞ୍ଚିବ। ଏହା ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ-ଅଫ୍‌କୁ ଯିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଅନ୍ୟପକ୍ଷରେ କେକେଆର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ବିଜୟ ହାସଲ କରିଛି। ଲିଗ୍ ପର୍ଯ୍ୟାୟର ଅନ୍ତିମ ଦିବସରେ ମୋର୍ଗାନ ଓ ତାଙ୍କ ଖେଳାଳିମାନେ ଯଦି ଅବା ରୟାଲ୍ସ ବିପକ୍ଷ ମ୍ୟାଚ ହାରିଯାଏ ତେବେ ପ୍ଲେ-ଅଫ୍ ପଥରେ ଏହାପରି ବିଶେଷ କ୍ଷତି ପହଞ୍ଚାଇବ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ ଯଦି ଆଗକୁ ବଢ଼ିବାକୁ ଚାହେଁ ତେବେ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, କ୍ୱିଣ୍ଟନ ଡି'କକ୍, କିରନ ପୋଲାର୍ଡଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ।



ସଞ୍ଜୁ ସାମସନ ଓ ରୋହିତ ଶର୍ମା।

# ମୁଗୁରୁଜାଙ୍କୁ ଟାଇଟଲ


ଟ୍ରଫି ସହ ଗାର୍ବିନ ମୁଗୁରୁଜା

**ସିକାଗୋ, ୪।୧୦ (ଏପି):** ଗାର୍ବିନ ମୁଗୁରୁଜା ସିକାଗୋ ଫଲ୍ ଟେନିସ୍ କ୍ଲାସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ଓନସ ଜାବେଉର୍‌ଙ୍କୁ ୩-୬, ୬-୩, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କର ଚଳିତ ସିଜନରେ ଦ୍ୱିତୀୟ ଡବଲ୍ୟୁଟିଏ ଟୁର୍ ଏବଂ ଓଭରଅଲ୍ ୯ମ ଟାଇଟଲ ବିଜୟ। ନବମ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ସ୍ପେନର ଏହି ଖେଳାଳି ମାର୍ଚ୍ଚରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ଜିତିଥିଲେ। ଏଠାରେ ଚାମ୍ପିୟନ ହେବାଦ୍ୱାରା ମୁଗୁରୁଜା ନଭେମ୍ବରରେ ମେକ୍ସିକୋର ଗୁଆଡାଲାରାଜାଠାରେ ହେବାକୁଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ ସମ୍ଭାବନା ବୃଦ୍ଧି ପାଇଛି। ସ୍ପେନର ଏହି ଖେଳାଳି ନୂଆ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ୬ଷ୍ଠ ସ୍ଥାନକୁ ଉନ୍ନୀତ ହେବେ। ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଶ୍ରେଷ୍ଠ ୮ ଦଳ ଯୋଗ୍ୟତା ଅର୍ଜନ କରଥାନ୍ତି। ଡବ୍ଲ୍ୟୁଟିଏ ଇତିହାସରେ ଟ୍ୟୁନିସିଆର ଜାବେଉର୍ ଜୁନ୍‌ରେ ଇଂଲଣ୍ଡର ବର୍ମିଂହାମ୍‌ରେ ପ୍ରଥମ ଆରବ ଟୁର୍ନାମେଣ୍ଟ ବିଜୟୀ ହୋଇଥିଲେ। ସିଜନପରେ ସେ ମୋଟ ଡବ୍ଲ୍ୟୁଟିଏ ଟୁର୍‌ରେ ମୋଟ ୪୪ରେ ବିଜୟ ଲାଭ କରିଛନ୍ତି।

# ପଞ୍ଜାବଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୪।୧୦ (କ୍ରୀଡ଼ା ପ୍ରତିନିଧି):** ଜୟପୁରର କେ.ଏଲ. ସଇନୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି ଏଲିଟ ଗ୍ରୁପ୍ 'ଇ' କ୍ରିକେଟ ମ୍ୟାଚରେ ଓଡ଼ିଶା ୨ ଉଇକେଟରେ

**୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି**

ପଞ୍ଜାବଠାରୁ ହାରି ଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୦ ଓଭରରେ ୭ ଉଇକେଟ ହରାଇ ୧୪୧ ରନ କରିଥିଲା। ଅଧିନାୟିକା ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ସର୍ବାଧିକ ୬୦, ଅଲିପ୍ସା ବିଶ୍ୱାଳ ୨୩ ଓ ଜି.ଏମ. ଅଳକାନନ୍ଦା ୨୨ ରନ କରିଥିବାବେଳେ ବିପକ୍ଷ ଦଳର ମନ୍ନତ କାଶ୍ୟପ ୩ଟି ଓ ପ୍ରିୟଙ୍କା ୨ଟି ଉଇକେଟ ନେଇଥିଲେ। ୧୪୨ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ପଞ୍ଜାବ ୪୭ ଓଭରରେ ୮ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରି ନେଇଥିଲା। ପ୍ରଗତି ସିଂ ସର୍ବାଧିକ ୫୬ ରନ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାର ଶୁଭ୍ରା, ତନ୍ମୟୀ ବେହେରା ୨ଟି ଲେଖାଏ ଏବଂ ସୂର୍ଯ୍ୟଶାନ୍ତା ସ୍ୱାଇଁ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ୫ ମ୍ୟାଚରୁ ୨ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍ 'ଇ'ରେ ୪ର୍ଥ ସ୍ଥାନରେ ରହିଛି।

**ODISHA SKILL DEVELOPMENT AUTHORITY (OSDA)**

Block B, Sector A, Tower, 2010, Mancheswar Industrial Estate, Bhubaneswar-751007, Country: India Telephone/Fax: +91-674-2580079

No. KK-117 Website: www.empmissionodisha.gov.in

Email address: tenders@worldskillcenter.org, osdpadbosda@gmail.com; dirosems@gmail.com

No. OSDA/WSC/M5(I)-2021 Date: 05th October 2021

**Invitation for Bids No.: OSDA/WSC/Goods/M-5(I)/2021**

| | |
|---|---|
| Date: | 05.10.2021 |
| Loan No. & Title: | 3539-IND: Odisha Skill Development Project (OSDP) |
| Contract No. And Title: | **RFQ (Request for Quotation) under Shopping:**<br>PKG 0064 - Advance Automobile Servicing Equipment for advance automotive workshop at Government ITI Berhampur<br>PKG 0065 - Gas Analyzer & Electric Service Equipment for advance automotive workshop at Government ITI Berhampur<br>PKG 0066 - Pneumatic & Engine Testing Equipment for advance automotive workshop at Government ITI Berhampur<br>PKG 0067 - General Shop Outfit for Technician Mechatronics at Government ITI Cuttack<br>PKG 0071 - Facility Technology Lab: Rig for Mechatronics, MES at World Skill Center (WSC), Bhubaneswar<br>PKG 0072 - Hair Fashion and Design: Training units & equipment at WSC, Bhubaneswar<br>PKG 0073 - Hair Fashion and Design: Electronic equipment at WSC, Bhubaneswar<br>PKG 0074 -Hair Fashion and Design: Training Furniture at WSC, Bhubaneswar<br>PKG 0075 - Beauty and Wellness: Training units & equipment at WSC, Bhubaneswar<br>PKG 0076 - Beauty and Wellness: Training Furniture at WSC, Bhubaneswar<br>PKG 0083 - Training Equipment for Building Management System lab at WSC, Bhubaneswar |
| Virtual Prebid Meeting | 08.10.2021 at 11 AM |
| Deadline for Submission | 20.10.2021 at 3 PM |

1. India has received financing from the Asian Development Bank (ADB) toward the cost of setting up and operationalizing World Skill Center (WSC) in Bhubaneswar, Odisha, India and improving 4 ITIs of Odisha State. Part of this financing will be used for payments of the contracts mentioned in Table above.
2. Mode of Procurement shall be Shopping by following standard bidding procedures of ADB. Bidding is open to bidders from India.
3. The Odisha Skill Development Authority (OSDA) ("the Purchaser"), a Government of Odisha undertaking, represented by its Chief Executive Officer, invites sealed bids from eligible bidders for procurement of equipment and goods for various trades/labs, such as **Training units, equipments for Hair Fashion and Design, Beauty and Wellness and Building Management Systems lab at World Skill Center and Lab accessories at ITI Berhampur and ITI Cuttack, Odisha India**.
4. Bidder can submit bid for a single or multiple package. Evaluation will be conducted as per evaluation and qualification criteria mentioned in the RFQ document.
5. To obtain further information and inspect the Bidding/RFQ Document, interested bidders may download the RFQ/bidding documents from the project website **www.empmissionodisha.gov.in**.
6. Virtual Prebid Meeting will be held at 11 AM on 8th October 2021 for Shopping packages. Interested bidders may send formal request to the E Mail of OSDA latest by 7th October 2021 - 3 PM. Link and other details shall be sent to their respective E-Mail ID.
7. For any further query, bidder should contact : Chief Executive Officer, Odisha Skill Development Authority (OSDA), Block B, Sector A, Tower, 2010, Mancheswar Industrial Estate, Bhubaneswar-751007, India Telephone/Fax: +91-674-2580079, Websites: www.empmissionodisha.gov.in and **www.skillodisha.gov.in**, Email address: **tenders@worldskillcenter.org**, **osdpadbosda@gmail.com; dirosems@gmail.com**.

**Sd./- Chief Executive Officer**
**Odisha Skill Development Authority (OSDA)**
**OIPR-14028/11/0003/2122**

**OFFICE OF THE TAHSILDAR KANIHA**

**ତହସିଲଦାରଙ୍କ କାର୍ଯ୍ୟାଳୟ, କଣିହାଁ**

Telephone: 06760-299913 (O)

District Website: www.angul.nic.in, E-mail: tah.kaniha-od@nic.in

**ବିଜ୍ଞାପନ ସଂଖ୍ୟା: ୨୯୫୨ / ତା. ୦୧।୧୦।୨୦୨୧ରିଖ**

No.F-165:-ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ କଣିହାଁ ତହସିଲରେ ଥିବା ଲଘୁ ଖଣିଜ ଉତ୍ସଗୁଡ଼ିକୁ ୨୦୨୧-୨୨ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ଲିଜ୍ ଆକାରରେ ବନ୍ଦୋବସ୍ତ ନିମିତ୍ତ ଦରଖାସ୍ତ (Sealed Tender) ଗ୍ରହଣ କରାଯାଉଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ ପ୍ରଥମ ପର୍ଯ୍ୟାୟ ତା୨୧।୧୦।୨୦୨୧ରିଖ, ଦ୍ୱିତୀୟ ପର୍ଯ୍ୟାୟ ତା।୨୮।୧୦।୨୦୨୧ରିଖ ଏବଂ ତୃତୀୟ ପର୍ଯ୍ୟାୟ ତା୦୫।୧୧।୨୦୨୧ରିଖ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ । ଏ ସମ୍ବନ୍ଧରେ ସବିଶେଷ ବିବରଣୀ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଏବଂ ଅନୁଗୋଳ ଜିଲ୍ଲା ୱେବସାଇଟ୍ www.angul.nic.inରେ ଉପଲବ୍ଧ ଅଛି ।

OIPR-24219/11/0001/2122 ସ୍ୱା./- ତହସିଲଦାର, କଣିହାଁ

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER**
**L.I. DIVISION, ROURKELA**

e-mail I.D - eeolicrourkela@gmail.com

**NATIONAL COMPETITIVE BIDDING THROUGH e-Procurement**

**Identification No. EEOLICRKL-12/21-22 Dt.27.09.2021**

No. CAD-1406:-

| | | | |
|---|---|---|---|
| 01 | Name of work | : | Installation and Energisation of 4 nos. new LIP in different Block of Sundargarh Dist. under ITDA-2021-22 grant. |
| 02 | Estimated cost | : | Rs.18.80 to Rs.33.42 Lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | **From 10.00 Hrs. of 04.10.2021 to 17.00 Hrs. of 16.10.2021** |
| 05 | Date & Time of opening of bids | : | **11.00 Hrs. of 18.10.2021** |
| 06 | Name and Address of the officer inviting bid | : | Executive Engineer, L.I. Division, Rourkela |

Further details can be seen from the website **www.tendersorissa.gov.in**

**Sd./- Executive Engineer,**
OIPR-32138/11/0003/2122 **L.I. Division, Rourkela**

**JAJPUR MUNICIPALITY, JAJPUR**

**(Ph.: 06728-222073/E-mail: jajpur.m.1869@gmail.com)**

No. C-1062 **No.: 2707/Date: 01.10.2021**

**REQUEST FOR PROPOSAL (RFP)**

**For**

**Providing Consultancy Services for preparation of DPR including Topographical Survey, Design and Engineering including Technical Validation for Improvement of Drainage System of Jajpur Municipalities in the District of Jajpur, Odisha**

**Bid Processing Fee (Non-Refundable): Rs.10,000/- (Rupees Ten Thousand Only)**

All other terms and conditions may be seen from the Detailed Tender Called Notice documents available in https://jajpur.nic.in The authority reserves the right to accept or cancel any or all the DTCN without assigning any reason thereof.

**Sd./- Executive Officer, Jajpur Municipality**
OIPR-13171/11/0010/2122

**OFFICE OF THE DIVISIONAL FOREST OFFICER, BALASORE WILDLIFE DIVISION, BALASORE**

**At/P.O.:- Kuruda, Dist:- Balasore, Pin:-756056**

**Ph.: 06782-256142, Fax No. 06782-256968, Mob No.: 9437062743**

**email:- dfowl_bls@yahoo.co.in / dfowildlifebalasore@gmail.com**

**Short Tender Notice No. 7120/Date: 04.10.21**

No.MM-208:- Sealed tenders are being invited in two bid systems from established / reputed / registered / experienced and accredited manufactures / suppliers for supply of following items to be used for Eco-tourism purpose under Balasore Wildlife Division, Balasore.

| Item | Quantity | Cost of tender paper | EMD to be deposited in shape of demand draft drawn in any nationalized bank payable at Balasore |
|---|---|---|---|
| Supply, installation and commissioning of HDPE Floating Jetty | 02 Nos. | Rs.2000/- + GST 18% = **Rs.2360/-** | Rs.20000/- |

Nontransferable tender document for supply of the aforesaid items will be available or can be collected from the office of the Divisional Forest Officer, Balasore Wildlife Division, At/P.O. : Kuruda , Dist : Balasore and will be available at website www.odishaforest.in on payment of Tender Document cost specified above, which is non refundable. This should be payable in shape of crossed Demand Draft from any Nationalized Bank drawn in favour of the Divisional Forest Officer, Balasore Wildlife Division payable at Balasore only.

1. The tender papers / documents will also be available in the office of the Divisional Forest Officer, Balasore Wildlife Division, At/P.O.: Kuruda, Dist : Balasore from 07.10.2021 to 25.10.2021 (within 11.00AM to 5.00 PM).
2. Receiving of Tender papers will be within dt. 25.10.2021 until 5.00 PM.
3. Tender opening at 11.00 AM on 26th October, 2021

**Sd./- Divisional Forest Officer,**
OIPR-08036/11/0003/2122 **Balasore Wildlife Division, Balasore**

**OFFICE OF THE EXECUTIVE ENGINEER LIFT IRRIGATION DIVISION, PARALAKHEMUNDI**

e-mail - eeolicpkd@gmail.com

**Tender Call Notice No. -02/2021-22/Date-30.09.2021**

No. CAD-1403: Sealed Tenders are invited by the Executive Engineer, Lift Irrigation Division, Paralakhemundi on behalf of OLIC from interested, reputed Manpower Agencies/ Service Providers registered under Odisha Private Security Agencies Rules to provide services of Three no. Security Guards (un armed) for a period of two years w.e.f. from the date of commencement of the agreement for watch and ward of the offices of Lift Irrigation Division Paralakhemundi. The detailed information for out sourcing the service of aforesaid posts have been given in the tender document which may be obtained in person from the office of Executive Engineer, Lift Irrigation Division, Paralakhemundi.

1. Approx. Estimated Cost (Exclusive of GST) : **Rs.7,85,446/-**
2. Cost of Bid document (+ 5% GST on reverse charge mechanism) : **Rs.4000+200**
3. Bid Security (EMD): Followed as per FD No.- 8943/ Date:18.03.2021
4. Class of Contractor: Private Manpower Security Agency
5. Cover Details : Double Cover (1)Technical Bid (2)Financial Bid
6. Tender documents can be obtained from the office of the Executive Engineer, Lift Irrigation Division, Paralakhemundi in person from **04.10.2021 to 21.10.2021** from 11:00 A.M to 5:00 P.M during working days on application and payment of cost of tender paper in shape of Demand Draft payable at Paralakhemundi on any Nationalized Bank in favour of Executive Engineer, Lift Irrigation Division, Paralakhemundi.
7. The completed tender documents shall be received at Lift Irrigation Division office, Paralakhemundi on dated **22.10.2021 by 2.00 P.M**. The Technical Bid will be opened at **3.00 P.M** and the Financial Bids will be opened of eligible Technical Bidders at 04.30 P.M on the same day( .i.e.22.10.2021) at Lift Irrigation Division, Paralakhemundi in presence of the tenderer or their authorized agents, if any.
8. The tender must be accompanied with attested copies of valid Registration certificate from concerned authority, PAN/GIR Certificate, IT return filed for the last three financial years, Labour License, EPF & ESI certificate, GST Registration certificate, Proof of Bank Account, PSARA License .
9. The authority reserves the right to accept or reject any or all tenders or modify/ cancel any condition of tender and increase or decrease the quantity of tender without assigning any reason thereof.

**Sd./- EXECUTIVE ENGINEER**
**LIFT IRRIGATION DIVISION, Paralakhemundi**
**OIPR-32348/11/0001/2122**

ଧରିତ୍ରୀ
DHARITRI
ମଙ୍ଗଳବାର, ୫ ଅକ୍ଟୋବର, ୨୦୨୧



ଫ୍ୟାଶନ

# କୁର୍ତ୍ତି ଜ୍ୟାକେଟ୍

**ନୂଆ ଡିଜାଇନ ସହ ଭିନ୍ନ ଭିନ୍ନ ରଙ୍ଗର ଡ୍ରେସ୍ ପିନ୍ଧିବାକୁ ଝିଅମାନେ ବେଶି ପସନ୍ଦ କରନ୍ତି। ବଜାରରେ ଏବେ କୁର୍ତ୍ତି ଜ୍ୟାକେଟ୍‌ର ଚାହିଦା ଅଧିକ ରହିଛି । ତେବେ ଏହାକୁ କେତେବେଳେ ପିନ୍ଧିବେ ଜାଣିରଖନ୍ତୁ...**

➔କୁର୍ତ୍ତି ଜ୍ୟାକେଟ୍‌କୁ ଆପଣମାନେ ସବୁ ସମୟରେ ଏବଂ ସବୁ ସ୍ଥାନରେ ପିନ୍ଧିପାରିବେ। ଏହା ଆରାମ ଦେବା ସହ ଆପଣଙ୍କ ସୌନ୍ଦର୍ଯ୍ୟ ବି ବଢ଼ାଇବ।

➔ବାହାଘର କି କୌଣସି ପାର୍ଟିରେ ଯୋଗ ଦେଉଛନ୍ତି, ତେବେ ଆପଣ ଏହାକୁ ବିନା ଦ୍ୱିଧାରେ ପିନ୍ଧିପାରିବେ। ଅନାରକଲି କୁର୍ତ୍ତି ସହ ଲମ୍ବା ଜ୍ୟାକେଟ୍ ଏଥିରେ ବେଶି ଭଲ ଲାଗିବ।

➔କର୍ମଜୀବୀ ମହିଳା ହୋଇଥିଲେ କୁର୍ତ୍ତା ସହ ଛୋଟ ଜ୍ୟାକେଟ୍ ପିନ୍ଧନ୍ତୁ। ଏହା ଆପଣଙ୍କୁ ପ୍ରଫେସନାଲ ଲୁକ୍ ଦେବ।

➔ମଡେଲିଂ ପାଇଁ ବି ଏହାକୁ ଆପଣ ବ୍ୟବହାର କରିପାରିବେ। ଜ୍ୟାକେଟ୍ ଥିବା କୁର୍ତ୍ତା ଆପଣଙ୍କୁ ପର୍‌ଫେକ୍ଟ ଲୁକ୍ ଦେବ।

➔ନୂଆ ଜାଗାକୁ ଲଙ୍ଗ୍ ଡ୍ରାଇଭରେ ଗଲାବେଳେ ବି ଆପଣ ଏହାକୁ ଆରାମରେ ପିନ୍ଧିପାରିବେ।

➔ଘରେ ରହିବା ସମୟରେ ବି ଏହାକୁ ପିନ୍ଧିପାରିବେ।



**ବେଳେବେଳେ କେଶ ଝଡ଼ିବା, ରୂପି ଆଦି ହେବା କାରଣରୁ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ । ତେବେ ବର୍ଷାଦିନେ କେଶର ଯତ୍ନ କିପରି ନେବେ ଜାଣିରଖନ୍ତୁ ....**

# କିପରି ନେବେ ଯତ୍ନ



➧ବର୍ଷାରେ ଯଦି କେଶ ଓଦା ହୋଇଯାଏ ତେବେ ତୁରନ୍ତ ଘରକୁ ଆସି ସାମ୍ପୁ କରି ଦିଅନ୍ତୁ। ନଚେତ୍ ଏଥିରେ ଅଧିକ ଅମ୍ଳ ଥିବାରୁ ଏହା କେଶକୁ ନଷ୍ଟ କରିଦେବ।

➧ସପ୍ତାହକୁ ଅତି କମ୍‌ରେ ୨ଥର ମୁଣ୍ଡ ସଫା କରନ୍ତୁ । ଫଳରେ କେଶ ମୂଳରେ ଜମି ରହୁଥିବା ମଇଳା ସଫା ହୋଇଯିବ ଆଉ ସଂକ୍ରମଣ ହେବ ନାହିଁ।

➧ଆଣ୍ଟିବ୍ୟାକ୍ଟେରିଆଲ କିମ୍ବା ଆଣ୍ଟିଫଙ୍ଗାଲ ସାମ୍ପୋରେ କେଶ ସଫା କରିବା କେଶ ପାଇଁ ଲାଭଦାୟକ ।

➧ସଫା କରିବା ପୂର୍ବରୁ କିଛି ଉଷୁମ ତେଲ କେଶରେ ଲଗାନ୍ତୁ , ଯାହା କେଶକୁ ଆରାମ ପ୍ରଦାନ କରିବା ସହ ମୁଣ୍ଡରେ ରକ୍ତ ସଞ୍ଚାଳନକୁ ଠିକ୍ ରଖିବ ।

➧ବର୍ଷାଦିନେ ପରିବେଶ ଅଧିକ ଆର୍ଦ୍ର ଥିବାରୁ ମୁଣ୍ଡରେ ଶୀଘ୍ର ମଇଳା ଜମିଯାଇଥାଏ। ତେଣୁ କେଶ ସଫା କରିବା ପରେ ଏହାକୁ ହାଲ୍‌କା କପଡ଼ା(ମାଇକ୍ରୋଫାଇବର)ରେ ଧୀରେ ଧୀରେ ପୋଛିଦିଅନ୍ତୁ । କାରଣ ଜୋରରେ ପୋଛିବା ଦ୍ୱାରା କେଶ ମୂଳ ନଷ୍ଟ ହୋଇଥାଏ ଏବଂ କେଶ ଉପୁଡ଼ିବାର ସମ୍ଭାବନା ରହିଥାଏ।

➧ବର୍ଷା ଦିନେ ମୁଣ୍ଡରୁ ରୂପି ଦୂର କରିବା ପାଇଁ ଘରୋଇ ଉପାୟ ଆପଣାନ୍ତୁ। ରାସାୟନିକ ଦ୍ରବ୍ୟ ବଦଳରେ ଅର୍ଗାନିକ ହେୟାର ଅଏଲ ଓ ସାମ୍ପୁ ଲଗାନ୍ତୁ । ଏହା କେଶ ମୂଳରେ ରହି କେଶକୁ ଶକ୍ତ କରିବ ।



ସୌନ୍ଦର୍ଯ୍ୟ

# ଖର୍ଚ୍ଚକାଟରୁ ସଞ୍ଚୟ







**ଖର୍ଚ୍ଚକାଟ କରି ସମସ୍ତଙ୍କ ଅଜାଣତରେ ସଞ୍ଚୟ କରିବା ହେଉଛି ଏକ କଳା। ଆଉ ଏହି କଳାରେ ବେଶ୍ ପାରଙ୍ଗମ ଗୃହିଣୀମାନେ। ପରିବାରର ନିହାତି ଦରକାର ବେଳରେ ସେମାନେ ନିଜ ସଞ୍ଚିତ ଅର୍ଥକୁ ଦେଇ ଗୃହଲକ୍ଷ୍ମୀର ନାଁକୁ ସାର୍ଥକ କରନ୍ତି...**

ବେଳେବେଳେ ଏମିତି ପରିସ୍ଥିତି ଆସେ ଯେ ଟଙ୍କା ଯୋଗାଡ଼ କରିବା ବହୁ କଷ୍ଟକର ହୋଇପଡ଼େ। ଆଉ କେବେ ଦୁର୍ଯୋଗରୁ ବ୍ୟାଙ୍କରେ ଡିପୋଜିଟ୍ ଥିଲେ ବି ହଠାତ୍ ଟଙ୍କା ଉଠାଇବା ସମ୍ଭବ ହୋଇ ନ ଥାଏ। ଅବଶ୍ୟ ଏବେ ଡିଜିଟାଲ ଦେଣନେଣରେ ବହୁ ପ୍ରକାର ବ୍ୟବସ୍ଥା ଅଛି, କିନ୍ତୁ ସବୁ ସମୟରେ ବେଳେବେଳେ ନେଟ୍‌ୱାର୍କ ବି ଧୋକା ଦେବାକୁ ଭୁଲେନି। ଏମିତି ସମୟରେ ପରିସ୍ଥିତିକୁ ସମ୍ଭାଳି ନିଅନ୍ତି ଗୃହିଣୀ ମାନେ। ଘର ଖର୍ଚ୍ଚରୁ କାଟି ସମସ୍ତଙ୍କ ଅଜାଣତରେ ଲୁଚାଇ ରଖିଥିବା ଟଙ୍କା ଦେଇ ସେମାନେ ଅନେକ ସମୟରେ ବୋଝ ହାଲ୍‌କା କରିଦିଅନ୍ତି।

**ଜରୁରୀ ଆବଶ୍ୟକତା:** ଘରଖର୍ଚ୍ଚ ବାବଦରେ ଟଙ୍କା ଆଣି ସେଥିରୁ ବଳକା କରି ଲୁଚାଇ ରଖିବାକୁ ଗୃହିଣୀମାନେ ଭଲପାଆନ୍ତି। ଗୃହିଣୀମାନଙ୍କର ଏଇ ଗୁଣକୁ ସମସ୍ତେ ଜାଣିଥିଲେ ବି କେହି କେବେ ଖରାପ ଭାବନ୍ତି ନାହିଁ। କାହିଁକିନା ସେମାନେ ଲୁଚାଇ କରି ରଖିଥିବା ଟଙ୍କା ନିହାତି ଆବଶ୍ୟକ ସମୟରେ ଘରକାମ ପାଇଁ ହିଁ ଖର୍ଚ୍ଚ କରିଥାନ୍ତି। ବେଳେବେଳେ ଘରକୁ ଅତିଥି ଆସିଥିବା ସମୟରେ ସେମାନଙ୍କ ଚର୍ଚ୍ଚା ପାଇଁ ହେଉ କିମ୍ବା ଔଷଧ ପାଇଁ ଅବା ଅନ୍ୟ କୌଣସି ଆବଶ୍ୟକତା ପାଇଁ ହଠାତ୍ ଏଟିଏମ୍‌ରୁ ଟଙ୍କା ଉଠାଇବା ସମ୍ଭବ ନ ହେଲେ ସେମାନେ ହିଁ ନିଜ ପାଖରେ ରଖିଥିବା ଅର୍ଥକୁ ଦେଇ ସାହାଯ୍ୟ ପାଇଁ ଆଗେଇ ଆସନ୍ତି।

**ମନର ଇଚ୍ଛା:** ସ୍ୱାମୀ କିମ୍ବା ଘରର ଅନ୍ୟମାନଙ୍କ ଅଜାଣତରେ ଲୁଚାଇ ରଖିଥିବା ଟଙ୍କାରେ ବେଳେବେଳେ ଗୃହିଣୀମାନେ ମନର କିଛି ଇଚ୍ଛାକୁ ପୂରା କରିଥାନ୍ତି। ଏଇ ଯେମିତି ଶାଶୁଙ୍କ ମନକଥା ବୁଝି ତାଙ୍କ ପାଇଁ କେବେ ନିଜ ଟଙ୍କାରେ ଗହଣା କିଣି ଦିଅନ୍ତି ତ କେବେ ପରିବାରର ଅନ୍ୟମାନଙ୍କ ପାଇଁ କିଛି କିଣି ଉପହାର ଦେଇଥାନ୍ତି। ଏହି ଗୁଣ ପାଇଁ ସେମାନେ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥାନ୍ତି। ଖାଲି ସେତିକି ନୁହେଁ, ନିଜେ କିଛି କିଣିବାର ଇଚ୍ଛାକୁ ଅନ୍ୟ କାହା ଉପରେ ବୋଝ କରିବାକୁ ନ ଦେଇ ସ୍ୱାଧୀନଭାବେ କିଣିପାରନ୍ତି।

**ଘରକୁ ସୁନ୍ଦର:** କୁହାଯାଏ ଘରକୁ ସୁନ୍ଦର କରନ୍ତି ଗୃହିଣୀମାନେ। ଏହି ଉକ୍ତିକୁ ସାର୍ଥକ କରିବା ପାଇଁ ଗୃହିଣୀମାନେ ଖର୍ଚ୍ଚକାଟ କରି ଲୁଚାଇ ରଖିଥିବା ଅର୍ଥକୁ ବ୍ୟବହାର କରିଥାନ୍ତି। କାହିଁକିନା ଏହି ଅର୍ଥରେ ସେମାନେ ଘର ପାଇଁ ବିଭିନ୍ନ ଆସବାବପତ୍ର ବି କିଣିଥାନ୍ତି, ଯେଉଁଥିପାଇଁ ହୁଏତ ସେମାନଙ୍କୁ ଘରର ବଜେଟରେ ସୁଯୋଗ ମିଳି ନ ଥାଏ କିମ୍ବା ଅନାବଶ୍ୟକ ଖର୍ଚ୍ଚ କହି ସେଥିପାଇଁ ଘର ବଜେଟରେ ଟଙ୍କା ମିଳି ନ ଥାଏ।

**ସମାଜସେବା:** ନିଜ ଖର୍ଚ୍ଚ ସୀମିତକରି ଅନ୍ୟମାନଙ୍କ ପାଇଁ ବି ଚିନ୍ତା କରିଥାନ୍ତି କେତେଜଣ ଗୃହିଣୀ। ସମ୍ପର୍କୀୟ କିମ୍ବା ଅନ୍ୟ କାହାର ନିହାତି ଆବଶ୍ୟକତା ପୂରଣ କରିବା ପାଇଁ ବି ସେମାନେ ଏହି ଅର୍ଥକୁ ବ୍ୟବହାର କରିଥାନ୍ତି। ତେଣୁ ଘରର ଆର୍ଥିକ ସ୍ଥିତିରେ ବୋଝ ନ ହୋଇ ସେମାନେ ଖର୍ଚ୍ଚକାଟ ମାଧ୍ୟମରେ ସମାଜସେବା କରିବାର ଇଚ୍ଛାକୁ ବି ପୂରଣ କରିପାରନ୍ତି।

**ଖର୍ଚ୍ଚକାଟର ଅଭ୍ୟାସ:** ଭବିଷ୍ୟତ ସୁରକ୍ଷା ଦୃଷ୍ଟିରୁ ପ୍ରତିମାସରେ କିଛି କିଛି ସଞ୍ଚୟ ନିହାତି କରିବା ଦରକାର। ସବୁ ମାସରେ ଏଭଳି ସଞ୍ଚୟ କିଛିଦିନ ପରେ ଏକ ବଡ଼ ପରିମାଣର ଅର୍ଥ ହୋଇପାରିବ। ଏହା ବ୍ୟତୀତ କିଛି ଇନ୍‌ଭେଷ୍ଟମେଣ୍ଟ ପଲିସି ମାଧ୍ୟମରେ ବି ଟଙ୍କା ରଖିବା ପାଇଁ ମାସ ଆରମ୍ଭରୁ ଯୋଜନା କରନ୍ତୁ। କିନ୍ତୁ ଅତ୍ୟଧିକ ସଞ୍ଚୟ କରିବା ନିଶାରେ ବର୍ତ୍ତମାନକୁ ବିପଦରେ ପକାଇବା ଠିକ୍ ନୁହେଁ। ତେଣୁ ପରିସ୍ଥିତି ଅନୁସାରେ ସନ୍ତୁଳନ ରକ୍ଷା କରିବା ହିଁ ଠିକ୍ ହେବ।



## ଏମାନେ କ'ଣ କରନ୍ତି



ଦୀପ୍ତିମୟୀ



ଅନିତା



ଗୀତାଞ୍ଜଳି



ସରସ୍ୱତୀ

**ଗରିବଙ୍କୁ ଖାଇବାକୁ ଦିଏ:** କେଜାଣି କାହିଁକି ବାହାର ଲୋକଙ୍କୁ ଖାଇବାକୁ ଦେବାକୁ ମୋତେ ଭଲ ଲାଗେ। ମୋ ସ୍ୱାମୀ ବାହାର ଜାଗାରେ ରୁହନ୍ତି। ତେଣୁ ଘରଖର୍ଚ୍ଚ ପାଇଁ ନିୟମିତ ଟଙ୍କା ପଠାନ୍ତି। ଘରଖର୍ଚ୍ଚ ପରେ ଯାହା ଟଙ୍କା ଅଲଗା ରଖିଥାଏ ସେଥିରେ ମାସକୁ ଦୁଇଥର ପାଖ ମନ୍ଦିରକୁ ଯାଇ ୧୦-୧୫ ଗରିବ ଲୋକଙ୍କୁ ଖାଇବାକୁ ଦିଏ। ଏଇ ଗୁଣ ପାଇଁ ମୋ ଶାଶୁ ବି ମତେ ବହୁତ ଭଲପାଆନ୍ତି।

*-ଦୀପ୍ତିମୟୀ ଦାସ, ଗୃହିଣୀ, ଦୁଲାଖାପାଟଣା, କୋରେଇ*

**ଦରକାର ବେଳେ ଦେଇଦିଏ:** ପୁଅ ମୋର ବାହାରେ ଚାକିରି କରିଛି। ଘରକୁ ପଇସା ପଠାଇବା ସହ ଯେତେବେଳେ ଘରକୁ ଆସେ ଲୁଚେଇକି ମୋ ହାତରେ ପଇସା ଦେଇଯାଏ। ଆଉ କହେ ତୋ ହାତ ଖର୍ଚ୍ଚ କରିବୁ। ସବୁ ପଇସାକୁ ପାଖରେ ସାଇତି ରଖିଥାଏ। ଘରେ କୌଣସି କାରଣରୁ ହଠାତ୍ ଅଧିକ ଟଙ୍କା ଦରକାର ପଡ଼ିଲେ ଦେଇଦିଏ।

*-ଅନିତା ପରିଡ଼ା, ଗୃହିଣୀ, ସାକ୍ଷିଗୋପାଳ, ପୁରୀ*

**ଘରସଜ୍ଜା ଜିନିଷ କିଣେ:** ବେଳେ ବେଳେ ସ୍ୱାମୀଙ୍କଠାରୁ ଆଉ କେବେ ବାପଘରୁ ଟଙ୍କା ଆଣିଥିଲେ ତାକୁ ମୁଁ ମୋ ପାଖରେ ରଖିଥାଏ। ସେହି ଟଙ୍କାରେ ଘରେ ନ ଥିବା ଜିନିଷ ଯାହା ମୋ ସ୍ୱାମୀ ଆଣି ନ ଥାନ୍ତି ତାକୁ କିଣିଥାଏ। ଘର ସଜାଇବାରେ ମୋର ବେଶି ସଉକ। ପାଖରେ ରଖିଥିବା ଟଙ୍କାକୁ ମୁଁ ସେ ବାବଦରେ ବେଶି ଖର୍ଚ୍ଚ କରେ। ଘର ପାଇଁ ଟିକେ ଅଧିକ ଜିନିଷ କିଣୁଥିବାରୁ ବେଳେବେଳେ ସ୍ୱାମୀଙ୍କଠାରୁ ଗାଳି ବି ଶୁଣେ।

*-ଗୀତାଞ୍ଜଳି ଦାସ, ଗୃହିଣୀ, ନୂଆଦିଲ୍ଲୀ*

**ସମସ୍ତଙ୍କ ପାଇଁ ଜିନିଷ କିଣେ:** ସ୍ୱାମୀଙ୍କ ପକେଟରୁ ବେଳେବେଳେ ଶହେ ଦୁଇ ଶହ ଟଙ୍କା ଆଣିବାକୁ ଭାରି ମଜା ଲାଗେ। ଏମିତି ସେ ପଇସା ରଖି ରଖି ଯେତେବେଳେ ୧୦-୧୫ ହଜାର ହୋଇଯାଏ, ସେତେବେଳେ ମୋ ପାଇଁ କିଛି ଶାଢ଼ି କିମ୍ବା ଗହଣା କିଣିନିଏ। ଶାଶୁ ଓ ଶ୍ୱଶୁରଙ୍କର ବି ତାଙ୍କ ମନ ପସନ୍ଦର ଜିନିଷ କିଣିଆଣେ। ଏତେ ଜିନିଷ ଦେଖି ସେମାନେ ଖୁସି ହୋଇଯାଆନ୍ତି।

*-ସରସ୍ୱତୀ ବେହେରା, ଗୃହିଣୀ, ଅମୃତିଆ, ଯାଜପୁର*

# ପ୍ରସବ ପରେ...

**ପ୍ରସବ ପରେ ସାଧାରଣତଃ ମହିଳାମାନଙ୍କର ଓଜନ ବଢ଼ିଯାଇଥାଏ। ତେଣୁ ଓଜନ କମ୍ କରିବା ପାଇଁ କ'ଣ ସବୁ କରିବେ ଜାଣିରଖନ୍ତୁ...**

- ପ୍ରସବ ପରେ ଶିଶୁକୁ ସ୍ତନ୍ୟପାନ କରାଇବା ଫଳରେ ପ୍ରାକୃତିକ ଉପାୟରେ ଓଜନ କମ୍ ହୋଇଥାଏ।
- ପ୍ରସବ ପରେ ଡାଏଟିଂ ଆଦୌ କରନ୍ତୁ ନାହିଁ, ବରଂ ସୁଷମ ଖାଦ୍ୟ ଖାଆନ୍ତୁ। ଉପଯୁକ୍ତ ମାତ୍ରାରେ ପ୍ରୋଟିନ୍, କ୍ୟାଲୋରି, ଭିଟାମିନ୍ ଏବଂ ମିନେରାଲ ରହିଥିବା ଖାଦ୍ୟ ଖାଆନ୍ତୁ। ନିଜ ପାଇଁ ଉପଯୁକ୍ତ ସୁଷମ ଖାଦ୍ୟ ସମ୍ପର୍କରେ ଡାଏଟିସିଆନଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରସବ ପରେ ଶରୀର ଯଦି ସୁସ୍ଥ ରହିଥାଏ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯୋଗ ଓ ବ୍ୟାୟାମ କରନ୍ତୁ।
- ଓଜନ କମ୍ କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଫଳରେ ଶରୀର ହାଇଡ୍ରେଟ୍ ରହିବା ସହିତ କାର୍ଯ୍ୟକ୍ଷମତା ମଧ୍ୟ ବଢ଼ିଥାଏ।
- ପ୍ରସବ ପରେ ଉପଯୁକ୍ତ ମାତ୍ରାରେ ଶୋଇବା ମଧ୍ୟ ଜରୁରୀ। ନିଦ କମ୍ ହେବା ଫଳରେ ଶରୀରରେ ଏକ ପ୍ରକାର ହର୍ମୋନ ଅଧିକ ହେବା କାରଣରୁ ଓଜନ ଅଧିକ ହୋଇଥାଏ।



# କର୍ନ ସାଣ୍ଡୱିଚ୍

**ଆବଶ୍ୟକ ସାମଗ୍ରୀ:** ସିଝା ମକା ଦାନା-୧ କପ୍, ମାୟୋନିଜ୍- ୩ ଚାମଚ, ଟମାଟୋ କ୍ୟାଚଅପ୍- ୧ଚାମଚ, ବ୍ରାଉନ୍ ବ୍ରେଡ୍- କିଛି ସ୍ଲାଇସ୍, ଲହୁଣୀ-ଅଳ୍ପ, ଗୋଲମରିଚ ଗୁଣ୍ଡ- ଅଳ୍ପ, କଟା ଧନିଆପତ୍ର- ଅଳ୍ପ, ଲୁଣ ସ୍ୱାଦ ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସିଝା ହୋଇଥିବା ମକା ଦାନା ସହିତ ମାୟୋନିଜ୍, ଲୁଣ, ଧନିଆପତ୍ର, ଟମାଟୋ କ୍ୟାଚଅପ୍ ଓ ଗୋଲମରିଚ ଗୁଣ୍ଡକୁ ମିଶାଇ ଭଲଭାବେ ଫେଣ୍ଟି ରଖନ୍ତୁ। ଏହା ପରେ ବ୍ରାଉନ୍ ବ୍ରେଡକୁ ଆଣି ଛୁରୀରେ ତିନିକୋଣିଆ କରି କାଟି ଦିଅନ୍ତୁ। ବ୍ରେଡର ଗୋଟିଏ ଖଣ୍ଡ ଉପରେ ପ୍ରଥମେ ଲହୁଣୀ ଲଗାନ୍ତୁ। ଏହାପରେ ସେଥିରେ ଗୋଳା ହୋଇଥିବା ମକା ଦାନାକୁ ରଖି ପୁଣି ଏକ ବ୍ରେଡ ଖଣ୍ଡରେ କଭର କରନ୍ତୁ। ଏବେ ତାୱା ଗରମ କରି ସେଥିରେ ଅଳ୍ପ ଲହୁଣୀ ପକାଇ ସଜାଡ଼ି ରଖିଥିବା ବ୍ରେଡକୁ ପକାଇ ଦୁଇପଟକୁ ସେକି ଦିଅନ୍ତୁ। ଏବେ ଏହାକୁ ଗରମ ଗରମ ଖାଆନ୍ତୁ।

ଖାଦ୍ୟରୁଚି



**ଟ୍ରକ ପଛକୁ ପିଟିଲା କାର୍**

ତିର୍ତ୍ତୋଲ,(ଡି.ଏନ୍.ଏ.): କଟକ-ପାରାଦୀପ ରାସ୍ତାର ତିର୍ତ୍ତୋଲ ଥାନା ଅଧୀନ ନୂଆପଡ଼ା ନିକଟରେ ରବିବାର ରାତି ୧୧ ଟାରେ ଏକ ଟ୍ରକ ପଛକୁ କାର ଧକ୍କା ହୋଇଛି। ଫଳରେ କାର ଚୁରମାର ହୋଇଯାଇଥିବାବେଳେ ଚାଳକ ରକ୍ଷା ପାଇଯାଇଛନ୍ତି। ଏହି କାର ପାରାଦୀପ ଆଡୁ କଟକ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଚଳନ୍ତା ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ଉପରେ କାର ଓଲଟି ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ କାର୍‌ରୁ ଚାଳକଙ୍କୁ ଉଦ୍ଧାର କରିଥିଲେ।

## ଆଜି କ'ଣ କେଉଁଠି

ତିର୍ତ୍ତୋଲ

- ଉର୍ଜା ସଂରକ୍ଷଣ ସମ୍ପର୍କିତ କର୍ମଶାଳା, ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସର, ନିମକଣା, ପୂର୍ବାହ୍ନ ୧୧ଟା

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ଇନ୍ଦ୍ରାଣୀ ବେଶ



ନାଉଗାଁ,୪।୧୦(ସ୍ୱ.ପ୍ର.): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ପୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ସୋମବାର ଶାରଦୀୟ ପାର୍ବଣର ଷୋଡଶ ପୂଜାର ଷଷ୍ଠ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ଇନ୍ଦ୍ରାଣୀ (ମହାଲକ୍ଷ୍ମୀ) ବେଶରେ ସୁସଜ୍ଜିତ କରାଯାଇଛି। ଏହି ପୂଜା ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଉଛି। ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ଶ୍ରଦ୍ଧାଳୁମାନେ ଏହାକୁ ପରିଚାଳନା କରୁଛନ୍ତି।

### ବୃଦ୍ଧାଙ୍କ ମୃତଦେହ ଜବତ

ବାଲିକୁଦା, ୪।୧୦(ସ୍ୱ.ପ୍ର.): ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ତେନ୍ତୁଲିବେଲାରୀ ଗାଁର ଏକ ଆମ୍ବଗଛରୁ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ସେ ହେଲେ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସ୍ତ୍ରୀ ଲୋଚନ ବିଶ୍ୱାଳ (୭୦)। ଏନେଇ ସ୍ୱାମୀଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୨୧/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଲୋଚନ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ଯନ୍ତ୍ରଣା ସହି ନ ପାରି ସେ ଘର ବାଡ଼ିପଟେ ଥିବା ଆମ୍ବଗଛ ଡାଳରେ ଲୁଗା କାନି ବାନ୍ଧି ଝୁଲି ପଡ଼ିଛନ୍ତି। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋଚନଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ନାବାଳିକାଙ୍କୁ ଅପହରଣ ଘଟଣା: ଜେଲ ଗଲେ ଅଭିଯୁକ୍ତ

କୁଜଙ୍ଗ,୪।୧୦(ଡି.ଏନ୍.ଏ.): କୁଜଙ୍ଗ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ସେପ୍ଟେମ୍ବର ୨୮ ସନ୍ଧ୍ୟାରେ ଅପହରଣ କରାଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅକ୍ଟୋବର ୧ରେ ସମ୍ପୃକ୍ତ ନାବାଳିକା ଓ ଅଭିଯୁକ୍ତଙ୍କୁ ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଧରିଥିଲା। ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ତାରାକାନ୍ତ ସ୍ୱାଇଁ (୨୪)। ସୋମବାର ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ମାମଲା ନଂ. (ନଂ.୩୪୦/୨୧) ରୁଜୁ ହୋଇଛି।

### ବେଣିପୁର ସରପଞ୍ଚଙ୍କ ପରଲୋକ

ଡ଼େରାବିଶ,୪।୧୦(ସ୍ୱ.ପ୍ର.): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତର ସରପଞ୍ଚ ରଙ୍କ ଜେନା (୮୩)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ସେ ମାସାଧିକ କାଳ ହେବ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନା ଜଣେ ଅମାୟିକ, ସ୍ନେହି, ପରୋପକାରୀ, ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ସମିତିସଭ୍ୟ ଦେବାଶିଷ ଆଚାର୍ଯ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୀତାମ୍ବର ଜେନା, ଜିଆରଏସ୍ ଅଲେଖ ଚନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ଅନାଦୀ ପୃଷ୍ଟି, ବାବାଜୀ ନାୟକ, ରିୟାସତ ସାହା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ଅଶୋକ ଜେନା ମୁଖାଗ୍ନୀ ଦେଇଥିଲେ। ସୁଚନାଯୋଗ୍ୟ ବିଗତ ପଂଚାୟତ ନିର୍ବାଚନରେ ରଙ୍କ ଜେନା ପଞ୍ଚାୟତ ଅଧୀନ ୧୧ନଂ. ଓାର୍ଡର ସଭ୍ୟ ଭାବେ ନିର୍ବାଚିତ ହୋଇ ସର୍ବସମ୍ମତିକ୍ରମେ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ଚୟନ ହୋଇଥିଲେ। ଅପରପକ୍ଷରେ ୨୦୨୦ ଫେବୃୟାରୀ ପ୍ରଥମ ସପ୍ତାହରେ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଅନାସ୍ଥା ପ୍ରସ୍ତାବରେ ହାରି ଆସନ ହରାଇବାରୁ ରଙ୍କଙ୍କୁ ସରପଞ୍ଚ ଆସନରେ ଅଲଙ୍କୃତ କରାଯାଇଥିଲା।

# ଆନ୍ଦୋଳନକାରୀଙ୍କୁ ପୋଲିସ ନାଲିଆଖି

ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୪।୧୦



ସାଗର ସିମେଣ୍ଟ କାରଖାନା ସମ୍ମୁଖରେ ଆନ୍ଦୋଳନକାରୀ ଶ୍ରମିକ।

**ସାଗର ସିମେଣ୍ଟ କାରଖାନାରେ ଶ୍ରମିକ ଛଟେଇ**

- ଟାୟାର ଜାଳି ଫାଟକ ସମ୍ମୁଖରେ ଆନ୍ଦୋଳନ

କଳିଙ୍ଗନଗର ଶିଳ୍ପାଞ୍ଚଳର ସାଗର ସିମେଣ୍ଟ କାରଖାନାରେ କାର୍ଯ୍ୟରତ ପ୍ରାୟ ୨୫୦ ଠିକା ଶ୍ରମିକଙ୍କୁ ବିନା ନୋଟିସରେ ଛଟେଇ କରାଯାଇଛି। ଫୁଲ୍ ଆଣ୍ଡ ଫାଇନାଲ ପାଉଣା ପ୍ରଦାନ ନ କରି ଛଟେଇ କରାଯାଇଥିବାରୁ ଗତ ୧ ତାରିଖଠାରୁ ଶ୍ରମିକମାନେ କାରଖାନା ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି। ଏଥିପ୍ରତି କାହାର ଦରଦ ଟିକିଏ ନାହିଁ। ଓଲଟା ଜଣେ ପୋଲିସ ଅଧିକାରୀ ଆନ୍ଦୋଳନରତ ଶ୍ରମିକମାନଙ୍କୁ ନାଲିଆଖି ଦେଖାଉଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ସେହି ସିମେଣ୍ଟ କାରଖାନାରେ ଚାକିରି କରୁଥିବାରୁ ସେ କମ୍ପାନୀ ସପକ୍ଷରେ ଅଣ୍ଟା ଭିଡିଛନ୍ତି। ତୁରନ୍ତ ଆନ୍ଦୋଳନରୁ ନ ଓହରିଲେ ମିଛ କେସ୍‌ରେ ଫସାଇ ଦିଆଯିବ ବୋଲି ପୋଲିସ ଅଧିକାରୀ ଜଣକ ଚେତାବନୀ ଦେଉଥିବା ଆନ୍ଦୋଳନରତ ଶ୍ରମିକମାନେ ପ୍ରକାଶ କରିଛନ୍ତି। ଏଥିରେ ଉତ୍କ୍ଷିପ୍ତ ହୋଇ ଶ୍ରମିକମାନେ ସୋମବାର କାରଖାନା ସମ୍ମୁଖରେ ଟାୟାର ଜାଳି ଆନ୍ଦୋଳନ କରିଛନ୍ତି।

କୁହାଯାଉଛି ଯେ କଳିଙ୍ଗନଗର ଶିଳ୍ପାଞ୍ଚଳ ଜନ ସହଯୋଗରେ ନୁହେଁ କେତେଜଣ ପ୍ରତିଭାଶାଳୀ ବ୍ୟକ୍ତି, ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ଛତ୍ରଛାୟା ତଳେ ଗଢ଼ିଉଠୁଛି। ମନ କଲେ ଗରିବ ନିରୀହ ଶ୍ରମିକ ଛଟେଇ ଏଠାରେ ନିତିଦିନିଆ କଥା ହୋଇଛି। ଠିକା ଶ୍ରମିକ (ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ, ୧୯୪୭ର ଖୋଲାଖୋଲି ଉଲ୍ଲଂଘନ କରି ଜଣେ ପରେ ଜଣକୁ ନିଯୁକ୍ତିରୁ ଛଟେଇ କରାଯାଉଛି। ଗତ ୧ ତାରିଖରେ ସାଗର ସିମେଣ୍ଟ କାରଖାନାର ପ୍ରାୟ ୨୫୦ ଠିକା ଶ୍ରମିକଙ୍କୁ ଛଟେଇ ପରେ ଶ୍ରମିକ ଅଶାନ୍ତ ଉଗ୍ରରୂପ ଧାରଣ କରିଥିଲା। ସୂଚନା ଅନୁସାରେ ଆରପିଡି ଠିକାସଂସ୍ଥାର ଶ୍ରମିକ, କର୍ମଚାରୀଙ୍କ ଫାଟକ ପ୍ରବେଶ ଅନୁମତିକୁ କାରଖାନା କର୍ତ୍ତୃପକ୍ଷ ଗତ ୧ ତାରିଖଠାରୁ ବନ୍ଦ କରିଥିଲେ। ସେହିଦିନ ଶ୍ରମିକମାନେ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସୋମବାର ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟାରେ କାରଖାନା କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳ ସହିତ ପୋଲିସ ଉପସ୍ଥିତିରେ ଆଲୋଚନା କରିଥିଲେ। ବୈଠକରେ ୨ ମାସର ଦରମା ଓ ପୁନଃ ନିଯୁକ୍ତି ପ୍ରସଙ୍ଗରେ ଆନ୍ଦୋଳନକାରୀ ଶ୍ରମିକମାନେ ଦୋହରାଇଥିଲେ। କାରଖାନାର ପରିଚାଳକ ଭେଙ୍କଟ ରେଡ୍ଡିଙ୍କ କହିବା ଅନୁସାରେ ଶ୍ରମିକଙ୍କ ୧ ମାସର ଦରମା ମଙ୍ଗଳବାର ଅପରାହ୍ନ ସୁଦ୍ଧା ପ୍ରଦାନ କରାଯିବ। ବୁଧବାର ଠାରୁ ସମସ୍ତ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ୨ ମାସର ସମ୍ପୂର୍ଣ୍ଣ ଦରମା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଥିବା ସୂଚନା ମିଳିଛି। ଅପରପକ୍ଷେ ପୋଲିସ ଅଧିକାରୀଙ୍କ ନାଲି ଆଖି ସଂକ୍ରାନ୍ତରେ ଆନ୍ଦୋଳନକାରୀମାନେ ଏସପିଙ୍କୁ ସାକ୍ଷାତ କରି ଜଣାଇବେ ବୋଲି ସୂଚନା ଦେଇଛନ୍ତି।

# ମହାନଦୀ ମୁହାଣରେ ପୁଣି ଓଲଟିଲା ମାଛଧରା ଡଙ୍ଗା

ପାରାଦୀପ,୪।୧୦(ସ୍ୱ.ପ୍ର.)

**୫ ମତ୍ସ୍ୟଜୀବୀ ଉଦ୍ଧାର**

ପାରାଦୀପ ମାଛଧରା ବନ୍ଦର ସଂଲଗ୍ନ ମହାନଦୀ ମୁହାଣରେ ସୋମବାର ପୁଣି ଦୁର୍ଘଟଣା ଘଟିଛି। ଅସ୍ତରଙ୍ଗ ଅଞ୍ଚଳର ଏକ ଡଙ୍ଗା ସମୁଦ୍ରରୁ ମାଛଧରାବନ୍ଦରକୁ ଫେରିବା ବେଳେ ମୁହାଣ ନିକଟରେ ବୁଡ଼ି ଯାଇଥିଲା। ସେଥିରେ ଥିବା ୫ ଜଣ ମତ୍ସ୍ୟଜୀବୀ ପାଣିରେ ଭାସୁଥିବା ବେଳେ ଆଉ ଏକ ଡଙ୍ଗା ଯାଇ ସେମାନଙ୍କୁ ଉଦ୍ଧାର କରିଛି। ପାରାଦୀପ ମାଛଧରାବନ୍ଦର ମତ୍ସ୍ୟଜୀବୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଉକ୍ତ ଡଙ୍ଗା ମୁହାଣ ନିକଟରେ ହୋଇଥିବାବେଳେ ଅତ୍ୟଧିକ କରେଣ୍ଟ(ଅନ୍ତଃସ୍ରୋତ) ଥିବା ଯୋଗୁ ବୁଡ଼ି ଯାଇଥିଲା। ଏ ସମ୍ପର୍କରେ ସାମୁଦ୍ରିକ ଥାନାଧିକାରୀ କିଶୋର ତରାଇ କହିଛନ୍ତି, ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କ ନାମ ଓ ଡଙ୍ଗା ସମ୍ପର୍କରେ କୌଣସି ସୂଚନା ଆମ ପାଖରେ ନାହିଁ। କିନ୍ତୁ ଡଙ୍ଗା ବୁଡ଼ିବା ଘଟଣା ସତ। ଏ ସମ୍ପର୍କରେ ଖବର ପାଇ ଆମେ ତୁରନ୍ତ କୋଷ୍ଟଗାର୍ଡକୁ ସୂଚନା ଦେଇଥିଲୁ। କୋଷ୍ଟଗାର୍ଡ ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ସେମାନେ ପଳାଇ ଯାଇଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୨ରେ ସମାନ ସ୍ଥାନରେ ପାରାଦୀପର ଗୋଟିଏ ଡଙ୍ଗା ବୁଡ଼ି ଯାଇଥିଲା। ସେଥିରେ ଥିବା ୭ ଜଣଙ୍କ ମଧ୍ୟରୁ ୨ ଜଣ ନିଖୋଜ ହୋଇଯାଇଥିଲେ। ନିଖୋଜଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଗଞ୍ଜା ଥାନା ପୋଲିସ ସେପ୍ଟେମ୍ବର ୨୧ରେ ଉଦ୍ଧାର କରିଥିଲା।



ସମୁଦ୍ରରେ କୋଷ୍ଟଗାର୍ଡ ଟିମ୍ ମତ୍ସ୍ୟଜୀବୀଙ୍କୁ ଖୋଜାଖୋଜି କରୁଛନ୍ତି।

# ଶିଆଳି ବେଳାଭୂମିରୁ ବିରଳ ହ୍ୱେଲ ଶାର୍କ ମୃତଦେହ ମିଳିଲା



ମୃତ ଶାର୍କକୁ ବ୍ୟବଚ୍ଛେଦ କରାଯାଉଛି।

ଏରସମା,୪।୨୦(ସ୍ୱ.ପ୍ର.)

**ସଂଗ୍ରହାଳୟରେ ରଖାଯିବ କଙ୍କାଳ**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମି ସନ୍ନିକଟ ମୀରାବିଟ୍‌ରୁ ବିରଳ ହ୍ୱେଲ ଶାର୍କର ମୃତଦେହ ମିଳିଛି। ମୃତ ଶାର୍କର ଲମ୍ବ ୨୦ ଫୁଟ ଓ ଚଉଡା ୫ ଫୁଟ ହୋଇଥିବାବେଳେ ଓଜନ ୮ ଟନ ହେବ ବୋଲି ଉପସ୍ଥିତ କୁଜଙ୍ଗ ରେଞ୍ଜ ଅଫିସରଙ୍କଠାରୁ ସୂଚନା ମିଳିଛି। ଏହା ଏକ ମାଇ ଶାର୍କ ହୋଇଥିବାବେଳେ ତାକୁ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରବିବାର ବିଳମ୍ବିତ ରାତିରେ ହାଓାଖାନା ବିଟ ହାଉସର ଗାର୍ଡ ବିଶ୍ୱରଞ୍ଜନ ତରାଇ ଅନ୍ୟ କର୍ମଚାରୀଙ୍କ ସହ ରାତିରେ ପାଟ୍ରୋଲିଂ କରୁଥିବାବେଳେ ସମୁଦ୍ର ବେଳାଭୂମିରେ ଉକ୍ତ ଶାର୍କକୁ ମୃତ ଅବସ୍ଥାରେ ଦେଖିଥିଲେ। ସେମାନେ ତା'ର ଲାଞ୍ଜକୁ ବାନ୍ଧି ରାତି ସାରା ଜଗି ରହିଥିଲେ। ଖବରପାଇ ସୋମବାର ଏରସମା ପ୍ରାଣୀ ଚିକିତ୍ସକ ସିମ୍ପୋନୀ ମହାନ୍ତି ଓ କୁଜଙ୍ଗ ରେଞ୍ଜ ଅଫିସର ରଞ୍ଜନ କୁମାର ମିଶ୍ର ପହଞ୍ଚି ଶାର୍କର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ଏହାର କଙ୍କାଳକୁ ସଂଗ୍ରହାଳୟରେ ରଖିବା ଉଦ୍ଦେଶ୍ୟରେ ମୃତଦେହକୁ ଜାଲରେ ଗୁଡ଼ାଇ ମାଟିରେ ପୋତି ଦିଆଯାଇଛି। ଏଭଳି ଶାର୍କ ସାଧାରଣତଃ ଓଡିଶା ଉପକୂଳରେ ଦେଖାଯାଆନ୍ତି ନାହିଁ। ସେମାନେ ସମୁଦ୍ର ଗଭୀର ଜଳରେ ଦଳ ଦଳ ହୋଇ ରୁହନ୍ତି। କୌଣସି କାରଣରୁ ଏହି ଶାର୍କ ଦଳରୁ ବାହାରି ଆସି ବଡ ଜଳଚର ପ୍ରାଣୀଙ୍କ ଆକ୍ରମଣର ଶିକାର ହୋଇଥିବା ଆଶଙ୍କା କରାଯାଉଛି।

## ପୋଲିସ ହାତରୁ ଅଭିଯୁକ୍ତଙ୍କୁ ଝିଙ୍କି ନେବା ଘଟଣା: ୨ ଗିରଫ

ବାଲିକୁଦା, ୪।୧୦(ସ୍ୱ.ପ୍ର.)

ମାଛଗାଁରେ ମଦ ବେପାର କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ହାତରୁ ଝିଙ୍କି ନେବା ଘଟଣାରେ ଆଉ ୨ ଜଣଙ୍କୁ ଗିରଫ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଗାଁର ପ୍ରଭାତ ନାୟକ ଓ ଆମ୍ବଶାଳ ଗାଁର ସୁଦାମ ବିଶ୍ୱାଳ। ଏହି ଘଟଣାରେ ମୋଟ୍ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି ବୋଲି ଥାନାଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି। ଏନେଇ ଥାନାରେ ମାମଲା (ନଂ. ୩୦୭/୨୧) ରୁଜୁ ହୋଇଛି। ପୂର୍ବରୁ ପୋଲିସ ମଦ ବିକ୍ରି ଅଭିଯୋଗରେ ସୁଦର୍ଶନ ସାହୁ ଓରଫ ବାବୁ ଏବଂ ତାର ସହଯୋଗୀ ସତ୍ୟବ୍ରତ ଶତପଥୀ ଓରଫ ସିପୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଏବେ ଜେଲ୍‌ରୁ ବେଲ୍‌ରେ ମୁକୁଳିଛନ୍ତି। ସେପ୍ଟେମ୍ବର ୨୮ ସନ୍ଧ୍ୟାରେ ବାଲିକୁଦା ପୋଲିସର ଏକ ଟିମ୍ ମାଛଗାଁରେ ଚଢ଼ାଉ କରି ମଦ ବିକ୍ରି ଅଭିଯୋଗରେ ସୁଦର୍ଶନ ଓ ସତ୍ୟବ୍ରତଙ୍କୁ ଧରିଥିଲା। ମାତ୍ର ସେତେବେଳେ ପ୍ରଭାତ ଓ ସୁଦାମଙ୍କ ସମେତ ଆଉ କେତେଜଣ ଉଭୟ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ। ପରେ ପୋଲିସ ସେମାନଙ୍କୁ ପୁନର୍ବାର ଗିରଫ କରିଥିଲା।

# ବିଦ୍ୟାଳୟର ଭିତ୍ତିଭୂମି ତଦାରଖ

ରଘୁନାଥପୁର,୪।୧୦(ଡି.ଏନ୍.ଏ.)

କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ରବିବାର ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିବା ସହ ମହମ୍ମଦପୁର-ବିଶ୍ୱନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମି ତଦାରଖ କରିଛନ୍ତି। ଏହି ବିଦ୍ୟାଳୟ ସରକାରଙ୍କ ୫-ଟିରେ ସାମିଲ ହୋଇଥିବାରୁ ସରକାରଙ୍କ ରୂପାନ୍ତରିତ ସ୍କିଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଖ୍ୟାତି ଅର୍ଜନ କରିବ ବୋଲି ବିଧାୟକ ଆଶାବ୍ୟକ୍ତ କରିଛନ୍ତି। ପୂର୍ବରୁ ଏହି ପଞ୍ଚାୟତ ଜଗତସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଧୀନରେ ଥିଲା। କ୍ରମଶଃ ଏହା କଟକ ଜିଲା ଅଧୀନକୁ ଚାଲିଯାଇଛି। ମାତ୍ର ଭତ୍ତା ବଣ୍ଟନ ଓ ସ୍ୱାସ୍ଥ୍ୟ ସେବା ଆଦି କାର୍ଯ୍ୟକ୍ରମ ପୂର୍ବପରି ରଘୁନାଥପୁର ବ୍ଲକ ଅଧୀନରେ ଚାଲୁଥିବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ଏହି ବିଭାଗଗୁଡ଼ିକୁ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନକୁ ଆଣିବା ପାଇଁ କିଛି ମହିଳା ବିଧାୟକ ବେହେରାଙ୍କ ନିକଟରେ ଦାବି କରିଥିଲେ। ଉତ୍ତରକୁଳ ସରପଞ୍ଚ ଦିଲୀପ ବିଶ୍ୱାଳ, ବାବୁଜଙ୍ଗ ପୂର୍ବତନ ସରପଞ୍ଚ ମିଳନ ଭୂୟାଁ ,ସ୍ଥାନୀୟ ସରପଞ୍ଚ ବେହେରା ପ୍ରମୁଖ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅଗବତ କରାଯାଇଥିଲେ। ଏଥିପ୍ରତି ଦୃଷ୍ଟି ଦଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# ୧୩.୦୨ଗ୍ରାମ ବ୍ରାଉନସୁଗାର ଜବତ: ୩ ଗିରଫ

ପାରାଦୀପ,୪।୧୦(ସ୍ୱ.ପ୍ର.)



ଗିରଫ ୨ ଅଭିଯୁକ୍ତ।

ପାରାଦୀପ ଆଦର୍ଶଥାନା ପୋଲିସ ସୋମବାର ୧୩.୦୨ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସଂପୃକ୍ତ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିକୁଦା ଥାନା ବେଲପୁର ଗ୍ରାମର ସୁଧାଂଶୁ ସ୍ୱାଇଁ (୨୯), ଜଗତ୍‌ସିଂହପୁର ଥାନା ହରିହରପୁର କାଜିମହଲାର ଏସ୍.କେ ଫମ୍ପୁ ଓରଫ ଫଏମିଦ୍ (୩୩) ଓ ଜଗତ୍‌ସିଂହପୁର ମାର୍କଣ୍ଡପୁରର ଲକ୍ଷ୍ମୀପ୍ରିୟା ଭୋଇ (୨୫)। ଅଭିଯୁକ୍ତମାନେ ଅଠରବାଙ୍କି ବାଲିଫ୍ଲଟରେ ବ୍ରାଉନ୍‌ସୁଗାର କାରବାର କରୁଥିବାବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ଏ ନେଇ ମାମଲା (ନଂ.୨୧୬/୨୧)ରୁଜୁ ହୋଇଛି। ବ୍ରାଉନସୁଗାର ବ୍ୟତୀତ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବାଇକ,୩ ମୋବାଇଲ ଓ ୨୪୬୦ ଟଙ୍କା ଜବତ କରାଯାଇଛି।

# ସୁନାଗହଣା ଦୋକାନ ଉପରେ ଜିଏସ୍‌ଟି ଟିମ୍‌ର ଚଢ଼ାଉ

ରସୁଲପୁର,୪।୧୦(ଡି.ଏନ.ଏ.)

ଯାଜପୁର ଜିଲା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଉଇଙ୍ଗ ପକ୍ଷରୁ କୁଆଖିଆ ଥାନା ଅଧୀନ ହରିପୁର ବଜାରର ଏକାଧିକ ସୁନାଦୋକାନ ଉପରେ ସୋମବାର ଚଢାଉ କରାଯାଇଛି। ସୁନାଦୋକାନୀମାନେ କାରବାର ବେଳେ ଜିଏସ୍‌ଟି ବିଲ୍ ବ୍ୟବହାର କରୁ ନ ଥିବା ଅଭିଯୋଗ ହୋଇଥିଲା। ସୁନା ଗହଣାର ଗୁଣବତ୍ତାକୁ ନେଇ ଗ୍ରାହକମାନେ ପ୍ରଶ୍ନ ଉଠାଇଥିଲେ। ବଡ଼ ସୁନା ଦୋକାନୀମାନେ ପାଇଥିବା ବିଲଠାରୁ ଅଧିକ ସୁନା ଗହଣା ମହଜୁଦ୍ ରଖିଛନ୍ତି। ଏଭଳି ବିଭିନ୍ନ ଅଭିଯୋଗ ଆଧାରରେ ସୋମବାର ଅପରାହ୍ନରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଉଇଙ୍ଗ ପକ୍ଷରୁ ଏହି ଚଢାଉ କରାଯାଇଥିଲା। ଉଇଙ୍ଗ୍‌ର ଡେପୁଟି କମିଶନରଙ୍କ ନେତୃତ୍ୱରେ ୮ଜଣ ଜିଏସ୍‌ଟି କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଅଧିକାରୀମାନେ ଚଢାଉ ବେଳେ ଦୋକାନରେ ଗଚ୍ଛିତ ଥିବା ସୁନାଗହଣା, ଓଜନ, ମାପ, କାରବାର ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ।

# ପାଣି ନିଷ୍କାସନ ପାଇଁ ପ୍ରଶାସନିକ ଆଲୋଚନା

ପାରାଦୀପ, ୪।୧୦(ସ୍ୱ:ପ୍ର:)

ଏରସମା ବ୍ଲକ ଢ଼ିଙ୍କିଆ, ବାଲିତୁଠ, ଗୋବିନ୍ଦପୁର, ନୂଆଗାଁ, ତ୍ରିଲୋଚନପୁର, ଆଦି ଗ୍ରାମରେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ପାରୁନାହିଁ। ଏ ନେଇ ଉପରୋକ୍ତ ଗ୍ରାମବାସୀ ତୈଳବିଶୋଧନାଗାର ଆଗରେ ଧାରଣା ଦେବେ ବୋଲି ଲିଖିତ ଭାବେ ଜିଲା ପ୍ରଶାସନକୁ ଜଣାଇଥିଲେ। ତୈଳବିଶୋଧନାଗାର ପାଇପଲାଇନ ଯୋଗୁ ଏପରି ଘଟିଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ଏଡିଏମ୍ ଅଫିସରେ ବୈଠକ ବସିଥିଲା। ଏଡିଏମ୍ କାହ୍ନୁଚରଣ ଧୀର ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏଏସ୍‌ପି ନିମାଇଁ ସେଠୀ, କୃଷି ଅଧିକାରୀ ନିରଞ୍ଜନ ରାଉତ, ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ତୈଳ ବିଶୋଧନାଗାର ପକ୍ଷରୁ ୨ ଜଣ ଅଧିକାରୀ, ଚାଷୀ ଓ ଢ଼ିଙ୍କିଆ ସରପଞ୍ଚ କିଶୋର କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ତୈଳ ବିଶୋଧନାଗାର ପାଣି ନିଷ୍କାସନ ପାଇଁ କିଛି ଗ୍ରାମରେ ଡ୍ରେନ୍ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା।



ଆଲୋଚନାରେ ଭାଗନେଇଥିବା ଅଧିକାରୀ ଓ ଅନ୍ୟମାନେ।

# ମଡେଲ ମଶାଣି ପାଇଁ ୧ କୋଟି ବ୍ୟୟ ଅଟକଳ

ଜଗତ୍‌ସିଂହପୁର ଅଫିସ, ୪।୧୦



ପ୍ରସ୍ତାବିତ ମଶାଣିର ରୂପରେଖା।

- ଗାଧୁଆ, ପୋଷାକ ବଦଳାବଦଳି ଓ ସାଧାରଣ ବ୍ୟବହାର ଗୃହ ରହିବ
- ୧ ଏକର ଜମିରେ ନିର୍ମାଣ ହେବ
- ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯିବ

ଜଗତ୍‌ସିଂହପୁର ପୌରାଞ୍ଚଳର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟହ କୌଣସି ନା କୌଣସି ୱାର୍ଡରେ ଲୋକଙ୍କ ମୃତ୍ୟୁ ହେଉଛି। କିନ୍ତୁ ଶବଦାହ ପାଇଁ ଅନେକ ସମୟରେ ଅସୁବିଧା ହେଉଛି। ବିଶେଷକରି ବର୍ଷାଦିନେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସହରରେ ଏକ ମଡେଲ ମଶାଣି ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ସ୍ଥାନୀୟ କଲେଜ ଛକ ନିକଟରେ ହେବାକୁ ଥିବା ଏହି ମଶାଣି ପାଇଁ ପାଖାପାଖି ୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାର ନିର୍ମାଣ ସରିଲେ ସହରରେ ଶବଦାହଜନିତ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। ମଶାଣିରେ ଗାଧୁଆ ଘର, ବସ୍ତ୍ର ବଦଳାବଦଳି ଗୃହ, ସାଧାରଣ ବ୍ୟବହାର ଯଥା ଅପେକ୍ଷା ଗୃହ, ଶୌଚାଳୟ, ପାଦଚଲା ରାସ୍ତା କରାଯିବ। କେୟାର ଟେକର୍ ଗୃହ, ଲକ୍କର, ପୂଜା ସାମଗ୍ରୀ, କାଠ ଆଦି ରଖାଯିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ବିଶେଷକରି ଏହି ପରିସର ଯେପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଡେଲ ମଶାଣିଟି କଲେଜ ଛକ ପୋଲ ଆରପଟ (କଲଭର୍ଟ ନିକଟ) ପାଖାପାଖି ୧୦୦ ମିଟର କେନାଲ ବାମ ପାର୍ଶ୍ୱ ୧ ଏକର ଜମିରେ ନିର୍ମାଣ ହେବ। ଏହି ଜମି ଉଚ୍ଚନିଚ ରହିଛି। ଏହାର ଗୋଟିଏ ପଟେ କେନାଲ ବନ୍ଧ ଓ ବିପରୀତ ଦିଗରେ ମୃତ ଅଳକା ରହିଛି। ତେଣୁ ମାଟି ନ ଖସିବା ପାଇଁ ରିଟେନିଂ ୱାଲ୍ କରାଯିବ। ଏ ବାବଦରେ ୯,୦୯,୧୨୪ ଟଙ୍କା ଖର୍ଚ୍ଚ ହେବ। ଜମି ଚାରିପଟେ ପାଚେରି (କମ୍ପାଉଣ୍ଡ ୱାଲ୍) ନିର୍ମାଣ ପାଇଁ ୧୧,୫୯,୦୯୬ ଟଙ୍କା ଖର୍ଚ୍ଚ କରାଯିବ। ତା'ପରେ ଏହି ପରିସରରେ ମଶାଣି ଗୃହ (ଶବଦାହ) ନିର୍ମାଣ ପାଇଁ ୧୨,୯୦,୪୨୩ ଟଙ୍କା ଖର୍ଚ୍ଚ ହେବ। ସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ହେବାକୁ ଥିବା ଗୃହରେ ୨୦,୯୧,୩୨୫, ଗାଧୁଆ ଓ ବଦଳାବଦଳି (ମହିଳା ଓ ପୁରୁଷ) ଗୃହ ବାବଦରେ ୨,୩୧,୫୭୭ ଟଙ୍କା ଖର୍ଚ୍ଚ କରାଯିବ। ଏହା ଭିତରେ ସଂଯୋଗୀକରଣ ରାସ୍ତା (ଆପ୍ରୋଚ୍ ରୋଡ୍) ଓ ପାଦଚଲା ରାସ୍ତା ମଧ୍ୟ ହେବ। ଏହା ବାବଦରେ ୫,୮୫,୪୧୫ ଟଙ୍କା ଖର୍ଚ୍ଚ କରାଯିବ। ମଶାଣି ପରିସରକୁ ପ୍ରାକୃତିକ ବୈଶିଷ୍ଟ୍ୟ ପରିପୂର୍ଣ୍ଣ ସୁନ୍ଦର ଓ ମନୋରମ (ଲାଣ୍ଡ ସ୍କେପିଂ) କରିବା ପାଇଁ ୧୦,୮୧,୫୬୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏସବୁ ବାବଦରେ ୮୧,୨୪,୪୯୮ ଟଙ୍କା ଖର୍ଚ୍ଚ ହେବ। ଏହାବାଦ୍ ମଶାଣି ଭିତର ଓ ବାହାରେ ବିଦ୍ୟୁତକରଣ ବାବଦରେ ୧,୯୧,୦୭୨ ଟଙ୍କା ଖର୍ଚ୍ଚ ହେବ। ଅନୁରୂପ ଭାବେ ପାଣି ଓ ସାନିଟାରୀ ଆଦି କାମ ପାଇଁ ମଶାଣି ଭିତରେ ୧,୬୨,୨୯୬ ଓ ବାହାରେ ୩,୭୦,୯୩୯ ଏହିପରି ଭାବେ ମୋଟ ୫,୩୩,୨୩୫ ଟଙ୍କା ଖର୍ଚ୍ଚ କରାଯିବା ପାଇଁ ଅଟକଳ କରାଯାଇଛି। ମୋଟାମୋଟି ଭାବେ ମଡେଲ ମଶାଣି ନିର୍ମାଣରେ ୯୯,୯୯,୦୦୦ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।

# ଶ୍ୟାମ ଷ୍ଟିଲ୍ ପକ୍ଷରୁ ଇ-ରିକ୍ସା ଦାନ

**ଭୁବନେଶ୍ୱର,୪।୧୦:** ଶ୍ୟାମ ଷ୍ଟିଲ୍ ପକ୍ଷରୁ ଓଡ଼ିଶାର ଅନଗ୍ରସର ସମୁଦାୟର ଲୋକଙ୍କୁ ୮ଟି ଇ-ରିକ୍ସା ଦାନ କରାଯାଇଛି। ମହାମାରୀ କାରଣରୁ ପ୍ରଭାବିତ ହୋଇଥିବା ଅନଗ୍ରସର ସମୁଦାୟଙ୍କ ଜୀବିକାକୁ ସମର୍ଥନ କରିବା ପାଇଁ ଶ୍ୟାମ ଷ୍ଟିଲ୍ ପକ୍ଷରୁ ସମ୍ପ୍ରତି କାର୍ଯ୍ୟକାରୀ କରାଯାଉଥିବା ଏହାର 'ଖୁଦ୍ କମାଓ ଘର୍ ଚଲାଓ' ଅଭିଯାନର ଅଂଶ ସ୍ୱରୂପ ଏହି ଇ-ରିକ୍ସା ଦାନ କରାଯାଇଛି। ଜିରାମ ବା, ସୁଧୀର ବା, ବୁଦ୍ଧେଶ୍ୱର ରାଉତ, ବିଜୟ ଜିନା, ସୁନୀଲ ସିଂହ, କଳ୍ପତରୁ ରାଉତ, ପ୍ରଭାତ କୁମାର ପ୍ରଧାନ ଏବଂ ରବୀନ୍ଦ୍ର ବଳ ପ୍ରମୁଖ ୮ଜଣଙ୍କୁ ଏହି ଇ-ରିକ୍ସା ହସ୍ତାନ୍ତର କରାଯାଇଥିଲା। ଶ୍ୟାମ ଷ୍ଟିଲ୍‌ର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ଆମ ରାଷ୍ଟ୍ରର ଉତ୍‌ଥାନ କ୍ଷେତ୍ରରେ ଗୋଷ୍ଠୀ ବିକାଶ ଏକ ଅତ୍ୟାବଶ୍ୟକ ଅଙ୍ଗ। ଲୋକଙ୍କୁ ଦୀର୍ଘସ୍ଥାୟୀ ଭିତ୍ତିରେ ସମର୍ଥନ କରିବାର ଆବଶ୍ୟକତା ରହିଛି।

# ସ୍ଥାନୀୟ ଇସ୍ପାତ ଶିଳ୍ପକୁ ମିଳିବ ପ୍ରାଥମିକତା

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ରାଜ୍ୟରେ ରହିଥିବା ଖଣିଗୁଡ଼ିକରେ ଉତ୍ପାଦିତ ଲୁହା ପଥର ରାଜ୍ୟ ବାହାରେ ବିକ୍ରି ହେଉଥିବାରୁ ଏହାକୁ ନେଇ ସ୍ଥାନୀୟ ଇସ୍ପାତ ଶିଳ୍ପଗୁଡ଼ିକ ଆଶଙ୍କାରେ ରହିଥିଲେ। ଏହି ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ଶିଳ୍ପର ସ୍ୱାର୍ଥକୁ ବିଚାର କରାଯିବ ବୋଲି ଖଣିମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସ୍ଥାନୀୟ ଶିଳ୍ପର ଦାବି ଆଧାରରେ ପ୍ରିଏମ୍ପସନ ନୀତିରେ ଲୁହା ପଥର ଯୋଗାଣ କରିବା ନେଇ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ(ୟୁସିସିଆଇ)ର ଏକ ପ୍ରତିନିଧି ମଣ୍ଡଳୀକୁ ରାଜ୍ୟ ସରକାର ଏ ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ରାଜ୍ୟରେ ଥିବା ଶିଳ୍ପଗୁଡ଼ିକର ବିକାଶ ଲାଗି ସରକାର ସବୁ ପ୍ରକାର ପଦକ୍ଷେପ ନେବେ ବୋଲି ସରକାର କହିଛନ୍ତି।

ଲୁହା ପଥର ଅଭାବକୁ ନେଇ ୟୁସିସିଆଇ ଏବଂ ଓଡ଼ିଶା ସ୍ପଞ୍ଜ ଆଇରନ ମାନୁଫାକ୍ଚର ଆସୋସିଏଶନ(ଓସୀମା) ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ପ୍ରିଏମ୍ପସନ ନୀତିରେ ଠିକ୍ ଭାବେ ଲୁହା ପଥର ଯୋଗାଣ ନେଇ ଶିଳ୍ପ କ୍ଷେତ୍ର ସରକାରଙ୍କୁ ନିବେଦନ କରିଥିଲା। ୟୁସିସିଆଇ ସଭାପତି ବ୍ରହ୍ମା ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ନିକଟରେ ଭେଟିଥିଲେ।



■ ପ୍ରିଏମ୍ପସନ ନୀତିରେ ଲୁହା ପଥର ଯୋଗାଣ ହେବ
■ ୟୁସିସିଆଇ ପ୍ରତିନିଧିଙ୍କୁ ଭେଟିଲେ ଶିଳ୍ପ ବିଭାଗ ପ୍ରମୁଖ ସଚିବ

ଶିଳ୍ପଗୁଡ଼ିକୁ ଲୁହା ପଥର ଅଭାବ ରହୁଥିବାରୁ ଏହାକୁ ତ୍ୱରିତ ଭିତ୍ତିରେ ଯୋଗାଇ ଦେବା ନେଇ ସଂଘଗୁଡ଼ିକ ନିବେଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରିଏମ୍ପସନ ନୀତିରେ ଲୁହା ପଥର ପାଇବା ଲାଗି ବର୍ତ୍ତମାନ ୧୮ ଆବେଦନ ଗତ ୩ ମାସରୁ ଊର୍ଦ୍ଧ୍ୱ ସମୟ ହେବ ପଡ଼ିରହିଛି। ସରକାର ଏ ଦିଗରେ ବିଳମ୍ବ ନ କରି ଶିଳ୍ପର ସମସ୍ୟା ସମାଧାନ ଲାଗି ତ୍ୱରିତ୍ ପଦକ୍ଷେପ ନେବାକୁ ସଂଘଗୁଡ଼ିକ ନିବେଦନ କରିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ୟୁସିସିଆଇ ସଭାପତି ବ୍ରହ୍ମା ମିଶ୍ର କହିଛନ୍ତି, ରାଜ୍ୟରୁ ଉତ୍ପାଦିତ ଖଣିଜ ପଦାର୍ଥର ଭାଲ୍ୟୁ ସଂଯୋଗ ଲାଗି ସରକାର ଏମ୍ପସନ ନୀତି ଆଣିଥିଲେ। ରାଜ୍ୟର ଶିଳ୍ପଗୁଡ଼ିକ ଅଭିବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ରାଜ୍ୟ ସରକାର ମଧ୍ୟ ଏହା ଉପଲବ୍ଧି କରିଛନ୍ତି। ଏହାକୁ ଦେଖିଲେ ଲୁହା ପଥର ପାଇବାକୁ କାହିଁକି ୧୮ ଆବେଦନର କାର୍ଯ୍ୟକାରିତାକୁ ନେଇ ବିଳମ୍ବ ହେଉଛି ବୋଲି ମିଶ୍ର କହିଛନ୍ତି। ରାଜ୍ୟର ଲୌହ ଏବଂ ଇସ୍ପାତ ଶିଳ୍ପକୁ ବଞ୍ଚାଇବା ଲାଗି ଏହି ପ୍ରସଙ୍ଗକୁ ରାଜ୍ୟ ସରକାର ତ୍ୱରିତ ଭାବେ ନଜର ଦେବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ତେବେ ରାଜ୍ୟ ସରକାର ଇସ୍ପାତ ଶିଳ୍ପକୁ ସବୁ ପ୍ରକାରର ସହଯୋଗ ଯୋଗାଇ ଦେବେ ବୋଲି ଶର୍ମା କହିଛନ୍ତି। ଏହି ବୈଠକ ପରେ ଶୀଘ୍ର ପ୍ରିଏମ୍ପସନ ନୀତି ଲାଗୁ ହେବା ନେଇ ଆଶା ରହିଥିବା ମିଶ୍ର କହିଛନ୍ତି। ସରକାର ଯଦି ଏହି ପ୍ରସଙ୍ଗକୁ ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ନ କରନ୍ତି ତେବେ ରାଜ୍ୟ ଶିଳ୍ପଗୁଡ଼ିକର ସ୍ୱାର୍ଥ ରକ୍ଷା ଲାଗି ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ ଉଲ୍ଲେଖଯୋଗ୍ୟ, ପ୍ରିଏମ୍ପଦନ ନୀତିରେ ରାଜ୍ୟରେ ଉତ୍ତୋଳନ ହେଉଥିବା ଲୁହା ପଥର ମଧ୍ୟରୁ ଅନ୍ତତଃ ପକ୍ଷେ ୫୦% ରାଜ୍ୟ ଭିତ୍ତିକ ଶିଳ୍ପଗୁଡ଼ିକ ଲାଗି ସଂରକ୍ଷିତ ରଖିବାର ନିୟମ ରହିଛି।

ଜନ୍ମବାର୍ଷିକ ଶୁଭେଚ୍ଛା



ମୋନାଲିସା ରଣା (ମିଲନ)
ଆଜି ତୋର ୧୮ତମ ଜନ୍ମଦିନ ଅବସରରେ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ କରିବା ସହ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ତୋର ପ୍ରତିଟି ଇଚ୍ଛା ବାବା ପୂରଣ କରନ୍ତୁ। ସାଇବାବା କରନ୍ତୁ ତୋ ଜୀବନ ଏମିତି ସବୁବେଳେ ହସ ଖୁସିରେ ଭରି ହେଉ, ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ପାଗେଳି।
ଜନ୍ମ ତା. ୦୫।୧୦।୨୦୦୨
ଶୁଭେଚ୍ଛା ସହ: ମାଆ, ବାପା, ଭାଇ।
ଧ-୨୧୮୪୪

# 'ବିଲ୍ଡର-ଘର କ୍ରେତାଙ୍କ ଲାଗି ମଡେଲ ଏଗ୍ରିମେଣ୍ଟ ଆଣ'

ନୂଆଦିଲ୍ଲୀ,୪।୧୦

ବିଲ୍ଡର ଏବଂ ଘର କିଣୁଥିବା ଲୋକଙ୍କ ମଧ୍ୟରେ ଏକ ମଡେଲ ଏଗ୍ରିମେଣ୍ଟ ଆଣିବା ଲାଗି ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ରେରା ଆଇନ ୨୦୧୬ ଅନ୍ତର୍ଗତ ରିୟଲ ଇଷ୍ଟେଟ କ୍ଷେତ୍ରରେ ପାରଦର୍ଶିତା ଆଣିବା ତଥା ଘର କିଣୁଥିବା ଲୋକଙ୍କ ହିତକୁ ଧ୍ୟାନରେ ରଖି ସରକାରଙ୍କୁ ଏଭଳି ନୋଟିସ ଜାରି ହୋଇଥିବା ଜଣାପଡ଼ିଛି। ଏହି ମାମଲା ଉପରେ ଆଇନଜୀବି ଅଶ୍ୱିନୀ କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର କରିଥିଲେ। ଘର କିଣିବା ସମୟରେ ଏଭଳି ଚୁକ୍ତି ଆସିଲେ ଲୋକମାନେ ଯେଉଁ ବିଲ୍ଡରଙ୍କଠାରୁ ଘର କିଣୁଛନ୍ତି ସେମାନେ ଉତ୍ତରଦାୟୀ ହୋଇପାରିବେ ବୋଲି ଆବେଦନରେ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଚାରି ସପ୍ତାହ ପରେ ହେବ ବୋଲି ଜଣାପଡ଼ିଛି। ଆବେଦନରେ କୁହାଯାଇଛି ଯେ, ଧାର୍ଯ୍ୟ ସମୟ ସୀମା ମଧ୍ୟରେ ରେରା ଲାଗୁ କରିବା ଲାଗି ରାଜ୍ୟଗୁଡ଼ିକ ସକ୍ଷମ ହୋଇନାହାନ୍ତି। ଏଥିଲାଗି ୨୦୧୭ ମେ ପହିଲା ନିୟମ ରହିଥିଲେ ମଧ୍ୟ ରାଜ୍ୟଗୁଡ଼ିକ ଏ ଦିଗରେ ସକ୍ଷମ ହୋଇ ନ ଥିବା ଜଣାପଡିଛି। ରିୟଲ ଇଷ୍ଟେଟ କ୍ଷେତ୍ରରେ ବେଆଇନ କିଣାବିକା ମଧ୍ୟ ଏହା ଦ୍ୱାରା ରୋକାଯାଇପାରିବ।

# ୧୭ ଅଳଙ୍କାର ଦୋକାନ ଉପରେ ଜିଏସ୍‌ଟି ଚଢ଼ାଉ

ଭୁବନେଶ୍ୱର,୪।୧୦

ବାଣିଜ୍ୟ କର ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ଏନଫୋର୍ସମେଣ୍ଟ ୟୁନିଟ୍ ସୋମବାର ରାଜ୍ୟର ୧୮ଟି ସହରର ୧୭ଟି ଅଳଙ୍କାର ଦୋକାନ ଉପରେ ଚଢ଼ାଉ କରିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସିଟି ଜିଏସ୍‌ଟି ବିଭାଗର ମିଳିତ ଟିମ୍ ଜରିଆରେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଉପରେ ଏଭଳି ବଡ଼ ଧରଣର ଚଢ଼ାଉ ଚାଲିଥିବା ଜଣାପଡିଛି। ରାଜ୍ୟର ବିଭିନ୍ନ ଅଳଙ୍କାର ପ୍ରତିଷ୍ଠାନ ସମେତ ଅନ୍ୟ ସଂସ୍ଥା ସହ ଜଡ଼ିତ ଥିବା କିଛି ବ୍ୟବସାୟୀ ଦୀର୍ଘ ଦିନ ହେବ ଆୟକର ସାଙ୍ଗକୁ ଜିଏସ୍‌ଟି ଫାଙ୍କି ବ୍ୟବସାୟ କରୁଥିବା ଅଭିଯୋଗ ରହିଥିଲା। ଫଳରେ ଜିଏସ୍‌ଟି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଏକକାଳୀନ ରାଜ୍ୟର ଛୋଟ ବଡ଼ ଅଳଙ୍କାର ପ୍ରତିଷ୍ଠାନଗୁଡିକରେ ଏଭଳି ଚଢ଼ାଉ କରାଯାଇଛି। ପାର୍ବଣ ଏବଂ ଧନତେରସ ଆସୁଥିବାରୁ ବ୍ୟବସାୟୀମାନେ ବିଭିନ୍ନ ଢଙ୍ଗରେ ଗ୍ରାହକଙ୍କୁ ଠକୁଥିବା ମଧ୍ୟ ଦେଖାଯାଇଛି। ଏଭଳି ବିଭିନ୍ନ ଦିଗକୁ ବିଚାର କରି କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାରିପଦା, କେନ୍ଦ୍ରପଡା, ରାଉରକେଲା ଓ ବରଗଡ଼ ଭଳି ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ସୁନାର ଓଜନ, ମାନ ପରୀକ୍ଷା ସାଙ୍ଗକୁ କ୍ରୟ ଓ ବିକ୍ରୟର ବିଲ୍ ଭଳି ବିଭିନ୍ନ ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଇଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରୁ ପ୍ରାୟ ୩ କିଲୋ ଓଜନର ବେଆଇନ ସୁନା କାରବାର ଉପରେ ଚଢ଼ାଉ କରାଯାଇ ଜରିମାନା ସଂଗ୍ରହ କରାଯାଇଥିଲା। ଜିଏସ୍‌ଟି କମିଶନର ଜିଏସ୍‌ଟି ଠକେଇ ଓ ବେଆଇନ ସୁନା ଅଳଙ୍କାର କାରବାର ଉପରେ ନଜର ରଖିବା ପାଇଁ ଏନଫୋର୍ସମେଣ୍ଟ ୟୁନିଟ୍‌କୁ ନିର୍ଦ୍ଦେଶ ଦେଇଥିଲେ।

# ତନିସ୍କର ପୂଜା କଲେକ୍ସନ 'ସାଜ୍'

ଭୁବନେଶ୍ୱର,୪।୧୦



ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ଏହାର ଏକ୍ସକ୍ଲୁସିଭ ପୂଜା କଲେକ୍ସନ 'ସାଜ୍'ର ଉନ୍ମୋଚନ କରାଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିସ୍କ ଷ୍ଟୋରରେ ତନିସ୍କର ଏବିଏମ୍ ଅରିନ୍ଦମ ପ୍ରାମାଣିକ ଏବଂ ଷ୍ଟୋର ପକ୍ଷରୁ ଲିପ୍‌ସା ହଂସ ଉପସ୍ଥିତ ରହି ଏହାକୁ ବଜାର ପ୍ରବେଶ କରାଇଥିଲେ। ପାର୍ବଣକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ନୂଆ କଲେକ୍ସନଗୁଡ଼ିକୁ ନିଖୁଣ ଭାବେ ଡିଜାଇନ କରାଯାଇଛି। ଗହଣାଗୁଡ଼ିକ ପାରମ୍ପରିକ ସହ ଅତ୍ୟାଧୁନିକ ଏବଂ ସମସାମୟିକ ଛାପ ରହିଛି। ସେହିଭଳି ପାର୍ବଣ ଉପଲକ୍ଷେ ତନିସ୍କ ଆକର୍ଷଣୀୟ ଅଫର ଘୋଷଣା କରିଛି। ଗ୍ରାହକ ସୁନାର ଗଢ଼ାମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର ସୀମିତ ସମୟ ଲାଗି ଉପଲବ୍ଧ ରହିବ। ନୂଆ କଲେକ୍ସନକୁ ତନିସ୍କର ମାଷ୍ଟର କାରିଗରଙ୍କ ଦ୍ୱାରା ଅତ୍ୟନ୍ତ ନିଖୁଣ ଭାବେ ଡିଜାଇନ କରାଯାଇଛି। ବଙ୍ଗାଳୀ ଏବଂ ଓଡିଆ କାରିଗରମାନେ ସାଜ୍‌ର ପ୍ରତ୍ୟେକ ପିସ୍‌କୁ ଡିଜାଇନ କରିଥିବା ବେଳେ ଏହା ମଧ୍ୟରେ ପଟିହାର, ସୀତାହାର, ଚାନ୍ଦବାଲି, ଝୁମକା, ରାଣୀହାର, ବାଲା, ଚୁଡି, ଚୁଡ୍, ମନ୍ତସା, ଖଡୁ, ଶଙ୍ଖା ଏବଂ ଆହୁରି ଅନେକ ଗହଣା ଡିଜାଇନ ରହିଛି।

ସିଗ୍‌ନେଚର ତନିସ୍କ ଷ୍ଟାଇଲରେ ଏସବୁକୁ ପ୍ରସ୍ତୁତ କରାଯାଇଛି। ନୂଆ କଲେକ୍ସନ ମାତ୍ର ୧୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଓଡ଼ିଶାରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ଏହା ଉପଲବ୍ଧ ହେବ। 'ଉତ୍ସବ ଆମର, ସାଜସଜ୍ଜା ବି ଆମର' କ୍ୟାମ୍ପେନ ଜରିଆରେ ତନିସ୍କ ଓଡ଼ିଆ ମହିଳାଙ୍କୁ ନିଜ ପାଇଁ ଉପଯୁକ୍ତ ସାଜ୍ ପସନ୍ଦ କରିବାକୁ ଅନୁରୋଧ କରିଛି। ଏଥି ସହିତ ଚଳିତ ପାର୍ବଣରେ ଘରକୁ ସମୃଦ୍ଧି ଆଣିବାରେ ଏହା ଯୋଗଦାନ ରଖିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଓଡିଆ ମହିଳାଙ୍କୁ ସଜେଇବା ଲାଗି ଏଭଳି ବିଭିନ୍ନ ଡିଜାଇନ ପ୍ରସ୍ତୁତ କରାଯାଇଥିବା ଟାଇଟାନ କମ୍ପାନୀ ଲିମିଟେଡର ପୂର୍ବାଞ୍ଚଳ ବ୍ୟବସାୟ ମୁଖ୍ୟ ଅମିତ ଧରାପ କହିଛନ୍ତି। ୧୫୦ ଗହଣା ପିସ୍ ଏହି କଲେକ୍ସନରେ ରହିଛି; ଯାହା ପାର୍ବଣକୁ ଉତ୍ସବମୁଖର କରିବ।

## ଫୁରସତ୍

# ବ୍ୟାଙ୍କ ଚାକିରୀ କରୁଥିଲେ ସୋହା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ସୋହା ଅଲ୍ଲି ଖାନ୍ ସୋମବାର ୪୨ ତମ ଜନ୍ମଦିନ ପାଳିଛନ୍ତି। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ୍ ପଲିଟିକାଲ ସାଇନ୍ସରେ ମାଷ୍ଟର ଡିଗ୍ରୀ ହାସଲ ପରେ ସେ ବ୍ୟାଙ୍କରେ ଚାକିରି କରିଥିଲେ। ବ୍ୟାଙ୍କରରୁ ଅଭିନେତ୍ରୀ ସାଜିଥିଲେ ସୈଫ ଅଲ୍ଲୀ ଖାନ୍‌ଙ୍କ ଭଉଣୀ ସୋହା। ୨୦୦୪ରେ ବେଙ୍ଗଲି ଫିଲ୍ମ 'ଇତି ଶ୍ରୀକାନ୍ତା' ମାଧ୍ୟମରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। 'ଦିଲ ମାଙ୍ଗେ ମୋର' ଦ୍ୱାରା ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। 'ରଙ୍ଗ ଦେ ବସନ୍ତି'ରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

# ମଣିଷ ଗଢ଼ିବା ସହଜ ନୁହେଁ




ପିଲାଟିଏ ଜନ୍ମ ହେବାପରେ ପ୍ରଥମେ ଜନ୍ମଦାତ୍ରୀଙ୍କୁ ଚିହ୍ନିବା ଆରମ୍ଭ କରିଥାଏ। ଧୀରେଧୀରେ ମା'ଠାରୁ ଦରୋଟି ଭାଷା ଶିଖି ଥାଏ। ତେଣୁ ମା'ଙ୍କୁ ପ୍ରଥମ ଶିକ୍ଷକ କୁହାଯାଇଥାଏ। ବୟସ ବଢ଼ିବା ସହିତ ଅନୁକରଣ ପ୍ରିୟ ଶିଶୁର ଶିକ୍ଷାର ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଶିଶୁମନରେ କିଭଳି ସହଜରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେବ ସେ ନେଇ ଶିକ୍ଷକ ପ୍ରୟାସ କରିଥାନ୍ତି। କଞ୍ଚାମାଟିରେ ମାଠିଆର ପୂର୍ଣ୍ଣାଙ୍ଗ ରୂପ ଭଳି ଶିଶୁର ଜ୍ଞାନର ବିକାଶ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଶିକ୍ଷକ ରଖିଥାନ୍ତି। ଶିଶୁର ନିରୀହ ମନକୁ ବୋଧଗମ୍ୟ ହେଉଥିବା ବିଭିନ୍ନ ସରଳ ଗପ ଏବଂ ଖେଳ ସହିତ ପାଠପଢ଼ା ଆଗେଇ ନେବା ପ୍ରତି ଶିକ୍ଷକ ଗୁରୁତ୍ୱ ଦିଅନ୍ତି। ପାଠପଢ଼ା ଶିକ୍ଷା ଦେବା ସହଜ ନୁହେଁ। ସେଥିପାଇଁ ପ୍ରତିଟି ସଭ୍ୟତାରେ ଶିକ୍ଷାଦାନ କରୁଥିବା ଗୁରୁଙ୍କୁ ସବୁବେଳେ ସମ୍ମାନର ସ୍ଥାନ ପ୍ରଦାନ କରାଯାଇଥାଏ। ଶିକ୍ଷକ ନିଜର ଗୁରୁତ୍ୱ ରକ୍ଷା କରି ପ୍ରତିଟି ଯୁଗରେ ଜ୍ଞାନ ଚକ୍ଷୁରେ ମଣିଷ ଗଢ଼ିବା କାର୍ଯ୍ୟକୁ ଜାରି ରଖିଛନ୍ତି।

ବିଶ୍ୱସ୍ତରରେ ଗୁରୁଙ୍କୁ ସମ୍ମାନ ପ୍ରଦାନ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ୟୁନେସ୍କୋ ପକ୍ଷରୁ ୧୯୯୪ରେ ପ୍ରୟାସ କରାଯାଇଥିଲା। ଏହା ଅନ୍ତର୍ଗତ ପ୍ରତିବର୍ଷ ଅକ୍ଟୋବର ୫କୁ ବିଶ୍ୱ ଶିକ୍ଷକ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ଏହା ପୂର୍ବରୁ ୧୯୬୬ ଅକ୍ଟୋବର ୫ରେ ପ୍ୟାରିସ୍‌ଠାରେ ୟୁନେସ୍କୋ ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ପକ୍ଷରୁ ଶିକ୍ଷକଙ୍କ ବହୁବିଧ ସମସ୍ୟାର ସମାଧାନ ଲାଗି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟସ୍ତରରେ ଶିକ୍ଷାନୀତି, ନିଯୁକ୍ତି, ଗୁଣବତ୍ତାଯୁକ୍ତ ଶିକ୍ଷାଦାନରେ ଶିକ୍ଷକଙ୍କ ସ୍ଥିତିର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସେହିପରି ୧୯୯୭ ଅକ୍ଟୋବର ୫ରେ ୟୁନେସ୍କୋ ବୈଠକରେ ଶିକ୍ଷକଙ୍କ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୧୬ରେ ବିଶ୍ୱ ଶିକ୍ଷକ ଦିବସ ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହାମଡାନ୍ ପୁରସ୍କାର ଅନ୍ତର୍ଭୁକ୍ତ ହୋଇଥିଲା। ଏହି ପୁରସ୍କାର ସମାଜ ପ୍ରତି ଥିବା ଶିକ୍ଷକଙ୍କ ଅମୂଲ୍ୟ ଅବଦାନ ଲାଗି ଉଦ୍ଦିଷ୍ଟ। ଶିକ୍ଷକଙ୍କ ଋଣ ତ ଶୁଝି ହେବ ନାହିଁ। ମାତ୍ର ଏଭଳି ପ୍ରୟାସ ଦ୍ୱାରା କିଞ୍ଚିତ ସମ୍ମାନ ପ୍ରଦାନର ପ୍ରୟାସ ବିଶ୍ୱ ଶିକ୍ଷକ ଦିବସ ପାଳନ ମାଧ୍ୟମରେ କରାଯାଇଥାଏ। ସମାଜରେ ଶିକ୍ଷକଙ୍କ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ।

# ଶୌଚାଳୟରେ ସିଂହ



**ନୂଆଦିଲ୍ଲୀ:** ଜଙ୍ଗଲରେ ସିଂହ ଦେଖିବା ଅବା ସଫାରୀରେ ସିଂହ ଦଳଙ୍କୁ ଦେଖି ମଜା ନେବା ନିଆରା। ହଠାତ୍ ଶୌଚାଳୟ କବାଟ ଖୋଲି ସିଂହ ବାହାରକୁ ଆସିବା ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଏଭଳି ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଭିଡିଓରେ ଏକ ସିଂହ ଶୌଚାଳୟରୁ ବାହାରକୁ ଥିବା ଦେଖିବାକୁ ମିଳୁଛି। ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା କାର୍‌ରେ ବସିଥିବା ଜଣେ ବ୍ୟକ୍ତି ଏହି ଭିଡିଓ କରିଛନ୍ତି। କିଛି ସମୟ ପରେ ସିଂହଟି ଶୌଚାଳୟରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ୟାରିସ୍ ଫ୍ୟାଶନ ୱିକ୍‌ରେ ଐଶ୍ୱର୍ଯ୍ୟାଙ୍କ ରାମ୍ପ୍



ମୁମ୍ବାଇ: ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କର ଏବେ କିଛି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଥର ନାୟିକା ପ୍ୟାରିସ ଫ୍ୟାଶନ ୱିକରେ ରାମ୍ପରେ ଚାଲୁଥିବା ନଜର ଆସିଛନ୍ତି । ହ୍ୱାଇଟ ଗାଉନ ସାଙ୍ଗକୁ ଖୋଲା କେଶ ଓ ଜବରଦସ୍ତ ମେକଅପ ଐଶ୍ୱର୍ଯ୍ୟାଙ୍କୁ ଖୁବ୍ ମାନୁଛି । ଏହି ଫଟୋ ଓ ଭିଡିଓ ଦେଖିବା ପରେ ତାଙ୍କର ପ୍ରଶଂସକ କମେଣ୍ଟ କରିବା ସହ ବଲିଉଡ ସେଲିବ୍ରିଟିମାନେ ବି ଐଶ୍ୱର୍ଯ୍ୟାଙ୍କ ଲୁକ୍‌ର ଖୁବ ପ୍ରଶଂସା କରୁଛନ୍ତି । ଐଶ୍ୱର୍ଯ୍ୟାଙ୍କ ଟିକେ ଝଲକ ପାଇଁ ପ୍ରଶଂସକ ପାଗଳ ହେଉଥିବା ବେଳେ ଏବେ ପୁଣିଥରେ ଲାଇମ ଲାଇଟରେ ଏହି ଅଭିନେତ୍ରୀ। କିଛିଦିନ ହେବ ବଲିଉଡ୍‌ରୁ ଦୂରେଇ ଯାଇଥିବା ଐଶ ଏବେ ଏକ ତାମିଲ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି । ସେ ଖୁବଶୀଘ୍ର ଏହି ତାମିଲ ଫିଲ୍ମ 'ପୁନିୟାମ୍ ସେଲଭମ'ରେ ନଜର ଆସିବେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁରମାକାନ୍ତ ପଣ୍ଡା
ବାଣିତିଆ ଗ୍ରାମପଞ୍ଚାୟତ, ଜିଲା: ଭଦ୍ରକ
ଆବିର୍ଭାବ: ୨୩/୦୪/୧୯୭୧
ତିରୋଧାନ: ୦୫/୧୦/୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ସଦାସର୍ବଦା ଆପଣଙ୍କ ଆଦର୍ଶରେ ପରିଚାଳିତ ହେବାକୁ ମନସ୍ଥିର କରିଅଛୁ।
ଆପଣଙ୍କ ସୁପୁତ୍ର 'ରାଜା', ଧର୍ମପତ୍ନୀ ସନ୍ଧ୍ୟାବତୀ ତଥା ସମସ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୨୧୮୫୧

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ନିରନ୍ତର ପଥପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମରାତ୍ମା ଶାନ୍ତି ଲାଭ କରୁ ଏହା ହିଁ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ, ବଡ଼ପୁଅ- ଉତ୍ତମ, ସାନପୁଅ- ଉତ୍କଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ, ନାତୁଣୀ- ଆବିଶ୍ରୀ, ପିହୁ।
ଧ-୨୧୮୫୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସାବିତ୍ରୀ ରଥ
ଆବିର୍ଭାବ- ଚୈତ୍ର ପୂର୍ଣ୍ଣିମା, ୧୯୪୭
ତିରୋଧାନ- ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ, ୨୦୨୦
ଆମମାନଙ୍କୁ ଶୋକ ସାଗରରେ ଭସାଇ ଆରପାରିକୁ ଚାଲିଗଲୁ ହେଲେ ଆମ ପାଖରେ ଏବେବି ଥିଲାପରି ଲାଗୁଛୁ, ତୁମର ନିଷ୍କପଟତା ଓ ସରଳତା ଆମ ମାନଙ୍କ ମନରେ ସର୍ବଦା ସ୍ମୃତି ହୋଇ ରହିବ।
-: ଶୋକସନ୍ତପ୍ତ :-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ।
ଧ-୭୨୧୭୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡମ୍ବରୁଧର ମହାନ୍ତି
ଗୁଡ଼ିଆନାଳି, ଢେଙ୍କାନାଳ
ଆବିର୍ଭାବ: ୨୦।୧୨।୧୯୩୮
ତିରୋଧାନ: ୧୫।୧୦।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଚାହୁଁ ଚାହୁଁ ବର୍ଷେ ବିତିଗଲା, ଆପଣଙ୍କ ସ୍ନେହ, ଆଦର୍ଶ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ଶୋକସନ୍ତପ୍ତ ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୦୩୫୮

# ଚେନ୍ନାଇକୁ ହରାଇ ଶୀର୍ଷରେ ଦିଲ୍ଲୀ

ଦୁବାଇ, ୪।୧୦

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ସୋମବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୩ ଉଇକେଟରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ସ୍ଲୋ ପିଚ୍ ଏବଂ ଲୋ ସ୍କୋରିଂ ବିଶିଷ୍ଟ ମ୍ୟାଚରେ ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୩୬ ରନ କରିଥିଲା। ଦିଲ୍ଲୀ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରି ନେଇଥିଲା। ୧୩ ମ୍ୟାଚରୁ ୧୦ ବିଜୟ ଓ ୩ ପରାଜୟ ସହ ଦିଲ୍ଲୀ ୨୦ ପଏଣ୍ଟ ସହ ଶୀର୍ଷରେ ପହଞ୍ଚିଛି। ଅନ୍ୟପକ୍ଷରେ ଚେନ୍ନାଇ ସମାନ ସଂଖ୍ୟକ ମ୍ୟାଚ ଖେଳି ୯ ବିଜୟ ଓ ୪ ପରାଜୟ ସହ ୧୮ ପଏଣ୍ଟରେ ସ୍ଥିର ରହି ଟେବୁଲର ଦ୍ୱିତୀୟ ସ୍ଥାନକୁ ଖସିଛି। ଦିଲ୍ଲୀପରି ଚେନ୍ନାଇ ବୋଲରମାନେ ମଧ୍ୟ ଚମତ୍କାର ବୋଲିଂ କରି ମ୍ୟାଚକୁ ରୋମାଞ୍ଚକ କରିଥିଲେ। ବିଜୟୀ ଦଳ ପକ୍ଷରୁ ଶିଖର ଧାୱନ ସର୍ବାଧିକ ୩୯ ରନ କରିଥିବାବେଳେ ଶିମରନ ହେଟମେର ୧୮ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୨୮ ରନରେ ଅପରାଜିତ ରହିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ଦିଲ୍ଲୀ ଶେଷ ୪ ବଲ୍‌ରୁ ୨ ରନ ଆବଶ୍ୟକ କରୁଥିବାବେଳେ ଡ୍ୱେନ ବ୍ରାଭୋ ୩ୟ ବଲ୍‌ରେ ଅକ୍ଷର ପଟେଲଙ୍କୁ ଆଉଟ କରିଥିଲେ। ତେବେ ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି କାଗିଶୋ ରାବାଡ଼ା ପ୍ରତୀକ୍ଷାର ଅବସାନ ଘଟାଇଥିଲେ। ଦିଲ୍ଲୀ ଅକ୍ଟୋବର ୮ରେ ଏହାର ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଭେଟିବ। ଅନ୍ୟପକ୍ଷରେ ଚେନ୍ନାଇ ୭ ତାରିଖରେ ଏହାର ଶେଷ ଲିଗ୍ ମ୍ୟାଚ ପଞ୍ଜାବ କିଙ୍ଗ୍ସ ସହିତ ଖେଳିବ।

ଦିଲ୍ଲୀ ଟସ୍ ଜିତି ପ୍ରଥମେ ଚେନ୍ନାଇକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲା। ଚେନ୍ନାଇର ଟପ୍ ଅର୍ଡର ଏହି ମ୍ୟାଚରେ ଭଲ ଆରମ୍ଭ କରିପାରି ନ ଥିଲେ। ଓପନିଂ ଯୋଡ଼ିରେ ଋତୁରାଜ ଗାଏକ୍ୱାଡ ଓ ଫାଫ୍ ଡୁ'ପ୍ଲେସି ୧୬ ବଲ୍‌ରୁ ୨୮ ରନ ସଂଗ୍ରହ କରିଥିଲେ ହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଦଳପାଇଁ ମହଙ୍ଗା ପଡ଼ିଥିଲା। ଡୁପ୍ଲେସି ୧୦, ଋତୁରାଜ ୧୩, ମୋଇନ୍ ଅଲୀ ୫ ଓ ଏହି ମ୍ୟାଚରେ ସୁରେଶ ରାଇନାଙ୍କ ସ୍ଥାନରେ ଖେଳିବା ସୁଯୋଗ ପାଇଥିବା ରବିନ ଉଥପ୍ପା ୧୯ ରନ କରି ଆଉଟ ହେବାରୁ ୮.୩ ଓଭର ବେଳକୁ ଚେନ୍ନାଇ ୬୨ ରନରେ ୪ଟି ଉଇକେଟ ହରାଇଥିଲା। ଅମ୍ବାତି ରାୟୁଡୁ ଅର୍ଦ୍ଧଶତକୀୟ ଇନିଂସ ଖେଳିବାରୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ସେ ୪୩ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୫୫ ରନ କରି ଅପରାଜିତ ରହିଥିଲେ। ରାୟୁଡୁ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୫ମ ଉଇକେଟରେ ୬୪ ବଲ୍‌ରୁ ୭୦ ରନ ସଂଗ୍ରହ କରିଥିଲେ। ଅପେକ୍ଷାକୃତ ଧୀମା ଖେଳିଥିବା ଧୋନୀ ୨୭ ବଲ୍‌ରୁ ୧୮ ରନ କରି ଶେଷ ଓଭରରେ ଆଉଟ ହୋଇଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଅକ୍ଷର ପଟେଲ ୪ ଓଭରରେ ୧୮ ରନ ଦେଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ପ୍ରଭାବୀ ବୋଲିଂ କରି ୪ ଓଭରରେ ୨୦ ରନ ବ୍ୟୟ କରିଥିଲେ। ଉଇକେଟ ପାଇ ନ ଥିଲେ ହେଁ କାଗିଶୋ ରାବାଡ଼ା ୪ ଓଭର ସ୍ପେଲରେ ମାତ୍ର ୨୧ ରନ ବ୍ୟୟ କରିଥିଲେ। ଏନରିଚ୍ ନର୍ଜେ ଓ ଆଭେଶ ଖାଁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୩୬/୫(ଅମ୍ବାତି ରାୟୁଡୁ–୫୫*, ଅକ୍ଷର ପଟେଲ–୨/୧୮, ରବିଚନ୍ଦ୍ରନ ଅଶ୍ୱିନ–୧/୨୦, ଆଭେଶ ଖାଁ–୧/୩୫, ଏନରିଚ୍ ନର୍ଜେ–୧/୩୭)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୪ ଓଭରରେ ୧୩୯/୭ (ଶିଖର ଧାୱନ–୩୯, ଶିମରନ ହେଟମେର–୨୮*, ଶାର୍ଦ୍ଦୁଳ ଠାକୁର–୨/୧୩, ରବୀନ୍ଦ୍ର ଜାଡେଜା–୨/୨୮, ଡ୍ୱେନ ବ୍ରାଭୋ–୧/୨୦, ଜୋଶ୍ ହାଜେଲଉଡ୍–୧/୨୭, ଦୀପକ ଚହର–୧/୩୪)।


ଉଇକେଟ ନେବାପରେ ଅକ୍ଷର ପଟେଲ।

## ଆଜିର ମ୍ୟାଚ



ରାଜସ୍ଥାନ ରୟାଲ୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ
ସ୍ଥାନ : ଶାରଜା
ସମୟ : ରାତି ୭.୩୦
ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୧୦ | ୩ | ୨୦ | +୦.୫୨୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୩ | ୯ | ୪ | ୧୮ | +୦.୭୩୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୮ | ୪ | ୧୬ | –୦.୧୫୭ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୨୯୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୧୦ | –୦.୨୪୧ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | –୦.୩୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୫ | ୭ | ୧୦ | –୦.୪୫୩ |
| ସନ୍‌ରାଇଜର୍ସ | ୧୨ | ୨ | ୧୦ | ୪ | –୦.୪୭୫ |

# ଓଡ଼ିଶା–ଆନ୍ଧ୍ର ମ୍ୟାଚ ଟାଇ


ନିରଞ୍ଜନ ଗୌଡ଼ା


ସାଇ ଶୁଭମ୍

ଭୁବନେଶ୍ୱର, ୪।୧୦(କ୍ରୀଡ଼ା ପ୍ରତିନିଧି)

ମୋହାଲିସ୍ଥିତ ଆଇ.ଏସ୍. ବିନ୍ଦ୍ରା କ୍ରିକେଟ ଷ୍ଟାଡିୟମରେ ସୋମବାର ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଦିନିକିଆ ଭିନୁ ମଙ୍କଡ ଟ୍ରଫି ଏଲିଟ ଗ୍ରୁପ୍ 'ଏ'ର ଏକ ମ୍ୟାଚ ଟାଇ ରହିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୪୮.୫ ଓଭରରେ ୧୯୫ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ସାଇ ଶୁଭମ୍ ସର୍ବାଧିକ ୪୭, ସମ୍ବିତ ବରାଳ ୩୭, ସୁଶୀଲ ବାରିକ ୩୭ ଓ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ୨୬ ରନ କରିଥିଲେ। ବିପକ୍ଷ ଦଳର ଟି.ଏ. ହେମନ୍ତ କୁମାର ୪ଟି, ଏସ.କେ. ଜାନି ବାଶା ୩ଟି ଉଇକେଟ ନେଇଥିଲେ। ଦ୍ୱିତୀୟରେ ବ୍ୟାଟିଂ କରିଥିବା ଆନ୍ଧ୍ର ମଧ୍ୟ ୪୫.୫ ଓଭରରେ ୧୯୫ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବ୍ୟାଟରଙ୍କ ମଧ୍ୟରେ ହେମନ୍ତ ରେଡ୍ଡୀ ସର୍ବାଧିକ ୬୯ ଓ ଏମ. ସୁଶାନ୍ତ ନାଇଡୁ ୩୯ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ନିରଞ୍ଜନ ଗୌଡ଼ା ୭.୫ ଓଭରରେ ୩୬ ରନ ଦେଇ ୫ ଉଇକେଟ ସଫଳତା ପାଇଥିବାବେଳେ ସାଇଦୀପ ମହାପାତ୍ର ଓ ଶ୍ରେଷ୍ଠ ସିଂଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ପୂର୍ବରୁ ଖେଳିଥିବା ୪ ମ୍ୟାଚରେ ଓଡ଼ିଶା ୨ଟି ଜିତିଥିଲା ଏବଂ ୨ଟିରେ ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚରେ ଦଳ ଉତ୍ତର ପ୍ରଦେଶଠାରୁ ହାରି ଯାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବିହାରକୁ ହରାଇଥିଲା। ସେହିପରି ତୃତୀୟ ମ୍ୟାଚରେ ଦିଲ୍ଲୀଠାରୁ ପରାସ୍ତ ହୋଇଥିଲା ଏବଂ ୪ର୍ଥ ମ୍ୟାଚରେ ଛତିଶଗଡ଼କୁ ହରାଇଥିଲା। ଓଡ଼ିଶା

**ଭିନୁ ମଙ୍କଡ ଟ୍ରଫି**

୫ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ମ୍ୟାଚ ଟାଇ ସହିତ ୧୦ ପଏଣ୍ଟ ପାଇ ଗ୍ରୁପ୍ 'ଏ'ରେ ୪ର୍ଥ ସ୍ଥାନରେ ରହିଛି। ଆନ୍ଧ୍ର ୫ ମ୍ୟାଚରୁ ୪ ବିଜୟ ଓ ୧ ଯାଇ ସହିତ ୧୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ଥିବାବେଳେ ଉତ୍ତର ପ୍ରଦେଶ ସମାନ ମ୍ୟାଚରୁ ୪ ବିଜୟ ଓ ୧ ପରାଜୟ ସହ ୧୬ ପଏଣ୍ଟ ପାଇ ଦ୍ୱିତୀୟ ଏବଂ ଦିଲ୍ଲୀ ୫ ମ୍ୟାଚରୁ ୩ ବିଜୟ ଓ ୨ ପରାଜୟ ସହିତ ୧୨ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ବିହାର ଓ ଛତିଶଗଡ଼ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନ ପାଇଛନ୍ତି।

# ଆଶେସ ସମ୍ପର୍କରେ ନିଷ୍ପତ୍ତି ନେବ ଇଂଲଣ୍ଡ

**ଲଣ୍ଡନ, ୪।୧୦ (ଏପି):** ଅଷ୍ଟ୍ରେଲିଆରେ ଆଶେସ କ୍ରିକେଟ ସିରିଜ ଖେଳିବାକୁ ଯିବ କି ନା ସେ ସମ୍ପର୍କରେ ଇଂଲଣ୍ଡ ଚଳିତ ସପ୍ତାହରେ ନିଷ୍ପତ୍ତି ନେବ। କରୋନା ମହାମାରୀ ଯୋଗୁ ଅଷ୍ଟ୍ରେଲିଆରେ ରହିଥିବା କଟକଣାକୁ ନେଇ ଏହି ଟୁର୍ ହେବ କି ନା ସେ ନେଇ ସନ୍ଦେହ ଦେଖାଦେଇଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏବଂ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ମଧ୍ୟରେ ନିୟମିତ କଥାବାର୍ତ୍ତା ଜାରି ରହିଛି। କଟକଣା କୋହଳ ସହ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ବିଚାର ବିମର୍ଶ ଚାଲିଛି। ଯାହାସବୁ ଆଲୋଚନା ହେଉଛି ଖେଳାଳିମାନଙ୍କୁ ଅବଗତ କରାଯାଉଛି ଏବଂ ସେମାନଙ୍କ ମତାମତ ନିଆଯାଉଛି।

# ଏହେସାସ୍‌ଙ୍କୁ ବ୍ରୋଞ୍ଜ ପଦକ

ସୋନପୁର,୪।୧୦(ନି.ପ୍ର.)

ଆଲବାନିଆର ତରନାରେ ଅନୁଷ୍ଠିତ ଜି-୧ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଏହେସାସ ହୋତା(୨୨)ଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଏହେସାସଙ୍କ ଘର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ। ଏହି ପ୍ରତିଯୋଗିତା ଅକ୍ଟୋବର ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରୁ ୨ଜଣ କ୍ରୀଡାବିତ୍ ସୁବର୍ଣ୍ଣପୁର ଜିଲାର ଏହେସାସ ହୋତା ଓ ଅନୁଷ୍କା ଦାଶ ଭାଗ ନେଇଥିଲେ। ଭାରତରୁ ମୋଟ ୨୦ଜଣ କ୍ରୀଡାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତେବେ ଏହେସାସ ଏକମାତ୍ର ପ୍ରତିଯୋଗୀ ଭାବେ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ଆସନ୍ତା ଅଲମ୍ପିକ୍ସରେ ଭାଗ ନେଇ ଦେଶ ପାଇଁ ଗର୍ବ ଆଣିବାକୁ ଲକ୍ଷ୍ୟ ରଖିଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୂର୍ବରୁ ଏହେସାସ ୨ଟି ଅନ୍ତର୍ଜାତୀୟ, ୨ଟି ଓପନ ବିଶ୍ୱ ଚାମ୍ପିୟନଶିପ୍, ୨ଟି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସମେତ ଅନେକ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ପଦକ ଜିତି ସାରିଛନ୍ତି। ଏହେସାସ ଏବେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ଅଛନ୍ତି। ତାଙ୍କ ସଫଳତା ପାଇଁ ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ଓ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡା ସଂଘର ସଭାପତି ରବୀନ୍ଦ୍ର ହୋତା ଶୁଭେଚ୍ଛା ଜଣାଇଛନ୍ତି।


ଏହେସାସ୍ ହୋତା

# ପୁରୁଷ ଡବଲ୍ସରେ ଭାରତକୁ ୨ବ୍ରୋଞ୍ଜ

**ନୂଆଦିଲ୍ଲୀ, ୪।୧୦ (ପି.ଟି.):** ଏସିଆନ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ରେ ଦୁଇ ଭାରତୀୟ ଯୋଡ଼ି ଶରଥ କମଲ ଓ ଜି. ସାଥିୟାଁ ଏବଂ ହରମିତ୍ ଦେଶାଇ ଓ ମାନବ ଠକ୍କର ପୁରୁଷ ଡବଲ୍ସରେ ୨ବ୍ରୋଞ୍ଜ ଜିତିଛନ୍ତି। ୮ମ ସିଡ୍ ହରମିତ୍ ଓ ମାନବ ପ୍ରଥମ ସେମିଫାଇନାଲରେ ୫ମ ସିଡ୍ ଦକ୍ଷିଣ କୋରିଆର ଉଜିନ୍ ଜାଙ୍ଗ୍ ଓ ଜଙ୍ଗହୁନ୍ ଲିମ୍‌ଙ୍କଠାରୁ ୪–୧୧, ୬–୧୧, ୧୨–୧୦, ୧୧–୯, ୧୧–୮ରେ ହାରିଯାଇଥିଲେ। ଏହି ମ୍ୟାଚ ୪୪ ମିନିଟ୍‌ରେ ଶେଷ ହୋଇଥିଲା। ଅନ୍ୟପକ୍ଷରେ ୬ଷ୍ଠ ସିଡ୍ ଶରଥ ଓ ସାଥିୟାଁ ୩୩ ମିନିଟ ଖେଳରେ ୟୁକିୟା ଉଦା ଓ ଶନସୁକ୍ ତୋଗାମିଙ୍କଠାରୁ ୫–୧୧, ୯–୧୧ ଓ ୧୧–୧୩ରେ ପରାସ୍ତ ହୋଇଥିଲେ।

# ଜୁନିୟର ହକି ବିଶ୍ୱକପ୍‌ରୁ ଓହରିଲା ଇଂଲଣ୍ଡ

ଲଣ୍ଡନ, ୪।୧୦ (ପି.ଟି.)

ଭୁବନେଶ୍ୱରରେ ଆସନ୍ତା ମାସରେ ହେବାକୁଥିବା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରୁ ଇଂଲଣ୍ଡ ସୋମବାର ଓହରିଯାଇଛି। କୋଭିଡ୍ ଜନିତ ବିଭିନ୍ନ ସମସ୍ୟା ଦର୍ଶାଇ ଦେଶ ଏହି ନିଷ୍ପତ୍ତି ନେଇଛି। ୟୁନାଇଟେଡ କିଙ୍ଗଡମ୍ (ୟୁକେ) ନାଗରିକଙ୍କ ଲାଗି ଭାରତ ସରକାରଙ୍କ ୧୦ ଦିନିଆ କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ସେଥିମଧ୍ୟରେ ଅନ୍ୟତମ। ଇଂଲଣ୍ଡ ହକି ଏ ବିଷୟରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ଅବଗତ କରାଇଛି। ନିକଟରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏହି ଇଭେଣ୍ଟରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବରରେ ଦକ୍ଷିଣ ଆଫ୍ରିକାରେ ଜୁନିୟର ମହିଳା ବିଶ୍ୱକପ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ରହିଥିବା କଟକଣାକୁ ଅନୁଧ୍ୟାନ କରିଦେଖୁଛି ଇଂଲଣ୍ଡ ହକି। ସୂଚନାଯୋଗ୍ୟ, ବ୍ରିଟିଶ ନାଗରିକମାନଙ୍କ ଲାଗି ଭାରତର ନୂଆ ପ୍ରୋଟୋକଲ ଅନୁସାରେ ସମ୍ପୂର୍ଣ୍ଣ ଟିକାକରଣ ସହ ଗସ୍ତର ୭୨ ଘଣ୍ଟା ପୂର୍ବରୁ ଆରଟି–ପିସିଆର ଟେଷ୍ଟର ଫଳାଫଳ ଦାଖଲ କରିବାକୁ ହେବ। ଏତଦବ୍ୟତୀତ ସେମାନଙ୍କୁ ଆହୁରି ଦୁଇ ଥର ଆରଟି–ପିସିଆର ଟେଷ୍ଟ ଦେବାକୁ ପଡ଼ିବ। ପ୍ରଥମେ ଭାରତରେ ବିମାନବନ୍ଦରରେ ଓହ୍ଲାଇବା କ୍ଷଣି ଦ୍ୱିତୀୟଟି ପହଞ୍ଚିବାର ୮ଦିନ ପରେ କରିବାକୁ ହେବ। ଇଂଲଣ୍ଡ ହକିର ପରଫର୍ମାନ୍ସ ଡାଇରେକ୍ଟର ଇଡି ବାର୍ନି କହିଛନ୍ତି, ଟୁର୍ନାମେଣ୍ଟରୁ ଓହରିଯାଉଥିବାରୁ ଆମେ ଦୁଃଖିତ। ଏହାଦ୍ୱାରା ଖେଳାଳି ଓ କୋଚ୍‌ମାନେ ସେମାନଙ୍କ ଦେଶରୁ ପ୍ରତିନିଧିତ୍ୱ କରିବାର ଏକ ସୁଯୋଗ ହରାଇଲେ।



# ରୋହିତ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ

**ଓସଲୋ (ନରୱେ), ୪।୧୦ (ପି.ଟି.):** ଭାରତୀୟ ରେସ୍‌ଲର ରୋହିତ ଟେକ୍‌ନିକାଲ ସୁପେରିୟରିଟି ଭିତ୍ତିରେ ତୁର୍କୀର ସେଲାହାଟିନ୍ କିଲିକ୍‌ସାଲେଆନ୍‌ଙ୍କୁ ପରାସ୍ତକରି ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍ ୬୫କେଜି ବ୍ରୋଞ୍ଜ ପଦକ ପ୍ଲେ–ଅଫ୍‌କୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ପିଙ୍କି ମହିଳା ୫୫କେଜି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବ୍ରୋଞ୍ଜ ପ୍ଲେ–ଅଫ୍‌ରେ ରୋହିତ ମଙ୍ଗୋଲିଆର ତୁଲ୍‌ଗା ତୁମୁର ଓଚିରଙ୍କୁ ଭେଟିବେ। ଅନ୍ୟପକ୍ଷରେ ସାଟିୱାର୍ଟ କାଡିଆନ୍ (୯୭କେଜି) ଓ ସୁଶୀଲ (୭୦କେଜି) ସେମାନଙ୍କର କ୍ୱାଲିଫିକେଶନ ରାଉଣ୍ଡ ଯଥାକ୍ରମେ କୋରିଆର ମିନୋନ୍ ସିଓ ଓ ଜର୍ଜିଆର ଜୁରାବି ଇଆକୋବିସ୍‌ଭିଲିଙ୍କଠାରୁ ହାରିଯାଇଛନ୍ତି। ମହିଳା ପ୍ରତିଯୋଗିତାରେ ପିଙ୍କି ପ୍ରଥମେ କ୍ୱାଲିଫିକେଶନ ରାଉଣ୍ଡରେ କୋରିଆର କିମ୍ ସୋୟନଙ୍କ ବିପକ୍ଷରେ ୫–୦ରେ ବିଜୟ ଲାଭ କରିଥିବା ବେଳେ କାଜାଖସ୍ତାନର ଆଇଶା ଉଆଲିସାନ୍‌ଙ୍କୁ ପରାସ୍ତ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ୬୨କେଜି କାଟେଗୋରିରେ ସଙ୍ଗୀତା ଫୋଗଟ ଜର୍ମାନୀର ଲୁଇସା ନିମେସ୍‌ଙ୍କୁ ୫–୨ରେ ପରାସ୍ତ କରି ଭଲ ଆରମ୍ଭ କରିଥିଲେ। କିନ୍ତୁ ସେ ପ୍ରି–କ୍ୱାର୍ଟରଫାଇନାଲରେ ବ୍ରାଜିଲର ଲିଆସ ନୁନେସ୍ ଡି' ଓଲିଭିଏରାଙ୍କଠାରୁ ୪–୬ରେ ହାରିଯାଇଥିଲେ।

# ଜାତୀୟ କ୍ୟାମ୍ପ ପାଇଁ ଓଡ଼ିଶାର ପ୍ରଣବ ମନୋନୀତ

ଭୁବନେଶ୍ୱର, ୪।୧୦
(କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଟ୍ରାଏଥଲନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପ୍ରଣବ ଦାସ। ଦେଶରୁ ମୋଟ ୮୪ ଆଥଲେଟ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ପ୍ରଣବ ୧.୫ କି.ମି. ସନ୍ତରଣ, ୪୦ କିଲୋମିଟର ସାଇକ୍ଲିଂ ଏବଂ ୧୦ କିଲୋମିଟର ରନିଂ (୨ ଘଣ୍ଟା ୩୦ ମିନିଟ, ୫୫ ସେକେଣ୍ଡ)ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫଳରେ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସକୁ ଦୃଷ୍ଟିରେ ରଖି ପ୍ରଣବଙ୍କୁ ଜାତୀୟ କ୍ୟାମ୍ପ ପାଇଁ ମନୋନୀତ କରାଯାଇଛି। ଯାଜପୁର ଜିଲା ଧର୍ମଶାଳା ଅନ୍ତର୍ଗତ ପାଖର ଗ୍ରାମର ମନୋରମା ଦାସ ଓ ବିକ୍ରମ ଦାସଙ୍କ ପୁଅ ପ୍ରଣବ ପାଖାପାଖି ଦେଢ଼ବର୍ଷ ପୂର୍ବରୁ କଟକରେ ଟ୍ରାଏଥଲନ ଆରମ୍ଭ କରିଥିଲେ। ପରେ ୬ ମାସ ଧରି ସେ ପୁଣେସ୍ଥିତ ମିନି ଅରେଞ୍ଜ ଏକାଡେମୀରେ ଟ୍ରେନିଂ ନେଇଆସୁଛନ୍ତି। ଏହି ସଫଳତାର ଶ୍ରେୟ ସେ ନିଜ ପରିବାରବର୍ଗ, ଆଇରନ ମ୍ୟାନ ସୌଭାଗ୍ୟ କୁମାର ରଥ ଏବଂ କଟକ ସାଇକ୍ଲିଷ୍ଟମାନଙ୍କୁ ଦେଇଛନ୍ତି। ତାମିଲନାଡୁର ଧନୁସକୋଡିଠାରେ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ଡୁଆଥଲନ (୧୦ କି.ମି. ରନିଂ, ୪୦ କି.ମି. ସାଇକ୍ଲିଂ, ୫ କି.ମି. ରନିଂ) ପ୍ରତିଯୋଗିତାରେ ମଧ୍ୟ ପ୍ରଣବ ରୌପ୍ୟ ପଦକ ହାସଲ କରିଥିଲେ।


ମହାନଦୀରେ ସନ୍ତରଣ ଅବସରରେ ସୌଭାଗ୍ୟ(ଡାହାଣ)ଙ୍କ ସହ ପ୍ରଣବ।

## ସୌଭାଗ୍ୟଙ୍କ ସହ ପରିଚୟ ଭାଗ୍ୟ ବଦଳାଇଲା

ପ୍ରଣବ ଛୋଟ ବେଳରୁ ରନିଂରେ ରୁଚି ରଖିଥିଲେ। ପିଲାଦିନେ ସ୍କୁଲରେ ଅନେକଥର ସ୍ପ୍ରିଣ୍ଟ ଇଭେଣ୍ଟରେ ଚାମ୍ପିୟନ ହୋଇଥିଲେ। ଏହାପରେ କଟକରେ ଆୟୋଜିତ ସାଇକ୍ଲିଂ ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଲେ। ଫେସ୍‌ବୁକ୍ ମାଧ୍ୟମରେ ସେ ଓଡ଼ିଶାର ଆଇରନମ୍ୟାନ ସୌଭାଗ୍ୟଙ୍କ ସହ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ ଟ୍ରାଏଥଲନ**

ପରିଚିତ ହୋଇଥିଲେ। ପରେ ସେ କଟକ ଆସି ସୌଭାଗ୍ୟଙ୍କ ସହ ମହାନଦୀରେ ପହଁରା ଶିଖିଲେ। ଏହାପରେ ଗୁରୁ–ଶିଷ୍ୟଙ୍କ ମଧ୍ୟରେ ଟ୍ରାଏଥଲନରେ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରଣବଙ୍କ ପିତା ଚେନ୍ନାଇରେ ସିକ୍ୟୁରିଟି ଗାର୍ଡଭାବେ କାର୍ଯ୍ୟରତ। ପାରିବାରିକ ସ୍ଥିତି ଏତେ ଭଲ ନ ଥିବାରୁ ସାଇକେଲ କିଣିବା ପାଇଁ ୩୦,୦୦୦ ଟଙ୍କା ପାଇବା ଚିନ୍ତାଜନକ ଥିଲା। ତେବେ ପରିବାର ଏବଂ ସମ୍ପର୍କୀୟଙ୍କଠାରୁ ଅର୍ଥ ଆଣି ସେ ସାଇକେଲ କିଣିଥିଲେ ଏବଂ ନିଷ୍ଠାର ସହ ଟ୍ରାଏଥଲନ ଉପରେ ମନୋନିବେଶ କରିଥିଲେ। ଓଡ଼ିଶାର ଜଣେ ଆଥଲେଟ୍‌ଭାବେ ଏପରି ସଫଳତା ଲାଭ କରିଥିବାରୁ ଗର୍ବିତ ଅନୁଭବ କରୁଛନ୍ତି ପ୍ରଣବ। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତି ରାଜ୍ୟକୁ ଗର୍ବିତ କରିଛି ଏବଂ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିବା ମୋର ଲକ୍ଷ୍ୟ ବୋଲି ପ୍ରଣବ ପ୍ରକାଶ କରିଛନ୍ତି। ପ୍ରଣବଙ୍କ ଭବିଷ୍ୟତକୁ ନେଇ ସୌଭାଗ୍ୟ ମଧ୍ୟ ବେଶ୍ ଆଶାବାଦୀ। ସେ ଜଣେ ଦୃଢ଼ମନା ଏବଂ ପରିଶ୍ରମୀ ଆଥଲେଟ୍। ଟ୍ରାଏଥଲନର ୩ଟି ଯାକ ଇଭେଣ୍ଟରେ ଭଲ କରୁଛନ୍ତି। ତେଣୁ ଆଗାମୀ ଦିନରେ ନିଶ୍ଚିତ ଦେଶ ପାଇଁ ପଦକ ଜିତିବେ। ତାଙ୍କୁ ଏବେ ମାତ୍ର ୨୦ ବର୍ଷ। ଟ୍ରାଏଥଲନରେ ୨୫ ବର୍ଷ ପରେ ଅର୍ଥାତ୍ ପରିପକ୍ୱ ଆଥଲେଟ୍‌ମାନେ ପ୍ରାୟତଃ ଭଲ ପ୍ରଦର୍ଶନ କରିଥାନ୍ତି। ତେଣୁ ବୟସ ଓ ଅଭିଜ୍ଞତା ବଢ଼ିବା ସହ ସେ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ପାଇବା ଅସମ୍ଭବ ନୁହେଁ ବୋଲି ପ୍ରଣବଙ୍କ ସନ୍ତରଣ ଗୁରୁ ସୌଭାଗ୍ୟ ପ୍ରକାଶ କରିଛନ୍ତି।


ପ୍ରଣବ ଦାସ

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

TVS

# ଏହି ଉତ୍ସବରେ ଆଣନ୍ତୁ
# ମାଇଲେଜ୍‌ର ଉପହାର

TVS Sport
ମାଇଲେଜ୍ କା ବାପ୍

15% ଅଧିକ ମାଇଲେଜ*



ରେକର୍ଡ ବର୍କରାର
India Book of Records www.indiabookofrecords.in
ASIA BOOK OF RECORDS
ET Fi ECO THRUST
NO.1 ଅନ୍ ରୋଡ୍ ମାଇଲେଜ୍^

ଏକ୍ସ-ଶୋରୁମ୍ ମୂଲ୍ୟ :
₹56 980++ ରୁ ଆରମ୍ଭ

₹0## ପ୍ରୋସେସିଂ ଫି 100%## ପର୍ଯ୍ୟନ୍ତ ଫାଇନାନ୍ସ
5% କିମ୍ବା ₹5 000## ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍
ଇ ଏମ୍ ଆଇ ₹1 555##
ସୁଧ ହାର 6.99## ₹5 000## ପର୍ଯ୍ୟନ୍ତର ସଞ୍ଚୟ

Finance Partners: TVS CREDIT, IndusInd Bank, SHRIRAM City, RBL BANK apno ka bank, ICICI Bank Credit & Debit Cards
5% or upto ₹5000/- cashback valid on ICICI Bank Credit & Debit Card EMI*

++Ex-showroom Price Odisha of TVS Sport KLS Mag BS VI Variant. Prices subject to change without prior notice. *as per India Book of Record / Asian Book of Records 2020.
^5 year warranty without any additional charges. ##Finance at the sole discretion of the financer. Schemes cannot be clubbed. For Further details on record please visit: www.tvssport.com. *T&C apply.

TVS ^ 5 YEAR WARRANTY

FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in, Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717. Authorised Dealers: CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ଅକ୍ଟୋବର, ୨୦୨୧



# ଟାଙ୍ଗୁପଡ଼ାରେ ପାନୀୟ ଜଳ ସଙ୍କଟ

## ମହିଳାମାନେ ଗରା ମାଠିଆ ଧରି ରାସ୍ତାରେ ବସିବେ

ଖଣ୍ଡପଡା,୪।୧୦(ସ୍ୱ.ପ୍ର)

ଖରାଦିନରେ ଜଳସ୍ତର ହ୍ରାସ ଯୋଗୁ ପାନୀୟ ଜଳ ସଙ୍କଟ ଦେଖା ଦେଇଥିଲା। ଖଣ୍ଡପଡା ବ୍ଲକ ବଡବାଣପୁର ପଞ୍ଚାୟତ ଅନ୍ତର୍ଗତ ନୃସିଂହପୁର ପାଟଣାକୁ ଲୋକେ ଟାଙ୍ଗୁପଡା ଭାବେ ଜାଣନ୍ତି। ଏହି ଗାଁର ଲୋକେ ଆଶା କରିଥିଲେ ଶ୍ରାବଣ ମାସଠାରୁ ଜଳ ସଙ୍କଟ ଦୂର ହୋଇଯିବ। ମାତ୍ର ଶ୍ରାବଣ ଯାଇ ଆଶ୍ୱୀନ ହେଲା ପିଇବା ପାଣି ମୁନ୍ଦେ ମିଳୁନି। ଫଳରେ ଏହାର ପ୍ରତିବାଦ କରି ଏବଂ ପାନୀୟ ଜଳ ପାଇଁ ସମ୍ପୃକ୍ତ ଗାଁର ମହିଳାମାନେ ରାସ୍ତା ଉପରେ ଗରା ମାଠିଆ ଧରି ବସିବେ ବୋଲି ସଜବାଜ ହେଉଥିବା ସୂଚନା ମିଳିଛି।

ପଞ୍ଚାୟାତର ୧୮ ନଂ. ୱାର୍ଡ ଟାଙ୍ଗୁପଡା ଗାଁର ଲୋକସଂଖ୍ୟା ୪ ଶହରୁ ଉର୍ଦ୍ଧ୍ୱ। ଏହି ଗାଁର ଲୋକଙ୍କର ପାନୀୟ ଜଳର ଆବଶ୍ୟକତା ପୂରଣ କରିବାକୁ ଏଠାରେ ୩ଟି ନଳକୂପ ଖନନ କରାଯାଇଥିଲା। ଖରାଦିନେ ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁ ନଳକୂପଗୁଡିକ ଅକାମୀ ହୋଇପଡିଥିଲା। ବର୍ଷାଦିନେ ଲୋକଙ୍କର ପାନୀୟ ଜଳର ଆବଶ୍ୟକ ନିଶ୍ଚୟ ଭାବରେ ପୂରଣ ହେବ ବୋଲି ଗ୍ରାମବାସୀ ଆଶା କରିଥିଲେ। ମାତ୍ର ସେମାନଙ୍କ ଆଶା ଆଶାରେ ହିଁ ରହିଗଲା। ତେବେ ନଳକୂପର ପାଣି ପାନୀୟ ଉପଯୋଗୀ ନୁହେଁ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନଙ୍କୁ ଅବଗତ କରାଯିବା ପରେ ବାଣପୁର ସରପଞ୍ଚ ପ୍ରଦୀପ କୁମାର କରଙ୍କ ପ୍ରୟାସକ୍ରମେ ଦୁଇ ଥର ଗାଁରେ ବୋର ୱେଲ ଖୋଳା ଯାଇଥିଲେ ମଧ୍ୟ ତାହାର ସୁଫଳ ମିଳି ନ ଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

୧୯୫୮ ମସିହାରେ ନିର୍ମିତ ଏକ କୂପ ପରିତ୍ୟକ୍ତ ଅବସ୍ଥାରେ ଗ୍ରାମ ମଧ୍ୟ ଭାଗରେ ରହିଛି। ଲୋକେ ବାଧ୍ୟ ହୋଇ ଏହି ଦୂଷିତ କୂପର ପାଣିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଗ୍ରାମ ନିକଟ ହରିଜନ ସାହିରେ ଥିବା ଏକ ନଳକୂପର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ମାତ୍ର ଚଳିତ ବର୍ଷା ସମୟରେ ସମ୍ପୃକ୍ତ ନଳକୂପର ପାଣି ବ୍ୟବହାର ଉପଯୋଗୀ ହେଉ ନ ଥିବା ଅଭିଯୋଗ ହେଉଛି। ଏହି ପାଣିରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ କୂଅ ପାଣିରେ ଭାତ ରାନ୍ଧିଲେ ତାହା ମରି ଯାଉଛି ବୋଲି ଗାଁର ମହିଳାମାନେ କହିଛନ୍ତି। ସୋମବାର ଟାଙ୍ଗୁପଡା ଗାଁର ଗୁରୁବାରୀ ରାଉତ, ଶାନ୍ତି ରାଉତ ପ୍ରମୁଖ ମହିଳାମାନେ କୂଅରୁ ପାଣି ନେଉଥିବା ବେଳେ ଏ ସମସ୍ୟା ସମ୍ପର୍କରେ ପଚାରିବାରେ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିବା ସେମାନେ କହିଛନ୍ତି। ମାତ୍ର ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ନେଇ ଆଗାମୀ ଦିନରେ ମହିଳାମାନେ ଶୁଳିଆ-କଣ୍ଟିଲୋ ମୁଖ୍ୟ ରାସ୍ତା ଉପରେ ଗରା ମାଠିଆ ଧରି ଆନ୍ଦୋଳନ କରିବେ ବୋଲି ଗ୍ରାମର ବାଇଧର ନାୟକ, ଭିକାରୀ ରାଉତ ଓ ବୟସ୍କ ବ୍ୟକ୍ତି ବିହାରୀ ରାଉତ ଓ ୧୮ ନଂ. ୱାର୍ଡ ସଭ୍ୟା ସରସ୍ୱତୀ ପ୍ରଧାନ ପ୍ରମୁଖ ପ୍ରକାଶ କରିଥିଲେ। ତେବେ ଗ୍ରାମବାସୀଙ୍କ ପାନୀୟ ଜଳର ଆବଶ୍ୟକତା ପୂରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ଗ୍ରାମ ମଧ୍ୟରେ ଥିବା ଏକ ପୁରୁଣା କୂଅରୁ ମହିଳାମାନେ ପାଣି ନେଉଛନ୍ତି।

## ସଂକ୍ଷେପରେ

### ବର୍ଷକ ପରେ ବି ନିଖୋଜ ମହିଳାଙ୍କ ପତ୍ତା ମିଳୁନି

**ଫୁଲବାଣୀ ଅଫିସ, ୪।୧୦:** ଫୁଲବାଣୀ ସହର ମାଷ୍ଟ୍ରରପଡ଼ା ହରିଜନ ସାହିରୁ ଜଣେ ମହିଳା ବର୍ଷେ ହେଲା ନିଖୋଜ ଅଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ସେପରି କିଛି ଦୃଷ୍ଟି ଦେଉନି। ସ୍ତ୍ରୀ ଜୀବିତ ନା ମୃତ ତାହାକୁ ନେଇ ସ୍ୱାମୀ ସନ୍ଦେହରେ ଥାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚା' ଦୋକନ କରିଥିବା ଏହି ବ୍ୟକ୍ତି ଜଣକ ଦୁଇ ଝିଅ ଏବଂ ଗୋଟିଏ ପୁଅକୁ ନେଇ ହରିଜନ ସାହିରେ ରହୁଛନ୍ତି। ୨୦୨୦ ଜାନୁୟାରୀ ୨ ତାରିଖରୁ ସ୍ତ୍ରୀ କେଉଁ ଆଡ଼େ ଚାଲି ଯାଇଛନ୍ତି। ଆଖପାଖ ଅଞ୍ଚଳ, ଆତ୍ମୀୟସ୍ୱଜନଙ୍କ ଘରେ ଖୋଜାଖୋଜି କରି ନିରାଶ ହେବାରୁ ଗତ ମାର୍ଚ୍ଚ ୧୭ରେ ସେ ଏ ନେଇ ପୋଲିସକୁ ଜଣାଇଥିଲେ। ହେଲେ କିଛି ପଦକ୍ଷେପ ନିଆଯାଇ ନ ଥିବା ସ୍ୱାମୀ ଜଣକ କହିଛନ୍ତି।

### ଶକୁନ୍ତଳା ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ଅଧକ୍ଷା



**ଛତ୍ରପୁର,୪।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ଗଠନରେ ପ୍ରଥମକରି ଜଣେ ମହିଳାଙ୍କୁ କମିଟିର ଅଧକ୍ଷା ଭାବେ ମନୋନୀତ କରାଯାଇଛି। ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ସୋମବାର କୃଷି ଓ ବୈଷୟିକ ପରିଚାଳନା ସଂସ୍ଥାର ନୂତନ ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟି ଗଠନ ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟିର (ଆତ୍ମା) ଅଧକ୍ଷା ଭାବେ ଶକୁନ୍ତଳା ପାତ୍ରଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ରାଧା ଗୋବିନ୍ଦ ଦେ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ପତିତପାବନ ରଥ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟା ପ୍ରିୟଦର୍ଶିନୀ, ସହକାରୀ କୃଷି ଅଧିକାରୀ ସୌଦାମିନୀ ପଣ୍ଡା, ପୋଡ଼ାପଦର ସରପଞ୍ଚ ପୀତାମ୍ବର ପଣ୍ଡା, ଭିକାରିପଲ୍ଲୀ ସରପଞ୍ଚ ଧବଳେଶ୍ୱର ପ୍ରଧାନଙ୍କ ସମେତ କୃଷି ଓ ବୈଷୟିକ ପରିଚାଳନା ସଂସ୍ଥାର ସମସ୍ତ ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ପରେ ନୂତନ ବ୍ଲକସ୍ତରୀୟ କୃଷକ ପରାମର୍ଶ କମିଟିର ଅଧକ୍ଷା ଶକୁନ୍ତଳାଙ୍କୁ ବ୍ଲକ ଅଧକ୍ଷଙ୍କ ସମେତ ସମସ୍ତ ସଭ୍ୟ ଓ ସଭ୍ୟାମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମଧ୍ୟ ଫୋନ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୃଷି ଓଭରସିୟର ଦୁର୍ଗାପ୍ରସାଦ ପ୍ରଧାନ, ଗ୍ରାମ୍ୟ କୃଷି କର୍ମଚାରୀ ମିଥୁନ ସେଠୀ, ନିହାରିକା ପଣ୍ଡା, ମୌସୁମୀ ବେହେରା, ଏଟିଏମ୍ ଗୋପୀନାଥ ଦାସ, ସୋନାଲି ପ୍ରିୟଦର୍ଶିନୀ, ସୋମଦତ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ବିଭାଗ କମିଟି ଗଠନ

#### ଖଜୁରିପଡ଼ା ବ୍ଲକ ଅଧକ୍ଷ ସଦସ୍ୟ

**ଖଜୁରୀପଡ଼ା,୪।୧୦ (ଡି.ଏନ.ଏ.):** ସ୍ୱାସ୍ଥ୍ୟ ସେବା ପାଇଁ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ପକ୍ଷରୁ ଯେଉଁ ଅର୍ଥ ଜିଲାବାସୀଙ୍କ ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ ହେବ ତାହାର ତଦାରଖ କରିବା ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ କମିଟି ଗଠନ ହୋଇଛି। ଏହି କମିଟିରେ ଖଜୁରିପଡ଼ା ବ୍ଲକର ଅଧକ୍ଷ ବିରେନ୍ଦ୍ର କୁମାର କହଁରୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏଥିପାଇଁ ବିରେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ବାଣିଜ୍ୟ ଯୋଜନା ସମନ୍ୱୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ତଥା କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ ରାଜ୍ୟର ପ୍ରତ୍ୟେକ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟ ଜାରି ରହିଛି। ଶୀଘ୍ର କନ୍ଧମାଳ ଜିଲାରେ ମଧ୍ୟ ଏହି ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ। ଏଥିରେ ଏହି କମିଟିର ସଦସ୍ୟମାନଙ୍କ ପ୍ରମୁଖ ଭୂମିକା ରହିବ।



# ସହରରେ ପୋଲିସର ଫ୍ଲାଗ ମାର୍ଚ୍ଚ

ଆସିକା,୪।୧୦ (ଡି.ଏନ.ଏ)

ଆସିକା ପୋଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ବସଷ୍ଟାଣ୍ଡ, ଲକ୍ଷ୍ମୀବଜାର, ବିନାୟକ ବଜାର, ଖମ୍ବେଶ୍ୱରୀପାଟଣା, ହାଟପଦା, ବଜାର ସାହି, ତାଲୁକା ରୋଡ ଆଦି ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଆଗକୁ ଦୁର୍ଗାପୂଜା ଆସୁଥିବା ବେଳେ ସହାରେ ଜନସମାଗମ ବୃଦ୍ଧି ପାଇବ। ତେଣୁ ଆଇନଶୃଙ୍ଖଳା ପରିସ୍ଥିତି ସଜାଗ ରଖିବା ସହ ପୋଲିସ ପ୍ରତି ଜନସାଧାରଣଙ୍କ ଅଧିକ ଆସ୍ଥା ପ୍ରକଟ ଲାଗି ଏପରି କରାଯାଇଛି। ଏହା ସାଙ୍ଗକୁ ଆସିକା ସହରର ପ୍ରବେଶ ପଥ ବିଜୁ ପଟ୍ଟନାୟକ ଛକ, ପାକଲାପଲ୍ଲୀ ଛକ, କଇଁଫୁଲିଆ ଛକ ଓ କାଳଷଣ୍ଡପୁର ଛକରେ ରିତିମତ ବ୍ଲକିଂ କରାଯାଇ ଯାନବାହାନ ଯାଞ୍ଚ ସହ ଅପରାଧୀଙ୍କୁ କାବୁ କରିବା ଲାଗି ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। କୌଣସି ପରିସ୍ଥିତିରେ ବଟି ଆଦାୟ, ଧମକଚମକ ଓ ଅପରାଧୀକ କାଯ୍ୟକଳାପକୁ ଦୃଢହସ୍ତରେ ଦମନ କରିବା ଲାଗି ପୋଲିସ ପକ୍ଷରୁ ପ୍ରୟାସ ନିଆଯାଉଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ପାଠପଢ଼ାରୁ ବଞ୍ଚିତ ସପ୍ତମ ଶ୍ରେଣୀ ଛାତ୍ରୀ

- ଚାଉଳ ନ ଦେବାର ପ୍ରତିବାଦ ମହଙ୍ଗା ପଡିଲା
- ଅନଲାଇନ କ୍ଲାସରୁ କରି ଦେଲେ ରିମୁଭ୍
- ବିଇଓ ଅଫିସ ସମ୍ମୁଖରେ ଧାରଣା ଦେଲେ ଛାତ୍ରୀ

ନୟାଗଡ଼ ଅଫିସ/ ଦଶପଲ୍ଲା, ୪।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ଆଦର୍ଶ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି। ତାଙ୍କର ଭୁଲ ମଧ୍ୟାହ୍ନଭୋଜନ ଚାଉଳ ନ ପାଇବାର ପ୍ରତିବାଦ କରିବା। ଚାଉଳ ନ ମିଳିବା ନେଇ ପ୍ରତିବାଦ କରିବା ପରେ ଅନ୍‌ଲାଇନ ଗ୍ରୁପରୁ ରିମୁଭ କରି ଦିଆଯାଇଛି। ଏପରି କି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଅଫିସ ପକ୍ଷରୁ ଆଉ ବହି ଦିଆଗଲାନି। ଏଭଳିସ୍ଥଳେ ଛାତ୍ରୀ ବାରମ୍ବାର ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ, ଦଶପଲ୍ଲା ବିଇଓ ଓ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରାଇଥିଲେ। ନ୍ୟାୟ ନ ପାଇବାରୁ ବାଧ୍ୟ ପରିବାରର ମା' ବାପାଙ୍କ ସହ ମିଶି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି।

ଅଭିଯୋଗ ଅନୁସାରେ, ରୋଜାଲି ପ୍ରଧାନ ନାମ୍ନୀ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଦଶପଲ୍ଲା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିଲେ। ନାମ ଲେଖା ପରେ ଦଶପଲ୍ଲା ବିଇଓ ଅଫିସରୁ ବହି ପାଇଥିଲେ। ବହି ମିଳିବା ପରେ ହ୍ୱାଟସ୍ ଆପ ଗ୍ରୁପରେ ତାଙ୍କୁ ଆଡ କରାଯାଇଥିଲା। ସେ ଅନ୍‌ଲାଇନ କ୍ଲାସ କରୁଥିଲେ। ହେଲେ ସେପ୍ଟେମ୍ବର ୪ରେ ମଧ୍ୟାହ୍ନଭୋଜନ ଚାଉଳ ରାଧା ମୋହନ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ଦେଲେ ନାହିଁ। ସ୍କୁଲର ଚାଉଳ ଦେବା ଖାତାରେ ନାଁ ନ ଥିବାରୁ ଚାଉଳ ଦିଆଯିବନି କୁହାଯାଇ ଫେରାଇ ଦିଆଗଲା। ଏ ନେଇ ପ୍ରତିବାଦ କରିବାରୁ କିଛିଦିନ ପରେ ଅନ୍‌ଲାଇନ କ୍ଲାସରୁ ରିମୁଭ କରାଗଲା। ବକେୟା ୩ଟି ବହି ମଧ୍ୟ ବିଇଓ ଅଫିସ ଆଉ ଦେଇନାହାନ୍ତି। ଏ ସମ୍ପର୍କରେ ବିଇଓ ପ୍ରଦୀପ୍ତ ବେହେରାଙ୍କୁ ପଚାରିବାରେ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଛାତ୍ରୀ ଧାରଣାରେ ବସିଛନ୍ତି। ତାଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଦଶପଲ୍ଲା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀ ମା' ବାପାଙ୍କ ସହ ଧାରଣା ଦେଇଛନ୍ତି।

# ଶୁଣିଲାନି ପ୍ରଶାସନ, ଗ୍ରାମବାସୀ ନିର୍ମାଣ କଲେ ରାସ୍ତା

ପାରଳାଖେମୁଣ୍ଡି,୪।୧୦(ଡି.ଏନ୍.ଏ.)

ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ଗଜପତି ଜିଲା ମୋହନା ବ୍ଲକର ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ଲୋକଙ୍କ ପାଇଁ ସାତସପନ ପାଲଟିଛି। ଗାଁ ଗଣ୍ଡାର ଅବସ୍ଥା କହିଲେ ନ ସରେ। ବ୍ଲକରେ ଏଭଳି ବହୁ ଗ୍ରାମ ରହିଛି ସେଠାକାର ଲୋକେ ପ୍ରଶାସନ ଅଧିକାରଙ୍କଠାରୁ ଆରମ୍ଭକରି ସରପଞ୍ଚ, ବିଧାୟକ, ଏମ୍‌ପି ଓ କୁଜି ରାଜନେତାମାନଙ୍କୁ ଗୁହାରି ଜଣାଇଥିଲେ ମଧ୍ୟ କୋଣସି ସୁଫଳ ମିଳିପାରୁନାହିଁ। ଫଳରେ ମୋହନା ବ୍ଲକ ଅନ୍ତର୍ଗତ ବଡ଼ଖଣି ପଞ୍ଚାୟତର ରେକେମେରା ଗ୍ରାମବାସୀ ନିଜ ଗ୍ରାମ ରାସ୍ତା ନିର୍ମାଣ କରୁଛନ୍ତି। ଏହି ଗ୍ରାମରେ ବସବାସ କରନ୍ତି ପ୍ରାୟ ୧୦ ପରିବାର ଏବଂ ନିକଟସ୍ଥ ଉସ୍ଥପଦା ଗ୍ରାମର ୭ ଘର। ଏହି ଗ୍ରାମ ରାସ୍ତା ଦେଇ ମଲିପଦର ଗ୍ରାମର ଲୋକେ ଖାଉଟି ଚାଉଳ ଆଣିବାକୁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଏହି ଗ୍ରାମରୁ ମୁଖ୍ୟ ରାସ୍ତା ୩ କି.ମି. ଦୂର। ମୁଖ୍ୟ ରାସ୍ତାରୁ ଏହି ଗ୍ରାମକୁ ଯିବାକୁ ହେଲେ ପକ୍କାରାସ୍ତା ଖଣ୍ଡେ ନାହିଁ। ଅଦିନିଆ ବର୍ଷାରେ ଆଗରୁ ଥିବା ପାଦଚଲା ରାସ୍ତା ମଧ୍ୟ ଧୋଇ ହୋଇଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ବିଡିଓ, ସରପଞ୍ଚଙ୍କୁ ଗାଁ ଲୋକେ ବହୁବାର ଗୁହାରିକରି ଆସୁଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରିଲାନାହିଁ। ଶେଷରେ ଦୁଇ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିଜ ଗ୍ରାମ ରାସ୍ତା ମରାମତି କଲେ ୩୦ରୁ ଉର୍ଦ୍ଧ୍ୱ ଲୋକେ। ଏ ସମ୍ପର୍କରେ ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା କାମ ତୁରନ୍ତ କରାଯିବ।

# ବହୁଭାଷୀ କନିଷ୍ଠ ଶିକ୍ଷା ସହାୟକଙ୍କ ଧାରଣା

ଛତ୍ରପୁର,୪।୧୦(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲା ବହୁଭାଷୀ କନିଷ୍ଠ ଶିକ୍ଷା ସହାୟକ ସଂଘ ପକ୍ଷରୁ ନିୟମିତ କରିବା ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ୨୦୧୩-୧୪ରେ ଏହି ଶିକ୍ଷକମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ସରକାରଙ୍କ ନିୟମ ପ୍ରକାରେ ଜଣେ ଶିକ୍ଷା ସହାୟକ ୩ ବର୍ଷ କାର୍ଯ୍ୟ କଲା ପରେ ତାଙ୍କୁ କନିଷ୍ଠ ଶିକ୍ଷକ ଏବଂ ସିଟି, ବିଏଡ୍ ସହିତ ଓଟିଇଟି ପାସ୍ ଥାଇ ନିରବଚ୍ଛିନ୍ନ ୬ ବର୍ଷ ପରେ ନିୟମିତ କରାଯାଉଛି। ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଆଦିବାସୀ ବହୁଭାଷୀ ଶିକ୍ଷା ସହାୟକ ହୋଇଥିବାରୁ ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ଏପରିକି ୮ ବର୍ଷ ବିତିଯାଇଥିଲେ ବି ସେମାନଙ୍କୁ ନିୟମିତ କରାଯାଉନାହିଁ ବୋଲି କହିଥିଲେ। ଶୀଘ୍ର ରାଜ୍ୟ ସରକାର ଦାବି ପୂରଣ ନ କଲେ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ଦୁର୍ଯ୍ୟୋଧନ ମଲ୍ଲିକ, ଉପ ସଭାପତି ରବୀନ୍ଦ୍ର ମଲ୍ଲିକ, ସମ୍ପାଦକ ସିଧୁ ପ୍ରଧାନ, ଯୁଗ୍ମ ସମ୍ପାଦକ ଲିଂଜୁମା ପ୍ରଧାନ ଓ ଗିରିଧର ପ୍ରଧାନ, କୋଷାଧକ୍ଷ ଇସ୍ରାଏଲ ମାଝି ଓ ଜିସାୟା ମୁଠାମାଝି, କାର୍ଯ୍ୟକାରିଣୀ ସଭାପତି ଅକ୍ଷୟ କହଁର, କସ୍ତୁରୀ ପ୍ରଧାନ, ଦିଲୀପ କୁମାର କହଁର, ସୁନିତା ପ୍ରଧାନ ଓ ବିନିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଧାରଣା ଦିଆଯାଇଛି।

# ଦୁର୍ଗନ୍ଧରେ ବୁଗୁଡ଼ା ସହରବାସୀ ଅତିଷ୍ଠ

ବୁଗୁଡ଼ା,୪।୧୦(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସି ପରିବା ବଜାର ସମ୍ମୁଖ ଦୁର୍ଗନ୍ଧ ସ୍ଥଳ ଚର୍ଚ୍ଚାର ପରିସରକୁ ଆସିଯାଇଛି। ସେଠାରେ ଆବର୍ଜନା ପକାଇବା ପାଇଁ କୁଣ୍ଡ ହୋଇଛି। ସେଥିରେ ଜୈବିକ ଆବର୍ଜନା ମଧ୍ୟ ଗଦା ହେଉଛି। ତେବେ ଏନ୍‌ଏସି ପ୍ରଶାସନର ଅବହେଳା କାରଣରୁ ତାହାକୁ ନିୟମିତ ସଫା କରାଯାଉ ନଥିବାରୁ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ସେହି ପାଖ ଦେଇ ଯିବାବେଳେ ଲୋକଙ୍କୁ ଅଣନିଃଶ୍ୱାସୀ ହେବାକୁ ପଡୁଛି। ଅନ୍ୟପକ୍ଷରେ ମୁଖ୍ୟ ସଡକକୁ ସଂଯୋଗ କରୁଥିବା ବାଲିପିଣ୍ଡି ରାସ୍ତାକୁ କିଛି ଅମାନିଆ ବେପାରୀ ଅକ୍ତିଆର କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବାରୁ ଲୋକେ ସେହି ରାସ୍ତାରେ ନ ଯାଇପାରି ଏହି ନାକ ଫଟା ଦୁର୍ଗନ୍ଧ ସ୍ଥଳ ଦେଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଏହି ଅବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ଏହାର ପ୍ରତିକାର ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ।

# ସରକାର ଦେଇଥିବା ମୋବାଇଲ ଫେରାଇଲେ ଅଙ୍ଗନୱାଡି କର୍ମୀ

ଧରାକୋଟ,୪।୧୦(ଡି.ଏନ୍.ଏ.)

ଧରାକୋଟ ବ୍ଲକରେ କାର୍ଯ୍ୟରତ ୧୮୪ ଜଣ ଅଙ୍ଗନୱାଡି କର୍ମୀ ସୋମବାର ସିଡିପିଓ ଡାଳିମ୍ବ ନାୟକଙ୍କୁ ସାକ୍ଷାତ୍‌କରି ସରକାର ଦେଇଥିବା ନିମ୍ନମାନର ୨ଜିବି ମୋବାଇଲ ଫୋନଗୁଡ଼ିକୁ ଫେରାଇ ଦେଇଛନ୍ତି। ଅଫିସ କାର୍ଯ୍ୟ ଲାଗି ବିଭିନ୍ନ ଆପ ଯଥା ମମତା, ଛତୁଆ, ପୋଷଣ ଆପ୍ ଲୋଡ୍ କରିଲେ ମୋବାଇଲ ହ୍ୟାଙ୍ଗ୍ ହେଉଛି। ଏଥିରେ କୌଣସି ଅନ୍‌ଲାଇନ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ତେଣୁ ଏହି ମୋବାଇଲକୁ ଫେରାଇ ନେଇ ୪ଜିବି ମୋବାଇଲ, ସିମ୍ କାର୍ଡ ଓ ପ୍ରତିମାସର ରିଚାର୍ଜ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି। ଜିଲା ସଂଘର ନିର୍ଦ୍ଦେଶକ୍ରମେ ବ୍ଲକ ସଭାପତି ସଂଯୁକ୍ତା ମିଶ୍ର ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ବାରାଡ, ସୁଜ୍ଞାନୀ ପଟ୍ଟନାୟକ, ସଂଘମିତ୍ରା ଗୌଡ଼, ପଦ୍ମାଳୟା ପ୍ରଧାନ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## କୃଷକଙ୍କୁ ହତ୍ୟା ଘଟଣାର ପ୍ରତିବାଦ

ଭଞ୍ଜନଗର,୪।୧୦(ଡି.ଏନ୍.ଏ)

ଉତ୍ତର ପ୍ରଦେଶରେ ଗାଡ଼ି ମଡ଼ାଇ କୃଷକଙ୍କୁ ହତ୍ୟା ପ୍ରତିବାଦରେ ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମଧ୍ୟ କୁହାଯାଇଛି। ହରିୟାଣାର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଚାଷୀଙ୍କୁ ଲାଠିରେ ମୁକାବିଲା କରିବା ପାଇଁ ଭାଜପା କର୍ମକର୍ତ୍ତାଙ୍କୁ ଏକ କାର୍ଯ୍ୟକ୍ରମରେ କହିବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଉତ୍ତର ପ୍ରଦେଶ ମାମଲାରେ କେନ୍ଦ୍ର ଗୃହମନ୍ତ୍ରୀ ଜଡ଼ିତ ଅଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ବହିଷ୍କାର ସହ ସୁପ୍ରିମକୋର୍ଟ ତଦାରଖରେ ଏସ୍‌ଆଇଟି ତଦନ୍ତ କରାଯାଉ ବୋଲି କୃଷକ ମୋର୍ଚ୍ଚା ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତ କିଷାନ ମଜଦୁର ସଭାର ସୋରଡ଼ା ବ୍ଲକ ସଭାପତି କାଳୀଚରଣ ନାୟକ, ସଂଗ୍ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଟିକାପାଟା ନଦୀରେ ହେବ ପୋଲ ନିର୍ମାଣ

## ଗବାଟବାଡ଼ିବାସୀଙ୍କ ଗୁହାରି ଶୁଣିଲେ ସରକାର

ଦାରିଙ୍ଗବାଡ଼ି,୪।୧୦(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତର ଗବାଟବାଡ଼ି ଗ୍ରାମକୁ ଯିବା ହେଲେ ଟିକାପାଟା ନଦୀ ପାର୍ ହେବାକୁ ପଡୁଥିଲା। ନଦୀରେ ଏକ ପୋଲ ନିର୍ମାଣ ପାଇଁ ବହୁବର୍ଷ ହେଲା ଦାବି ହୋଇଆସୁଥିଲା। ଏବେ ଉକ୍ତ ଦାବି ପୂରଣ ହେବାକୁ ଯାଉଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ବିଧାୟକ ପାଣ୍ଠିରେ ଏକ ପୋଲ କରାଯିବାକୁ ନିଷ୍ପତ୍ତି ହୋଇଛି। ସୋମବାର ବିଧାୟକ ପ୍ରଧାନଙ୍କ ସମେତ ଦାରିଙ୍ଗବାଡ଼ି ବିଡିଓ କଳାକୃଷ୍ଣ ପ୍ରଧାନ ଏବଂ କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠୀ ପ୍ରମୁଖ ଗସ୍ତ କରି ଟିକାପାଟା ନଦୀରେ ପୋଲ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିଛନ୍ତି। ଶୀଘ୍ର ବିଧାୟକ ପାଣ୍ଠିରେ ଉକ୍ତ ପୋଲ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି।

ବର୍ଷାଦିନେ ଟିକାପାଟା ନଦୀରେ ପାଣି ସ୍ରୋତ ଚାଲୁଥିଲେ ମଧ୍ୟ ଗବାଟବାଡ଼ି ଗ୍ରାମବାସୀ ପାଣିରେ ପଶି କିମ୍ବା ନଦୀର ଦୁଇ ପାର୍ଶ୍ୱରେ ତାର ବାନ୍ଧି ବିପଦସଙ୍କୁଳ ଅବସ୍ଥାରେ ସେଥିରେ ଯାତାୟତ କରୁଥିଲେ। ୨୦୦୦ ମସିହାରେ ବିଧାୟକ ପ୍ରଧାନ ସେଠାରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ କୌଣସି କାରଣରୁ ତାହା ହୋଇପାରି ନ ଥିଲା। ପରେ ଉକ୍ତ ଅଞ୍ଚଳବାସୀ ବିପଦପୂର୍ଣ୍ଣ ଭାବେ ନଦୀ ପାର ହେବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ତାରକୁ ବାହାର କରି ଦିଆଯାଇଥିଲା। ପରେ ସିମନବାଡ଼ି ଠାରୁ ଡକରବାଡ଼ି ,ଲାରିବାଡ଼ି ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଗଲା। ଯେଉଁ ରାସ୍ତାରେ ବର୍ଷା ଦିନରେ ଗବାଟବାଡ଼ି ଲୋକ ଯାତାୟତ କରୁଥିଲେ ମଧ୍ୟ ସେମାନଙ୍କୁ ଅଧିକ ରାସ୍ତା ଯିବାକୁ ପଡୁଛି। ତେଣୁ ଟିକାପାଟା ନଦୀରେ ପୋଲ ନିର୍ମାଣ କରିବାକୁ ଗ୍ରମାବାସୀ ଦାବି କରିଆସୁଥିଲେ। ଏଥିସହ ଅଧାପନ୍ତରିଆ ପୋଲ ପିଲାର ଉପରେ ସବୁଜବୈଦ୍ୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କାଠ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ଫାଇଲିନ ବାତ୍ୟା ବେଳେ ତାହା ମଧ୍ୟ ଭାସିଯାଇଥିଲା। ପୋଲ ନିର୍ମାଣ ଲାଗି ଲୋକଙ୍କ ଦାବି ସମ୍ପର୍କରେ ବିଧାୟକ ପ୍ରଧାନ ରାଜ୍ୟ ସରକାରଙ୍କୁ ଅବଗତ କରିବା ପରେ ବିଧାୟକ ପାଣ୍ଠିରେ ଏବେ ଉକ୍ତ ପୋଲ ନିର୍ମାଣ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ବିଧାୟକଙ୍କ ଏଭଳି ନିଷ୍ପତ୍ତିକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ବିଡିଓ କଳାକୃଷ୍ଣ ପ୍ରଧାନ କହଛନ୍ତି, ଶୀଘ୍ର ପୋଲ କାର୍ଯ୍ୟ କିପରି ଆରମ୍ଭ କରାଯିବ ସେ ନେଇ ପଦକ୍ଷେପ ନିଆଯିବ।


ବିଧାୟକ ସାଲୁଗା ପ୍ରଧାନ, ବିଡିଓ କଳାକୃଷ୍ଣ ପ୍ରଧାନ ଏବଂ ଅନ୍ୟମାନେ ପୋଲ ନିର୍ମାଣ ପାଇଁ ଜାଗା ଚିହ୍ନଟ କରୁଛନ୍ତି।

# ଅପେକ୍ଷା କରି ପଡ଼ିଗଲେ ଗର୍ଭବତୀ

- ଲାଇନରେ ରହିଥିଲେ ୩ ଘଣ୍ଟା
- ପଞ୍ଜୀକରଣ ପାଇଁ ରୋଗୀଙ୍କ ଲମ୍ବା ଧାଡ଼ି
- ଲିଙ୍କ୍ ସ୍ଲୋ ଦର୍ଶାଇ ଟିକେଟ କାଟିବାରେ ବିଳମ୍ବ

**ନୟାଗଡ଼ ଅଫିସ,୪।୧୦**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନାଁ ପଞ୍ଜୀକୃତ କରିବାକୁ ଟିକେଟ କାଟୁଥିବାବେଳେ ସୋମବାର ପୂର୍ବାହ୍ନରେ ଜଣେ ଗର୍ଭବତୀ ମହିଳା ଚଟାଣରେ ପଡ଼ିଯାଇଥିଲେ। ଟିକେଟ କାଟିବାକୁ ଗର୍ଭବତୀ ମହିଳା ପ୍ରାୟ ୩ ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଥିଲେ। ବହୁ ସମୟ ଧରି ଛିଡ଼ାହେବାରୁ ମୁଣ୍ଡ ବୁଲାଇ ହୋଇ ପଡ଼ିଯାଇଥିଲେ। ପରେ ତାଙ୍କୁ ଟିକେଟ ଦେଇ ଛାଡ଼ି ଦିଆଯାଇଥିଲା।

ଅନ୍ୟପକ୍ଷେ ନାଁ ପଞ୍ଜୀକରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତ୍ୟହ ଲମ୍ବାଧାଡ଼ି ହେଉଛି। ଏଭଳିସ୍ଥଳେ ପ୍ରତ୍ୟହ ଲିଙ୍କ୍ ସ୍ଲୋ ହେଉଛି କହି ରୋଗୀମାନଙ୍କୁ ବହୁ ସମୟ ଅପେକ୍ଷା କରାଯାଉଛି। ସେପଟେ ରୋଗୀ ଟିକେଟ କାଟିବାକୁ ୨ରୁ ୪ ଘଣ୍ଟା ଅପେକ୍ଷା କରି ଡାକ୍ତରଙ୍କୁ ନ ଦେଖାଇ ଫେରିବାକୁ ପଡୁଛି। ଏ ନେଇ ଭାପୁରର ରୋଗୀ ଉର୍ମିଳା ବେହେରା କୁହନ୍ତି, ମୋର ଡାଇବେଟିସ୍ ବଢ଼ିଯାଇଛି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ପହଞ୍ଚି ନାଁ ପଞ୍ଜୀକରଣ କରିବାକୁ ଧାଡ଼ିରେ ରହିଲି। ୨ ଘଣ୍ଟା ଅପେକ୍ଷା ପରେ ବି ମୁଁ ଟିକେଟ କରିପାରିଲି ନାହିଁ। ବାଧ ହୋଇ ବେସରକାରୀ ହସ୍ପିଟାଲରେ ଦେଖାଇ ଘରକୁ ଫେରିଲି। ଗଣିଆର ରାମଚନ୍ଦ୍ର ସ୍ୱାଇଁ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ନାଁ ପଞ୍ଜୀକୃତ କରିବାକୁ ବହୁ ଅବ୍ୟବସ୍ଥା ହେଉଛି। ପ୍ରଥମେ ଧାଡ଼ିରେ ରହିବାକୁ ପଡୁଛି। ବହୁ ସମୟର ଅପେକ୍ଷା ପରେ ଟିକେଟ ମିଳିବ। ଟିକେଟ ପାଇଲା ବେଳକୁ ଡାକ୍ତର ଚିକିତ୍ସାଳୟରୁ ଡ୍ୟୁଟି ସାରି ଚାଲିଯାଇଥିବେ। ଯଦି ଡାକ୍ତର ଥିବେ ପୁଣି ଡାକ୍ତରଙ୍କୁ ଦେଖାଇବା ପାଇଁ ଧାଡ଼ି। ଏଣୁ ଗୋଟିଏ ଦିନରେ ଟିକେଟ କରିବା ଓ ଡାକ୍ତରଙ୍କୁ ଦେଖାଇବା ସମ୍ଭବ ହେଉନାହିଁ। ଜଣେ ରୋଗୀ ଡାକ୍ତରଙ୍କୁ ରୋଗ ଦେଖାଇବା ପାଇଁ ଦୁଇ ଦିନ ଦରକାର। ଏଣୁ ରୋଗୀ ଆସି ହଟହଟା ହେଉଛନ୍ତି। ଖଣ୍ଡପଡ଼ାର କୃଷ୍ଣଚନ୍ଦ୍ର ମହାପାତ୍ର କୁହନ୍ତି, ମୋର ଡାଇବେଟିସ୍ ବଢ଼ିଯାଇଥିବାରୁ ଡାକ୍ତରଙ୍କୁ ଦେଖା କରିବାକୁ ଆସିଥିଲି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନାଁ ପଞ୍ଜୀକରଣ କରିବାକୁ ଧାଡ଼ିକୁ ଦେଖି ଆଉ ରହିପାରିଲି ନାହିଁ। ୭୨ ବର୍ଷର ବୁଢ଼ା ଲାଇନରେ ଠିଆ ହୋଇ ନାଁ ପଞ୍ଜୀକୃତ କରିବା କାଠିକର ପାଠ। ଜଣେ ମେଡିକାଲ କର୍ମଚାରୀଙ୍କ ସହଯୋଗରେ ବହୁ କଷ୍ଟରେ ଟିକେଟ କରି ପୁଣି ଡାକ୍ତରଙ୍କୁ ଦେଖା କରିବାକୁ ଧାଡ଼ିରେ ରହିଲି। ସେଠାରେ ପୁଣି ମେଡିକାଲ କର୍ମଚାରୀଙ୍କ ସହଯୋଗ ନେଇ ଡାକ୍ତରଙ୍କୁ ଦେଖାକଲି। ନାଁ ପଞ୍ଜୀକୃତ କରିବା ଓ ଡାକ୍ତରଙ୍କୁ ଦେଖାଇବାକୁ ଧାଡ଼ିରେ ରହିବାକୁ ମୋ ବୟସର ଲୋକମାନଙ୍କ ପାଇଁ କଷ୍ଟସାଧ୍ୟ ବ୍ୟାପାର। ମେଡିକାଲ କର୍ମଚାରୀ ସହଯୋଗ କରି ନ ଥିଲେ ମୁଁ ପୁଣି ଘରକୁ ଫେରିଥାନ୍ତି। ପୁଣି ମଙ୍ଗଳବାର ଆସି ଆଉ ଡାକ୍ତରଙ୍କୁ ଦେଖାଇବା ସମ୍ଭବ ନୁହେଁ। ମୋ ପରିବାରରେ କେହି ମୋତେ ସହଯୋଗ କରିବା ପରି ଲୋକ ନାହାନ୍ତି। ମୋର ଜଣେ ଝିଅ ଅଛି, ସେ ମୋ ଉପରେ ନିର୍ଭରଶୀଳ। ଏଣୁ ଜିଲା ପ୍ରଶାସନ, ସରକାର ବରିଷ୍ଠ ନାଗରିକ, ଗୁରୁତର ରୋଗୀ, ଗର୍ଭବତୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିବା ଦରକାର ବୋଲି କହିଥିଲେ।



ନାମ ପଞ୍ଜୀକରଣ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି।



ଗର୍ଭବତୀ ମହିଳା ଧାଡ଼ିରେ ଠିଆ ହୋଇଛନ୍ତି।

### ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ନାହିଁ

ଟିକେଟ ପଞ୍ଜୀକରଣ ପାଇଁ ବରିଷ୍ଠ ନାଗରିକ, ଗୁରୁତର ରୋଗୀ, ଗର୍ଭବତୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିବା ଦରକାର। ହେଲେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏସବୁର ବ୍ୟବସ୍ଥା ନାହିଁ। ଯଦି ଚିକିତ୍ସା ପାଇଁ ଏଭଳି ରୋଗୀ ଆସୁଛନ୍ତି ତେବେ ଟିକେଟ କାଟିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଙ୍ଗରେ କେହି ନ ଥିଲେ ଚିକିତ୍ସିତ ହେବା ସମ୍ଭବ ନୁହେଁ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଶକ୍ତିପ୍ରସାଦ ମିଶ୍ର କୁହନ୍ତି, ବରିଷ୍ଠ ନାଗରିକ, ଗୁରୁତର ରୋଗୀ, ଗର୍ଭବତୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଗଲେ ଭଲ ହୁଅନ୍ତା। ଏମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିବାକୁ ଆଲୋଚନା କରି ପଦକ୍ଷେପ ନେବି। ଅନ୍ୟପକ୍ଷେ ଲିଙ୍କ୍ ସ୍ଲୋକୁ ନେଇ କହିଛନ୍ତି, ହଁ ଏପରି ସମସ୍ୟା ହେଉଛି। ହେଲେ ଏ ଦିଗରେ କିଛି ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବୋଲେରୋ ଜବତ,୨ ଅଭିଯୁକ୍ତ ଗଲେ ଜେଲ

**ନୟାଗଡ଼ ଅଫିସ,୪।୧୦:** ନୟାଗଡ଼ ଟାଉନ ଥାନା ପୋଲିସ ଚୋରି ହୋଇଥିବା ବୋଲେରୋକୁ ଜବତ କରିବା ସହ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଲାଠିପଡା ଗାଁର ବସନ୍ତ ଦଳେଇ ଓରଫ ରାକେଶ(୨୪) ଓ ଓଡ଼ଗାଁ ଥାନା ନନ୍ଦିଘୋର ଗାଁର ଟିଲୁ ନାୟକ ଓରଫ ଗଣେଶ (୨୩)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ଲେଙ୍କୁଡିପଡା ଗାଁର କାର୍ତ୍ତିକ ବିଶ୍ୱାଳଙ୍କ ବୋଲେରୋକୁ ବାରମାସୀ ଦଣ୍ଡାରୁ ଗତ ୨ତାରିଖ ରାତିରେ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୨୦୨/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ପାଗଳ ମାଙ୍କଡ଼ କାମୁଡ଼ାରେ ୨ ଆହତ

**ଖଣ୍ଡପଡା,୪।୧୦ (ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଣ୍ଡପଡା, ଖଳିସାହି, କଣ୍ଟିଲୋ, ପଥରଚକଡା, ମାଧପୁର, ବାଣପୁର, କୁମୁଣ୍ଡି ଆଦି ବିଭିନ୍ନ ଅଞ୍ଚଳରେ ମାଙ୍କଡମାନଙ୍କ ଉପଦ୍ରବରେ ସାଧାରଣ ଜନ ଜୀବନ ବିପର୍ଯ୍ୟସ୍ତ ହୋଇପଡୁଛି। ଅପରପକ୍ଷରେ ପାଗଳ ମାଙ୍କଡଙ୍କ ଦୌରାତ୍ମ୍ୟରେ ଦୁଇଜଣ ଆହତ ହୋଇଛନ୍ତି। କେନ୍ଦୁପଲ୍ଲୀ ଗାଁର ଛାତ୍ରୀ ଅନ୍ନପୂର୍ଣ୍ଣା ମିଶ୍ର ତାଙ୍କ ଦଦେଇଙ୍କ ସହ ଶନିବାର ଘରକୁ ଫେରୁଥିଲେ। ଏହି ସମୟରେ ପାଗଳ ମାଙ୍କଡଟି ଛାତ୍ରୀଙ୍କ ଦଦେଇଙ୍କୁ ଧକ୍କା ଦେଇ ତାଙ୍କୁ କାମୁଡା ରକ୍ତାକ୍ତ କରି ଦେଇଥିଲା। ସେହିପରି ଅନ୍ୟଜଣେ ଛାତ୍ର ରୁଦ୍ରମାଧବ ଡାଲୁଆଙ୍କୁ ମଧ ମାଙ୍କଡଟି ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ବିଭିନ୍ନ ସମୟରେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଗୋଡାଇ ପାଗଳ ମାଙ୍କଡଟି ଆକ୍ରମଣ କରୁଥିବାରୁ ସାଧାରଣରେ ଆତଙ୍କ ଖେଳିଯାଇଛି। ପାଗଳ ମାଙ୍କଡର ଦୌରାତ୍ମ୍ୟର ପ୍ରତିକାର ପାଇଁ ଜଙ୍ଗଲ ବିଭାଗ ଏ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

### ଖଳିସାହି, କଣ୍ଟିଲୋରେ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବାକୁ ଦାବି

**ଖଣ୍ଡପଡା,୪।୧୦(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ଏବଂ କଂସା ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହାଛଡା ଖଳିସାହି ଗାଁଟି ମଧ ପିତଳ ମୂର୍ତ୍ତି କାରିଗରୀ ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହି ଧରଣର କୁଟୀର ଶିଳ୍ପରେ କାର୍ଯ୍ୟରତ କାରିଗରମାନଙ୍କୁ ଆଧୁନିକ ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଉକ୍ତ ୨ଟି ସ୍ଥାନରେ ଦକ୍ଷତା ବିକାଶ କେନ୍ଦ୍ରର ଆବଶ୍ୟକତା ରହିଛି। ତେଣୁ କଣ୍ଟିଲୋ ଓ ଖଳିସାହିଠାରେ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଦାବି କରିବା ସହ ଏ ସମ୍ପର୍କରେ ଟ୍ୱିଟ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିବା ନେଇ ସୂଚନା ଦେଇଛନ୍ତି।

### ସହରାଞ୍ଚଳ ଡିଜିଟାଲ ୱାର୍ଡ ଡୋର ସର୍ଭେ ବୈଠକ

**ନୟାଗଡ଼ ଅଫିସ,୪।୧୦**

ସହରାଞ୍ଚଳ ଡିଜିଟାଲ ୱାର୍ଡ ଡୋର ସର୍ଭେ ବୈଠକ ନୟାଗଡ଼ରେ ସୋମବାର ପ୍ରଥମେ ଆରମ୍ଭ ହୋଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ପୌର ପରିଷଦ ୱାର୍ଡ ନଂ. ୯ ପାଇଁ ସ୍ଥାନୀୟ ରାମ ମନ୍ଦିର ପରିସରରେ ୱାର୍ଡବାସୀଙ୍କୁ ନେଇ ବୈଠକ କରାଯାଇଛି। ପୌର ପରିଷଦ ସର୍ଭେ ସଂଯୋଜକ ଶ୍ରୀବତ୍ସ ମହାନ୍ତି, ପ୍ରକଳ୍ପ ଟିମ୍ ମୁଖ୍ୟ ସମିତା ପରିଡା, ଗୁରୁ ଚରଣ ହେରା, ସ୍ୱଚ୍ଛସାଥୀ ଗୀତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଡିଜିଟାଲ ଡୋର ସର୍ଭେ ଉଦ୍ଦେଶ୍ୟ ସମ୍ପର୍କରେ ୱାର୍ଡବାସୀଙ୍କୁ ବୁଝାଇଥିଲେ। ଡିଜିଟାଲ ନମ୍ବର ମାଧ୍ୟମରେ ଘରର ନକ୍ସା, ସ୍ଥିତି, ଦୈର୍ଘ୍ୟ, ପ୍ରସ୍ଥ, ଗୃହ ଟିକସ କର,ବିଦ୍ୟୁତ୍ ବିଲ୍, ପରିବାରର ସଦସ୍ୟମାନଙ୍କ ଡାଟା, ଜଳକର ଇତ୍ୟାଦି ସୁବିଧାରେ ମୋବାଇଲ୍ ମାଧ୍ୟମରେ ପେମେଣ୍ଟ ହୋଇ ପାରୁଛି ବୋଲି ବୁଝାଇଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ୱାର୍ଡରେ ଡିଜିଟାଲ ଡୋର ସର୍ଭେ କରାଯିବ। ୱାର୍ଡ ନଂ. ୯ ର ୱାର୍ଡ ଇନଚାର୍ଜ ଗଜେନ୍ଦ୍ର ମହାରଣା ସଭା ପରିଚାଳନା କରିଥିଲେ।

### ଗୋ-ହତ୍ୟାକୁ ନେଇ ମାହାସିଂରେ ଉତ୍ତେଜନା

**ଫୁଲବାଣୀ ଅଫିସ, ୪।୧୦**

କନ୍ଧମାଳ ଜିଲା ବାଲିଗୁଡା ଥାନା ମାହାସିଂରେ ଗୋ ହତ୍ୟାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ରାତିରେ କେହି ଦୁର୍ବୃତ୍ତ ମାହାସିଂ ପଞ୍ଚାୟତର ରାସ୍ତା ପାର୍ଶ୍ୱରେ ଏକ ଗୋରୁର ଗୋଟିଏ ଗୋଡ଼କୁ କାଟି ନେବାରୁ ତାହାର ମୃତ୍ୟୁ ଘଟିଛି। ସୋମବାର ସକାଳେ ଏହା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

# ଭୁଶୁଡ଼ିଲା ରଣପୁର ଏନ୍‌ଏସି କୋଠାର ତାଜା, କାନ୍ଥ

- ଅଳ୍ପକେ ବର୍ତ୍ତିଲେ ମିସ୍ତ୍ରି, ଶ୍ରମିକ
- ୫୦ ଲକ୍ଷ ଟଙ୍କା କୋଠାର ନାହିଁ ସ୍ଥାୟିତ୍ୱ
- ନିମ୍ନ ମାନର ଅଭିଯୋଗ ସତ୍ତ୍ୱେ ନିର୍ମାଣ ଚାଲିଥିଲା

**ନୟାଗଡ଼ ଅଫିସ/ ରଣପୁର, ୪।୧୦ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର ନବ ନିର୍ମିତ କୋଠା ନିର୍ମାଣ ଚାଲିଥିବାବେଳେ ଏହାର ତାଜା ଓ କାନ୍ଥ ସୋମବାର ମଧ୍ୟାହ୍ନରେ ଭୁଶୁଡି ପଡିଛି। କୋଠା ଭୁଶୁଡିଲା ବେଳେ ଶ୍ରମିକ ଓ ମିସ୍ତ୍ରି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ନିର୍ମିତ ଏହି କୋଠାର କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲ। ହେଲେ ଏଥିପ୍ରତି କେହି ଧ୍ୟାନ ନ ଦେବାରୁ କୋଠାଟି ସମ୍ପୂର୍ଣ୍ଣ ନ ହେଉଣୁ ଭୁଶୁଡି ପଡିଛି। ଏଭଳିଆ କାର୍ଯ୍ୟ ସରକାରୀ ଭାବେ କରାଗଲେ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ସ୍ଥାୟିତ୍ୱ ନେଇ ଭରସା ରହିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

ପ୍ରାପ୍ତ ସୂଚନା ଅନୁସାରେ, ପ୍ରାୟ ୭ ବର୍ଷ ତଳେ ରଣପୁର ପଞ୍ଚାୟତ ଏନ୍‌ଏସିର ମାନ୍ୟତା ପାଇଥିଲା। ପଞ୍ଚାୟତ ଘରେ ଏନ୍‌ଏସିର କାର୍ଯ୍ୟାଳୟ ଚାଲୁ ରହିଛି। ତେବେ ଏନ୍‌ଏସି ସମ୍ମୁଖରେ ଥିବା ପଡିଆରେ ନିଜସ୍ୱ କୋଠା କିଛିଦିନ ହେଲା ନିର୍ମାଣ ଚାଲିଛି। ରଣପୁର ଏନ୍‌ଏସିର ନିର୍ମାଣଧୀନ କୋଠା ଭୁଶୁଡିବା ପରେ ସାଧାରଣରେ ପ୍ରତିକ୍ରୀୟା ସୃଷ୍ଟି ହୋଇଛି। ଏ ନେଇ ରଣପୁରର ଶୁଭ୍ର ରଞ୍ଜନ ସାହୁ କୁହନ୍ତି, ରଣପୁର ଏନ୍‌ଏସିର କାର୍ଯ୍ୟାଳୟର କାର୍ଯ୍ୟ ନିମ୍ନମାନର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଓ ଉଚ୍ଚ କର୍ତ୍ତୃପକ୍ଷ ଅଣଦେଖା କରିଥିଲେ। ଏପରିକି ନିମ୍ନମାନର କାମ ସତ୍ତ୍ୱେ ଠିକାଦାରଙ୍କ ପ୍ରତି ଅନୁକମ୍ପା ଦେଖା ଯାଇଥିଲା। ନିର୍ମାଣଧୀନ କୋଠାର ତଦାରଖ ଯନ୍ତ୍ରୀ ନ କରିବାରୁ ତାଜା ଓ କାନ୍ଥ ଭୁଶୁଡି ପଡିଛି। ସରକାରୀ କୋଠା ଭୁଶୁଡିଲା ପରେମଧ ଯନ୍ତ୍ରୀକୁ ଯାଞ୍ଚ କରିବାକୁ ସମୟ ନାହିଁ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରଣପୁର ଏନ୍‌ଏସି ଇଞ୍ଜିନିୟର ବାଇଧର ରାଉତ କୁହନ୍ତି, ଶୁଣିଛି ତାଜା ଓ କାନ୍ଥ ଭୁଶୁଡି ପଡିଛି। ମଙ୍ଗଳବାର ଗଲେ ତଦନ୍ତ କରି ପଦକ୍ଷେପ ନିଆଯିବ।


ଏନ୍‌ଏସି ଗୃହର ନିର୍ମାଣାଧୀନ ତାଜା ଓ କାନ୍ଥ ଭୁଶୁଡି ପଡିଛି।

# ଓଡ଼ଗାଁ ବ୍ଲକରେ କୃଷି ରଥର ଶୁଭାରମ୍ଭ

**ଓଡ଼ଗାଁ, ୪।୧୦ (ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ କୃଷି ବିଭାଗ ଆନୁକୂଲ୍ୟରେ ସୋମବାର କୃଷି ରଥର ଶୁଭାରମ୍ଭ ହୋଇଛି। ନାଚ ଗୀତ ମାଧ୍ୟମରେ ୬ ଦିନ ବ୍ୟାପୀ କୃଷି ରଥ ଗାଁକୁ ଗାଁ ବୁଲି କୃଷି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରିବା ଲକ୍ଷ୍ୟ ରହିଛି। ବ୍ଲକ କୃଷି କାର୍ଯ୍ୟାଳୟଠାରେ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ଓ ବିଭୁ ପ୍ରସାଦ ସାହୁ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀଙ୍କ ସମେତ ଅନ୍ୟ କୃଷି ଅଧିକାରୀଙ୍କ ସହ କେତେଜଣ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ପପଟେ ସଂସ୍ଥା କାର୍ଯ୍ୟକର୍ତ୍ତା ପ୍ରଶାନ୍ତ କୁମାର ପଟ୍ଟନାୟକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଭାଗ ଦ୍ୱାରା ପରିଚାଳନା ହେଉଥିବା ବିଭିନ୍ନ ଉନ୍ନତ କିସମ ଚାଷ ଓ ଯୋଜନା ସମ୍ପର୍କରେ କଳାକାରଙ୍କ ସହିତ କୃଷି ଅଧିକାରୀ ଲୋକଙ୍କୁ ସଚେତନ କରାଇବେ ବୋଲି କହିଛନ୍ତି।


ସଚେତନ ରଥକୁ ପତାକା ଦେଖାଇ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

# ଡାଳ କଟାହେବାରୁ ଗଲା ଭାରିଯାନ

**ଖଣ୍ଡପଡା,୪।୧୦(ସ୍ୱ.ପ୍ର.)**

ବାଘମାରୀଠାରୁ କଣ୍ଟିଲୋ ଦେଇ ଦଶପଲ୍ଲାକୁ ସଂଯୋଗ କରୁଥିବା ୪୮ ନଂ. ରାଜ୍ୟ ରାଜପଥର କଣ୍ଟିଲୋ ବଜାର ମଧ୍ୟରେ ରାସ୍ତାପାର୍ଶ୍ୱ ସ୍ଥିତ ଏକ ଅଶ୍ୱଥ ଗଛର ଡ଼ାଳ ରାସ୍ତା ଉପରକୁ ଢଳି ରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଭାରିଯାନ ଗୁଡିକ ଚଳାଚଳ କରି ପାରୁ ନ ଥିଲା। ଏ ସମ୍ପର୍କରେ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରାସ୍ତା ଉପରୁକୁ ଢାଙ୍କି ରହିଥିବା ଗଛର ଡାଳଗୁଡିକୁ କଟାଯିବା ପରେ ଭାରିଯାନ ଚଳାଚଳ ସ୍ୱାଭାବିକ ହୋଇଛି। ରାଜ୍ୟ ସରକାର ବାଘମାରୀଠାରୁ କଣ୍ଟିଲୋ ଦେଇ ଗଣିଆ ଓ ଦଶପଲ୍ଲାକୁ ସଂଯୋଗ କରୁଥିବା ରାସ୍ତାକୁ ୪୮ନଂ. ରାଜ୍ୟ ରାଜପଥର ମାନ୍ୟତା ପ୍ରଦାନ କରିଛନ୍ତି। ମାତ୍ର ଏହି ରାଜପଥ ଉପରେ କିମ୍ବା ପାର୍ଶ୍ୱରେ ରହିଥିବା ବିଶାଳକାୟ ବୃକ୍ଷ ଓ ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତା ସମ୍ପ୍ରସାରଣ ସମୟରେ ହଟାଇବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନ ଥିବାରୁ ଏ ନେଇ ବିଭିନ୍ନ ସମୟରେ ଦୁର୍ଘଟଣା ଜନିତ ବିପଦ ସୃଷ୍ଟି ହେଉଥିଲା।

ରାଜପଥ ରାସ୍ତାର କଣ୍ଟିଲୋ ଯାତ୍ରାପଦା ବଜାର ମଧ୍ୟରେ ରାସ୍ତା ପାର୍ଶ୍ୱରେ ଦୀର୍ଘ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଶ୍ୱଥ ଗଛ ରହିଛି। ରାସ୍ତା ଉପରକୁ ଢଳି ପଡିଥିବା ବଡ ବଡ ଡାଳ ଯୋଗୁ ବିଭିନ୍ନ ପ୍ରକାର ଭାରିଯାନ ଯାତାୟାତରେ ସମସ୍ୟା ସୃଷ୍ଟି କରିଥିଲା। ତେବେ ସେପ୍ଟେମ୍ବର ୨୪ରୁ ଏକ ୧୮ ଚକିଆ ଟ୍ରଲରରାଜପଥ ଉପରେ ବୃକ୍ଷ ଯୋଗୁ ଯାଇ ନ ପାରି ଅଟକି ରହିଥିଲା। ଖଣ୍ଡପଡା ପୂର୍ତ୍ତ ବିଭାଗ ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ରାସ୍ତା ପାର୍ଶ୍ୱରୁ ଗଛଟିକୁ ହଟାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ରବିବାରଠାରୁ ସ୍ଥାନୀୟ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ, ଯାତ୍ରାପଦା ବଜାର ବ୍ୟବସାୟୀ ସଂଘ ଏବଂ ବିଦ୍ୟୁତ୍ ବିଭାଗର ସହଯୋଗକ୍ରମେ ଯାନବାହନ ଚଳାଚଳରେ ବାଧକ ସାଜିଥିବା ଗଛର ଡାଳଗୁଡିକୁ ସମ୍ପୃକ୍ତ ଭାରିଯାନ ମାଲିକଙ୍କ ସହାୟତାରେ କଟାଯାଇଛି। ଦୀର୍ଘବର୍ଷର ସମସ୍ୟାର ସମାଧାନ ହୋଇଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି। ତେବେ ଉକ୍ତ ରାସ୍ତାପାର୍ଶ୍ୱରୁ ସମ୍ପୂର୍ଣ୍ଣ ରୁପେ ଅଶ୍ୱଥ ଗଛଟିକୁ କାଟି ଦେବା ନିମନ୍ତେ କଣ୍ଟିଲୋ ଅଞ୍ଚଳବାସୀ ଓ ବଣିକ ସଂଘର ସଦସ୍ୟମାନେ ଦାବି କରିଛନ୍ତି।


ରାସ୍ତା ଉପରକୁ ଥିବା ବିପଦ ସଙ୍କୁଳ ଗଛର ଡାଳକୁ କଟା ଯାଉଛି।

# ଉଦ୍ୟାନ ବିଭାଗର ଯୋଜନା ଲୋକଙ୍କ ପାଇଁ ସ୍ୱପ୍ନ

**ନୂଆଗାଁ, ୪।୧୦ (ଡି.ଏନ.ଏ.)**

ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ମାଳ ମାଳ ଯୋଜନା କରୁଛନ୍ତି। କିନ୍ତୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଅନେକ ଅଞ୍ଚଳରେ ସରକାରଙ୍କ ଯୋଜନା ଅପହଞ୍ଚ ହୋଇ ରହିଛି। ନୂଆଗାଁ ବ୍ଲକର ଉଦ୍ୟାନ ବିଭାଗର ଯୋଜନା ଗୁଡିକ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି।

'ଉଦ୍ୟାନ କୃଷି ଯୋଜନା-ଚାଷୀ ଭାଇଭଉଣୀଙ୍କ ପାଇଁ ସୁନା' ଏଭଳି ଲେଖି ବଡ ବଡ ବ୍ୟାନର ମାରି ନିଜର ବାହାଦୁରି ପିଟୁଛନ୍ତି ସରକାର। କିନ୍ତୁ ଏହାର ସତ୍ୟତା ପ୍ରମାଣ କରି ଦେଉଛି ନୂଆଗାଁ ଉଦ୍ୟାନ ବିଭାଗ ଓ କାପ୍ତାପଲ୍ଲୀ ଭଳି ଉପାନ୍ତ ଅଞ୍ଚଳର ଚାଷୀଙ୍କ ପାଇଁ। ସରକାରୀ ଯୋଜନା କେତେଜଣ ଅପାରଗ ଅଧିକାରୀ ତଥା କର୍ମଚାରୀଙ୍କ ଯୋଗୁ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳ ଗଛ ଲଗାଇବାଠାରୁ ଆରମ୍ଭ କରି ସାର ଦେବା, ବାଡ ବନ୍ଦୀ କରିବା ଆଦି ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ସରକାର ରିହାତି ଦରରେ ସବୁ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଉଦ୍ୟାନ ବିଭାଗରେ ହେଉଥିବା କାର୍ଯ୍ୟ ବିଷୟରେ ଜନସାଧାରଣ ଜାଣିନାହାନ୍ତି। ଫଳରେ କାପ୍ତାପଲ୍ଲୀ ପଞ୍ଚାୟତର ବଡତାମନାଡୁ, ସାନତାମନାଡୁ, ଫାମ୍ପୁଣୀ ଆଦି ଗାଁର ଚାଷୀମାନେ ସରକାରଙ୍କ ଯୋଜନାରୁ ବାଦ୍ ପଡୁଛନ୍ତି। ଫଳରେ ଚାଷୀମାନେ ନିଜ ଖର୍ଚ୍ଚରେ ଚାଷ କରିବାକୁ ବାଧ ହେଉଛନ୍ତି। ତେବେ ନିଜର ସ୍ୱଳ୍ପ ଧନରେ ଅଧିକ ଚାଷ କରିବାକୁ ଅସମର୍ଥ ହେଉଥିବା କହିଛନ୍ତି, ବଡତାମନାଡୁର ଅଧିକାରୀ ପ୍ରଧାନ, ବିରସେନ ପ୍ରଧାନ, ମଙ୍ଗୁଳି ପ୍ରଧାନଙ୍କ ସମେତ ଅନ୍ୟମାନେ। ସରକାରଙ୍କ ଯୋଜନା ମାଧ୍ୟମରେ କଲମୀ ଫଳ ଚାରା ଓ ଅନ୍ୟ ଉନ୍ନତ ଚାରା ରିହାତି ଦରରେ ବଣ୍ଟନ, ଶୀତଳଭଣ୍ଡାରରେ ଆଳୁ ସଂରକ୍ଷଣ ନିମନ୍ତେ ବିଦ୍ୟୁତ ଦେୟରେ ରିହାତି, ନଡିଆ ଚାଷରେ ସ୍ୱତନ୍ତ୍ର ରିହାତି ଓ ଫୁଲ ଫଳ ଓ ପନିପରିବା ଚାଷରେ ରିହାତି ଦିଆଯାଉଥିଲେ ମଧ ଏହାର ସୁଫଳ ଲୋକେ ପାଇବାରୁ ବଞ୍ଚିତ ହେଉଛନ୍ତି। ଚାଷୀମାନଙ୍କୁ ରିହାତି ଦରରେ ଚାରା ଯୋଗାଇ ଦେବାକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଚାରା ସୃଷ୍ଟି କରାଯାଉଛି। କିନ୍ତୁ ସେସବୁ ଚାଷୀଙ୍କୁ ନ ଦେବା ଯୋଗୁ ନୂଆଗାଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଶୁଖି ପଡିଥିବା ଦେଖିବାକୁ ମିଳିଛି। ଚାରା ସୃଷ୍ଟି କରିବା ନାଁରେ ଅର୍ଥ ବ୍ୟୟ ହେଉଥିଲେ ମଧ ସେଥିରେ ଚାଷୀ ଉପକୃତ ହେଉ ନାହାନ୍ତି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ନୂଆଗାଁ ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ଅଜିତ କୁମାର ନାୟକଙ୍କୁ ପଚାରିବାରେ ଆମ ପାଖରେ ଆବଶ୍ୟକ ମୁତାବକ କର୍ମଚାରୀଙ୍କ ଅଭାବରୁ ସରକାରଙ୍କ ଯୋଜନା ବିଷୟରେ ଲୋକଙ୍କ ପାଖରେ ପହଞ୍ଚାଇ ପାରନାହୁଁ। ବ୍ଲକର ୨୨ ପଞ୍ଚାୟତ ପାଇଁ ଜଣେ ମାତ୍ର ଉଦ୍ୟାନ ବିଭାଗ ସମ୍ପ୍ରସାରଣ କର୍ମଚାରୀ ଥିବା ବେଳେ ବର୍ତ୍ତମାନ ଆଉ ୨ ଜଣଙ୍କୁ ବାହାଡାଝୋଲା ଓ ମହୀପୁର ସେକ୍ଟର ପାଇଁ ନିଯୁକ୍ତି ଦିଆଯାଇଥିବା ସେ କହିଛନ୍ତି।


ଉଦ୍ୟାନ ବିଭାଗରେ ଶୁଖି ପଡିଛି ଚାରା।


ବଡତାମନାଡୁ ଗ୍ରାମର ଚାଷୀମାନେ।

## ସଂକ୍ଷେପରେ

### କନ୍ଧମାଳରେ ହେବ ରାଜ୍ୟ ଭଲିବଲ ଏକାଡେମୀ

**ଫୁଲବାଣୀ ଅଫିସ, ୪।୧୦:** କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ଉଦ୍ୟମ ଯୋଗୁ କନ୍ଧମାଳ ଜିଲାରେ ରାଜ୍ୟ ଜୁନିଅର ବର୍ଗ ଭଲିବଲ ଏକାଡେମୀ ପ୍ରତିଷ୍ଠା ହେବ । ଏମ୍‌ପି ସାମନ୍ତ ଭଲିବଲ ଫେଡେରେଶନ ଅଫ ଇଣ୍ଡିଆ(ଭିଏଫଆଇ)ର ଦାୟିତ୍ୱ ଗ୍ରହଣ କରିବା ପରେ ଗ୍ରାମାଞ୍ଚଳରେ ଭଲି ବଲ ଖେଳର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ନଭେମ୍ବରରେ ଜିଲାରେ ରାଜ୍ୟ ଭଲିବଲ ଚାମ୍ପିଅନଶିପ୍ ହେବା ଲାଗି ଉଦ୍ୟମ ଚାଲିଛି । ଏମ୍‌ପିଙ୍କ ଉଦ୍ୟମରେ ଜିଲାର ଟିକାବାଲି, ରାଇକିଆ, ବାଲିଗୁଡା ଓ ଫୁଲବାଣୀର ଦୁଇଟି ସ୍ଥାନରେ ଫ୍ଲଡ ଲାଇଟ ଏବଂ ଭଲିବଲ କୋର୍ଟର ବ୍ୟବସ୍ଥା ହୋଇଛି।

### ହରିହରଙ୍କୁ ସ୍ୱଚ୍ଛ ଭାରତ ମିଶନ ସମ୍ମାନ



**ଗଞ୍ଜାମ,୪।୧୦(ଡି.ଏନ.ଏ.):** ଗଞ୍ଜାମ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ପାଇଁ ଏନ୍‌ଏସି କର୍ମଚାରୀ ହରିହର ବିଶ୍ୱାଳଙ୍କୁ ରବିବାର ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଯୁଜର୍ସ ଫି ଓ ସ୍ୱଚ୍ଛ ପରିମଳ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ବିପିନି ବାରିକି ଓ ଏନ୍‌ଏସିରେ କାର୍ଯ୍ୟରତ ସମସ୍ତ ସୁଇପରମାନଙ୍କୁ ମଧ ସାମ୍ମାନୀତ କରାଯାଇଥିଲା। ଶାନ୍ତ ସରଳ, କର୍ତ୍ତବ୍ୟନିଷ୍ଠା ଓ ଏକାଗ୍ରତା ପାଇଁ ହରି ବିଶ୍ୱାଳଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଏନ୍‌ଏସି ପକ୍ଷରୁ କୁହାଯାଇଛି।

### କୋଟଗଡ଼ରେ ପଶୁପକ୍ଷୀଙ୍କୁ ଟିକାକରଣ

**ଫୁଲବାଣୀ ଅଫିସ/ବାଲିଗୁଡ଼ା(ଡି.ଏନ୍.ଏ.), ୪।୧୦:** କୋଟଗଡ଼ ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ଜନୀତ ସଂକ୍ରମଣ ରୋକିବା ଲାଗି ବନ ବିଭାଗ ପକ୍ଷରୁ ଗୃହପାଳିତ ପଶୁ ପକ୍ଷୀଙ୍କୁ ସୋମବାର ମାଗଣା ଟିକାକରଣ କରାଯାଇଛି। ବାଲିଗୁଡା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋଟଗଡ ରେଞ୍ଜ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ଉଦ୍ୟମରେ ଏହି ଟୀକାକରଣ କାର୍ଯ୍ୟ ହୋଇଥିଲା । ଏଥିରେ ଲାକେଡି, ରଡିଗୁମା, କରିଘାଟି ଆଦି ବନାଞ୍ଚଳରେ ରହୁଥିବା ଲୋକଙ୍କ ଗୃହପାଳିତ ପଶୁ ପକ୍ଷୀଙ୍କୁ ଟିକା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବନପାଳ ପ୍ରଭାତ କୁମାର ଦୋରା, ବନରକ୍ଷୀ ଯୋଗେନ୍ଦ୍ର ଧାରୁଆ, ରାହୁଲ ଡିଗାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଆଜାଦି କା ଅମୃତ ମହୋତ୍ସବ

**ଶେରଗଡ,୪।୧୦(ଡି.ଏନ.ଏ.):** ଶେରଗଡ଼ କୋର୍ଟ ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟର କର୍ମଚାରୀ ଓ ଓକିଲମାନେ ବ୍ୟାନର ଧରି ରାଲି କରିଥିଲେ। ସମସ୍ତ କୋର୍ଟର ଓକିଲମାନେ ଏକଜୁଟ ହୋଇ ଉକ୍ତ ରାଲିରେ ଭାଗ ନେଇଥିଲେ। ତାଲୁକା ସ୍ତରୀୟ ଆଇନ ପ୍ରାଧୀକରଣ ସେବା ପକ୍ଷରୁ ଆୟୋଜିତ ରାଲିରେ ବିଭିନ୍ନ ଆଇନ ସମ୍ପର୍କରେ ସଚେତନତା କରାଯାଇଥିଲା। କୋର୍ଟର ବରିଷ୍ଠ କିରାଣୀ ଡମ୍ବରୁ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ରାଘବା ନନ୍ଦ ପଶୁପାଳକ, ରାଧାକୃଷ୍ଣ ତାକୁଆ, ମୁନା ବେହେରା, ବୀରେନ୍ଦ୍ର ସାମଲଙ୍କ ସମେତ ଶେରଗଡ ବାରର ସମସ୍ତ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ତେନ୍ତୁଲିଖୁଣ୍ଟି, ୪।୧୦(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ପରାଜାକାମତାସ୍ଥିତ ଏକ ପୋଖରୀରେ ବୁଡି ଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁବାସ ନାଗ (୬୦)। ସୂଚନାନୁଯାୟୀ, ସୁବାସ ଶୌଚ ହେବାକୁ ପୋଖରୀକୁ ଯାଇଥିଲେ। କିନ୍ତୁ ସେ ଆଉ ସେଠାରୁ ଫେରି ନ ଥିଲେ। ପରିବାର ଲୋକେ ଓ ଗ୍ରାମାବାସୀ ତାଙ୍କୁ ଖୋଜିବାବେଳେ ସୁବାସଙ୍କ ମୃତଦେହ ପୋଖରୀରୁ ଭାସମାନ ଅବସ୍ଥାରେ ମିଳିଥିଲା। କାମତା ଫାଣ୍ଡି ପୋଲିସ ଖବରପାଇ ତେନ୍ତୁଲିଖୁଣ୍ଟି ଥାନାଧିକାରୀ ପ୍ରମୋଦ କୁମାର ନାୟକଙ୍କୁ ଅବଗତ କରିଥିଲେ। ଥାନାଧିକାରୀ ଦମକଳ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଗଜପତି ଜିଲା: ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ

**କାଶୀନଗର/ଗୋଷାଣୀ/ ରାୟଗଡ଼ (ଗଜପତି), ୪।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଜପତି ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡିଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ମନ୍ତ୍ରୀମାନେ ଉପସ୍ଥିତ ରହି ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ କାଶୀନଗର ଏନ୍‌ଏସି ଓ ବ୍ଲକଠାରେ ଦୁଇ ମନ୍ତ୍ରୀ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ। ବ୍ଲକ କାର୍ଯ୍ୟାଳୟଠାରେ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ବିଡିଓ ତଥା ତହସିଲଦାର ଡ.ଲକ୍ଷ୍ମୀପ୍ରସାଦ ସାହୁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରି, ଜିଲା ପରିଷଦ ସଦସ୍ୟା ସୁକାନ୍ତି ଶବର, ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଏନ୍‌ଏସିଠାରେ ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ପଦ୍ମନାଭ ବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନିର୍ବାହୀ ଅଧିକାରୀ ଡା. ସତ୍ୟ ସମ୍ପୂର୍ଣ୍ଣା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଏନ୍‌ଏସିର ତିନୋଟି କେନ୍ଦ୍ରରେ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି। ଏହି ବଣ୍ଟନ କାର୍ଯ୍ୟକ୍ରମ ତିନିଦିନ ଧରି ଗ୍ରାମାଞ୍ଚଳ ଓ ୱାର୍ଡଗୁଡ଼ିକରେ ଚାଲୁ ରହିବ। ପୂର୍ବତନ ଅଧକ୍ଷା ଏମ୍.ସୁଧାରାଣୀ, କେ. ମଧୁ, ରଘୁରାମ ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ପାରଳାଖେମୁଣ୍ଡି ପଞ୍ଚାୟତ ସମିତି ପରିସର (ଗୋଷାଣୀ ବ୍ଲକ) କାର୍ଯ୍ୟାଳୟଠାରେ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରିଛନ୍ତି। ଗୋଷାଣୀ ବିଡିଓ କିଶୋର ଚନ୍ଦ୍ର ଦାସ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସିଏଚ୍ ତାରେକେଶ୍ୱର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ ଉପସ୍ଥିତ ଥିଲେ। ଶେଷରେ ରମ୍ଭା, ଲାବଣ୍ୟଗଡ଼, ଗାରାବନ୍ଧ, ସୋବରା, ବଡ଼କୁଟ୍ରୁ ଓ ଘୋରଣୀ ପଞ୍ଚାୟତରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଏଡିଏମ୍ ରାଜେନ୍ଦ୍ର କୁମାର ରଣଜିତ, ଗୋଷାଣୀ ଜିଲା ପରିଷଦ ସଭ୍ୟ ଶ୍ରୀଧର ନାଇଡୁ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ନୀଳାଚଳ ମହାପାତ୍ର, ଦମୟନ୍ତି ହାଂସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରାୟଗଡ଼ ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ ଚାରୋଟି ପଞ୍ଚାୟତରେ ବଣ୍ଟନ କରାଯାଇଛି। ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କ ସଭାପତିତ୍ୱରେ ନିର୍ମାଣାଧୀନ ବସଷ୍ଟାଣ୍ଡଠାରେ ଏହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପରାମର୍ଶଦାତା ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବୋର୍ଡ଼ର ସଭାପତି ବିଜୟ କୁମାର ନାୟକ ଯୋଗ ଦେଇ କାଡ଼ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲା ପରିଷଦ ଉପାଧ୍ୟକ୍ଷ ଆର୍.ବିଜୟ କୁମାର, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ସିଡିପିଓ ତେରେସ୍କୋଭା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ଟି. ଇଶ୍ୱରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ମାର୍ଲବା ପଞ୍ଚାୟତ, କରଡ଼ାସିଂ ପଞ୍ଚାୟତ, ନାରାୟଣପୁର ନୀଳମଣି ଉଚ୍ଚ ବିଦ୍ୟାଳୟ ପଡିଆଠାରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ହେଲଥ କାର୍ଡ ବଣ୍ଟନ କରିଥିଲେ।



କାଶୀନଗର ଏନ୍‌ଏସିରେ ମନ୍ତ୍ରୀ ପଦ୍ମନାଭ ବେହେରା ହେଲଥ କାର୍ଡ ବଣ୍ଟନ କରୁଛନ୍ତି।



ଗୋଷାଣୀ ବ୍ଲକର ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱାସ୍ଥ୍ୟକାର୍ଡ ଦେଉଛନ୍ତି।

## ନକଲି ଶିକ୍ଷୟିତ୍ରୀ ବହିଷ୍କୃତ

### ଜାଲ ସାର୍ଟିଫିକେଟ ଦେଇ ଚାକିରି

**ଛତ୍ରପୁର,୪।୧୦(ଡି.ଏନ.ଏ.)**

ଜାଲ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର କରାଯାଇଛି। ସେ ହେଲେ ଛତ୍ରପୁର ବ୍ଲକ କାଳିଆବାଲି ପ୍ରକଳ୍ପ ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ କେ. ଲକ୍ଷ୍ମୀ ରେଡ୍ଡୀ। ତାଙ୍କୁ ବହିଷ୍କୃତ କରାଯାଇଥିବା ଛତ୍ରପୁର ବିଇଓ ଅବିନାଶ ଶତପଥୀ ସୂଚନା ଦେଇଛନ୍ତି। ଜିଲାରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରି ହାତେଇଥିବା ବେଳେ ଏବେ ସେମାନଙ୍କ ମନରେ ଏବେ କୋକୁଆଭୟ ସୃଷ୍ଟି ହେବାରେ ଲାଗିଛି । ଛତ୍ରପୁର ବ୍ଲକରେ କେତେଜଣ ଶିକ୍ଷକଙ୍କ ନାମରେ ଜାଲିଆତି କରି ଚାକିରି ହାତେଇଥିବା ଅଭିଯୋଗ ଆସିବା ପରେ ଉକ୍ତ ଶିକ୍ଷକ ମାନଙ୍କ ଶିକ୍ଷାଗତ ଓ ତାଲିମପ୍ରମାଣପତ୍ର ଠିକ ଅଛିକି ନାହିଁ ସେସମ୍ପର୍କରେ ବୋର୍ଡ ଓ ବିଶ୍ୱବିଦ୍ୟାଳୟକୁ ଛତ୍ରପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପଠାଯାଇଥିଲା। ଯାଞ୍ଚ ରିପୋର୍ଟ ଆସିବା ପରେ କିଛି ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସାର୍ଟିଫିକଟେ ଜାଲ ବୋଲି ଜଣାପଡିବା ପରେ ଛତ୍ରପୁର ବିଇଓଙ୍କ ପକ୍ଷରୁ ଚମାଖଣ୍ଡି,ଛତ୍ରପୁର ଓ ମାରାଇନ ଥାନାରେ ସେମାନଙ୍କ ନାମରେ ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ଜାଗା ଦେଖିଲେ ପ୍ରତିନିଧି ଦଳ

**ହିଞ୍ଜିଳିକାଟୁ,୪।୧୦(ଡି.ଏନ୍.ଏ)**

କେନ୍ଦ୍ରୀୟ ବିଦ୍ୟାଳୟର ଏକ ଉଚ୍ଚ ପ୍ରତିନିଧି ଦଳ ସୋମବାର ହିଞ୍ଜିଳିକାଟୁ ଗସ୍ତ କରି ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କୋଠା ଓ ଏକାଦଶ ଦ୍ୱାଦଶ ଶ୍ରେଣୀ ଖୋଲିବା ପାଇଁ ଅନୁଧ୍ୟାନ କରିଛନ୍ତି। ଏହି ପ୍ରତିନିଧି ଦଳରେ କେଭି ଭୁବନେଶ୍ୱର ଆସିଷ୍ଟାଟ କମିଶନର ଏ ଜ୍ୟୋଥି କୁମାରଙ୍କ ନେତୃତ୍ୱରେ କେଭି ବ୍ରହ୍ମପୁରର ପ୍ରିନ୍ସିପାଲ ବିଘ୍ନେଶ୍ୱର ପଟ୍ଟନାୟକ, କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରକ୍ଷିତ ସାହୁ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ହିଞ୍ଜିଳିକାଟୁ ବିଡ଼ିଓ ସୁବ୍ରତ କୁମାର ଜେନା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ ମନୋରଞ୍ଜନ ସାହୁ ଓ କେଭିର ପ୍ରିନ୍ସିପାଲ ମାନସ ରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ। ବର୍ତ୍ତମାନ ବୃନ୍ଦାବନ ବିଦ୍ୟାପୀଠ ପରିସରରେ ଚାଲିଥିବା କେଭି ସ୍ଥିତ, କୋଠା ସମ୍ପର୍କରେ ଆଲୋଚନା କରିଥିଲେ। ବୃନ୍ଦାବନ ବିଦ୍ୟାପୀଠ ପରିସରକୁ ଲାଗି କେଭିକୁ ହସ୍ତାନ୍ତର ହୋଇଥିବା ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ କୋଠା ସ୍ଥାନ ବୁଲି ଦେଖିଥିଲେ। ୨୦୧୫ରୁ ହିଞ୍ଜିଳିକାଟୁରେ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ଆରମ୍ଭ ହୋଇଛି। ହେଲେ ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ କୋଠା ନିର୍ମାଣ ହୋଇନାହିଁ। ୨୦୨୦-୨୧ବର୍ଷରେ ବିଦ୍ୟାଳୟର ପ୍ରଥମ ଦଶମ ବ୍ୟାଚ ପାସ୍ କରିଛନ୍ତି। ଦଶମ ପାଶ କରି ଏକାଦଶ ଶ୍ରେଣୀରେ ପାଠ ପଢ଼ିବାକୁ ଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିନ୍ତା ଦେଖା ଦେଇଛି। ଏଇଥି ନିମନ୍ତେ ଶୀଘ୍ର କେଭି ପକ୍ଷରୁ ଏଠାରେ ଦଶମ ଓ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ କେଭିର ସ୍ଥାୟୀ କୋଠା ପାଇଁ ପ୍ରାୟ ୮ଏକର ଜମି କେନ୍ଦ୍ରୀୟ ବିଦ୍ୟାଳୟ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଏହି ଜାଗାରେ ପକ୍କା ରାସ୍ତା, ମାଟି ପକାଇ ସମତୁଲ ଆଦି ସୁବିଧା ପ୍ରଦାନ ପାଇଁ ରାଜ୍ୟ ସରକାର ପୂର୍ବରୁ ସହମତି ପ୍ରକାଶ କରିଥିଲେ। ପୂର୍ବରୁ ସିପିଡବ୍ଲ୍ୟୁ ପକ୍ଷରୁ ସ୍ଥାୟୀ କୋଠା ନିର୍ମାଣ ପାଇଁ ଉଦ୍ୟମ ହୋଇଥିଲେ ସୁଦ୍ଧା ବିଭିନ୍ନ କାରଣରୁ ଏହା ଅଟକି ଯାଇଛି। ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



ପ୍ରତିନିଧି ମଣ୍ଡଳୀଙ୍କ ପ୍ରସ୍ତାବିତ କେଭି କୋଠା ନିର୍ମାଣ ପରିଦର୍ଶନ।

## ଖେମୁଣ୍ଡି ଗାଡ଼ି ମାଲିକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

**ଦିଗପହଣ୍ଡି,୪।୧୦(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ପରିବହନ ମିନିବସ୍ ଓ ମ୍ୟାଜିକ ଗାଡ଼ି ମାଲିକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ କୋଠା ପରିସରରେ ଆୟୋଜିତ ସଭାରେ ସଂଘର ସଭାପତି ଆଇନଜୀବୀ ଅଶେଷ ନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକର୍ତ୍ତା ବିବେକାନନ୍ଦ ସାହୁ ସଂଘର ଆୟବ୍ୟୟ ଏବଂ ବିବିଧ ସମସ୍ୟା ଉପସ୍ଥାପନ କରିଥିଲେ। ଏନ୍‌ଏସି ପକ୍ଷରୁ ବସ୍‌ଷ୍ଟାଣ୍ଡ ଅଞ୍ଚଳର ସୁରକ୍ଷା ପାଇଁ ସିସି ଟିଭି ବ୍ୟବସ୍ଥା, ଯାତ୍ରୀ ଏବଂ ବସ୍ କର୍ମଚାରୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଏବଂ ସଂଘ କାର୍ଯ୍ୟାଳୟ ପାଇଁ ବସ୍‌ଷ୍ଟାଣ୍ଡ ଭିତରେ ସ୍ୱତନ୍ତ୍ର କୋଠରି ପ୍ରଦାନ କରାଯିବା ନିମନ୍ତେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଶୀଘ୍ର ଆଲୋଚନା କରାଯିବା ନିମନ୍ତେ ସଭାରେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସେହିପରି ଖମାରୀ ଗାଁ-ଘୋଡ଼ାହାଡ଼ ଡ୍ୟାମ୍ ରାସ୍ତାର ବାଲିଘାଇ ପ୍ରଭୃତି ଗ୍ରାମ ନିକଟ ମୁଖ୍ୟରାସ୍ତା କଡର ଗଛ ଡାଳ ବଢ଼ି ଥିବାରୁ ଗାଡ଼ି ଚଳାଚଳରେ ବାଧା ଉପୁଜିଥିବାରୁ ପୂର୍ତ୍ତ ବିଭାଗ ତୁରନ୍ତ ଗଛଡାଳ କାଟି ରାସ୍ତା ସଫା କରିବା, ଦିଗପହଣ୍ଡି - ଟିକିଟି ମୁଖ୍ୟ ରାସ୍ତାର ଲିଆଖାଇ ଗ୍ରାମଠାରୁ ଟିକିଟିପେଣ୍ଠ ଗ୍ରାମ ଯାଏ ରାସ୍ତା ନଷ୍ଟ ହୋଇଯାଇଥିବାରୁ କର୍ତ୍ତୃପକ୍ଷ ତୁରନ୍ତ ମରାମତି କରିବା ପାଇଁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସଂଘର କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ଚୌଧୁରୀ, ପ୍ରତାପ କୁମାର ସାହୁ, ରାଜୀବ ସ୍ୱାଇଁ, ଲକ୍ଷ୍ମୀକାନ୍ତ ମହାପାତ୍ର, ସୁଶାନ୍ତ କୁମାର ଅଧିକାରୀ, କେ.ଗଣେଶ, ସୀମାଞ୍ଚଳ ସେଠୀ, ସଞ୍ଜୟ କୁମାର ସେଠୀ, ପ୍ରମୋଦ କୁମାର ସେନାପତି, ଟିଣ୍ଟୁ ଦୋରା, ସୁନୀଲ କୁମାର ରଥ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ପାଣି ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅନଶନରୁ ଓହରିବା ପରେ ନିଲମ୍ବନ ଆଦେଶ



ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଅନଶନରତ ଶିକ୍ଷକ।

**ଆସିକା,୪।୧୦(ଡି.ଏନ.ଏ.)**

### ପୁଣି ଅନଶନରେ ବସିଲେ ଶିକ୍ଷୟିତ୍ରୀ, ଶିକ୍ଷକ

ବିଭିନ୍ନ ଦାବି ନେଇ ବେଣାପାଟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ପାଢୀ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ଶନିବାରଠାରୁ ଚଳାଇଥିବା ଅନଶନ ସୋମବାର ରାତିରେ ପ୍ରତ୍ୟାହାର କରିଥିଲେ । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଆନ୍ଦୋଳନକାରୀ ଶିକ୍ଷକଙ୍କ ଦାବି ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ କୁଆଡେ ଶିକ୍ଷୟିତ୍ରୀ ଶିକ୍ଷକ ଅନଶନରୁ ହଟିଥିଲେ। ଏହାପରେ ଶିକ୍ଷକ ପାଢୀଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିଲମ୍ବନ ଆଦେଶ ଦିଆଯାଇଥିଲା । ଏହି ଆଦେଶ ପରେ ଆନ୍ଦୋଳନକାରୀ ଶିକ୍ଷୟିତ୍ରୀ ଶିକ୍ଷକ ପୁଣି ଶିକ୍ଷାଧିକାରୀଙ୍କ କାଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଛନ୍ତି। ଶିକ୍ଷକ ପାଢୀଙ୍କ ବିରୋଧରେ ଅନଶନରେ ଭାଗନେବା, କର୍ତ୍ତବ୍ୟରେ ଅବହେଳା କରିବା, ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବଜ୍ଞା କରିବା ଏବଂ ଅନସନ କରିବା ଲାଗି ଅନ୍ୟକୁ ପ୍ରବର୍ତ୍ତାଇବା ନେଇ ଦିଆଯାଇଥିବା ନିଲମ୍ବନ ଆଦେଶରେ ଦର୍ଶାଯାଇଛି । ସୂଚନାଯୋଗ୍ୟ, ଆନ୍ଦୋଳନକାରୀ ଶିକ୍ଷକମାନେ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ହେୟ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ସକାଳୁ ଅନଶନରେ ବସିଥିଲେ । ରବିବାର ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ପ୍ରଶାସନ ପକ୍ଷରୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ସୋମବାର ଅପରାହ୍ଣ ସାଢେ ୨ଟା ବେଳେ ଶିକ୍ଷକ ଦୁଇଜଣ ଡାକ୍ତରଖାନାରୁ ସୁସ୍ଥ ହୋଇ ଆସିବା ପରେ ପୁଣି କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଜାରି ରଖିଥିଲେ । ଏଭଳି ସ୍ଥିତିରେ ଅନସନରୁ ଓହରାଇବା ପରେ ନିଲମ୍ବନ ଆଦେଶକୁ ବିରୋଧ କରି ପୁଣି ଅନଶନ ଆରମ୍ଭ କରିଥିବା ପ୍ରକାଶ । ଅପରପକ୍ଷେ କର୍ତ୍ତୃପକ୍ଷଙ୍କ ଏହି ଆଦେଶ ବିରୋଧରେ ବହୁ ଶିକ୍ଷକ କାର୍ଯ୍ୟାଳୟ ବାହାରେ ଭିଡ ଜମାଇଥିଲେ।

## ଗଞ୍ଜାମ ଜିଲା ଯୋଗାଣ ସହାୟକ ସଂଘର ବୈଠକ

**ବୁଗୁଡା,୪।୧୦(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତରପଡା ଗ୍ରାମସ୍ଥ ମା' ଶାଙ୍କୁଳାଇ ପୀଠରେ ସୋମବାର ଗଞ୍ଜାମ ଜିଲା ଯୋଗାଣ ସହାୟକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଏ.ସୁମନ ବାବୁରାଓ ଯୋଗଦେଇଥିଲେ। ଗଞ୍ଜାମ ଜିଲା ଯୋଗାଣ ସହାୟକ ସଂଘର ସଭାପତି ମିଥୁନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରାମର୍ଶଦାତା ବିରୁପାକ୍ଷ ପାଣିଗ୍ରାହୀ ଓ ସୁଶାନ୍ତ କୁମାର ଗୌଡ଼, କାର୍ଯ୍ୟକାରୀ ସଭାପତି ଏନ.ଗଣପତି ଦୋରା, ଉପସଭାପତି ବସନ୍ତ ସାସମଲ, ପ୍ରତାପ ଚନ୍ଦ୍ର ଦୋରା, ମାନସ ରଞ୍ଜନ ପଣ୍ଡା ଓ ଦିଗାମ୍ବର ସାହୁ, କୋଷାଧ୍ୟକ୍ଷ କମଳ ଲୋଚନ ସେଠୀ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଯୋଗାଣ ସହାୟକମାନଙ୍କ ଦରମା ବୃଦ୍ଧି କରିବା ସହ ସ୍ଥାୟୀ କର୍ମଚାରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ରାଜ୍ଯ ସରକାରଙ୍କ ଦୃଷ୍ଟି ଗୋଚରାର୍ଥେ ବିଧାନସଭାରେ ମଧ ଦାବି ଉପସ୍ଥାପନ କରିବାକୁ ସ୍ଥାନୀୟ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

## ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ସଭା



ମଞ୍ଚାସୀନ ଅତିଥି।

**ଭଞ୍ଜନଗର,୪।୧୦(ଡି.ଏନ୍.ଏ)**

ଭଞ୍ଜନଗର ସାଇ ଗୁରୁକୁଳରେ ସୋମବାର ବନ୍ୟପ୍ରାଣୀ ସୁରକ୍ଷା ଉପରେ ଏକ ସଭା ହୋଇଥିଲା। ଏଥିରେ ଶୂଳପାଣି ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏସିଏଫ୍ ସୁଦର୍ଶନ ବାଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାକୁ ହେଲେ ବନ୍ୟପ୍ରାଣୀ ସୁରକ୍ଷା ନିହାତି ଆବଶ୍ୟକ ବୋଲି କହିଥିଲେ। ରେଞ୍ଜର ବିମ୍ବାଧର ସାହୁ, ବନପାଳ ସଙ୍ଗୀତା ପଟ୍ଟନାୟକ, ଶିକ୍ଷକ ସୁଲୋଚନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ରାମଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ସେଠାରେ ଚାରାରୋପଣ ହୋଇଥିଲା।

## ବିଭିନ୍ନ ବିକାଶ ମଡେଲ ପରିଦର୍ଶନ କଲେ ୩ ଜିଲା ଅଧିକାରୀ

**ଗଞ୍ଜାମ/ଶେରଗଡ଼,୪।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ପ୍ରକଳ୍ପ ଅଧିକାରୀ (ପିଡି) ସୁବାସ ଚନ୍ଦ୍ର ରଏଙ୍କ ନେତୃତ୍ୱରେ ଏକ ୨୩ ଜଣିଆ ପ୍ରତିନିଧି ଦଳ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସି ଗଞ୍ଜାମ ବ୍ଲକର ବିକାଶ ମଡେଲ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳ ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତର ପ୍ରସିଦ୍ଧ ବଟେଶ୍ୱର ଶୈବପୀଠରେ ବିଭିନ୍ନ ବିକାଶମୂଳକ ମଡେଲ ଯଥା କଲ୍ୟାଣ ମଣ୍ଡପ, ଶିଶୁ ଉଦ୍ୟାନ, ଆଦର୍ଶ ପୁଷ୍କରିଣୀ, ଖୋଲା ଜିମ୍ ସେଣ୍ଟର, ସ୍ମାର୍ଟ ପାର୍କ ଓ ମନ୍ଦିରର ଆକର୍ଷଣୀୟ ସୁନ୍ଦର ପ୍ରକଳ୍ପର ନିର୍ମାଣ ଶୈଳୀ ଅନୁଧ୍ୟାନ କରିଥିଲେ। ଗଞ୍ଜାମ ବିଡିଓ ବିଶ୍ୱଜିତ ରାୟ, ସ୍ଥାନୀୟ ସରପଞ୍ଚ ଦିଲୀପ କୁମାର ଛୋଟରାୟ ପ୍ରମୁଖଙ୍କ ସହ ପ୍ରକଳ୍ପଗୁଡିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି ହୁମ୍ମା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରକଳ୍ପ ମ୍ଅନୁଧ୍ୟାନ କରିଥିଲେ। ପିଇଓ ଦିଲୀପ ନାୟକ, ଜିଆର୍‌ଏସ୍ ଜଗମୋହନ ବେହେରା, ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ ପ୍ରମୁଖ ଉପସ୍ଥିତ ରହି ନୟାଗଡ଼ ଜିଲାରୁ ଆସିଥିବା ବିଡିଓ ଏବଂ ଇଞ୍ଜିନିୟରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେହିପରି ସୋନପୁର ଜିଲାର ପ୍ରକଳ୍ପ ନିର୍ଦ୍ଦେଶକ ଦୋଳମଣି ପଟେଲଙ୍କ ନେତୃତ୍ୱରେ ୬ ବ୍ଲକର ବିଡିଓ ଓ ସହକାରୀ ଯନ୍ତ୍ରୀ ସୋମବାର ଶେରଗଡ଼ ବ୍ଲକ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ , ଯନ୍ତ୍ରୀ ପବିତ୍ର କୁମାର ପଟ୍ଟନାୟକ, ବାଲାଜି ପ୍ରଧାନ ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୀମାଞ୍ଚଳ ପ୍ରଧାନ ସ୍ୱାଗତ କରିଥିଲେ। ସେହିପରି ସମ୍ବଲପୁର ଜିଲାର ସମସ୍ତ ବ୍ଲକର ବିଡିଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ, ପିଡି ସୁକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରରେ ଏକ ଟିମ ପିତଳ ସ୍ଥିତ ବାଳିକା ଓ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉକ୍ତ ପରିଦର୍ଶନରେ ବିଡିଓ ଶମ୍ଭୁନାଥ ନନ୍ଦି ,ସହକାରୀ ଯନ୍ତ୍ରୀ କେଦାର ନାଥ ପଣ୍ଡାଙ୍କ ସମେତ ବହୁ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ଶେଗରଡ଼ରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ସୋନପୁର ଜିଲାର ବରିଷ୍ଠ ଅଧିକାରୀମାନେ।